78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୫୩ ● କଟକ ● ସୋମବାର ● ୨୮ ଜୁଲାଇ-୨୦୨୫ ● କର୍କଟ-୧୭ ● ସାଲ୍-୧୪୩୧
CUTTACK ● MONDAY ● 28 JULY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

# ଛଅ ଜିଲ୍ଲାରେ ବନ୍ୟା

## ରାଜସ୍ୱମନ୍ତ୍ରୀଙ୍କ ସମୀକ୍ଷା ● ୧୧ ହଜାର ଲୋକ ପ୍ରଭାବିତ

**ଭୁବନେଶ୍ୱର,ଭଦ୍ରକ, ଧାମନଗର, ଧୂଷୁରୀ, (ପିପିଏସ୍):**

କେନ୍ଦୁଝର, ମୟୂରଭଞ୍ଜରେ ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଉପୁଜିଛି। ୩ ନଦୀରେ ବନ୍ୟା ସ୍ଥିତି ସୃଷ୍ଟିହୋଇଛି। ଏପଟେ କଟକ ମୁଣ୍ଡଳୀରେ ପହଁଚିଛି ବନ୍ୟାଜଳ। ଫୁଲୁଛି ମହାନଦୀ। ମୁଣ୍ଡଳୀରେ ୩ଲକ୍ଷ ୮୩ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ହୀରାକୁଦରୁ ଜଳ ନିଷ୍କାସନ ଜାରିରହିଛି। ହୀରାକୁଦରୁ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ବଡ଼ ବନ୍ୟାର ଆଶଙ୍କା କରାଯାଉଛି। ବିଭିନ୍ନ ନଦୀରେ ବୃଦ୍ଧି ପାଇଛି ଜଳସ୍ତର। ବିପଦ ସଙ୍କେତ ଉପରେ ରହିଛି ସୁବର୍ଣ୍ଣରେଖା, ଜଳକା ଓ ବୈତରଣୀର ଜଳସ୍ତର। ଲଗାଣ ବର୍ଷା ଯୋଗୁଁ ୬ଟି ଜିଲ୍ଲାରେ ବନ୍ୟା ସ୍ଥିତି ଦେଖାଦେଇଥିବା ବେଳେ ୧୧ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ନଇକୂଳିଆ ଲୋକଙ୍କୁ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ବନ୍ୟା ସ୍ଥିତି ନେଇ ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସୁବର୍ଣ୍ଣରେଖାରେ ଚଳିତବର୍ଷ ପଞ୍ଚମ ଥର ପାଇଁ ଆସିଛି ବଡ଼ ବନ୍ୟା। ରାଜଘାଟ ନିକଟରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନିଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ଜଳକା। ଫଳରେ ବାଲେଶ୍ୱର ଜିଲ୍ଲାର ୪ ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ପ୍ରଭାବିତ ହୋଇଛି। ପାଣିଘେରରେ ରହିଛନ୍ତି ଶତାଧିକ ଗାଁ। ରାସ୍ତାଘାଟ ପାଣିରେ ବୁଡ଼ିଯାଇଛି। ଚାଷ ଜମିରେ ମାଡ଼ିଯାଇଛି ବନ୍ୟା ପାଣି। ଧାନ ଚାଷ ଓ ପନିପରିବା ଫସଲ ଯାହା ଲଗାଇଥିଲେ, ସବୁ ନଷ୍ଟ ହୋଇଯାଇଛି। ସେପଟେ ଭଦ୍ରକ ଓ ଯାଜପୁରରେ ସୁଧୁରୁଛି ବନ୍ୟା ସ୍ଥିତି। ବୈତରଣୀ ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ କୁଆଖିଆ-ଆଖଣ୍ଡଳମଣି ୨୦ ନମ୍ବର ଜାତୀୟ ରାଜପଥ ବୁଡ଼ିବା ପରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବନ୍ୟା ବିଭୀଷିକାରୁ ବାଦ୍‌ପଡ଼ିନାହାନ୍ତି ଦେବଦେବୀ। ବଡ଼ମ୍ବାର ଭଟ୍ଟାରିକା ମନ୍ଦିର ବେଢ଼ାରେ ପଶିଛି ବନ୍ୟା ପାଣି। ଯଦି ମହାନଦୀରେ ଆହୁରି ପାଣି ବଢ଼େ, ତେବେ ମା'ଙ୍କୁ ସ୍ଥାନାନ୍ତର କରାଯିବ। ସେହିପରି ପାଣିରେ ବୁଡ଼ିଛି ଯାଜପୁର ସହରରେ ଥିବା ସପ୍ତମାତୃକା ମନ୍ଦିର। ବନ୍ୟା ସ୍ଥିତିର ସମୀକ୍ଷା କରି ଏସ୍ଆରସି କହିଛନ୍ତି, ବନ୍ୟାରେ ୬ଟି ଜିଲ୍ଲା ପ୍ରଭାବିତ ହୋଇଛି। ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜରେ ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ଏଭଳି ମୋଟ୍ ୮୬ଟି ଟିମ୍ ନିୟୋଜିତ ହୋଇଛନ୍ତି। ଜଣେ ସର୍ବୋଚ୍ଚ ଯନ୍ତ୍ରୀ ବାଲେଶ୍ୱରରେ ରହି ବନ୍ୟା ପରିଚାଳନା କରୁଛନ୍ତି। ସେପଟେ ରାଜ୍ୟରେ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। କେଉଁ ନଦୀର ସ୍ଥିତି କ'ଣ ରହିଛି, ସେ ସମ୍ପର୍କରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ମନ୍ତ୍ରୀ। ବୈତରଣୀ ଜଳସ୍ତର ବଢ଼ିବା ଯୋଗୁଁ ଯାଜପୁର ଦଶରଥପୁର ବ୍ଲକ୍‌ରେ ସୃଷ୍ଟିହୋଇଛି ବନ୍ୟା। ଦୁର୍ବଳ ନଦୀବନ୍ଧ ଯୋଗୁଁ ଅନେକ ସ୍ଥାନରେ ବନ୍ଧରେ ଫାଟ ସୃଷ୍ଟିହୋଇଛି। କିଛି ସ୍ଥାନରେ ଘଳିଆ ପଡ଼ି ଗାଁକୁ ପ୍ରବେଶ କରୁଛି ବନ୍ୟାଜଳ। ଆତଙ୍କିତ ଅବସ୍ଥାରେ ରହିଛନ୍ତି ଅଞ୍ଚଳବାସୀ। କାଣୀ ନଦୀରେ ବନ୍ଧ ଡେଇଁ ବନ୍ୟା ଜଳ ପ୍ରବାହିତ ହେଉଛି। ଦଶରଥପୁର ବ୍ଲକ୍‌ର କଣ୍ଟାପଡ଼ା, ଦଉପୁର, କସପା, କମାରଡିହି ଆଦି ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟିହୋଇଛି। ବୈତରଣୀ କୂଳରେ ଥିବା ସପ୍ତମାତୃକା ମନ୍ଦିରରେ ପଶିଛି ବନ୍ୟା ଜଳ। ବୈତରଣୀ ବନ୍ୟାରେ ପ୍ରଭାବିତ ଭଦ୍ରକ ଜିଲ୍ଲା ଧାମନଗର ଓ ଭଣ୍ଡାରୀପୋଖରୀ ବ୍ଲକ୍। ତେବେ ବୈତରଣୀ ଜଳସ୍ତର ଧୀରେ ଧୀରେ କମିବାରେ ଲାଗିଛି। ବନ୍ୟା ପାଣିରେ ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ, ମାଳଦା, ନପଙ୍ଗ ଆଦି ଅଞ୍ଚଳ ଜଳମଗ୍ନ ହୋଇଛି। ସ୍କୁଲ ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକ ପ୍ରସ୍ତୁତ କରାଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ପ୍ରଶାସନ ମାଇକ୍ ଯୋଗେ ପ୍ରଚାରକରି ସତର୍କ କରାଇଛି। ଭଦ୍ରକ ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତରେ ନଦୀ ପୋଲ ଭାଙ୍ଗିଛି। ଗେଙ୍ଗୁଟି ନଦୀରେ ଥିବା ପୋଲ ଭାଙ୍ଗିବା ଯୋଗୁଁ ତିହିଳିଆ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବନ୍ୟାରେ ବୁଡ଼ିଯାଇଛି ଐତିହାସିକ ଗୋଇରାଟିକିରି ମଠ। ପାଣି ଘେରରେ ମଠ ଥିବା ବେଳେ ଏଥିରେ ଫସି ରହିଛନ୍ତି ୪ବାବା, ମାତା। ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ନଦୀରେ ପଞ୍ଚମ ଥର ବନ୍ୟା ଆସିଛି। ଚଳିତ ବର୍ଷର ଏଥର ସବୁଠାରୁ ବଡ଼ ବନ୍ୟା ବୋଲି ଆକଳନ କରାଯାଉଛି। ବଢ଼ିବାରେ ଲାଗିଛି ନଦୀର ଜଳସ୍ତର। ନଦୀବନ୍ଧ ଦୁର୍ବଳ ଥିବା ସ୍ଥାନରେ ଜଳସେଚନ ବିଭାଗ ପକ୍ଷରୁ ନଦୀ ବନ୍ଧରେ ବାଲି ବସ୍ତା ପକାଯାଇଛି। ଲୋକଙ୍କୁ ଉଦ୍ଧାର ପାଇଁ ୫ଟି ଦେଶୀ ଡଙ୍ଗା ସହ ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗକୁ ସଜାଗ ରଖାଯାଇଛି । ୧୩ଟି ପଞ୍ଚାୟତରେ ବନ୍ୟା ବିପନ୍ନ ପାଇଁ ଶୁଖିଲା ଖାଦ୍ୟ ସହ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ପ୍ରଶାସନ ସଜାଗ ଅଛି। ଲଗାଣ ବର୍ଷାରେ ସୁନ୍ଦରଗଡ଼ କୋଇଡ଼ା ଅଞ୍ଚଳର ଚୁନାଘାଟିରେ ବଡ଼ ଭୂସ୍ଖଳନ ଘଟିଛି। ଲଗାଣ ବର୍ଷା ପ୍ରଭାବରେ ଜାତୀୟ ରାଜପଥ ୫୨୦ର ଏହି ସ୍ଥାନରେ ବଡ଼ ଭୂସ୍ଖଳନ ହୋଇଛି। ଅନ୍ୟପକ୍ଷରେ ହୀରାକୁଦକୁ ୫ଲକ୍ଷ ୧୭ହଜାର କ୍ୟୁସେକ ଜଳ ଇନ୍ ଫ୍ଲୋ ରହିଥିବା ବେଳେ ୩ଲକ୍ଷ ୪୧ହଜାର କ୍ୟୁସେକ ନିଷ୍କାସିତ ହେଉଛି। ଆଗକୁ ଇନ ଫ୍ଲୋ କମିଲେ ପର୍ଯ୍ୟାୟକ୍ରମେ ଗେଟ ବନ୍ଦ କରାଯିବ। ସେହିପରି ରେଙ୍ଗାଲିର ୩ଟି ଗେଟରେ ବନ୍ୟାଜଳ ନିଷ୍କାସିତ ହେଉଛି। ଆଗକୁ ଗେଟ୍ ଖୋଲିବାର ସମ୍ଭବନା ନାହିଁ। ଶନିବାର ରାଜ୍ୟ ର କୌଣସି ଜାଗାରେ ୫୦ମିଲିମିଟରରୁ ଅଧିକ ବର୍ଷା ହୋଇ ନଥିବାରୁ ବଡ଼ ବନ୍ୟାର ଆଶଙ୍କାନାହିଁ। ବୈତରଣୀରେ ଦଶରଥପୁର ଥାନା ଚାନ୍ଦକୁଡ଼ା ଗାଁର ଜଣେ ଯୁବକ ଭାସିଯାଇଛନ୍ତି।



❑ ଫୁଲୁଛି ସୁବର୍ଣ୍ଣରେଖା
❑ ବିପଦ ସଙ୍କେତ ଉପରେ ଜଳକା
❑ ବୈତରଣୀରେ ଟଳିନି ବିପଦ

## 'ମନ୍ କୀ ବାତ୍'ରେ ଓଡ଼ିଶା

# କେନ୍ଦୁଝରର ପ୍ରମିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



କୀର୍ତ୍ତନ ମାଧ୍ୟମରେ ପରିବେଶ ସୁରକ୍ଷା, ଜଙ୍ଗଲ ନିଆଁ ବିଷୟରେ ସଚେତନ କରୁଛନ୍ତି କେନ୍ଦୁଝରର ରାଧାକ୍ରୀଷ୍ଣ ସଂକୀର୍ତ୍ତନମଣ୍ଡଳୀ

**ନୂଆଦିଲ୍ଲୀ,(ପିପିଏସ୍):**

ରବିବାର ପ୍ରସାରିତ ହୋଇଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣ। ରେଡିଓ ମାଧ୍ୟମରେ ଦେଶବାସୀଙ୍କୁ ନିଜ ମନର କଥା କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର କୀର୍ତ୍ତନ ମଣ୍ଡଳୀର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। କୀର୍ତ୍ତନ ମାଧ୍ୟମରେ ପରିବେଶ ସୁରକ୍ଷା, ଜଙ୍ଗଲ ନିଆଁ ବିଷୟରେ ସଚେତନ କରୁଛନ୍ତି କେନ୍ଦୁଝରର ରାଧାକ୍ରିଷ୍ଣ ସଂକୀର୍ତ୍ତନ ମଣ୍ଡଳୀ। ଭକ୍ତିଭାବ ସହ ପରିବେଶ ସୁରକ୍ଷାର ମଧ ବାର୍ତ୍ତା ଦେଉଛନ୍ତି କୀର୍ତ୍ତନମଣ୍ଡଳୀ। ଏଭଳି ଅଭିନବ ପ୍ରୟାସ ପ୍ରମିଳା ପ୍ରଧାନ ନାମକ ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଛି। ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ପ୍ରମିଳା ପାରମ୍ପରିକ ଗୀତରେ ନୂଆ ପଦ ଯୋଡ଼ି ତାକୁ ସଙ୍କୀର୍ତ୍ତନ ମାଧ୍ୟମରେ ପରିବେଷଣ କରୁଛନ୍ତି। ତେବେ ଏହି ଉଦାହରଣ ଆମ ଲୋକ ଗୀତ ଏବଂ ପରମ୍ପରା କଥା ମାନେପକାଇ ଦେଉଛି ବୋଲି କହିଛନ୍ତି ମୋଦୀ। ଭାରତର ବିବିଧତାର ଝଲକ ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳେ। ଆଉ ଏଥିରେ ଆମର ଭଜନ ଓ କୀର୍ତ୍ତନର ସ୍ୱତନ୍ତ୍ର ସ୍ଥାନ ଅଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଅନ୍ୟପଟେ ଆସନ୍ତା ୭ଅଗଷ୍ଟରେ ପାଳନ ହେବାକୁ ଯାଉଛି ୧୦ମ ନ୍ୟାସନାଲ୍ ହ୍ୟାଣ୍ଡଲୁମ୍ ଡେ'। ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ସ୍ଥାନରେ ଥିବା ହ୍ୟାଣ୍ଡଲୁମ୍ ଷ୍ଟାର୍ଟଅପର ସଫଳତା କଥା କହିଛନ୍ତି। ଦେଶରେ ଏବେ ୩ ହଜାରରୁ ଅଧିକ ହ୍ୟାଣ୍ଡଲୁମ୍ ଷ୍ଟାର୍ଟଅପ୍ ଅଛି। ଓଡ଼ିଶାର ମୟୂରଭଞ୍ଜର ଏକ ସାନ୍ତାଳୀ ଶାଢ଼ି ଷ୍ଟାର୍ଟଅପର ଉଦାହରଣ ବି ଦେଇଛନ୍ତି ପିଏମ୍। ସେ କହିଛନ୍ତି ଯେ ୬୫୦ରୁ ଅଧିକ ଆଦିବାସୀ ମହିଳା ସାନ୍ତାଳୀ ଶାଢ଼ିକୁ ପୁଣି ଉଜ୍ଜୀବିତ କରିଛନ୍ତି। ଏହି ମହିଳାମାନେ ପ୍ରତି ମାସରେ ହଜାର ହଜାର ଟଙ୍କା ଆୟ କରୁଛନ୍ତି। ଏମାନେ ଶାଢ଼ି ତିଆରି କରିବା ସହ ନିଜ ପରିଚୟ ମଧ ସୃଷ୍ଟିକରୁଛନ୍ତି।

### ସାନ୍ତାଳୀ ଶାଢ଼ି କଥା କହିଲେ

# ମାଟିତଳୁ ମିଳିଲା ୩୫ଲକ୍ଷ

**ରାଞ୍ଚି, ଭୁବନେଶ୍ୱର,(ଏଜେନ୍ସି):**

ମାଟି ତଳେ ଟଙ୍କା ରଖିଥିଲେ ମାଓବାଦୀ। ଗୁଇନ୍ଦା ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନକୁ ଖୋଳିଥିଲା ପୁଲିସ। ବାହାରିଥିଲା ନଗଦ ୩୫ଲକ୍ଷ ଟଙ୍କା। ଘଟଣାଟି ଘଟିଛି ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡର ଚାଇବସାର ସରଣ୍ଡା ଜଙ୍ଗଲରେ। ରାଞ୍ଚି ଆଇଜି ସୋଶାଲ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ 'ଏକ୍ସ'ରେ ଲେଖିଛନ୍ତି ଯେ ଏନେଇ ବିଶେଷ ଗୁଇନ୍ଦା ସୂଚନା ଥିଲା। ତା' ଆଧାରରେ ଚାଇବସା ପୁଲିସ ସେଠାରେ ପହଞ୍ଚି ମାଟି ଖୋଳି ପାଖାପାଖି ୩୫ ଲକ୍ଷ ଟଙ୍କା ଜବତ କରିଛି। ବିସ୍ଫୋରକ କିଣିବା ପାଇଁ ମାଓବାଦୀମାନେ ଏହି ଟଙ୍କା ରଖିଥିଲେ। ସେଠାରୁ ପାଖାପାଖି ୩୫ଲକ୍ଷ ଟଙ୍କା ମିଳିଥିବା ବେଳେ ଥାନାରେ ଗଣତି ପରେ ପ୍ରକୃତରେ କେତେ ଟଙ୍କା ମିଳିଛି, ତାହା ଜଣାପଡ଼ିବ ବୋଲି ରାଞ୍ଚି ଆଇଜି କହିଛନ୍ତି। ଜବତ ଟଙ୍କା। ଗୁଡ଼ିକୁ ମାଓବାଦୀମାନେ ବିଡ଼ା ବିଡ଼ା କରି ଷ୍ଟିଲ୍ ଟିଫିନରେ ରଖି ଦେଇଥିଲେ। ସବୁ ବିଡ଼ାରେ ୫୦୦ ଟଙ୍କିଆ ନୋଟ୍ ଥିବା ଦେଖିବାକୁ ମିଳିଛି। କିଛି ନୋଟ୍ ବିଡ଼ାକୁ ଜରିଆରେ କରି ଜରିରେ ପ୍ୟାକିଂ ଗାତ ଖୋଳି ପୋତି ଘୋଡ଼ାଇବା ପୂର୍ବରୁ ସେଗୁଡ଼ିକୁ ଖବରକାଗଜରେ ଆବୃତ୍ତ କରାଯାଇଥିବା ଦେଖିବାକୁ ମିଳିଛି।



### ଟିଫିନ୍‌ରେ ଲୁଚାଇଥିଲେ ମାଓବାଦୀ

# ଜେଲ୍‌ଗଲେ ବିଜେଡି କର୍ପୋରେଟର୍ ଅମରେଶ

**ଭୁବନେଶ୍ୱର,(ପିପିଏସ୍):**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର କର୍ପୋରେଟର ଅମରେଶ ଜେନା(ବାଇଁଆ)ଙ୍କୁ ରବିବାର ଗିରଫ କରିଛି କମିଶନରେଟ୍ ପୁଲିସ୍। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଗିରଫ ହେବା ପରେ ବିଜେଡି ତାଙ୍କୁ ଦଳରୁ ନିଲମ୍ବନ କରିଛି। ୪ଦିନ ତଳେ ଯୁବତୀ ଜଣଙ୍କ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ବିବାହର ପ୍ରତିଶ୍ରୁତି ଦେଇ କର୍ପୋରେଟର ଅମରେଶ ତାଙ୍କ ସହିତ ଶାରୀରକ ସମ୍ପର୍କ ରଖିଥିବା, ତାଙ୍କୁ ଦୁଷ୍କର୍ମ କରିଥିବା ତଥା ତାଙ୍କୁ ଧମକଚମକ ଓ ଗାଳିଗୁଲଜ ଆଦି କରିଥିବା ଯୁବତୀ ଜଣଙ୍କ ଅଭିଯୋଗ କରିଥିଲେ। ସେ ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ ବୋଲି ଯୁବତୀ ଜଣଙ୍କ ଅଭିଯୋଗ କରିଥିଲେ। ଅଭିଯୋଗ ହେବା ପରେ ଅମରେଶ ଫେରାର ହୋଇଯାଇଥିଲେ। ତାଙ୍କୁ ଫେରାର ହେବାରେ ସହଯୋଗ କରିଥିବା ଅଭିଯୋଗରେ କମିଶନରେଟ୍ ପୁଲିସ ତାଙ୍କର ୫ଜଣ ସହଯୋଗଙ୍କୁ ଗିରଫ କରିଥିଲା। ଏହାପରେ ରବିବାର ଅମରେଶଙ୍କୁ ବାଲେଶ୍ୱର ଜିଲ୍ଲା ନୀଳଗିରିର ବରହମପୁର ଥାନା ଅଞ୍ଚଳରୁ ଗିରଫ କରିଛି ପୁଲିସ। ତେବେ ଅମରେଶ କହିଛନ୍ତି, ତାଙ୍କୁ ଅର୍ଚ୍ଚନା ନାଗ୍ ଫସାଇଦେଇଛନ୍ତି।

### ଫସାଇ ଦେଇଛନ୍ତି ନାଗ୍ !



## ଟିଟିଲାଗଡ଼ରେ ଚାଞ୍ଚଲ୍ୟ

# ଅଭାବରୁ ବିକିଦେଲେ ଛୁଆ !

**ବଲାଙ୍ଗିର, ଟିଟିଲାଗଡ଼,(ପିପିଏସ୍):**

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଭାଲେଗାଁ ପଞ୍ଚାୟତ ବାଗଡେର ଗ୍ରାମର ଏକ ପରିବାର ଦାରିଦ୍ର୍ୟତାର ତାଡ଼ନା ସହିନପାରି ନିଜ ୭ଦିନର କନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ପ୍ରାୟ ମାସଟିଏ ତଳେ ଟିଟିଲାଗଡ଼ ସରକାରୀ ମାତୃ ଓ ଶିଶୁ ଡାକ୍ତରଖାନାରେ ଶିଶୁକନ୍ୟା ଜନ୍ମ ପରେ ଘରକୁ ଆଣି ୨୦ହଜାର ଟଙ୍କାରେ ପାଇକମାଲ ଅଞ୍ଚଳର ଏକ ବ୍ୟକ୍ତିକୁ ବିକ୍ରି କରିଦିଆଯାଇଛି। ସୂଚନାରୁ ପ୍ରକାଶ ଯେ ଗ୍ରାମର ନିଲ ରଣା ଜଣେ ଦାଦନ ଶ୍ରମିକ। ତାଙ୍କର ପ୍ରଥମ ପତ୍ନୀ ତିନୋଟି କନ୍ୟା ଜନ୍ମ ଦେଇଥିଲେ। ପ୍ରାୟ ତିନିବର୍ଷ ତଳେ ପ୍ରଥମପତ୍ନୀ ଘରୁ ଚାଲିଯିବା ପରେ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ। ଦ୍ୱିତୀୟ ପତ୍ନୀଙ୍କଠାରୁ ବର୍ଷକ ତଳେ ପ୍ରଥମେ ଏକ କନ୍ୟା ସନ୍ତାନ ଜନ୍ମ ପରେ ଗତ ମାସରେ ଆଉ ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଉକ୍ତ ଶିଶୁକନ୍ୟା ଜନ୍ମ ପରେ ତାକୁ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ନିଲ ସ୍ୱୀକାର କରିଛନ୍ତି। ଏକ ଭଙ୍ଗାଦଦରା ଘରେ ରହିବା ସହ ସରକାରଙ୍କ ମାଗଣା ଚାଉଳ ମଧ ଏହି ପରିବାରକୁ ମିଳୁନାହିଁ। ଗୋଟିଏ ଛୁଆର ଠିକ୍ ରୂପେ ଯତ୍ନ ନେଇପାରୁନାହାନ୍ତି, ଆଉ ଗୋଟିଏ ଛୁଆକୁ ପରିବାର କିଭଳି ପୋଷଣ କରିବେ ବୋଲି ଗ୍ରାମର ତାଙ୍କ ସମ୍ପର୍କୀୟ କହିଛନ୍ତି। ଘଟଣାଟି ବର୍ତ୍ତମାନ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟିକରିଛି। ତେବେ ଶେଷଖବର ଅନୁଯାୟୀ, ଛୁଆବିକ୍ରି ଅଭିଯୋଗରେ କନ୍ୟାର ପିତା ଓ ମଧ୍ୟସ୍ତଙ୍କୁ ଗିରଫ କରାଯାଇଛି।



❑ ଠିକ୍ ରୂପେ ଛୁଆର ଯତ୍ନ ନେଇ ପାରୁନଥିଲେ ଦମ୍ପତି
❑ କନ୍ୟାର ପିତା ଓ ମଧ୍ୟସ୍ତଙ୍କୁ ବାନ୍ଧିଲା ସ୍ଥାନୀୟ ପୁଲିସ୍

## ସମ୍ପାଦକୀୟ

### ସହଯୋଗର ମାର୍ଗ

## ବାଟେଘାଟେ



ଆନ୍ଧ୍ର ବାଣ୍ଟୁଛି କୋଟିଆରେ ଆସି
ଭତ୍ତା ଓ ରାସନ ଆବର
ବାଙ୍ଗଲାଦେଶୀଏ ଓଡ଼ିଶାରେ ପଶି
ହୋଇ ଯାଇଛନ୍ତି ଭୋଟର
କିସ କରୁଛନ୍ତି ସର୍କାର
ରାସନ କାର୍ଡ ଖଣ୍ଡିଏ ପାଇଁକି
ଏ ଓଡ଼ିଆ ବାର ଦୁଆର
ସିଏକି ନୁହଁଇ ଭୋଟର
ଦରଖାସ୍ତ ସବୁ ଉଇ ଖାଇଗଲେ
ବିକାଶ ଭବନ ଭିତର -ରାହୀ

## ଅଙ୍ଗନବାଡ଼ି ଦିଦିଙ୍କ ସାହସୀକତା

# କର୍ତ୍ତବ୍ୟ ପାଇଁ ବଢ଼ିପାଣିକୁ ଖାତିର କଲେନି

**କେନ୍ଦୁଝର,(ପିପିଏସ୍):**

ଜାରିରହିଛି ଲଗାଣ ବର୍ଷା। ଅନେକ ନଦୀରେ ଉଛୁଳା ପାଣି। ନଈ ବଢ଼ି ସମୟରେ ଅନେକ ଦୃଶ୍ୟ ସାମ୍ନାକୁ ଆସେ। ଉଛୁଳା ନଦୀ ପାରି ହୋଇ କିଏ ରିଲିଫ୍, ଭତ୍ତା ବାଣ୍ଟିବା ଓ ପିଲାଙ୍କୁ ପାଠ ପଢ଼ାଇବାକୁ ଯିବାର ଘଟଣା ସାମ୍ନାକୁ ଆସେ। ତେବେ ବଢ଼ିପାଣି ଭିତରେ ଲୋକଙ୍କୁ ସାହାଯ୍ୟ କରିବାକୁ ଜଣେ ଅଙ୍ଗନବାଡ଼ି ଦିଦି ସାହସ ଜୁଟାଇ ପାଇଛନ୍ତି ସାବାସୀ। ସେ ଭରା ନଦୀ ପାରି ହୋଇ ପିଲାଙ୍କୁ ପାଠ ପଢ଼ାଇବାକୁ ଆସିବା ଘଟଣା ସାମ୍ନାକୁ ଆସିଛି। ବଢ଼ିପାଣିରେ ପାର ହୋଇ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଲେ ଦିଦି। ନଦୀ ସୁଅକୁ କାଟି ପେଟେ ପାଣିରେ ପହଁରି ପହଁରି ଗଲେ। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ କାଦକଳା ପଞ୍ଚାୟତ ହଳଡିହି ଗାଁର ଅଙ୍ଗନବାଡ଼ି ଦିଦି କରିସ୍ମା ନାଏକଙ୍କର ଏଭଳି କାର୍ଯ୍ୟକୁ ନେଇ ଏବେ ସବୁଠି ଚର୍ଚ୍ଚା। କର୍ତ୍ତବ୍ୟ ପାଇଁ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ କରିସ୍ମା। ମଳଦା ନଦୀ ଆରପଟେ ରହିଛି ହଳଡ଼ିହି ଗାଁ। ଲଗାଣ ବର୍ଷାରେ ନଦୀ ଦୁଇ କୂଳଖାଇ ବହୁଥିଲା। ୭ଦିନ ହେଲାଣି ହଳଡିହି ଗାଁ ପାଣିଘେରରେ ରହିଛି। ନଦୀରେ ଟିକିଏ ପାଣି କମିବା ପରେ ଅଙ୍ଗନବାଡି ସେଣ୍ଟରକୁ ବାହାରିଥିଲେ ଦିଦି। ନିଜ ଗାଁ କାଦକଳାଠାରୁ ଦୁଇ କିଲୋମିଟର ଚାଲିଲା ପରେ ମଳଦା ନଦୀ ପାରି ହୋଇ ହଳଡିହି ଗାଁକୁ ଯାଆନ୍ତି। ପୋଲନଥିବାରୁ ବର୍ଷା ଦିନେ ଅସୁବିଧା ଭୋଗିବାକୁ ପଡ଼ୁଛି। ଗାଁ ଲୋକଙ୍କ ସହାୟତାରେ ନଦୀ ପାର ହୋଇ ସେଣ୍ଟରକୁ ଆସିଥିଲେ ଦିଦି।



# ଅଗଷ୍ଟ ୯ରେ ସୁଭଦ୍ରା କିସ୍ତି

## କୋରାପୁଟ୍ ଜୟପୁରରେ ହେବ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

**ପୁରୀ, ଭୁବନେଶ୍ୱର,(ପିପିଏସ୍):**

ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି । ଏହି ଉପଲକ୍ଷେ କୋରାପୁଟ ଜୟପୁରରେ ହେବ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ । ଏଥର କୋଟିଏରୁ ଅଧିକ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା। ଉପାନ୍ତ ଅଞ୍ଚଳରେ ଯାଇ ଏହି ସୁବିଧା ପହଞ୍ଚାଇବୁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶନିବାର ପୁରୀ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି ପ୍ରଭାତୀ। ସୁଭଦ୍ରା ବାବଦରେ ଆହୁରି କହିଛନ୍ତି ଯେ ପ୍ରଥମଥର ପାଇଁ ଅପହଞ୍ଚ ଇଲାକା ତଥା ବଣ୍ଠାଗ୍ରାମ କୋଟିଆରେ ସୁଭଦ୍ରାର ତୃତୀୟ କିସ୍ତି ଘରେ ଘରେ ପ୍ରଦାନ ପାଇଁ ପ୍ରୟାସ କରାଯିବ। ଏଥିପାଇଁ ସେ ଶ୍ରୀମନ୍ଦିରରେ ତିନି ଠାକୁରଙ୍କଠାରୁ ଆର୍ଶୀବାଦ ନେଇଛନ୍ତି। ସୁଭଦ୍ରା ଯୋଜନା ମାଧ୍ୟମରେ ଓଡ଼ିଶାର ମହିଳାମାନେ ଶକ୍ତିଶାଳୀ ଓ ସମୃଦ୍ଧ ହୁଅନ୍ତୁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ପ୍ରାୟ ୧ ଲକ୍ଷ ୮୮ହଜାର ମହିଳା ଏପର୍ଯ୍ୟନ୍ତ ସୁଭଦ୍ରା ଟଙ୍କା ପାଇନାହାନ୍ତି। ତୃତୀୟ କିସ୍ତି ଟଙ୍କା ପ୍ରଦାନ ପରେ ଏନେଇ ସମୀକ୍ଷା ହେବ। କେଉଁ କାରଣରୁ ସେମାନେ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି, ତା'ର ସମୀକ୍ଷା କରାଯିବ। ସେଥିରୁ ଯୋଗ୍ୟ ମହିଳାମାନଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ପ୍ରଭାତୀ। ଯେଉଁ ହିତାଧିକାରୀ ପ୍ରଥମ ଦୁଇଟି କିସ୍ତିରେ ଟଙ୍କା ପାଇନାହାନ୍ତି, ସେମାନଙ୍କୁ ମଧ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ।






# ଦିନକୁ ୩ ଥର ରଙ୍ଗ ବଦଳାଉଛି ଫୁଲ




ପ୍ରକୃତିର କୋଳରେ ଅନେକ ଚମତ୍କାରୀ ଉଦ୍ଭିଦ ରହିଥାନ୍ତି । ଏହିପରି ଏକ ନିଆରା ଉଦ୍ଭିଦ ହେଉଛି ହିବିସ୍କସ୍ ମୁଟାବିଲିସ୍ । ଏହାକୁ ପୃଥିବୀର ପଦ୍ମ ବୋଲି ମଧ୍ୟ କୁହାଯାଏ । ସାଧାରଣତଃ ପଦ୍ମ ଫୁଲ ପାଣିରେ ଫୁଟିଥାଏ, କିନ୍ତୁ ଏହି ବିଶେଷ ପ୍ରକାରର ପଦ୍ମ ଫୁଲ ଗଛ ମାଟିରେ ବଢ଼ିଥାଏ । ଏହି ଉଦ୍ଭିଦର ଏକ ଅନନ୍ୟ ବୈଶିଷ୍ଟ୍ୟ ରହିଛି । ଏହାର ଫୁଲ ଦୈନିକ ୩ ଥର ରଙ୍ଗ ବଦଳାଇଥାଏ । ଏହାର ରଙ୍ଗ ସକାଳେ ଧଳା, ଅପରାହ୍ନରେ ଗୋଲାପୀ ଏବଂ ସାରେ ଗାଢ଼ ଲାଲ ହୋଇଯାଇଥାଏ । ଉକ୍ତ ଚମତ୍କାର ରଙ୍ଗ ପରିବର୍ତ୍ତନ ବୈଶିଷ୍ଟ୍ୟ ହେତୁ, ଭାରତରେ ମଧ୍ୟ ଏହି ଫୁଲ ଗଛ ବେଶ୍ ଅଧିକ ଲୋକପ୍ରିୟ ହେବାରେ ଲାଗିଛି । ଲୋକମାନେ ଏହାକୁ ଅନଲାଇନ୍ କିମ୍ବା ସ୍ଥାନୀୟ ନର୍ସରୀରୁ ଅଧିକ ମାତ୍ରାରେ ଅର୍ଡର କରି ନିଜ ବଗିଚାରେ ଲଗାଇବାକୁ ଆରମ୍ଭ କରିଛନ୍ତି ।

ହିବିସସ୍କସ୍ ମୁଟାବିଲିସ୍ ପ୍ରଜାତି ଉଦ୍ଭିଦର ଫୁଲଗୁଡ଼ିକ ସକାଳେ ଧଳା ରଙ୍ଗର ହୋଇଯାଏ, ଯାହା ଶାନ୍ତି ଏବଂ ଶୁଦ୍ଧତାର ପ୍ରତୀକ ଅଟେ । ମଧ୍ୟାହ୍ନ ସୁଦ୍ଧା ଫୁଲର ରଙ୍ଗ ଗୋଲାପୀ ହୋଇଯାଇଥାଏ ଯାହା ପ୍ରେମ ଏବଂ କୋମଳତାକୁ ପ୍ରତିପାଦିତ କରିଥାଏ । ସା ପାଖେଇ ଆସିବା ପରେ ଏହି ଫୁଲର ରଙ୍ଗ ଗଭୀର ଲାଲ୍ ହୋଇଯାଏ ଯାହା ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଲୋକମାନେ ଏହି ଫୁଲ ଗଛକୁ ନିଜ ବଗିଚାରେ ଲଗାଇବାକୁ ଚାହିଁଥାନ୍ତି ।

# କାନ୍ଦିବା ଦ୍ୱାରା ଆଖି ସୁସ୍ଥ ରହେ କାହିଁକି ?

କାନ୍ଦିବାକୁ ସାଧାରଣତଃ ଭାବପ୍ରବଣ, ଦୁର୍ବଳତା କିମ୍ବା ଦୁଃଖର ପ୍ରତୀକ ଭାବରେ ବିବେଚନା କରାଯାଏ । ପିଲାଦିନରୁ ଆମକୁ ଶିଖାଯାଏ , 'କାନ୍ଦ ନାହିଁ, ସାହସୀ ହୁଅ ।' କିନ୍ତୁ ଆପଣ କେବେ ଭାବିଛନ୍ତି କି , କାନ୍ଦିବା କେବଳ ଭାବନାର ପ୍ରକାଶନ ନୁହେଁ, ବରଂ ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ମଧ୍ୟ ? କାନ୍ଦିବା ଦ୍ୱାରା ଆଖି ପ୍ରାକୃତିକ ଉପାୟରେ ସଫା କରିବା ପ୍ରଣାଳୀ ଭାବରେ କାମ କରେ ।



ଡକ୍ଟର ସୁନୀଲ କୁମାର ସିଂହ ରହିଛନ୍ତି ଯେ 'କାନ୍ଦୁଥିବା ଲୋକଙ୍କ ଆଖି କେବଳ ଭାବପ୍ରବଣ ହେବାର ଏକ ଉପାୟ ନୁହେଁ , ବରଂ ଚିକିତ୍ସା ଦୃଷ୍ଟିରୁ ମଧ୍ୟ ଭଲ । ' ଲୁହ ସାଧାରଣ ପାଣି ପରି ଦେଖାଯାଇପାରେ, କିନ୍ତୁ ଏହାରେ ଗଠନ ବହୁତ ସ୍ୱତନ୍ତ୍ର । ଏଥିରେ ପାଣି, ଲିପିଡ୍ , ମ୍ୟୁକସ୍ , ଏନଜାଇମ୍ ଏବଂ ଲାଇସୋସୋମ୍ ଭଳି ଉପାଦାନ ଥାଏ , ଯାହା କେବଳ ଆଖିକୁ ଆର୍ଦ୍ରତା ପ୍ରଦାନ କରେ ନାହିଁ ବରଂ ଜୀବାଣୁ ଏବଂ ଜୀବାଣୁଠାରୁ ମଧ୍ୟ ସୁରକ୍ଷା ଦିଏ ।

**ଲାଇସୋସୋମ କ'ଣ ଏବଂ ଏହାର କାର୍ଯ୍ୟ କ'ଣ ?**

ଲାଇସୋସୋମ ଏକ ଏନଜାଇମ ଯାହା ଜୀବାଣୁମାନଙ୍କର କୋଷ କାନ୍ଥ ଭାଙ୍ଗି ନଷ୍ଟ କରେ । ଯେତେବେଳେ ଆମେ କାନ୍ଦୁ, ଏହି ଏନଜାଇମ ଲୁହ ସହିତ ଆଖିରେ ବ୍ୟାପିଯାଏ ଏବଂ ସେଠାରେ ଥିବା ଜୀବାଣୁମାନଙ୍କୁ ମାରିଦିଏ । ଏହା ଆଖିକୁ ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରେ ।

**କାନ୍ଦିବାର ଲାଭ କେବଳ ଆଖି ପର୍ଯ୍ୟନ୍ତ ସୀମିତ ନୁହେଁ-**

ମାନସିକ ଚାପ ହ୍ରାସ: କାନ୍ଦିବା ଦ୍ୱାରା ଶରୀରରେ କର୍ଟିସୋଲ ଭଳି ଚାପ ହରମୋନର ପରିମାଣ ହ୍ରାସ ପାଏ ।

ଭାବପ୍ରବଣ ହେବା: ଭାବନାଗୁଡ଼ିକୁ ଦମନ କରିବା ପରିବର୍ତ୍ତେ, ଯେତେବେଳେ ସେଗୁଡ଼ିକ ଲୁହ ଆକାରରେ ବାହାରକୁ ଆସେ, ଜଣେ ବ୍ୟକ୍ତି ମାନସିକ ଭାବରେ ହାଲୁକା ଅନୁଭବ କରେ ।

**ଭଲ ନିଦ :** କାନ୍ଦିବା ପରେ ମନ ଶାନ୍ତ ହୋଇଯାଏ, ଯାହା ଭଲ ନିଦ ହେବାରେ ସାହାଯ୍ୟ କରେ ।

**ଆଖି ସଫା କରିବା:** ଲୁହ ଆଖିରୁ ଧୂଳି, ଧୂଆଁ ଏବଂ ଅନ୍ୟାନ୍ୟ ବାହ୍ୟ କଣିକା ବାହାର କରିଦିଏ ।

ଲୋକମାନେ ଭାବନ୍ତି ଯେ କାନ୍ଦିବା ଦୁର୍ବଳ ବ୍ୟକ୍ତିଙ୍କର ଲକ୍ଷଣ, କିନ୍ତୁ ବାସ୍ତବତା ହେଉଛି କାନ୍ଦିବା ଦ୍ୱାରା ଆମର ଆଖି ନିଜକୁ ସଫା ରଖେ । ଲୁହରେ ଥିବା ଲାଇସୋସୋମ ଆଖିକୁ ଜୀବାଣୁ ଏବଂ ଭାଇରାଲ୍ ସଂକ୍ରମଣରୁ ସୁରକ୍ଷିତ ରଖେ । ଏବେ ଯେତେବେଳେ ଆପଣଙ୍କ ଆଖିରେ ଲୁହ ଆସିବ, ସେଗୁଡ଼ିକୁ ଦୁର୍ବଳତାର ଲକ୍ଷଣ ବୋଲି ଭାବିବେ ନାହିଁ । ଏହି ଲୁହ ଆପଣଙ୍କ ଆଖି ପାଇଁ ପ୍ରାକୃତିକ ଆରୋଗ୍ୟ ଏବଂ ସଫା କରିବା ପ୍ରଣାଳୀର ଏକ ଅଂଶ । ବୈଜ୍ଞାନିକଙ୍କ ମତରେ, କେତେକ ସମୟରେ କାନ୍ଦିବା କେବଳ ମନକୁ ନୁହେଁ ବରଂ ଆଖିକୁ ମଧ୍ୟ ସୁସ୍ଥ ରଖେ ।

## ଆଜିର ରାଶିଫଳ

**ମେଷ** – ଅନ୍ୟମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି । କଳହଠାରୁ ଦୂରେଇ ରହିବା ଭଲ । ଉଦାର ସ୍ୱଭାବର ହେବେ । ଦାନଶୀଳ ହୋଇପାରନ୍ତି । ସ୍ୱାସ୍ଥ୍ୟ ଭଲ ରହିବ । ସୁଖୀ ହେବେ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ବୃଷ** – କାର୍ଯ୍ୟରେ ସଫଳତା ଲାଭ କରିବେ । କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ । ମନ ପ୍ରସନ୍ନ ରହିବ । ଆସ୍ତିକ ମନୋବୃତ୍ତିର ହେବେ । ମିଷ୍ଟଭାଷୀ ହୋଇପାରନ୍ତି । ପ୍ରେମୀ ଓ ସାହସୀ ହେବେ । ବିଦ୍ୟାର୍ଥୀ ସଫଳତା ଲାଭ କରିବେ ।

**ମିଥୁନ** – କାର୍ଯ୍ୟର ସଫଳ ରୂପାୟନ କରିବାରେ ସକ୍ଷମ ହେବେ । ଲୋଭଗ୍ରସ୍ତ ହୋଇପାରନ୍ତି । ଭାଗ୍ୟଶାଳୀ ହେବେ । ବିଭିନ୍ନ ଦିଗରୁ ଧନାଗମ ହୋଇପାରେ । ମଧୁରଭାଷୀ ଓ ସହନଶୀଳ ହେବେ । ଛାତ୍ର, ଛାତ୍ରୀ ବିଦ୍ୟାପ୍ରେମୀ ହେବେ ।

**କର୍କଟ** – କାର୍ଯ୍ୟ ସିଦ୍ଧି ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିବେ । ଶ୍ରୀଚନ୍ଦ୍ର ଭୋଗ ହେଉଥିବାରୁ ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଶକ୍ତିଶାଳୀ ହୋଇପାରନ୍ତି । ଐଶ୍ୱର୍ଯ୍ୟଯୁକ୍ତ ଓ ବ୍ୟବସାୟମୁଖୀ ହେବେ । ବିଦ୍ୟାର୍ଥୀଙ୍କୁ ଶୁଭଫଳ ।

**ସିଂହ** – ନୂତନ ଆୟ ପନ୍ଥା ଖୋଲି ପାରନ୍ତି । ଥଣ୍ଡା କଫରେ ପୀଡ଼ିତ ହେବାର ଆଶଙ୍କା ଅଛି । ଚଞ୍ଚଳ ସ୍ୱଭାବର ହେବେ । ମଧୁରଭାଷୀ ହୋଇପାରନ୍ତି । ରାଜଯୋଗ ପ୍ରାପ୍ତିରେ ସାମାନ୍ୟ ବିଘ୍ନ ଘଟିପାରେ । ଛାତ୍ର, ଛାତ୍ରୀ କୃତକାର୍ଯ୍ୟ ହେବେ ।

**କନ୍ୟା** – ନିଜ ଅଧିକାର ସାବ୍ୟସ୍ତ କରିପାରନ୍ତି । ବିଭାଗୀୟ ସୂତ୍ରରୁ ଆୟ ଆସିପାରେ । ଯଶସ୍ୱୀ ହେବେ । ଲୋକପ୍ରିୟତା ଅର୍ଜନ କରିବେ । ରାଜଦ୍ୱାରରେ ସମ୍ମାନିତ ହେବେ । ଚଞ୍ଚଳ ପ୍ରକୃତିର ହୋଇପାରନ୍ତି । ବିଦ୍ୟାର୍ଥୀଙ୍କୁ ସଫଳତା ମିଳିବ ।

**ତୁଳା** – କର୍ମ ଚଞ୍ଚଳ ରହିବେ । କୁଳଦୀପକ ହୋଇପାରନ୍ତି । ମନରେ ପ୍ରସନ୍ନଭାବ ଉଦ୍ରେକ ହେବ । ଦୟାବାନ ହେବା ଆଶାକରାଯାଏ । ବ୍ୟବସାୟ ଲାଭଜନକ ହେବ । ଯଶ ଅର୍ଜନ କରିପାରନ୍ତି । ଛାତ୍ର, ଛାତ୍ରୀ ଉତ୍ସାହିତ ହେବେ ।

**ବିଛା** – ମାନସିକ ସ୍ତରରେ ସ୍ଥିରତା ଆସିବ । ସେବା ପୂଜାରେ ମନୋନିବେଶ କରିପାରନ୍ତି । ଭାଗ୍ୟଶାଳୀ ହେବେ । ଦିନଟି ଭୋଗ ବିଳାସରେ ଅତିବାହିତ ହେବ । ସୁଖ ସମୃଦ୍ଧିପୂର୍ଣ୍ଣ ଜୀବନ ଯାପନ କରିପାରନ୍ତି । ବିଦ୍ୟାର୍ଥୀ ଆଶ୍ୱସ୍ତ ହେବେ ।

**ଧନୁ** – ଧନୁ: ଅସାଧ କାର୍ଯ୍ୟକୁ ସାଧ କରିପାରନ୍ତି । ଅସୁସ୍ଥତା ଅନୁଭବ କରିପାରନ୍ତି । ବିଘ୍ନକାରୀଙ୍କ ଉପରେ ବିରକ୍ତି ଭାବ ଆଣିପାରନ୍ତି । ଯୁଗ୍ମ ବ୍ୟବସାୟ ଲାଭଜନକ ହେବ । ସ୍ୱାଭିମାନୀ ହୋଇପାରନ୍ତି । ବିଦ୍ୟାର୍ଥୀ ସତର୍କ ହୁଅନ୍ତୁ ।

**ମକର** – ହଠାତ୍ ଉପୁଜି ଥିବା ସମସ୍ୟାର ସମାଧାନ କରିବାରେ ସଫଳ ହୋଇପାରନ୍ତି । ବ୍ୟବସାୟ ଲାଭଜନକ ହେବ । ସମାଜସେବାରେ ବ୍ରତୀ ହୋଇପାରନ୍ତି । ଶାନ୍ତ ଓ ଧୈର୍ଯ୍ୟବାନ ହେବେ । ନିଜ ପତ୍ନୀଙ୍କ ଇଙ୍ଗିତରେ ଚଳିବେ ।

**କୁମ୍ଭ** – ଦୁଃସାହସିକ ପଦକ୍ଷେପ ନେଇ କାର୍ଯ୍ୟ କରିବେ । ଅନାବଶ୍ୟକ ଖର୍ଚ୍ଚ କରିପାରନ୍ତି । ଭ୍ରାତୃଭାବ ଅତୁଟ ରଖିବେ । ଚକ୍ଷୁପୀଡ଼ା ଅନୁଭବ କରିପାରନ୍ତି । ଶତ୍ରୁ ଦମନ କରିବାରେ ସିଦ୍ଧହସ୍ତ ହେବେ । ବିଦ୍ୟାର୍ଥୀ ଆଗେଇବେ ।

**ମୀନ** – ଯେଷାକୁ ତେଷା ବ୍ୟବହାର କରିବେ । ଚିନ୍ତାଗ୍ରସ୍ତ ହେବେ । ଚଞ୍ଚଳ ପ୍ରକୃତିର ହେବେ । ଆକସ୍ମିକ ଧନଲାଭ ହେବ । ବ୍ୟବସାୟରୁ ପ୍ରଚୁର ଧନଲାଭ କରିବେ । ତେଜସ୍ୱୀ ହେବେ । ବ୍ୟକ୍ତି ବିଶେଷର ପରିଚୟ ଦେବେ । ବିଦ୍ୟାର୍ଥୀ ସୁଖୀ ହେବେ ।

# ଭାରତରେ କାଉଡି ଯାତ୍ରା : ରାବଣ ଥିଲା ପ୍ରଥମ କାଉଡିଆ

ଶ୍ରାବଣ ମାସ ଆସିଗଲେ ଭାରତୀୟ ରାସ୍ତାଘାଟରେ ଲାଗେ କାଉଡିଆଙ୍କ ଭିଡ । କିନ୍ତୁ ଚଳିତ ବର୍ଷ କରୋନା ମହାମାରୀ କାରଣରୁ ଦେଶସାରା ଏହା ଉପରେ କଟକଣା ଜାରି ହୋଇଛି । ମାତ୍ର ଉତ୍ତର ପ୍ରଦେଶ ସରକାର କିଛି ରାସ୍ତାରେ ଏହି ପରମ୍ପରା ଜାରି ରଖିବା ନେଇ ମଞ୍ଜୁରୀ ଦେଇଥିଲେ । କିନ୍ତୁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏନେଇ କିଛି ପ୍ରଶ୍ନ ରଖାଯାଇଛି । ଶୁକ୍ରବାର ପୁଣି ଶୁଣାଣି ହେବ ।

କାଉଡି ଯାତ୍ରା ଶ୍ରାବଣ ମାସରେ ହୋଇଥାଏ, ଯାହା ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଅନୁଯାୟୀ ଜୁଲାଇର ସମୟ ଅଟେ ଯେତେବେଳେ ମୌସୁମୀ ବର୍ଷାରେ ସମଗ୍ର ଦେଶ ଭିଜିଥାଏ । ଏହା ଶ୍ରାବଣ ମାସ ଆରମ୍ଭରୁ ହୋଇ ଶ୍ରାବଣର ତ୍ରୟୋଦଶି ଅର୍ଥାତ ୧୩ ଦିନ ପର୍ଯ୍ୟନ୍ତ ଚାଲିଥାଏ । ଏହି ପରମ୍ପରା ଗଙ୍ଗାର ପବିତ୍ର ଜଳ ଏବଂ ଭଗବାନ ଶିବଙ୍କ ସହିତ ଜଡିତ ।

ଏହି ପବିତ୍ର ଯାତ୍ରାରେ କାଉଡିଆମାନେ ବିଭିନ୍ନ ଜଳ ଉତ୍ସରୁ ପବିତ୍ର ଜଳ ନେଇ ଭଗବାନ ଶିବଙ୍କୁ ଜଳାଭିଶେକ କରିଥାନ୍ତି । ବାସ୍ତବରେ, କାଉଡି ଯାତ୍ରା ମାଧ୍ୟମରେ ଜଗତର ପ୍ରତ୍ୟେକ ସୃଷ୍ଟି ପାଇଁ ଜଳର ମହତ୍ତ୍ୱ ଏବଂ ବ୍ରହ୍ମାଣ୍ଡ ସୃଷ୍ଟି କରିଥିବା ଶିବଙ୍କ ପ୍ରତି ସମ୍ମାନ ପ୍ରକାଶ କରାଯାଇଥାଏ । ଶିବ ଓ ଜଳ ଅର୍ଥାତ ଗଙ୍ଗାଙ୍କୁ ଆରାଧନା କରାଯାଏ ।



ଯଦି ପ୍ରାଚୀନ ଗ୍ରନ୍ଥ, ଇତିହାସକୁ ବିଶ୍ୱାସକୁ ନିଆଯାଏ, ତେବେ କୁହାଯାଏ ଯେ ପ୍ରଥମ କାଉଡିଆ ଲଙ୍କାଧିପତି ରାବଣ ଥିଲା । ବେଦ କହିଛନ୍ତି ଯେ ସମୁଦ୍ର ମନ୍ଥନ ସମୟରେ କାଉଡିଆ ପରମ୍ପରା ଆସିଥିଲା । ସେ ସମୟରେ ଯେତେବେଳେ ମନ୍ଥନରୁ ବିଷ ଉଦ୍ଗିରଣ ହେଲା, ଦୁନିଆ ତ୍ରାହି ତ୍ରାହି ଡାକିଲା । ତା'ପରେ ଭଗବାନ ଶିବ ଏହାକୁ କଣ୍ଠସ୍ଥ କରି ନେଇଥିଲେ । କିନ୍ତୁ ଏହା ଦ୍ୱାରା ଏକ ନକାରାତ୍ମକ ଶକ୍ତି ଯାହା ଶିବଙ୍କ ଭିତରେ ସ୍ଥାନ ସୃଷ୍ଟି କଲା, ରାବଣ ଏହାକୁ ହଟାଇବା ନେଇ ସହଯୋଗ କରିଥିଲା ।

ତପ କରିବା ପରେ ରାବଣ ଗୁରୁ ମହାଦେବ ମନ୍ଦିରରେ ଗଙ୍ଗା ଜଳ ସହିତ ଭଗବାନ ଶିବଙ୍କୁ ଅଭିଷେକ କରିଥିଲା, ଯେଉଁ କାରଣରୁ ଶିବ ଏହି ଶକ୍ତିରୁ ମୁକ୍ତ ହୋଇଥିଲେ । ଉଲ୍ଲେଖଥାଉ କି, ବ୍ରିଟିଶମାନେ ଊନବିଂଶ ଶତାବ୍ଦୀର ଆରମ୍ଭରୁ ଭାରତର କାଉଡି ଯାତ୍ରା ବିଷୟରେ ପୁସ୍ତକ ଏବଂ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ । ଅନେକ ପୁରାତନ ଚିତ୍ରରେ ଏହା ମଧ୍ୟ ପ୍ରଦର୍ଶିତ ହୋଇଛି ।

କାଉଡିଆ ଯାତ୍ରା ୧୯୬୦ ଦଶକ ପର୍ଯ୍ୟନ୍ତ ଅଧିକ ଆଡମ୍ବର ସହିତ ହେଉ ନଥିଲା । ଧନୀ ମାରୱାରୀ ସେଠ୍, କିଛି ସାଧୁ ଓ ଭକ୍ତଙ୍କ ସହିତ ହରିଦ୍ୱାର କିମ୍ବା ବିହାରର ସୁଲତାନଗଞ୍ଜକୁ ଖାଲି ପାଦରେ ବୁଲୁଥିଲେ ଏବଂ ସେଠାରୁ ଗଙ୍ଗାଜଳ ନେଇ ଫେରୁଥିଲେ, ଯେଉଁଥିରେ ଶିବଙ୍କୁ ଅଭିଷେକ କରାଯାଉଥିଲା । ୮୦ ଦଶକ ପରେ ଏହା ଏକ ବଡ ଧାର୍ମିକ କାର୍ଯ୍ୟକ୍ରମରେ ପରିଣତ ହେବାକୁ ଲାଗିଲା । ବର୍ତ୍ତମାନ ଏହା ଏକ ବଡ ଆୟୋଜନ ପାଲଟିଯାଇଛି ।

ପରିସଂଖ୍ୟାନ କହୁଛି ଯେ ୨୦୧୦ ଏବଂ ତା'ପରେ, ପ୍ରତିବର୍ଷ ପ୍ରାୟ ୧୨ ନିୟୁତ କାଉଡିଆ ହରିଦ୍ୱାରକୁ ଆସି ପବିତ୍ର ଗଙ୍ଗା ଜଳ ସଂଗ୍ରହ କରି ତା'ପରେ ଏହାକୁ ନିଜ ମାନସିକ ଅନୁସାରେ ଶିବ ମନ୍ଦିରକୁ ନେଇ ଜଳାଭିଷେକ କରାନ୍ତି । ସାଧାରଣତଃ କାଉଡିଆମାନେ ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ଦିଲ୍ଲୀ, ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ ଏବଂ ଝାଡଖଣ୍ଡରୁ ହରିଦ୍ୱାରକୁ ଆସନ୍ତି ।

ସାଧାରଣତଃ ପରମ୍ପରା ଅନୁସାରେ ଜଳ ଉଠେଇବା ନେଇ ହରିଦ୍ୱାର ହିଁ ପ୍ରମୁଖ ସ୍ଥାନ ହୋଇଆସିଛି । କିନ୍ତୁ ବର୍ତ୍ତମାନ ବିହାର, ଝାଡଖଣ୍ଡ ଏବଂ ବଙ୍ଗଳା କିମ୍ବା ଏହାର ନିକଟବର୍ତ୍ତୀ ଲୋକମାନେ ସୁଲତାନଗଞ୍ଜ ଯାଇ ଗଙ୍ଗାଜଳ ଆଣନ୍ତି ଏବଂ କାଉଡି ଯାତ୍ରା ପରେ ଝାଡଖଣ୍ଡର ଦେଓଗରର ବୈଦ୍ୟନାଥ ମନ୍ଦିରକୁ କିମ୍ବା ବଙ୍ଗଳାର ତାରକନାଥ ମନ୍ଦିରର ଶିବାଳୟକୁ ଯାଆନ୍ତି । ବର୍ତ୍ତମାନ ଆହ୍ଲାବାଦ ଏବଂ ବନାରସରେ ମଧ୍ୟ ଏହି ପରମ୍ପରା ସୃଷ୍ଟି ହେବା ସହ ଲୋକଙ୍କ ସୁବିଧା ଅନୁସାରେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ହୋଇଛି । ଶ୍ରାବଣର ଚତୁର୍ଦ୍ଦଶୀରେ ଯେକୌଣସି ଶିବାଳୟରେ ଜଳାଭିଷେକ କରିବା ଫଳପ୍ରଦ ବୋଲି ବିଶ୍ୱାସ କରାଯାଏ । କିନ୍ତୁ ସାଧାରଣତଃ କାଉଡିଆମାନେ ମେରୁଟର ଅଘୋରନାଥ, ପୁରା ମହାଦେବ, ବାରାଣାସୀର କାଶୀ ବିଶ୍ୱନାଥ ମନ୍ଦିର, ଝାଡଖଣ୍ଡର ବୈଦ୍ୟନାଥ ମନ୍ଦିର ଏବଂ ବଙ୍ଗଳାର ତାରକନାଥ ମନ୍ଦିରରେ ପହଞ୍ଚିବାକୁ ଅଧିକ ପସନ୍ଦ କରନ୍ତି । କେତେକ ଏପରିକି ନିଜ ସହର କିମ୍ବା ବାସସ୍ଥାନ ନିକଟରେ ଥିବା ଶିବାଳୟକୁ ମଧ୍ୟ ଚୟନ କରନ୍ତି ।

# ଏମିତି ଜେଲ୍, ଯେଉଁଠି କଏଦୀମାନଙ୍କ ଉପରେ ନ ଥାଏ କଟକଣା

ରାଜସ୍ଥାନରେ ଏକ ନିଆରା ଜେଲ ରହିଛି, ଯେଉଁଠାରେ କଏଦୀମାନେ ସେମାନଙ୍କ ପରିବାର ସହ ରୁହନ୍ତି । ଏହି ଜେଲରେ ଥିବା କଏଦୀମାନଙ୍କ ଉପରେ ବିଶେଷ କଟକଣା ନ ଥାଏ । ସେମାନେ ଅଟୋ ଚଳାଇ, ମକା ବିକ୍ରି କରି, ଟିଫିନ୍ ସେଣ୍ଟରରେ ଲୋକଙ୍କୁ ଜଳଖିଆ ଖୁଆଇ କିମ୍ବା ମୋଟରସାଇକେଲ ସଜାଡ଼ି ନିଜ ଜୀବିକା ନିର୍ବାହ କରିପାରିଥାନ୍ତି । ଉକ୍ତ ଜେଲ କ୍ୟାମ୍ପସ୍ ଭିତରେ ଏକ ସ୍କୁଲ ମଧ୍ୟ ରହିଛି, ଯେଉଁଠାରେ କଏଦୀଙ୍କ ପିଲାମାନେ ପଢ଼ିପାରନ୍ତି । ଜୟପୁରର ସାଙ୍ଗାନେରଠାରେ ଭାରତର ସବୁଠାରୁ ବଡ଼ ଖୋଲା ଜେଲ୍ 'ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିର' ରହିଛି । ଏହି ଜେଲରେ ସମ୍ପ୍ରତି ୩୭୦ରୁ ଅଧିକ କଏଦୀ ନିଜ ପରିବାର ସହ ରହୁଛନ୍ତି । ତେବେ ଏହି ଜେଲରେ କଏଦୀମାନେ କେବଳ ବନ୍ଦୀ ଭାବରେ ରୁହନ୍ତି ନାହିଁ ବରଂ ସେମାନେ ଏକ ବ୍ୟବସ୍ଥା ଅଧୀନରେ ରୁହନ୍ତି, ଯାହା ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ସହ ସ୍ୱାଧୀନତା ପ୍ରଦାନ କରିଥାଏ । ଯେଉଁ କଏଦୀମାନେ ସେମାନଙ୍କୁ ମିଳିଥିବା ଦଣ୍ଡର ଏକ ତୃତୀୟାଂଶ ସମୟ ଭଲ ଆଚରଣ ବଜାୟ ରଖି ଅତିବାହିତ କରିଥାନ୍ତି, ସେମାନଙ୍କୁ ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିରକୁ ସ୍ଥାନାନ୍ତରିତ କରାଯିବା ସହ ନିଜ ପରିବାର ସହ ରହିବାକୁ ଅନୁମତି ମିଳିଥାଏ । କଏଦୀମାନେ ନିଜ ଜୀବିକା ନିର୍ବାହ କରିବା ପାଇଁ ଦିନରେ ବାହାରକୁ ଯାଇ ସା ସୁଦ୍ଧା ଜେଲକୁ ଫେରିଥାନ୍ତି । ଏହି କଏଦୀମାନେ ଜେଲ ମଧ୍ୟରେ ମୋବାଇଲ୍ ଫୋନ୍ର ବ୍ୟବହାର କରିପାରନ୍ତି, ଟେଲିଭିଜନ ଦେଖିପାରନ୍ତି ଏବଂ ନିଜ ପିଲାଙ୍କୁ ସ୍କୁଲ ମଧ୍ୟ ପଠାଇପାରନ୍ତି ।

ଏହି ଜେଲ'ର ନିଜସ୍ୱ ପଞ୍ଚାୟତ ରହିଛି । ଜେଲ ମଧ୍ୟରେ ଦେଖା ଦେଉଥିବା ବିଭିନ୍ନ ବିବାଦର ସମାଧାନ ପାଇଁ କଏଦୀମାନେ ନିଜ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଭାବେ ଭୋଟ ଦେଇ ଜିତାଇଥାନ୍ତି । ନିର୍ବାଚିତ ସରପଞ୍ଚ କଏଦୀମାନଙ୍କ ମଧ୍ୟରେ ଶାନ୍ତି ବଜାୟ ରଖିବା ସହ ବିଭିନ୍ନ ବିବାଦର ମଧ୍ୟସ୍ଥତା କରିବାରେ ସାହାଯ୍ୟ କରନ୍ତି । ପାରମ୍ପରିକ ଭାରତୀୟ ଗ୍ରାମସଭା ପରି ଆଲୋଚନା ଏବଂ ସହମତି ମାଧ୍ୟମରେ ଏହି ଜେଲ ମଧ୍ୟରେ ଦେଖା ଦେଇଥିବା ବିଭିନ୍ନ ମତଭେଦର ସମାଧାନ ହୋଇଥାଏ । ଏହି ବ୍ୟବସ୍ଥା କଏଦୀମାନଙ୍କୁ ସମାଜ ସହ ଯୋଡ଼ି ହୋଇ ରହିବାକୁ ଅନୁମତି ଦେଇଥାଏ । ଉକ୍ତ ମଡେଲକୁ ସୁପ୍ରିମକୋର୍ଟ ମଧ୍ୟ ପ୍ରଶଂସା କରିଛନ୍ତି ଏବଂ ସାରା ଦେଶରେ ଏପରି ମଡେଲ ଲାଗୁ ପାଇଁ ସୁପାରିସ କରିଥିବା ନେଇ ଜେଲ'ର ସୁପରିଣ୍ଟେଣ୍ଡେଣ୍ଟ ରାକେଶ ମୋହନ ଶର୍ମା କହିଛନ୍ତି । ପ୍ରକାଶ ଯେ, ୨୦୨୨ ଡିସେମ୍ବରରେ ସୁପ୍ରିମକୋର୍ଟ ବିଚାରପତିଙ୍କ ୫ ଜଣିଆ ଏକ ଦଳ ଏହି ଖୋଲା ଜେଲ ପରିଦର୍ଶନ କରିବା ସହ ଏଠାରେ ରହୁଥିବା କଏଦୀଙ୍କ ସହ ଆଲୋଚନା କରିଥିଲେ । ବିଚାରପତିଙ୍କ ଉକ୍ତ ଟିମ୍ ଏହି ଖୋଲା ଜେଲ ବ୍ୟବସ୍ଥାକୁ ପ୍ରଶଂସା କରିବା ସହ ସମାନ ମଡେଲ ଆପଣାଇବାକୁ ଅନ୍ୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ ।

## ମସଲା ସାଣ୍ଡୱଇଚ୍

ଆବଶ୍ୟକ ସାମଗ୍ରୀ: ବ୍ରେଡ୍, ଆଳୁ, କଟା ପିଆଜ, ଧନିଆ ପତ୍ର, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମମସଲା ଗୁଣ୍ଡ, ମାୟୋନିଜ, ବଟର, ଟମାଟୋ ସସ୍ ।


ପ୍ରସ୍ତୁତି ପ୍ରଣାଳୀ: ବଜାରରୁ ବ୍ରେଡ୍ ଆଣି ତାକୁ ଦୁଇ ସାଇଡ୍ରେ ବଟର ଲଗାଇ ଦିଅନ୍ତୁ । ଏହାକୁ ଅଳ୍ପ ଆଞ୍ଚରେ ଭାଜନ୍ତୁ । ଏହା ଅଳ୍ପ ଭାଜି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ ।ପରେ ମସଲା କରିବା ପାଇଁ ପ୍ରଥମେ ଆଳୁକୁ ସିଝାଇ ଏକ ପାତ୍ରରେ ରଖନ୍ତୁ । ପରେ ତାକୁ ଭଲ ଭାବରେ ଚକଟି ଦିଅନ୍ତୁ । ଏହା ପରେ କଡ଼େଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ କଟା ପିଆଜ ଓ କଟା କଞ୍ଚା ଲଙ୍କାକୁ ସେଥିରେ ପକାଇ ଭାଜି ଦିଅନ୍ତୁ । ପରେ ସେଥିରେ ଚକଟି ରଖିଥିବା ଆଳୁକୁ ପକାଇ ଦେଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ତା' ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଜିରା ପାଉଡର, ଗରମ ମସଲା ଓ ଲଙ୍କା ପାଉଡର ପକାଇ କିଛି ସମୟ କଷନ୍ତୁ । ତା'ପରେ ଏକପାତ୍ରକୁ ଥଣ୍ଡା ହେବା ପାଇଁ କାଢ଼ି ଦିଅନ୍ତୁ । ପୂର୍ବରୁ ଭାଜି ରଖିଥିବା ବ୍ରେଡ ଉପରେ ଟମାଟୋ ସସ୍ ଲଗାଇ ଦିଅନ୍ତୁ । ଏହାପରେ ତା' ଉପରେ ଆଳୁ ମସଲାକୁ ଦେଇ ଦିଅନ୍ତୁ । ତା' ପରେ ସେଥିରେ ଆପଣଙ୍କ ପସନ୍ଦ ଅନୁସାରେ ମାୟୋନିଜ ଲଗାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମସଲା ସାଣ୍ଡୱଇଚ୍ । ଘରେ ତିଆରି କରନ୍ତୁ ମସଲା ସାଣ୍ଡୱଇଚ୍ ।



# ବକ୍ସ ଅଫିସରେ 'ସୈୟାରା' ଯାଦୁ

ବକ୍ସ ଅଫିସରେ ରାଜ୍ କରୁଛି ଫିଲ୍ମ 'ସୈୟାରା' । ଆହାନ ପାଣ୍ଡେ -ଅନିତ ପଡ୍ଡାଙ୍କ ଏହା ଡେବ୍ୟୁ ଫିଲ୍ମ ହୋଇଥିବା ବେଳେ ଫ୍ୟାନ୍ସ ଉଭୟଙ୍କ କେମେଷ୍ଟ୍ରିକୁ ବେଶ ପସନ୍ଦ କରିଛନ୍ତି । ଫିଲ୍ମ ଲୋକଙ୍କ ମନ ଜିତିବା ସହ ବେଶ ପ୍ରଶଂସା ସାଉଁଟୁଛି । ପ୍ରଥମ ଦିନରୁ ଥିଏଟର ସାମ୍ନାରେ ହାଉସ୍ଫୁଲ୍ ବୋର୍ଡ ଟଙ୍ଗାଇ ଦେଇଥିବା ଏହି ମ୍ୟୁଜିକାଲ୍ ଲଭ୍‌ଷ୍ଟାରୀ ନୂଆ ରେକର୍ଡ କରିଛି । ଗତ ଶୁକ୍ରବାର ମୁକ୍ତିଲାଭ କରିଥିବା 'ସୈୟାରା' ଓପ୍ନିଂ ଡେ' ରେକର୍ଡ କରିଥିଲା । ନବାଗତ କଳାକାରଙ୍କ ଫିଲ୍ମର ଓପ୍ନିଂ ଡେ' କଲେକ୍ସନ୍ ୨୦ କୋଟି ହେବ ବୋଲି ଦର୍ଶକ ଆଶା କରିନଥିଲେ । ଫିଲ୍ମଟି ଲଗାତାର ୬ ଦିନ ୨୦ କୋଟିରୁ ଅଧିକ କଲେକ୍ସନ୍ କଲା ।

ସେହିପରି ଗୁରୁବାର ବି ଜୋର୍ଦାର ବ୍ୟବସାୟ ସହିତ ଫିଲ୍ମର ପ୍ରଥମ ସପ୍ତାହ ସଫଳତାର ସହ ଶେଷ ହୋଇଛି । ୮୪ କୋଟି ଟଙ୍କାର ୱିକେଣ୍ଡ୍ କଲେକ୍ସନ୍ ପରେ ସୋମବାର ବି ବକ୍ସ ଅଫିସ୍ରେ ଦମ୍‌ଦାର କଲେକ୍ସନ୍ କଲା 'ସୈୟାରା' । ସୋମବାର-ମଙ୍ଗଳବାର ଫିଲ୍ମର ବକ୍ସ ଅଫିସ୍ କଲେକ୍ସନ୍ ଓପ୍ନିଂ ଡେ' କଲେକ୍ସନ୍ରୁ ଅଧିକ ଥିଲା । ବୁଧବାର ପର୍ଯ୍ୟନ୍ତ ଲଗାତାର ୨୦ କୋଟିରୁ ଅଧିକ ବ୍ୟବସାୟ କଲା । ଗୁରୁବାର ଫିଲ୍ମ ୧୯.୫୦ କୋଟି କଲେକ୍ସନ୍ କଲା । ଗୋଟିଏ ସପ୍ତାହରେ ଫିଲ୍ମର ମୋଟ୍ କଲେକ୍ସନ୍ ୧୭୫.୨୫ କୋଟି ଛୁଇଁଛି । ଚଳିତ ବର୍ଷ ସପ୍ତାହରେ ସର୍ବାଧିକ ଆୟର ଭିକି କୌଶଳଙ୍କ ଫିଲ୍ମ ନାଁରେ ରହିଛି, ପ୍ରଥମ ସପ୍ତାହ ୨୨୫ ଅଧିକ



ଗୋଟିଏ ରେକର୍ଡ 'ଛାବା' ଯାହାର କଲେକ୍ସନ୍ କୋଟିରୁ ଥିଲା । ତା'ପରେ ୧୧୩ କୋଟି ସହିତ ୨ୟରେ ଥିଲା 'ହାଉସ୍ଫୁଲ୍-୫' । ଏବେ ୨ୟ ସ୍ଥାନ ହାସଲ କରିଛି 'ସୈୟାରା' ।




# ଖୋଲା ମଣ୍ଡପରେ ଚାଲିଛି ପାଠପଢ଼ା



ଚାରିଛକ,(ପିପିଏସ): ପ୍ରାଥମିକ ଶିକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଦୀପ ତଳ ଅନ୍ଧାର ପରି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିଜ ନିର୍ବାଚନ ମଣ୍ଡଳୀ ରେ ଥିବା ଶିକ୍ଷା ବ୍ୟବସ୍ଥା ର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବାହାରଣା ପଂଚାୟତର ଓଡଗୁଆଁ ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ଏହି ବିଦ୍ୟାଳୟଟି ଏବେ ଗାଁ ଠାକୁରାଣୀଙ୍କ ଖୋଲା ମଣ୍ଡପ ତଳେ ଚାଲୁଥିବା ଦେଖିବାକୁ ମିଳୁଛି। ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ରହିଥ ?ବା ବେଳେ ୫ଟି ଶ୍ରେଣୀରେ ସମୁଦାୟ ୨୬ ଜଣ ପିଲା ପାଠ ପଢୁଛନ୍ତି। ୨୬ ଜଣ ପିଲାଙ୍କୁ ପାଠ ପଢାଇବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୨ ଜଣ ଶିକ୍ଷକ ସେଠାରେ ନିଯୁକ୍ତ ଅଛନ୍ତି। ତେବେ ଉଦବେଗ ର ବିଷୟ ହେଲା ଏହା ଏକ ସରକାରୀ ବିଦ୍ୟାଳୟ ହୋଇ ଥିଲେ ମଧ୍ୟ ଏଠାରେ ପିଲା ପାଠ ପଢିବା ପାଇଁ ନିଜସ୍ୱ ଶ୍ରେଣୀ ଗୃହ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇ ପାରିନାହିଁ। ଉକ୍ତ ସ୍କୁଲ ଆରମ୍ଭ ଯେବେ ହୋଇ ଥିଲା ଉକ୍ତ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ୧୬ ବର୍ଷରୁ ଅଧିକ ଦିନ ପର୍ଯ୍ୟନ୍ତ ସ୍କୁଲ ଚାଲିଥିଲା। ଦୀର୍ଘ ୧୬ ବର୍ଷ ଧରି ସ୍କୁଲ ଚାଲିବା ପରେ ସଂପୃକ୍ତ ବ୍ୟକ୍ତି ଜଣକ ତାଙ୍କ ଘରେ ଆଉ ସ୍କୁଲ ନଚଳାଇବାକୁ ମନା କରି ଦେଇଥିଲେ। ବାଧ ହୋଇ ପ୍ରଧାନ ଶିକ୍ଷକ ଗ୍ରାମର ଠାକୁରାଣୀଙ୍କ ମଣ୍ଡପ ଭିତରେ ପିଲାମାନଙ୍କୁ ବସାଇ ୧ ବର୍ଷ ହେବ ପାଠ ପଢାଇ ଆସୁଛନ୍ତି। ଠାକୁରାଣୀଙ୍କ ମଣ୍ଡପ ଉପରେ ଛାତ ପଡିଥିବାବେଳେ ଏହାର ଚତୁପାର୍ଶ୍ୱ ଖୋଲାରହିଛି। ପ୍ରତିଦିନ ପିଲାମାନେ ସେଠାରେ ବସି ପାଠ ପଢିଆସୁଛନ୍ତି। ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ ଦାୟିତ୍ୱରେ ଥିବା ପାଚିକା ନିଜ ଘରେ ରାନ୍ଧି କରି ଏଠାକୁ ଆଣି ପିଲାମାନଙ୍କୁ ଖାଇବାକୁ ଦେଇଥାନ୍ତି। ଛୋଟ ଛୋଟ ପିଲା ମାନେ ପାଠ ପଢିବା ପାଇଁ ଆସୁଥିବା ରାସ୍ତାରେ ଘାସ ଓ ଅନାବନା ଗଛ ରହିଥିବାରୁ ସେହି ବାଟ ଦେଇ ପିଲାମାନେ ବିପଦପୂର୍ଣ ଭିତରେ ଯାତାୟତ କରିଥାନ୍ତି। ଗତ ସରକାର ସମୟରେ ଗ୍ରାମବାସୀମାନେ ସ୍କୁଲର ନିଜସ୍ୱ ଘର ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀ, ପୁରୀ ଜିଲ୍ଲାପାଳ, ସ୍ଥାନୀୟ ରାଜନେତାଙ୍କୁ ବାରମ୍ବାର ଲିଖିତ ଭାବେ ଅଭିଯୋଗ କରିଆସିଥିଲେ ମଧ୍ୟ ସେମାନଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଇ ନଥିଲେ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ରାଜ୍ୟରେ ନୂତନ ଭାବେ ବିଜେପି ସରକାର ଆସିବାର ଆଜକୁ ୧୩ ମାସ ପୁରିଲାଣି। କିନ୍ତୁ ଓଡଗୁଆଁ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ଦିଗରେ ଦୃଷ୍ଟି ଦିଆ ଯାଇ ନାହିଁ ବୋଲି ଗ୍ରାମବାସୀମାନେ କହିଛନ୍ତି।

ଏସଂପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାହାନ ଚନ୍ଦ୍ର ମହାପାତ୍ର କୁହନ୍ତି ଖରା, ବର୍ଷା ଶୀତ କାକରରେ ଅତି ଦୟନୀୟ ଅବସ୍ଥାରେ ପିଲାମାନଙ୍କୁ ଏଠାରେ ବସାଇ ଶିକ୍ଷାଦାନ ଦେଉଛୁ। ବିଦ୍ୟାଳୟର ନିଜସ୍ୱ ଗୃହ ନଥିବାରୁ ବାରଦୁଆର ଶୁଣ୍ଡିପିଣ୍ଡା ହେବାକୁ ପଡୁଛି। ବାରମ୍ବାର ଅଭିଯୋଗ କରା ଯିବା ସତ୍ତ୍ୱେ କିଛି ସୁଫଳ ମିଳିନି। ସ୍କୁଲର ନିଜସ୍ୱ ଘର ନିର୍ମାଣ ପାଇଁ ଗ୍ରାମବାସୀମାନେ ଏକ ଜାଗା ଚିହ୍ନଟ କରିଛନ୍ତି। ସରକାର ଉକ୍ତ ଜାଗାରେ ଘର ତିଆରି କରି ଯୋଗାଇ ଦେଲେ ବିଦ୍ୟାଳୟର ନିଜସ୍ୱ ଘରେ ବସି ଛାତ୍ରଛାତ୍ରୀମାନେ ପାଠ ପଢି ପାରନ୍ତେ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହୋଦୟା ଦୃଷ୍ଟି ଦେଲେ ଆମ ସ୍କୁଲ ଘର ହୋଇ ପାରିବ ଏବଂ ଆମ୍ଭେମାନେ ସେଇ ଘରେ ବସି ପାଠପଢି ପାରିବୁ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ସେହିପରି ଗ୍ରାମର ବୃନ୍ଦନାଥ ସେଠି କୁହନ୍ତି ସରକାର ପରେ ସରକାର ବଦଳୁଛି ହେଲେ ଆମ ପ୍ରାଥମିକ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ହୋଇ ପାରିନାହିଁ। ଏ ସଂପର୍କରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ କୌଳାଶ ପାଢ଼ୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ଙ୍କୁ ପଚାରିବାରେ ତୁରନ୍ତ ଘଟଣା ସ୍ଥଳ ପରିଦର୍ଶନ କରି କ'ଣ ସମସ୍ୟା ରହିଛି ତାହାର ଅନୁଧ୍ୟାନ କରିବି ବୋଲି କହିଥିଲେ। ଖୋଦ ଉପମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ପ୍ରାଥମିକ ଶିକ୍ଷାଦାନର ବ୍ୟବସ୍ଥା ଯଦି ଏପରି ତେବେ ଉପାନ୍ତ ଅଞ୍ଚଳରେ କିପରି ଶିକ୍ଷାଦାନ ଚାଲୁ ଥିବ ଏଥିରୁ ଅନୁମେୟ ବୋଲି କହିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ନାୟକ। ପୁରୀ ଜିଲ୍ଲାପାଳ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ପୀଠ ବେଢ଼ାରେ ପଶିଲା ବନ୍ୟା ପାଣି



ବଡ଼ମ୍ବା :ଭଟ୍ଟାରିକା ମନ୍ଦିରରେ ପଶିଛି ଚଳିତ ବର୍ଷ ମହାନଦୀର ଦ୍ୱିତୀୟ ବନ୍ୟା ଜଳ। ହୀରାକୁଦର ୨୦ଟି ଗେଟ ଖୋଲିବା ପରେ ମହାନଦୀର ତଳ ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ପୀଠ ବେଢାରେ ପଶିଛି ପାଣି। ଗତକାଲି ରାତିରୁ ମହାନଦୀର ଜଳସ୍ତର ଧିରେ ଧିରେ ବଢିବାରେ ଲାଗିଛି।

ବଢୁଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପୁଲିସ ସୁରକ୍ଷା ପ୍ରଦାନ କରାଯାଇଛି। ମନ୍ଦିର ପରିସରରେ ନଦୀକୁ ନଯିବାକୁ ପାଇଁ ସୂଚନା ଫଳକ ଲଗାଯାଇଛି। ମନ୍ଦିର ସେବାୟତ ପକ୍ଷରୁ ସଜାଗ ଅଛନ୍ତି। ଯଦି ନଦୀରେ ୪ରୁ ୫ଫୁଟ ଜଳ ବଢ଼େ ତେବେ ମା ଭଟ୍ଟାରିକା ଦେବୀଙ୍କୁ ସ୍ଥାନାନ୍ତରିତ କରାଯିବ ନେଇ ପୂଜକ ସୂଚନା ଦେଇଛନ୍ତି।

# ସାଂସଦ ଶ୍ରୀ ମହତାବଙ୍କୁ ଭେଟିଲେ ସୂତାକଳ ପ୍ରତିନିଧି ମଣ୍ଡଳ



କଟକ, (ପିପିଏସ୍): ଶ୍ରମିକ ନେତା ଦୀପୁ ବାରିକଙ୍କ ନେତୃତ୍ୱରେ ଭଗତପୁର ସୂତା କଳର ପୂର୍ବତନ ଶ୍ରମିକ ଏବଂ ସେଠାକାର ବାସିନ୍ଦା କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେମାନେ ସାଂସଦ ଶ୍ରୀ ମହତାବ ସେମାନଙ୍କର ସମସ୍ୟା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ଯେ ହେତୁ ଏହି ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ଟେକ୍ସଟାଇଲ୍ କର୍ପୋରେସନ୍ (ଏନ୍‌ଟିସି) ଅଧୀନରେ ରହିଛି, ତେଣୁ ଲୋକସଭାରେ ଏହି ପ୍ରସଙ୍ଗ ଉତ୍‌ଥାପନ ପାଇଁ ଶ୍ରୀ ମହତାବ ପ୍ରତିନିଧି ମଣ୍ଡଳକୁ ପ୍ରତିଶ୍ରୁତି ଦେଇଛନ୍ତି।

# ୫ ଲକ୍ଷ ଘୋଷିତ ମହିଳା ନକ୍ସଲ ଗିରଫ

ମାଲକାନଗିରି, (ପିପିଏସ୍): ସହିଦ ସପ୍ତାହ ପୂର୍ବରୁ ପୁଲିସକୁ ମିଳିଛି ବଡ ସଫଳତା। ଜିଲ୍ଲାର ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସକୁ ୫ ଲକ୍ଷ ଘୋଷିତ ଏକ ମହିଳା ନକ୍ସଲକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ମହିଳା ନକ୍ସଲ ଜଣକ ହେଲେ ସୋଡି ସାମତ୍ତୁ। ସୋଡି ସାମତ୍ତୁ ପାମେଡ ଏରିଆ କମିଟିର କମାଣ୍ଡର ରହିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଚିନ୍ତାଗୁମ୍ଫା ଥାନା ଅଂଚଳର ମେନପା,ଏତରାଜପାଡ ଭଳି ଅଂଚଳରେ ସର୍ଚ୍ଚ ଅପରେସନ କରିବାକୁ ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ଯାଇଥିଲେ।






# ସାଧାରଣ ଲୋକଙ୍କ ସହ ମୋଦୀଙ୍କ 'ମନ୍ କୀ ବାତ୍' ଶୁଣିଲେ ଶିଳ୍ପମନ୍ତ୍ରୀ




ପାରାଦୀପ (ପିପିଏସ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ର ୧୨୪ତମ ସଂସ୍କରଣ ରବିବାର ଦିନ ପ୍ରସାରିତ ହୋଇଯାଇଛି। ଦଳମତ ନିର୍ବିଶେଷରେ ଏହି କାର୍ଯ୍ୟକ୍ରମ କୁ ସର୍ବସାଧାରଣରେ ଶୁଣିଥିଲେ। ଏହି ପରିପ୍ରେକ୍ଷୀରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦ୍ୱୀପସ୍ଥିତ ନିଜ ବାସଭବନ ପରିସରରେ ନିଜ ସମର୍ଥକ ଓ ସାଧାରଣ ଜନତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଲି। ସେହିପରି ପାରାଦୀପ ବିଜେପି କାର୍ଯ୍ୟାଳୟ ପରିସରରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ବହୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ବିଭିନ୍ନ ୱାର୍ଡ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ବହୁସଂଖ୍ୟାରେ ଲୋକେ ଶୁଣିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତରୀକ୍ଷରୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିବା ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଶୁଭ୍ରାଂଶୁ ଶୁକ୍ଲାଙ୍କ କଥା ଏବଂ ଚନ୍ଦ୍ରଯାନ-୩ ବିଷୟରେ ଉଲ୍ଲେଖ କରିବା ସହ ମହାକାଶକୁ ନେଇ ଦେଶର ଯୁବବର୍ଗଙ୍କ ମଧ୍ୟରେ ଉତ୍କଣ୍ଠା ଜାତ ହୋଇଥିବା କଥା ପ୍ରକାଶ କରିଥିଲେ କ୍ଷ ଆସନ୍ତା ୨୩ ଅଗଷ୍ଟରେ ପାଳିତ ହେବାକୁ ଥିବା 'ଜାତୀୟ ଅନ୍ତରୀକ୍ଷ ଦିବସ' ଉପରେ ନୂତନ କଳ୍ପନା କୁ ନମୋ ଆପ୍ ମାଧ୍ୟମରେ ପଠାଇବା ପାଇଁ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଅଲିମ୍ପିୟାଡ଼ ରେ ପଦକ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ କଥା ଉଲ୍ଲେଖ କରିଥିଲେ।

ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦ ଖୁଦିରାମ ବୋଷ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ ଏବଂ ଗାନ୍ଧିଜୀଙ୍କ ଭାରତ ଛାଡ ଆନ୍ଦୋଳନର ନେତୃତ୍ୱ କଥା ପ୍ରକାଶ କରିବା ସହ 'ବିଭାଜନ ବିଭୀଷିକା ସ୍ମୃତି ଦିବସ'କୁ ମନେ ପକାଇଥିଲେ ପ୍ରଧାନମନ୍ତ୍ରୀ। ଏହାସହ ସ୍ୱଦେଶୀ ଆନ୍ଦୋଳନ ହସ୍ତତନ୍ତକୁ କିପରି ଶକ୍ତି ପ୍ରଦାନ କରିଥିଲା ଏବଂ ଆସନ୍ତା ୭ ଅଗଷ୍ଟରେ 'ଜାତୀୟ ହସ୍ତତନ୍ତ୍ର ଦିବସ' ପାଳନର ୧୦ ବର୍ଷ ପୂର୍ତ୍ତି ସମ୍ପର୍କରେ ଉଲ୍ଲେଖ କରିବା ସହ ଟେକ୍ସଟାଇଲ୍ ଶିଳ୍ପ ବିଷୟରେ ସୂଚନା ଦେଇ ମୟୂରଭଞ୍ଜ ଜିଲ୍ଲାର ୬୫୦ ଜନଜାତି ମହିଳା କିଭଳି ଭାବେ ସାନ୍ତାଳୀ ଶାଢ଼ୀ ବୁଣି ମାସକୁ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି ଏବଂ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ତାହା ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ପ୍ରକାଶ କରିଛନ୍ତି କ୍ଷ ଏହାସହିତ ବଢୁଥିବା ଟେକ୍ସଟାଇଲ୍ ଓ ଆପାରେଲ୍ ମାର୍କେଟ ବିଷୟରେ ଅବଗତ କରାଇବା ସହ 'ଭୋକାଲ ଫର ଲୋକାଲ'କୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦୁଝର ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଗାୟିକା ଶ୍ରୀମତୀ ପ୍ରମିଳା ପ୍ରଧାନ, କୀର୍ତ୍ତନ ମାଧ୍ୟମରେ ଭକ୍ତି ଓ ପରିବେଶ ସୁରକ୍ଷା ପାଇଁ ଦେଉଥିବା ସଚେତନତାର ବାର୍ତ୍ତା କଥା କହିବା ସହ 'ଖେଲୋ ଭାରତ ନୀତି ୨କ୍ସ୨୫' କୁ ଜନଆନ୍ଦୋଳନରେ ପରିଣତ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ', 'ୱେଷ୍ଟ ମ୍ୟାନେଜମେଣ୍ଟ' ଏବଂ 'ଗ୍ରୀନ ରୋଇଙ୍ଗ ଇନିସିଏଟିଭ' ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।




ପ୍ରଜାତନ୍ତ୍ର ପାଠଚକ୍ର ଅବସରରେ ବକ୍ତବ୍ୟ ରଖୁଛନ୍ତି ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ସଂସଦରତ୍ନ ଡକ୍ଟର ଭର୍ତ୍ତୃହରି ମହତାବ

## ବିତରକ କମ୍ପାନୀର ମନୋମୁଖୀ କାରବାର
# ସ୍ମାର୍ଟ ମିଟରକୁ ନେଇ ବିଦ୍ୟୁତ ଉପଭୋକ୍ତାଙ୍କ ଅସନ୍ତୋଷ

ଅସ୍ତରଙ୍ଗ (ପିପିଏସ୍): ବିଦ୍ୟୁତ ବିତରଣ କମ୍ପାନୀର (ଟିପିସିଓଡ଼ିଏଲ) କର୍ତ୍ତୃପକ୍ଷଙ୍କ ମନୋମୁଖୀ କାରବାର କୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବିଦ୍ୟୁତ ବିତରଣ କମ୍ପାନୀ କର୍ମଚାରୀ ମାନେ ପ୍ରତ୍ୟେକ ଗ୍ରାମର ଘରେ ଘରେ ପଶି ପୁରୁଣା ମିଟର ବଦଳାଇ ସ୍ମାର୍ଟ ମିଟର ବସାଉଥିବା ଜଣା ପଡ଼ିଛି। ତେବେ ଭଲ ଥିବା ପୁରୁଣା ମିଟର ଗୁଡ଼ିକୁ କାହା ସ୍ୱାର୍ଥରେ ବଦଳା ଯାଉଛି ବୋଲି ପଚାରିଲେ କର୍ମଚାରୀ ମାନେ କୌଣସି ସନ୍ତୋଷ ଜନକ ଉତ୍ତର ନ ଦେଇ କଥାକୁ ଏଡାଇ ଯାଉଛନ୍ତି। କେହି ଉପଭୋକ୍ତା ଏ ସମ୍ପର୍କରେ ପ୍ରତିବାଦ ବା ବିରୋଧ କଲେ ମଧ୍ୟ ମିଟର ବସାଇବା ପାଇଁ ଯାଉଥିବା କର୍ମଚାରୀ ମାନେ କାହା କଥା ଶୁଣୁ ନ ଥିବା ଅସ୍ତରଙ୍ଗ ଅଞ୍ଚଳର କିଛି ଉପଭୋକ୍ତା ଅଭିଯୋଗ କରିଛନ୍ତି। ସମଗ୍ର ଅସ୍ତରଙ୍ଗ ଅଞ୍ଚଳରେ ଏଭଳି ଘଟଣା ପ୍ରତ୍ୟହ ଦେଖିବାକୁ ମିଳୁଥିବା ବେଳେ ସମୟାନୁକ୍ରମେ ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତ୍ରୁଟିଗ୍ରସ୍ତ ପୁରୁଣା ମିଟର ଗୁଡ଼ିକୁ ବଳପୂର୍ବକ ବଦଳାଯିବା ପଛର ରହସ୍ୟ କଣ ବୋଲି ବିଦ୍ୟୁତ ଉପଭୋକ୍ତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ସ୍ମାର୍ଟ ମିଟର ବସାଯିବା ଯୋଗୁଁ ମାସିକ ବିଦ୍ୟୁତ ଦେୟ ଆଶ୍ଚର୍ଯ୍ୟ ଜନକ ଭାବେ ବୃଦ୍ଧି ପାଉଥିବା ଅସ୍ତରଙ୍ଗ ଅଞ୍ଚଳର ଶହ ଶହ ବିଦ୍ୟୁତ ଉପଭୋକ୍ତା ଅଭିଯୋଗ କରୁଛନ୍ତି। ସେହିପରି ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ବିରୋଧରେ କେବେ କେହି ବିଦ୍ୟୁତ ଉପଭୋକ୍ତା ସ୍ୱର ଉଠାଇଲେ ବିନା ନୋଟିସ ରେ ସମ୍ପୃକ୍ତ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଥିବା ନଜିର ରହିଛି। ଅପର ପକ୍ଷେ ହାତ ଗଣତି କେତେକ ବ୍ୟବସାୟ ପ୍ରତିଷ୍ଠାନ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଉପରେ ବର୍ଷ ବର୍ଷ ଧରି ଲକ୍ଷାଧିକ ଟଙ୍କାର ବିଦ୍ୟୁତ ବିଲ ବାକି ପଡ଼ିଥିବା ବେଳେ ଗ୍ରାମାଞ୍ଚଳରେ ରହୁଥିବା ଗରିବ, ନିରୀହ ଉପରେ କମ୍ପାନୀର କର୍ମଚାରୀ ବାରମ୍ବାର ଦାଉ ସାଧୁଥିବା ଅଭିଯୋଗ ହେଉଛି। ସେହିପରି ବିଭିନ୍ନ ସ୍ଥାନରେ ସମ୍ପୂର୍ଣ୍ଣ ବେଆଇନି ଭାବେ ନିର୍ମିତ ହୋଇଥିବା କେତେକ ବ୍ୟକ୍ତିଙ୍କ ବାସଗୃହ, କରତ କଳ, ଚିଙ୍ଗୁଡ଼ି ଘେରି, ଧାନ କଳ ଓ ବ୍ୟବସାୟୀ ପ୍ରତିଷ୍ଠାନକୁ ଟାଟା ପାୱାର କର୍ତ୍ତୃପକ୍ଷ ବିଦ୍ୟୁତ ସଂଯୋଗ ଦେଇ ମୋଟା ଅଙ୍କର ଅର୍ଥ ଅସାଧୁ କର୍ମଚାରୀ ମାନେ ଲାଭ ଆକାର ରେ ନେଉଥିବା ବେଳେ ଲୋକଙ୍କୁ ନୂତନ ବିଦ୍ୟୁତ ସଂଯୋଗ ଦେବା ବେଳେ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଫଳରେ ଜନସାଧାରଣଙ୍କୁ ବାରମ୍ବାର ବିଭାଗୀୟ କାର୍ଯ୍ୟାଳୟ କୁ ଦୌଡ଼ିବାକୁ ପଡୁଛି। ଏଥିପ୍ରତି ବିଦ୍ୟୁତ ବିତରଣ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି। ସେହିପରି ନିର୍ଦ୍ଧାରିତ ସମୟରେ ଅନେକ ଉପଭୋକ୍ତାଙ୍କୁ ବିଦ୍ୟୁତ ବିଲ ଦିଆନଯିବା ଯୋଗୁଁ ପ୍ରତି ମାସରେ ବିଦ୍ୟୁତ ବିଲ ବାବଦରେ ଅଧିକ ଅର୍ଥ ଦେବାକୁ ପଡୁଥିବା ଅଭିଯୋଗ ହେଉଛି। ଫଳରେ ବିଦ୍ୟୁତ ଉପଭୋକ୍ତା ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଟାଟା ପାୱାର ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ପ୍ରତି ସରକାର ଦୃଷ୍ଟି ଦେବାକୁ ଅସ୍ତରଙ୍ଗ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ‘ହୋପ’ ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ୍ ଭୁବନେଶ୍ୱର ଜୋନ୍‌ର ସିଏସ୍ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱର: ଆଇଡ଼ିବିଆଇ ବ୍ୟାଙ୍କ, ଭୁବନେଶ୍ୱର ଜୋନ୍ ପକ୍ଷରୁ ଯାଜପୁର ଜିଲ୍ଲା ଧର୍ମଶାଳାସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟର (ସିଏଚସି)ରେ ସିଏସ୍ଆର୍ କାର୍ଯ୍ୟକ୍ରମ ‘ହୋପ’ର ଆରମ୍ଭ କରାଯାଇଛି। ବ୍ୟାଙ୍କର ଜିଏମ୍ ତଥା ଡେପୁଟି ଜୋନାଲ ମୁଖ୍ୟ ଡ. ନିହାର ରଞ୍ଜନ ସାମଲ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ରୋଗୀ ଏବଂ ସେମାନଙ୍କର ପରିବାରର ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଧର୍ମଶାଳା କମ୍ୟୁନିଟି ହେଲ୍‌ଥ ସେଣ୍ଟରକୁ ହୁଇଲ୍ ଚେୟାର, ଷ୍ଟ୍ରେଚର, ବିପି ମେସିନ୍, ରୋଗୀ ବସିବା ପାଇଁ ଷ୍ଟୁଲ, ଓପିଡ଼ିରେ ପାଇଁ ରୋଗୀ ଅପେକ୍ଷା କରିବା ଷ୍ଟିଲ୍ ବେଞ୍ଚ, ଏକ୍‌ଜୁକ୍ୟୁଟିଭ୍ ରିଭଲଭିଙ୍ଗ ଚେୟାର ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସିଏଚସିର ଦାୟିତ୍ୱରେ ଥିବା ଡଃ. ସୁଧୀର କୁମାର ସାହୁ, ସ୍ଥାନୀୟ କମ୍ୟୁନିଟି ନେତୃବୃନ୍ଦ ତଥା ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନଥିବା ଅଞ୍ଚଳରେ ରୋଗୀମାନଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ବ୍ୟବସ୍ଥା ଉପଲବ୍ଧ କରାଇବା ହେଉଛି ‘ହୋପ’ର ମୂଳ ଉଦ୍ଦେଶ୍ୟ। ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ବ୍ୟାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା, ଶିକ୍ଷା ଓ ଭିତ୍ତିଭୂମିର ବିକାଶ କରିବା ପାଇଁ ଏହାର ଉଦ୍ୟମ ଜାରି ରଖିଛି।

## ଧାମନଗର ବନ୍ୟା: ଗାଁରେ ବନ୍ୟାପାଣି
# ବିଲରେ ଧାନତଳି, ଫସଲ ନଷ୍ଟ ଆଶଙ୍କା



ଧାମନଗର (ପିପିଏସ) ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଆଖୁଆପଦା ଆନିକଟ ଠାରେ ସତର୍କ ଜଳସ୍ତର ୧୭.୮୩ ଥିବା ବେଳେ ବିପଦ ସଙ୍କେତ ଜଳସ୍ତର ୧୮.୩୩ ଅଟେ। ଶନିବାର ଅପରାହ୍ନ ୪ ଟା ସୁଦ୍ଧା ଏଠାରେ ୧୮.୬୨ ମିଟର ରୁ ଜଳସ୍ତର ବଢ଼ି ରାତି ୧୧ ଟା ସୁଦ୍ଧା ୧୮.୯୦ ମିଟରରେ ପହଞ୍ଚିଥିଲା। ଉପର ମୁଣ୍ଡରେ ବର୍ଷା ନହେବା କାରଣରୁ ରବିବାର ଠାରୁ ଜଳସ୍ତର କମୁଛି। ରବିବାର ଅପରାହ୍ନ ୫ ଟା ସୁଦ୍ଧା ଏଠାରେ ଜଳସ୍ତର ୧୭.୭୦ ମିଟର ଅଛି। ମାତ୍ର ବୈତରଣୀର ଉଦବୃତ ବନ୍ୟାପାଣି ଏସ୍କେପ ମାଧ୍ୟମରେ ଗ୍ରାମ ମଧ୍ୟକୁ ପ୍ରବେଶ କରିବା ଦ୍ୱାରା ଧାମନଗର ବ୍ଲକର ଆନନ୍ଦପୁର, ଖଡ଼ିପଦା, ସୋହୋଡା, ନଦୀଗାଁ, ପଧାନୀ, ଅର୍ଜୁନପୁର, ହସନାବାଦ, ବମକୁରା ଆଦି ପଞ୍ଚାୟତର ଗ୍ରାମ ଓ ଜମି ଜଳମଗ୍ନ ହୋଇଛି। ଫଳରେ ଗାଁ ଦାଣ୍ଡ, ଘର ଓ ଗୁହାଳ ମାନଙ୍କରେ ବନ୍ୟାପାଣି ପଶିବା ସହ ରାସ୍ତା ଘାଟ ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟା ଫଳରେ ତଳିଆ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଅଧିକ ବନ୍ୟା ଆଶଙ୍କା ନଥିଲେ ମଧ୍ୟ ଏହି ପାଣି ମାଡ଼ିବା ଫଳରେ ଧାନ ତଳି ଓ ପନିପରିବା ଚାଷ, ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ହୋଇଛି। ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବନ୍ୟା ପ୍ଲାବିତ ଅଞ୍ଚଳକୁ ଯାଇ ପାଣି ଘେରରେ ଥିବା ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ସହ ଭୟଭୀତ ନ ହେବାକୁ ଆଶ୍ୱାସନା ଦେଇଛନ୍ତି। ମନ୍ତ୍ରୀ ବ୍ଲକ ସଭାଗୃହରେ ଜିଲ୍ଲାପାଳ, ଏସପି ଓ ବିଭିନ୍ନ ଅଧିକାରୀଙ୍କ ସହ ବନ୍ୟା ସ୍ଥିତି ନେଇ ସମୀକ୍ଷା କରିଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରଭାବିତ ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହାସହ ବନ୍ୟା ଅଞ୍ଚଳରେ ଓଡ୍ରାଫ୍ଟ ଏବଂ ଦମକଳ ବାହିନୀକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମାର୍ଶାଘାଇରେ ଜିଲ୍ଲାପାଳଙ୍କ ବନ୍ୟାସ୍ଥିତି ସମୀକ୍ଷା

କେନ୍ଦ୍ରାପଡ଼ା, (ପିପିଏସ୍): ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଆଜି ମାର୍ଶାଘାଇରେ ଲୁଣା ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିବା ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କ ସହ ଆଲୋଚନା କରିଥିଲେ। ମାର୍ଶାଘାଇ ଜଳସମ୍ପଦ କାର୍ଯ୍ୟାଳୟ ନିକଟରେ ବନ୍ୟା ସୁରକ୍ଷା ନଦୀବନ୍ଧ ଯାଞ୍ଚ କରିଥିଲେ। ଜଳସମ୍ପଦ ବିଭାଗର ଏହି ବନ୍ଧକୁ ଜିରୋ ପଏଣ୍ଟ ଠାରୁ ଜମ୍ବୁ ପର୍ଯ୍ୟନ୍ତ ପ୍ରଶସ୍ତିକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ହେଉଛି। ତେବେ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ଏହି ବନ୍ଧ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରୁ କେନାଲ ବ୍ରିଜ ପର୍ଯ୍ୟନ୍ତ ନଦୀ ସୁରକ୍ଷା କେନାଲ ବନ୍ଧ ଖୋଳି ମୁକୁଳା କରିଦେଇଛନ୍ତି। ବର୍ତ୍ତମାନ ନଦୀରେ ବନ୍ୟା ଆସୁଥିବାରୁ ମୁକୁଳା ବନ୍ଧକୁ ନେଇ ମାର୍ଶାଘାଇ ସମେତ ଆଖପାଖ ଅଂଚଳ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ କିଛି ଦିନ ପୂର୍ବରୁ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସେଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା, ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ, କନିଷ୍ଠ ଯନ୍ତ୍ରୀ ଦେବାଶିଷ ସାମଲ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଠିକାସଂସ୍ଥାକୁ ତାଗିଦ୍ କରିଥିଲେ। ତୁରନ୍ତ ବନ୍ଧର ସୁରକ୍ଷା ପାଇଁ ଯତ୍ନବାନ ନହେଲେ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଟୁଡୁ ସୂଚନା ଦେଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କାହିଁକି ହେଲା ସେ ନେଇ ଜିଲ୍ଲାପାଳ ଏହାର ତଦନ୍ତ କରି ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି। ପରେ ଜିଲ୍ଲାପାଳ ଅୟଟିପୁର ଏବଂ ଡିହବଳରାମପୁର ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ।

## ଦରଦୀ ମଣିଷଙ୍କ ହୃଦୟ ବଡ଼
# ‘ଦି ସେବକ ସଂଗଠନ ‘ତରଫରୁ ଅଗ୍ନିବିପନ୍ନଙ୍କୁ ସହାୟତା



ଅସ୍ତରଙ୍ଗ (ପିପିଏସ୍): ଜୀବନର ଦୋଛକିରେ କିଏ କେତେବେଳେ ସହଯୋଗର ହାତ ବଢ଼ାନ୍ତି ତାହା କେବଳ ଭଗବାନ ଜାଣନ୍ତି। ସହାୟତାର ହାତ ବଢ଼ାଇବାକୁ ଭଗବାନ ନିଜେ ଧରାପୃଷ୍ଠକୁ ଓହ୍ଲାଇନଥାନ୍ତି। ମଣିଷ ରୂପି ଭଗବାନ ହିଁ ସହଯୋଗ କରିବାକୁ ଧାଇଁ ଆସନ୍ତି। ୩ ବଖରା ଚାଳ ଘରେ ଚଳନ୍ତି କପିଳେନ୍ଦ୍ର କାଣ୍ଡି (କପିଳ)ଙ୍କ ପରିବାର। ଦାଉ ସାଧିଲା ଦଇବ, ହସିଲା ସଂସାର ସବୁ ଜଳି ପୋଡ଼ି ପାଉଁଶ ହୋଇଗଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଶିଶୁଅ ପଂଚାୟତ ଉଦୟକଣି ଗ୍ରାମର ୫ନମ୍ବର ୱାର୍ଡର କପିଳେନ୍ଦ୍ର କାଣ୍ଡି ଙ୍କ ପରିବାର ଶୋଇଥିବା ବେଳେ କୌଣସି କାରଣ ବଶତଃ ଶନିବାର ବିଳମ୍ବିତ ରାତ୍ରରେ ଅଗ୍ନିକାଣ୍ଡ ଘଟି କ୍ଷଣିକ ମଧ୍ୟରେ ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଏମିତି କି କୋଣାର୍କ ଅଗ୍ନିଶମ ଗାଡ଼ି ନିଆଁ କୁ ଆୟତ୍ତ କରିଥିଲେ ମଧ୍ୟ କିନ୍ତୁ ସବୁ ଜଳି ନିଆଁରେ ଭସ୍ମିଭୂତ ହୋଇଯାଇଥିଲା। ଏମିତିକି ଝିଅ ବାହାଘର ପାଇଁ ରଖିଥିବା ସୁନା ଅଳଙ୍କାର ସମେତ ଘରେ ଥିବା ବର୍ଷକର ଆହର, ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର, ସ୍କୁଟି, ସାଇକେଲ ସମେତ ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପ୍ରକାଶିତ ପରେ ଯେଉଁଠି ପ୍ରଶାସନ ତରଫରୁ କେବଳ ‘ପାଲ ‘ଖଣ୍ଡେ ମିଳିଛି କିନ୍ତୁ ସେଠୀ ପୁରୀ ଜିଲ୍ଲାର ଗୋପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ‘ଦି ସେବକ ସଂଗଠନ ‘ତରଫରୁ ସଭାପତି ଆଲୋକ ଜେନା, ସାଥି ପୁପୁନା ମଲ୍ଲିକ, ପ୍ରଦୀପ୍ତ କାଣ୍ଡି, ପିଙ୍କୁ କାଣ୍ଡି ସମେତ ଅନ୍ୟ ସଦସ୍ୟ ଅଗ୍ନି ବିପନ୍ନଙ୍କ ଘରେ ପହଂଚି ପାଲ, ପରିବାର ସଦସ୍ୟଙ୍କ ପାଇଁ ବସ୍ତ୍ର, ମାସକ ପାଇଁ ରାସନ ସାମଗ୍ରୀ ଓ ଅର୍ଥରାଶି ସହାୟତା ପ୍ରଦାନ କରିଥିଲେ। କୁହାଯାଏ ମାନବ ସେବା ହେଉଛି ମାଧବ ସେବା। ଆଜିର ସମାଜରେ ସହୃଦୟ ବ୍ୟକ୍ତି ବହୁତ କମ୍ ଥାଆନ୍ତି, ଯେଉଁମାନେ ଅନ୍ୟ ମାନଙ୍କ ଦୁଃଖ ଦେଖିଲେ ସେମାନଙ୍କ ଆଖିରୁ ଲୁହ ଝରିପଡ଼େ ସେ ହେଉଛି‘ ଦି ସେବକ ସଂଗଠନ ‘ର କର୍ମକର୍ତ୍ତା ମାନେ। ଲୋକମାନଙ୍କ ସେବା ପାଇଁ ଅହରହ ଉଦ୍ୟମ ଜାରୀ ରଖିଛନ୍ତି।

# ପାରାଦୀପରେ ବିଏମଏସ୍‌ର ଜିଲ୍ଲା ବାର୍ଷିକ ସମ୍ମିଳନୀ



ପାରାଦୀପ (ପିପିଏସ୍): ଭାରତୀୟ ମଜଦୁର ସଙ୍ଘ (ବିଏମଏସ) ଜଗତସିଂହପୁର ଜିଲ୍ଲା ବାର୍ଷିକ ସମ୍ମିଳନୀ ପାରାଦୀପର ପୋର୍ଟ କ୍ଲବ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଏମଏସ ଜିଲ୍ଲା ସଭାପତି ଅକ୍ଷୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମଏସ ରାଜ୍ୟ ସଭାପତି ବାଦଲ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତୀୟ ମଜଦୁର ସଙ୍ଘ ଏକ ସର୍ବ ବୃହତ ଏବଂ ସର୍ବଶ୍ରେଷ୍ଠ ଅଣରାଜନୈତିକ ଶ୍ରମିକ ସଂଗଠନ। ଏଠି ଶ୍ରମିକ ମାନଙ୍କର ଅଧିକାର ସୁରକ୍ଷା ଉପରେ ସର୍ବଦା ପ୍ରାଧାନ୍ୟ ଦିଆଯାଇଥାଏ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବିଏମଏସ ରାଜ୍ୟ ଉପସଭାପତି ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ପୋର୍ଟ ଆଣ୍ଡ ଡକ ମଜଦୁର ସଙ୍ଘ ରାଷ୍ଟ୍ରୀୟ ସଭାପତି ତଥା ପାରାଦୀପ ବନ୍ଦର ଶ୍ରମିକ ଟ୍ରଷ୍ଟି ଶ୍ରୀକାନ୍ତ ରାୟ, ଭାରତୀୟ ବନ୍ଦର ମଜଦୁର ସଙ୍ଘ ପାରାଦୀପ ଶାଖା ର ସଭାପତି ରାକେଶ କୁମାର ପଟ୍ଟନାୟକ, ନାରୀନେତ୍ରୀ ଯୋଗମାୟା ନନ୍ଦ ପ୍ରମୁଖ ଯୋଗଦେଇ ବନ୍ଦରରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହ ସଂଗଠନକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବା ଏବଂ ସଂଗଠନ ସହିତ ସମସ୍ତ ଶ୍ରମିକ ଯୋଡିହୋଇ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ଅବିନାଶ ଦାସ ଜିଲ୍ଲା ସଂଗଠନ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା ଏବଂ ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ନୂତନ ଜିଲ୍ଲା କମିଟି ଘୋଷଣା କରାଯାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ବିଏମଏସ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ମହାନଗରର ବିକାଶ ବାଟବଣା: କାର୍ଯ୍ୟାଳୟ ଓ ଆବାସ ମରାମତି ନାଁରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା



ବ୍ରହ୍ମପୁର (ପିପିଏସ୍): ଆର୍ଥିକ ଦେବାଳିଆରେ ଗତି କରୁଥିବା ବ୍ରହ୍ମପୁର ମହାନଗର ନିଗମ ବିକାଶରେ ସ୍ଥାଣୁତା ସୃଷ୍ଟି ହେଉଛି। ମହାନଗର ନିଗମ ରାଜ୍ୟ ସରକାର ଓ ଲୋକଙ୍କ ଟିକସରୁ ସହରର ବିକାଶ ପାଇଁ ଯେଉଁ ଧନରାଶି ପାଉଛି ତାକୁ ବ୍ରହ୍ମପୁରବାସୀଙ୍କର ସ୍ୱାର୍ଥ ପାଇଁ ତଥା ସହରର ଯାବତୀୟ ଉନ୍ନତି କରିବା ଦିଗରେ ଖର୍ଚ୍ଚ କରିବା ପରିବର୍ତ୍ତେ ମହାନଗର ନିଗମ ନିଜର କାର୍ଯ୍ୟାଳୟ ଓ ବିଭାଗୀୟ କମିଶନରଙ୍କ ସରକାରୀ ବାସସ୍ଥାନକୁ ମରାମତି, ନବୀକରଣ ଓ ସୁନ୍ଦର କରିବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଦୁର୍ଭାଗ୍ୟର କଥା ବୋଲି ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଉଦ୍‌ବେଗ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅଧିକାର ଆଇନ୍ ବଳରେ ଶ୍ରୀ ପଣ୍ଡା ଜାଣିବାକୁ ଚାହିଁଥିଲେ ଯେ ବ୍ରହ୍ମପୁର ମହାନଗର ନିଗମ ନିଜର କାର୍ଯ୍ୟାଳୟ ଓ କମିଶନରଙ୍କ ସରକାରୀ ଆବାସରେ ଗତ ୫ବର୍ଷ ମଧ୍ୟରେ ନବୀକରଣ ଓ ନୂତନ ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ? ମହାନଗର ନିଗମ ତରଫରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଉଭୟ ତଥା କମିସନରଙ୍କ ସରକାରୀ ବାସସ୍ଥାନ ଓ ମହାନଗର ନିଗମର ନୂତନ ନିର୍ମାଣ, ମରାମତି ତଥା ଉଭୟ କୋଠାକୁ ସୁନ୍ଦର କରିବା ପାଇଁ ଗତ ୫ବର୍ଷ ମଧ୍ୟରେ ୨କୋଟି ୩୪ଲକ୍ଷ ୨୨ହଜାର ୨୬୦ଟଙ୍କା ଖର୍ଚ୍ଚ କରାଯାଇଛି। କେବଳ କମିସନରଙ୍କ ସରକାରୀ ବାସଭବନକୁ ସୁନ୍ଦର ଓ ମରାମତି କରିବା ପାଇଁ ଗତ ୫ ବର୍ଷରେ ୧୧ଲକ୍ଷ ୮୯ହଜାର ୯୮୦ଟଙ୍କା ଖର୍ଚ୍ଚ କରାଯାଇଛି। ବାସଭବନରେ ଗୋଟିଏ ଏସି ଲଗାଇବା ପାଇଁ ୧ଲକ୍ଷ ୯ହଜାର ୯୮୦ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ କମିସନରଙ୍କ ସରକାରୀ ବାସଭବନ ମଧ୍ୟରେ ଥିବା ଖୋଲା ଜମିର ଉନ୍ନତି ପାଇଁ ୨ଲକ୍ଷ ୪୫ହଜାର ୫୦୦ଶହ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ମହାନଗର ନିଗମ ନିଜର କାର୍ଯ୍ୟାଳୟକୁ ଗତ ୫ବର୍ଷ ମଧ୍ୟରେ ସାଜସଜ୍ଜା ଓ ମରାମତି କରିବା ପାଇଁ ମୋଟ ୨କୋଟି ୨୨ଲକ୍ଷ ୩୨ ହଜାର ୨୮୦ଟଙ୍କା ଖର୍ଚ୍ଚ କରିଛି। ସେଥି ମଧ୍ୟରୁ ନିଜର କାର୍ଯ୍ୟାଳୟରେ କେବଳ ପାଇଖାନା ମରାମତି ପାଇଁ ୫ଲକ୍ଷ ୩୭ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ନୂଆଁ କନଫରେନ୍ସ ହଲ୍ ପାଇଁ ୨କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ମହାନଗର ନିଗମ ନିଜ କାର୍ଯ୍ୟାଳୟରେ କାଠ କାମ କରିବା ପାଇଁ ୪ଲକ୍ଷ ୯୯ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ବ୍ରହ୍ମପୁରବାସୀ ମହାନଗର ନିଗମ ଠାରୁ ମୌଳିକ ସୁବିଧା ପାଇବାରେ ବଞ୍ଚିତ ହେଉଥିବା ବେଳେ ସହରରେ ଅର୍ଥ ଅଭାବରୁ ହୁଗୁଳାପଟା ଠାରେ ନିର୍ମାଣଧିନ ଗୋ-ଶାଳା ଓ ଗୋଷାଣୀନୂଆଗାଁ ଆଡୁଆ ବନ୍ଧ ପାର୍କ ଦୀର୍ଘ ଦିନ ହେଲା ସମ୍ପୂର୍ଣ୍ଣ ହେଉ ନାହିଁ। ଏହି ପରୀପ୍ରେକ୍ଷୀରେ ସହରବାସୀଙ୍କ ଟିକସ ପଇସାକୁ ଆଖିବୁଜି ଖର୍ଚ୍ଚ କରିବା କେତେଦୂର ଯଥାର୍ଥ ବୋଲି ଆଇନଜୀବି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି।

# ଡଃ ଆଲୋକ କର ପାଇଲେ ଅଟଳ ଉଦ୍ୟୋଗ ରତ୍ନ ସମ୍ମାନ



ଧାମନଗର (ପିପିଏସ): ସେବା ଏବଂ ତ୍ୟାଗ ପାଇଁ ମନୁଷ୍ୟ ସର୍ବଦା ସମାଜରେ ଅଗ୍ରଗଣ୍ୟ ଓ ସମ୍ମାନନୀୟ ହୋଇଥାଏ। ସେପରି ଜଣେ ସେବାବ୍ରତୀ ଯୁବ ପ୍ରତିଭା ହେଉଛନ୍ତି ଡଃ ଆଲୋକ କୁମାର କର। ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ଅଞ୍ଚଳର ପୂର୍ବତନ ଶିକ୍ଷାଧିକାରୀ ନିରଞ୍ଜନ କର ଓ ହରିହଂସ ଉନ୍ନୀତ ଉ. ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କ ସୁପୁତ୍ର ଡଃ ଆଲୋକ। ବର୍ତ୍ତମାନ ସେ ଭୁବନେଶ୍ୱର ଠାରେ ଫ୍ରାଙ୍କଲିନ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଖୋଲି ଜନସାଧାରଣଙ୍କୁ ସେବା ଯୋଗାଉଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ମାଧ୍ୟମରେ ମାଗଣା ଔଷଧ ଯୋଗାଇ ଦେଉଛନ୍ତି। ଏହି ସେବା ପାଇଁ ଅଟଳ ଯୁବଶକ୍ତି ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନ ପରିସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଆୟୋଜିତ ଉତ୍ସବରେ ଡଃ ଆଲୋକ କୁମାର କରଙ୍କୁ ’ଅଟଳ ଉଦ୍ୟୋଗ ରତ୍ନ ସମ୍ମାନ- ୨୦୨୫’ ରେ ସମ୍ମାନୀତ କରାଯାଇଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ମାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବୈଷୟିକ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଯୁବଶକ୍ତି ଓଡ଼ିଶାର ମୁଖ୍ୟ ସଞ୍ଜୟ ଦାସ ପ୍ରମୁଖଙ୍କ ଦ୍ୱାରା ଡଃ ଆଲୋକଙ୍କୁ ଏହି ସମ୍ମାନ ମିଳିଛି। କାରଗିଲ ବିଜୟ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶତ ବାର୍ଷିକ ଉପଲକ୍ଷେ ଅତିଥି ମାନେ ଉତ୍ତରୀୟ, ମାନପତ୍ର ଓ ଉପଢ୍ୌକନ ପ୍ରଦାନ ପୂର୍ବକ ଡଃ କରଙ୍କୁ ସମ୍ମାନୀତ କରିଥିଲେ। ଏହି ସମ୍ମାନ ମିଳିବାପରେ ସ୍ଥାନୀୟ ବିଧାୟକ ତଥା ଓଡ଼ିଶାର ମାନ୍ୟବର ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବ ସେବା ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏଏସି ଅଧ୍ୟକ୍ଷା ନିବେଦିତା ଜେନା, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ଡଃ କରଙ୍କ ଧର୍ମପତ୍ନୀ ତଥା ରାଜ୍ୟ ସ୍ତରୀୟ ତ୍ରୈମାସିକ ସାହିତ୍ୟ ପତ୍ରିକା ’ଆଭା’ ର ସମ୍ପାଦିକା ଗୌରପ୍ରୀୟା ଦାଶ, ସ୍ଥାନୀୟ ସରପଞ୍ଚ ମିନତୀ ମାଝୀ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଗଞ୍ଜାମରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ



ବ୍ରହ୍ମପୁର (ପିପିଏସ୍): ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବ୍ରହ୍ମପୁର ସ୍ଥିତ ଜିଲ୍ଲା ଅଦାଲତ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଡ଼ା.ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାସ୍ତରୀୟ ଲୋକ ଅଦାଲତ। ଏଥିରେ କେବଳ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ହୋଇଛି। ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ଦୀର୍ଘଦିନ ଧରି ପଡ଼ି ରହିଥିବା ୨୩୩ଟି ମକଦ୍ଦମା ରୁଜୁ ହୋଇଥିବା ବେଳେ ସେଥି ମଧ୍ୟରୁ ନିଃଶୁଳ୍କ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ୨୦ଟି ମାମଲାର ୬୮ଲକ୍ଷ ୪୧ହଜାର ୬୫୧ ଟଙ୍କା ଆଦାୟ ସହ ମାମଲା ସମାଧାନ କରାଯାଇଛି।

## ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ତରଫରୁ ଛତୁ ଚାଷ ଶିବିର
# ଜିଲ୍ଲାର ମହିଳାମାନେ ହେବେ ସ୍ୱାବଲମ୍ବୀ



ନୟାଗଡ଼ (ପିପିଏସ୍): ନୟାଗଡ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅଠର ବର୍ଷରୁ ପାଇଂଚାଳିଶ ବର୍ଷ ମହିଳା ଓ ପୁରୁଷ ଉଭୟଙ୍କ ଆତ୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ ନେଇ ଏକ ଦଶ ଦିନିଆଁ ପାଲଛତୁ ଉତ୍ପାଦନ ପ୍ରକ୍ରିୟାର ତାଲିମ ଶିବିର ଅନୁଷ୍ଠିତ କରାଯାଇ ଥିଲା। ଏହି ତାଲିମ ଶିବିରରେ ତିରିଶି ଜଣ ତାଲିମାର୍ଥି ତାଲିମ ନେଇ କୃତକାର୍ଯ୍ୟ ହୋଇଛନ୍ତି ଆଜି ତାର ଉଦଯାପନୀ ଉତ୍ସବ ତାଲିମ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଉଦଯାପନୀ ଉତ୍ସବରେ ତାଲିମ ଶିବିରର ମୁଖ୍ୟ ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର ପ୍ରଧାନ ପରୀକ୍ଷକ ଅତୁଲ୍ୟ ପଟନାୟକ ଓ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ରଜତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ପାଳ ଛତୁ ଚାଷ କରି ତାଲିମାର୍ଥୀମାନେ କିପରି ସ୍ୱାବଲମ୍ବି ହୋଇ ପରିବାର ପ୍ରତିପୋଷଣ କରିପାରିବେ ସେ ବିଷୟରେ ମୁଖ୍ୟ ଅତିଥି ଅଭିଭାଷଣ ରଖିଥିଲେ। ଏହାପରେ ତାଲିମାର୍ଥିମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଜାଇଥିଲା।

## ରୋଟାରୀ ମିଡ୍ ଟାଉନ ପକ୍ଷରୁ କାର୍ଗିଲ ବିଜୟ ଦିବସ
# ଦେଶ ମାତୃକା ପାଇଁ ବଳିଦାନ ବ୍ୟର୍ଥ ଯିବନାହିଁ: ଜିଲ୍ଲାପାଳ




ଭଦ୍ରକ, (ପିପିଏସ୍): ଭଦ୍ରକ ଟାଉନ ହଲରେ ରୋଟାରୀ କ୍ଲବ୍ ମିଡ ଟାଉନ ଭଦ୍ରକ ପକ୍ଷରୁ ୨୬ତମ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ସହିଦଙ୍କୁ ସମ୍ମାନ ଜଣାଇ ଦିବସ ପାଳନ କରିବା ସହିତ ରାଷ୍ଟ୍ର ପ୍ରେମରେ ନିଜକୁ ଅନୁପ୍ରାଣୀତ କରି ସବୁଦିନ ନିଜର ଦୈନନ୍ଦିନ କାର୍ଯ୍ୟ ସହିତ ଅନ୍ୟ ପାଇଁ ଏବଂ ସମାଜ ପାଇଁ କିଛି ଜନହିତକର କାର୍ଯ୍ୟ କରିପାରିଲେ ତାହା ହିଁ ସହିଦଙ୍କ ଲାଗି ପ୍ରକୃତ ସମ୍ମାନ ହେବ। ଦେଶ ମାତୃକା ପାଇଁ ଜୀବନ ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ, ତାଙ୍କର ପ୍ରତିଟି ରକ୍ତବିନ୍ଦୁ ଦେଶବାସୀଙ୍କ ପାଇଁ ଅମୃତ ସଦୃଶ ବୋଲି ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲିପ ରାଉତରାଏ ମତବ୍ୟକ୍ତ କରିଥିଲେ। ପ୍ରଥମେ କାର୍ଗିଲ ଯୁଦ୍ଧରେ ଭଦ୍ରକ ଜିଲ୍ଲାରୁ ସହିଦ ହୋଇଥିବା ଦିବଂଗତ ନିରଞ୍ଜନ ବେହେରାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କ୍ୟାଣ୍ଡେଲ ଜଳାଇ ସମସ୍ତ କାର୍ଗିଲ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରୋଟାରିଆନ ପ୍ରୀତି ଅଗ୍ରୱାଲ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ରୋଟାରିଆନ ସନ୍ଧ୍ୟା ଗୁପ୍ତା ସଭାରେ ପୌରୋହିତ୍ୟ କରିଥିଲେ। ରୋଟାରିଆନ ଅତିଶ ବେହେରା ଓ ଚୈତାଳୀ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ରୋଟାରୀ ଗଭର୍ଣ୍ଣର ମନୋଜ ତ୍ରିପାଠୀ, ଏନ୍‌ସିସି କର୍ଣ୍ଣେଲ ଅନିଲ କୁମାର, ରୋଟାରୀ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଦେବବ୍ରତ ଭଟ୍ଟ ପ୍ରମୁଖ ଯୋଗ ଦେଇ ପ୍ରତିଟି ମଣିଷ ଜଣେ ଜଣେ ସୈନିକ ବୋଲି ନିଜକୁ ଭାବି ଦେଶମାତୃକା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହିତ ମିଡ୍ ଟାଉନ କ୍ଲବର ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଓ ଦେଶାତ୍ମବୋଧକ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀ ଏବଂ ସ୍କୁଲମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଲଲାଟେନ୍ଦୁ ମହାନ୍ତି, ଅନୁଗ୍ରହ ଦିକ୍ଷିତ, ରୁଦ୍ରମାଧବ ବାରିକ, ପ୍ରାଧାପିକା ସତୀରାଣୀ ମହାନ୍ତି, ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି, ଡ. ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୫ଟି ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଏସ୍‌ବିଇଡ଼ି ଇଣ୍ଟର ନ୍ୟାସନାଲ ସ୍କୁଲର ଛାତ୍ରୀ ଆସ୍ଥା ନାୟକ ପ୍ରଥମ, ସେଣ୍ଟ ଜାଭିୟର ସ୍କୁଲର ଛାତ୍ରୀ ସାଇ ସୁନୟନା ଦ୍ୱିତୀୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକର ଛାତ୍ରୀ ସୁପ୍ରିୟା ଗିରି ତୃତୀୟ ହୋଇଥିଲେ। ନୃତ୍ୟରେ ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରଥମ, ମିଶନ ପବ୍ଲିକ ସ୍କୁଲ ଦ୍ୱିତୀୟ ଏବଂ ଏସ୍‌ବିଡ଼ି ଇଣ୍ଟର ନ୍ୟାସନାଲ୍ ସ୍କୁଲ ତୃତୀୟ ହୋଇଥିଲେ। କ୍ଲବ ପକ୍ଷରୁ ବେଦପ୍ରକାଶ ଗୁପ୍ତା, ବରିଷ୍ଠ ସଦସ୍ୟ ସଦସ୍ୟା ରତନଲାଲ ଗୁପ୍ତା, ପ୍ରମୋଦ ଲାଖାନୀ, ରାହୁଲ ଖେରିଆ, ଅଶୋକ ଲାଖାନୀ, ଗୌରବ ଅଗ୍ରୱାଲ, ଅଞ୍ଜୁ ଗୁପ୍ତା, ପୁଷ୍ପିତା ଜେନା, ପ୍ରିୟଦର୍ଶନୀ ମଲ୍ଲିକ, ରତନ ଗୁପ୍ତା, ସନାତନ ଜେନା, ନିରଞ୍ଜନ ମଲ୍ଲିକ, ରାହୁଲ ଖେରିଆ, ମନୋଜ ଅଗ୍ରୱାଲ, ଜୀତେନ୍ଦ୍ର ଅଗ୍ରୱାଲ, ଅନିଲ ଦେ, ପବିତ୍ର ମୋହନ ଖିଲାର, ସୁନୀତା ଗୁପ୍ତା, ଅମିତ ମଲ୍ଲିକ, ମୁନା ଡିଡ୍‌ୱାନିଆ, ସମିତା ମିଶ୍ର, ସଂଗୀତା ଦାସ, ଅଞ୍ଜୁ ଗୁପ୍ତା, ଶଶୀ ଲାଖାନୀ, ରୁମା ଅଗ୍ରୱାଲ, ସୀମା ଅଗ୍ରୱାଲ, ସଙ୍ଗିତା ଦେ, ପ୍ରୀତିରଞ୍ଜନ ଜେନା, ଅଶୋକ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବର ସମ୍ପାଦକ ସୀଲୁ ଲାଖାନୀ ଧନ୍ୟବାଦ ଅର୍ପଣ ଓ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଭଦ୍ରକର ବହୁ ସଦସ୍ୟ ଓ ପୂର୍ବତନ ସେନା କର୍ମଚାରୀ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍କୁଲ ଏହି ବିଜୟ ଉତ୍ସବ କାର୍ଯ୍ୟକ୍ରମଟିକୁ ପୂର୍ଣ୍ଣମାତ୍ରାରେ ସଫଳ ପାଇଁ ସହଯୋଗ କରିଥିବାରୁ କ୍ଲବ୍ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ବଢୁଛି ମହାନଦୀ ଜଳସ୍ତର

## ବୌଦ୍ଧରେ ବନ୍ୟାଜଳ ସ୍ତର ୮୫.୬୫ ମିଟର ଛୁଇଁଲା

ବୌଦ୍ଧ, (ହି.ସ.) ବଢୁଛି ମହାନଦୀ ଜଳସ୍ତର । ବନ୍ୟା ନେଇ ଚିନ୍ତାରେ ତଳିଆ ଅଂଚଳର ଲୋକେ । ବୌଦ୍ଧ ଜିଲାର ବିଭିନ୍ନ ରାସ୍ତା ଉପରେ ଲହଡି ମାରୁଛି ବନ୍ୟା ଜଳ । ଲଘୁଚାପ ଜନିତ ବର୍ଷାରେ ବେହାଲ ହୋଇପଡିଛି ବୌଦ୍ଧ ସହର । ବୌଦ୍ଧ ସହର ଠାରେ ଗତ ୨୪ ଘଣ୍ଟା ମଧ୍ୟରେ ୪୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ କନ୍ଧମାଳ ବ୍ଲକରେ ୬୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ତୁହାକୁ ତୁହା ପ୍ରବଳ ବର୍ଷା ଲାଗି ରହିଛି । ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ବଢୁଛି ବନ୍ୟା ଆଶଙ୍କା । ଆଜି ସଂନ୍ଧ୍ୟା ୫ ଘଂଟା ସମୟରେ ମହାନଦୀର ବନ୍ୟାଜଳ ସ୍ତର ୮୫.୬୫ ମିଟର ରହିଥିବା ବେଳେ ଏଠାରେ ବିପଦ ସଂକେତ ୮୭.୭୦ ମିଟର ରହିଛି । ବୌଦ୍ଧଜିଲ୍ଲାରେ ଗତ କିଛି ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ହେଉଥିବାରୁ ଜିଲ୍ଲାଦେଇ ଯାଇଥିବା ମହାନଦୀ, ତେଲନଦୀ, ସାଲୁଙ୍କି, ବାଘନଦୀର ଜଳସ୍ତର ବୃଦ୍ଧି ପାଉଛି । ମହାନଦୀର ଜଳସ୍ତର ଧିରେ ଧିରେ ବୃଦ୍ଧି ପାଉଛି । ମହାନଦୀରେ ଜଳସ୍ତର ଧିରେଧିରେ ବୃଦ୍ଧି ପାଉଥିବା ବେଳେ ନଦୀକୂଳରେ ଥିବା ଗ୍ରାମ ଗୁଡିକ ଚିନ୍ତାରେ ରହିଛନ୍ତି । ମହାନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ସମ୍ଭାବନା ଦେଖାଦେଲେ ହରଭଙ୍ଗା ବ୍ଲକର ନଦୀକୂଳରେ ଥିବା ଗ୍ରାମ ଗୁଡିକୁ ବନ୍ୟାଜଳ ପ୍ରଥମେ ପ୍ରବେଶ କରିଥାଏ । ସେହିପରି ବୌଦ୍ଧ ସହରର ଗାଇଗୋଠ ଅଂଚଳରେ ଥିବା ବସ୍ତିକୁ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଓ ନିକଟରେ ଥିବା ସରକାରୀ କାର୍ଯ୍ୟାଳୟ ଗୁଡିକୁ ବନ୍ୟାପାଣି ପ୍ରବେଶ କରିଥାଏ । ବନ୍ୟାପାଣି ଯୋଗୁଁ ସାତକୋଶିଆ ଟିକରପଡା ଠାରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ରରୁ କୁମ୍ଭୀର ଉପରକୁ ଚାଲି ଆସିବାର ଅଧିକ ସମ୍ଭାବନା ରହିଛି । ଯାହାଫଳରେ ନଦୀକୂଳିଆ ଲୋକଙ୍କ ପାଇଁ ଚିନ୍ତା ବଢାଇ ଥାଏ ।

# ରାସ୍ତା ସମସ୍ୟା : ଦୁର୍ଦ୍ଦଶାରେ ଲୋକେ



ଦାରିଙ୍ଗବାଡ଼ି : ଦିନେ କି ଦୁଇ ଦିନ ନୁହଁ ରାସ୍ତା ସମ୍ପ୍ରସାରଣର ଆରମ୍ଭର ଇତି ମଧ୍ୟରେ ୪ ବର୍ଷ ବିତିଲାଣି ତଥାପି ରାସ୍ତା କାର୍ଯ୍ୟ ଶେଷ ହେଉନି । ଚୁକ୍ତି ଅନୁସାରେ ୨୦୨୩ରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରଥିଲା । କିନ୍ତୁ ଆଜିପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ନାଁ ଧରୁନି । ଫଳରେ ଯାତ୍ରୀଙ୍କ ଯାତାୟାତରେ ସମସ୍ୟା ଦିନକୁ ଦିନ ମୁଣ୍ଡ ଟେକୁଛି ଗାଡ଼ି ମୋଟର ଚଳାଚଳରେ ବହୁତ ସମସ୍ୟା ଦେଖାଯାଉଛି । ବର୍ଷା କାରଣରୁ ରାସ୍ତାର ଅବସ୍ଥା ଦ୍ୱିଗୁଣିତ ଶୋଚନୀୟ ହୋଇପଡ଼ିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିଠାରୁ ସିକକେତା ରାସ୍ତା କାର୍ଯ୍ୟରେ । ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ସିମନବାଡ଼ିଠାରୁ ରାଇକିଆ ମୋଟ୍ ୨୫ କିମି ରହିଛି । ସେଥିମଧ୍ୟରୁ ଦାରିଙ୍ଗବାଡ଼ି ପୂର୍ତ୍ତ ବିଭାଗ ଅଧୀନରେ ୧୫ କିମି ରାସ୍ତା ସିମନବାଡ଼ିଠାରୁ ବାଡ଼ାବାଙ୍ଗା ପଞ୍ଚାୟତର ସିକକେତା ପର୍ଯ୍ୟନ୍ତ ରହିଛି । ଉକ୍ତ ରାସ୍ତାକୁ ସମ୍ପ୍ରସାରଣ ପାଇଁ ସରକାର ମୋଟ୍ ୨୦ କୋଟି ୩୬ ଲକ୍ଷ ୩୮ ହାଜର ୯୯୮ ଅର୍ଥ ଅନୁଦାନ ଦେଇଛନ୍ତି । କିନ୍ତୁ ଉକ୍ତ ରାସ୍ତାରୁ ମାତ୍ର ୨ କିମି ପାଖାପାଖି ପିଚୁ ପଡ଼ିଥିବା ବେଳେ ଆହୁରି ୧୩ କିମି କାମ ଆରମ୍ଭ ପୂର୍ବରୁ ଯେଉଁ ଅବସ୍ଥା ରହିଥିଲା । ତା'ଠାରୁ ଅଧିକ ବିପର୍ଯ୍ୟୟ ହୋଇପଡ଼ିଛି । ଫଳରେ ଲୋକଙ୍କ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ସମସ୍ୟା ଦେଖାଦେଉଛି । କୌଣସି ଜରୁରୀ କାର୍ଯ୍ୟ ନଥିଲେ ଉକ୍ତ ରାସ୍ତାରେ କେହି ଯାତାୟାତ କରୁନାହାନ୍ତି । ସୂଚନାଯୋଗ୍ୟ ଯେ, ଉକ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଗତ ୨୯ ଜୁନ୍ ୨୦୨୨ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟଶେଷ ଦିନ ୨୯ ସେପ୍ଟେମ୍ବର ୨୦୨୩ ରହିଥିଲା କିନ୍ତୁ କାର୍ଯ୍ୟ ସରିବାର ସମୟସୀମା ୨ ବର୍ଷ ବିଳମ୍ବ ହୋଇଥିବା ଜଣାପଡ଼ିଛି । ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ହରିହର ଦାସଙ୍କୁ ପଚାରିବାରୁ ବର୍ଷା ଯୋଗୁ ଏବେ କାର୍ଯ୍ୟ ବନ୍ଦ ରହିଛି । ବର୍ଷା ଛାଡ଼ିଲେ ପୁଣି ମେଟାଲିଂ ଓ ପିଚୁ କାର୍ଯ୍ୟ କରାଯିବ ବୋଲି କହିଛନ୍ତି ।

## ଭୁଲ୍ ଇଞ୍ଜେକ୍ସନରେ ମହିଳାଙ୍କ ମୃତ୍ୟୁ

ବଲାଙ୍ଗିର, (ହି.ସ.) : ଭୁଲ୍ ଇଂଜେକ୍ସନରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ ମହିଳା ଜଣକ ହେଲେ ଭଗବାନୀ ପୁଟା (୩୭) । ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟା ୮ଟାରେ ମହୁଲପାଟି ଗାଁର ଡିଙ୍ଗର ପୁଟା ତାଙ୍କ ସ୍ତ୍ରୀ ଭଗବାନୀଙ୍କୁ ତୁରେକେଲା ଥାନା ଲର୍କୀ ଗାଁରେ ଥିବା ଜଣେ କ୍ୱାକ୍‌ଙ୍କ ପାଖକୁ ଚିକିତ୍ସା ପାଇଁ ଆଣିଥିଲେ । କ୍ୱାକ୍ ଜଣକ ମହିଳାଙ୍କୁ ଏକ ଇଞ୍ଜେକ୍ସନ୍ ଦେବା ପରେ ହଠାତ ସେ ଅଚେତ ହୋଇପଡ଼ିଥିଲେ । ଘଟଣା ପରେ ପରିବାରବର୍ଗ ପୁଣି ଭଗବାନୀଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାରବର୍ଗ ତୁରେକେଲା ଥାନାରେ ସମ୍ପୃକ୍ତ କ୍ୱାକ୍‌ଙ୍କ ନାଁରେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ କ୍ୱାକ୍ ଦେଇଥିବା ଇଞ୍ଜେକ୍ସନ୍ ମଧ୍ୟ ପରିବାରବର୍ଗ ରଖିଥିବା ଜଣାପଡ଼ିଛି । ଏହାକୁ ନେଇ ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ ଅଭିଯୋଗ ପରେ ତଦନ୍ତ ଜାରି ରଖିଛୁ ବୋଲି ପ୍ରକାଶ କରିଛନ୍ତି ।

# କାରଗିଲ୍ ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର: କାରଗିଲ ବିଜୟକୁ ଶନିବାର ୨୬ ବର୍ଷ ପୁରିଛି । ଏହି ପରିପ୍ରେକ୍ଷୀରେ ନିଆରା ଢଙ୍ଗରେ କାରଗିଲ ବିଜୟ ଦିବସ ପାଳନ କରିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ କ୍ଷ ଜୟ ଯବାନ ଜୟ କିସାନ ନାରା ଦେଇ ଲୋଇସିଂହା ବ୍ଲକ ବାଦୀମୁଣ୍ଡା ପଂଚାୟତ କୁଟୁରାପାଳି ଗ୍ରାମର ଏକ ଚାଷୀଙ୍କ କ୍ଷେତରେ ଅନୁଷ୍ଠାନର ସଦସ୍ୟ ମାନେ ପଲ୍‌ହା ରୋପଣ କରି ବୀର ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତିକ୍ଷ ସେମାନେ କହିଛନ୍ତି, କାରଗିଲ ଯୁଦ୍ଧରେ ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ଲଢେଇ କରି ଆମ ବୀର ସୈନିକମାନେ ପରାକ୍ରମ ଦେଖାଇ ବିଜୟ ବାନା ଉଡେଇଥିଲେ କ୍ଷ ଆଜି ଦିନଟି ଆମ ପାଇଁ ଗର୍ବ ଏବଂ ଗୌରବର ଦିନଟିଏ କ୍ଷ ସୈନିକଙ୍କ ପରି କୃଷକ ମଧ୍ୟ କ୍ଷେତରେ ଖଟୁଛି । ଲାଭ କ୍ଷତି ବିଚାର ନକରି ହାଡଭଙ୍ଗା ପରିଶ୍ରମ କରି ନିଜକୁ ବଳିଦାନ ଦେଇ ସାରା ଦୁନିଆକୁ ଖାଦ୍ୟ ଯୋଗାଉଛି କ୍ଷ ସେଥିପାଇଁ ସୈନିକଙ୍କ ବିଚାର ନେଇ ବଂଚୁଥିବା ଚାଷୀର କ୍ଷେତରେ ଶ୍ରମଦାନ କରି କାରଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସୋମନାଥ ମିଶ୍ର, ବୁଲୁ ମହାକୁର, ଧ୍ରୁବ ଥନାପତି, ବୀରେନ୍ଦ୍ର ସାହୁ, ତପନ ଜାଲ, ବିକୁ ଦଳାଇ, ରଂଜିତ ପଧାନ, ଗୋପଳ ସାହୁ, ପ୍ରହଲ୍ଲାଦ ଖମାରି, କାଁହୁ ବଗର୍ତି, ଶୁଭମ ସାହୁ, ଦିଲେଶ୍ୱର ସାହୁ, ଶୁଭ୍ରାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କର୍ମକ୍ଷେତ୍ରରେ ମାନସିକ ଚାପ ପ୍ରବନ୍ଧନ ଉପରେ କର୍ମଶାଳା

ବାରିପଦା, (ହି.ସ.) : ଚାକିରୀ କରି ଆତ୍ମନିର୍ଭରଶୀଳ ହେବା ଆଶାରେ ଆଜିର ଯୁବକ ଯୁବତୀମାନେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବାପାଇଁ ଅହରହ କଠିନ ପରିଶ୍ରମ କରିଚାଲିଛନ୍ତି । ଚାକିରୀ ପାଇବା ପାଇଁ ବା ଚାକିରୀ କରିବାବେଳେ ସେମାନେ ବହୁ ସମୟରେ ମାନସିକ ଚାପର ଶିକାର ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦା ଆନୁକୂଲ୍ୟରେ ନିଡ଼ସ ଏଜୁକେସନରେ ତାଲିମ ନେଉଥିବା ଯୁବକ ଯୁବତୀମାନଙ୍କୁ ନେଇ କର୍ମକ୍ଷେତ୍ରରେ ମାନସିକ ଚାପ ପ୍ରବନ୍ଧନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ପର୍ଯ୍ୟବେକ୍ଷକ ଦେବାଶିଷ ପାଇକରାୟ ମାନସିକ ଚାପରୁ ନିଜକୁ ମୁକ୍ତ କରିବାର ଉପାୟମାନ ଆଲୋଚନା କରିଥିଲେ । ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ଅଫିସର ଡଃ ଜୟସ୍ୱରୂପ ମହାନ୍ତି ସ୍ମୃତିଶକ୍ତି ବଢାଇବା ପାଇଁ ଦିନକୁ ୬ ରୁ ୮ ଘଂଟା ଶୋଇବା ତଥା ନିୟମିତ ଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଶୀଘ୍ର ରାଗ ଲାଗିଲେ ସଙ୍ଗେସଙ୍ଗେ ୧୦୦ ରୁ ୧ ପର୍ଯ୍ୟନ୍ତ ଓଲଟା ଗଣିବା ପାଇଁ ସାମାଜିକ କର୍ମୀ ସଞ୍ଜୟ ଜେନା ପରାମର୍ଶ ଦେଇଥିଲେ । ଦିନର ପ୍ରଥମ ୪ ଘଂଟା ପାଠ ପଢ଼ିବାର ଉପଯୁକ୍ତ ସମୟ ବୋଲି କହିଥିଲେ । ନିଡ଼ସ ଏଜୁକେସନର ନିର୍ଦ୍ଦେଶକ ଦୀପ୍ତି ପ୍ରକାଶ ବସା, ଶିକ୍ଷାର୍ଥୀ ପରାମର୍ଶଦାତା ଅନୁସୟା ଓ ଆରୟାନ ଇଂଟରନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ରାଜୀବ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିପଦସଂକେତ ଉପରେ ବୈତରଣୀ

କେନ୍ଦୁଝର, (ହି.ସ.): ଲଘୁଚାପ ଯୋଗୁଁ କେନ୍ଦୁଝର ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଛି । ଏହି ପ୍ରବଳ ବର୍ଷା ଯୋଗୁଁ ନଦି ନାଳ ସବୁଠି ପାଣି ଭର୍ତ୍ତି ହୋଇଛି । ଏହି ବର୍ଷା ଜଳ ବୈତରଣୀ ନଦୀରେ ପ୍ରବାହିତ ହେବାରୁ ଆନନ୍ଦପୁର ରାଜଘାଟ ଠାରେ ଜଳସ୍ତର ବିପଦ ସଂକେତ ୩୮.୩୬୦ ମିଟର ଉପରେ ପ୍ରବାହ ହେଉଛି । ଆଜି ଦିନ ୧୨ଟା ସୁଦ୍ଧା ୩୮.୮୦୦ ପାର ହୋଇଥିବା ବୈତରଣୀ ଜଳ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡିଛି ।

# ଚାଷୀ ପଞ୍ଜୀକରଣକୁ ସରଳୀକରଣ ପାଇଁ ଦାବିପତ୍ର

ବଲାଙ୍ଗିର, (ହି.ସ.): ଖରିଫ ଋତୁ ଧାନ ସଂଗ୍ରହ ସକାଶେ ଚାଷୀ ପଞ୍ଜିକରଣ ନିୟମରେ ସରଳୀ କରଣ କରାଯିବାକୁ ଗତକାଲି ରାମପୁର ପେକ୍ସ ଅନ୍ତର୍ଗତ ସମସ୍ତ ଗ୍ରାମର ଚାଷୀମାନେ ଉମେଶ ପୁଜାରୀଙ୍କ ନେତୃତ୍ୱରେ ତହସିଲ ଅଫିସ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଗତ ବର୍ଷମାନଙ୍କରେ ଧାନ କ୍ରୟ କେନ୍ଦ୍ରରେ ଚାଷୀ ଧାନ ବିକ୍ରୀ ପାଇଁ ପଞ୍ଜିକରଣ ପ୍ରକ୍ରିୟାରେ ଧାନ ବିକ୍ରି କରିଥାଏ । କିନ୍ତୁ ୨୦୨୫-୨୬ ଓଡିଶା ସରକାରଙ୍କ ଧାନ ସଂଗ୍ରହ ସକାଶେ ଘୋଷଣା ହୋଇଥିବା ଜଟିଳ ନିୟମ ଯୋଗୁଁ ପଞ୍ଜି କରଣ ସକାଶେ ଆବଶ୍ୟକ ତଥ୍ୟାବିଜ ସଂଗ୍ରହ କରିନାମ ପଂଜିକରଣ କରିବା କଷ୍ଟକର ଓ ସମୟ ସାପେକ୍ଷ । ଏଣୁ କଠିନ ପରିଶ୍ରମ କରି କଷ୍ଟ ଉପାର୍ଜିତ ଧାନ ସରକାରୀ ସହାୟକ ମୂଲ୍ୟରେ ବିକ୍ରି କରିବା ଅସମ୍ଭବ ଜଣାପଡୁଛି । ଧାନର ଅଭାବି ବିକ୍ରି ଓ ଦଲାଲ ରାଜକୁ ନିୟନ୍ତ୍ରଣ କରିବା ପାଇଁ ତଥା ଚାଷୀମାନଙ୍କୁ ତାଙ୍କ ଉପାର୍ଜିତ ଧାନର ଉଚିତ ମୁଲ୍ୟ ପ୍ରଦାନ ସକାଶେ ଘୋଷିତ ହୋଇଥିବା ଚାଷୀ ପାଞ୍ଜିକରଣ ନିୟମ ସରଳ କରାଯିବା ପାଇଁ ଦାବୀ କରିଛନ୍ତି । ପ୍ରମୁଖ ଦାବୀ ମଧ୍ୟରେ ରହିଛି- ଚାଷୀମାନଙ୍କ ଧାନ ବିକ୍ରି ପାଇଁ ପଞ୍ଜି କରଣ ପ୍ରକ୍ରିୟାରେ କେବଳ ପଟ୍ଟାଦାର ଅଂଶ ଗ୍ରହଣ କରିବା ନିୟମ ସଂଶୋଧନ ଆବଶ୍ୟକ ପଟ୍ଟାଦାରଙ୍କ ମୃତ୍ୟୁ ହୋଇ ଆର ଓଆର ସଂଶୋଧନ ହଇନଥିବାରୁ ତାଙ୍କ ଉକ୍ତ ଅଧିକାରୀ ସେହି ଜମି ଦଖଲରେ ଥାଇ ଚାଷ କରୁଛନ୍ତି । ଏଥିରେ ଅନ୍ୟଅଂଶୀଦାରମାନଙ୍କ କୌଣସି ଆପତି ଅଭିଯୋଗ ନଥିବା ସ୍ଥଳେ ତାଙ୍କୁ ପଞ୍ଜିକରଣ ପାଇଁ ସୁଯୋଗ ଦେବା । ପଂଜିକରଣ ପାଇଁ ଅନ୍ୟ ଅନ୍ୟ ଉତ୍ତରାଧିକାରୀ ତାଲିକା ଓ ବଂଶାବଳୀ ଅନୁସାରେ ନିଜ ଅଂଶ ପାଇଁ ଆରଆଇଙ୍କ ସାର୍ଟିଫିକେଟ ବଦଳରେ ଆରଆଇଙ୍କଠାରୁ ରେଭେନ୍ୟୁ ପ୍ରଦାନକାରୀ ଓ ପ୍ରକୃତ ଚାଷୀ ଯିଏ ଅନ୍ୟମାନଙ୍କ ସହମତିରେ ଚାଷ କରୁଛନ୍ତି ତାଙ୍କଠାରୁ ଘୋଷଣା ପତ୍ର ରଖି ତାଙ୍କୁ ମୃତ ପଟ୍ଟାଦାରଙ୍କ ଉତରାଧିକାରୀ ଭାବେ ଅନୁ ମତି ପ୍ରଦାନ କରାଯାଉ । ଠାକୁର ଜମି ମାଫଦାର ଅର୍ଥାତ ଠାକୁରଙ୍କ ତରଫରୁ ମାଫତଭାବେ ପଟ୍ଟାରେ ଉଲ୍ଲେଖ ଥିବା ରୟତିଙ୍କ ମୃତ୍ୟୁରେ ପରିବାରର କୌଣସି ସଦସ୍ୟ ଧାନ ବିକ୍ରୀ ପାଇଁ ପଞ୍ଜି କରଣ କରି ପାରିବେ ନାହିଁ । ଉକ୍ତ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ । ଯେଉଁ ସେବାୟତ ଠାକୁରଙ୍କ ସେବା ଓ ଜମି ଦଖଳରେ ଅଛନ୍ତି ତାଙ୍କୁ ପୂର୍ବ ପରି ପଞ୍ଜି କରଣରେ ସାମିଲ କରାଯାଉ । ଦାବୀ ପତ୍ର ପ୍ରଦାନ ବେଳେ ତହସିଲଦାରଙ୍କ ଅନୁପସ୍ଥିତରେ ସରୋଜ ପୁରୋହିତଙ୍କୁ ପ୍ରଦାନ କରାଯାଇଛି । ଦାବୀ ପତ୍ର ପ୍ରଦାନ ବେଳେ ପ୍ରେମାରାଜ ପଧାନ, ସୀତାରାମ ମେହେର, ଉଦ୍ଧବ ପଧାନ, ନେପାଳ ପଧାନ, ସରୋଜ ମେହେର, ଅନନ୍ତରାମ ମାଝୀ, ରାଧାକାନ୍ତ ପଧାନ, କରୁଣାକର ଭୋଇ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ବର୍ଷାକୁ ନେଇ ଚିନ୍ତାରେ ଚାଷୀକୁଳ

କେନ୍ଦୁଝର, (ହି.ସ.) – ହାଟଡିହି ଆରମ୍ଭ ହୋଇଛି ଚାଷ କାମ କିନ୍ତୁ ଜମିରେ ଆଣ୍ଠୁଏ ଆଣ୍ଠୁଏ ପାଣି । ଯାହାକୁ ନେଇ ଚିନ୍ତାରେ ଚାଷୀ କୁଳ । ଏପରି ଅବସ୍ଥା ଦେଖୁବାକୁ ମିଳିଛି ସଡଙ୍ଗ ପଂଚାୟତର ମତାବାଜ ଗାଁର ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରି ଜୀବନ ନିର୍ବାହ କରୁଥିବା ଦେଖୁବାକୁ ମିଳୁଛି । ଯାହାକୁ ନେଇ ଶୁକ୍ରବାର ଦିନ ଗାଁର ଅଧିକାଂଶ ଚାଷୀ ଚାଷକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଇଥିବା କହିଛନ୍ତି । ହେକ୍ଟର ହେକ୍ଟର ଜମିରି ଜଳ ଅତ୍ୟଧିକ ହେବ ବା ଫଳରେ ନା ଲୋକେ ଧାନ ଫସଲ ପାଇଁ ତଳି ପକାଇ ପାରୁଛନ୍ତି ନା କାଦୁଅ କରି ପାରୁଛନ୍ତି, ଯାହାକି ପାଣିକୁ ନେଇ ସମସ୍ୟା ଉପୁଜୁଥିବା ଦେଖୁବାକୁ ମିଳୁଛି । ଏହାକୁ ନେଇ ସେହିଗ୍ରାମର ଚାଷୀ ମାନଙ୍କ ମଧ୍ୟରେ ମାନସ କୁମାର ସା , ଯୁଧିଷ୍ଠିର ବେହେରା, ସୁରେନ୍ଦ୍ର ସେନାପତି, ପ୍ରଫୁଲ୍ଲ ବେହେରା, ରାଜକିଶୋର ବେହେରା, ଅଜୟ ନୟ କୁମାର ବେହେରା, ବିରେନ୍ଦ୍ର କୁମାର ବେହେରା, ଉମାକାନ୍ତ ସେନାପତି, ଭୀମସେନ ସ୍ୱାଇଁ, ବୁଲୁ ବହେରା, ନୃସିଂହ ପାଣିଗ୍ରାହୀ, ପ୍ରମୁଖ ଏଭଳି ଅଭାବନୀୟ ପରିସ୍ଥିତି ଉପରେ ଚିନ୍ତା ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଚାଷୀମାନଙ୍କର ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# ନାଳରେ ବୁଡ଼ି ଯୁବକଙ୍କ ଜୀବନଗଲା

ସମ୍ବଲପୁର, (ହି.ସ.) : ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଜୁନାପାଏଁନ୍ ନାଳରେ ମୁହଁମାଡ଼ି ପଡ଼ିଯାଇ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ନାଁ ଦୂତୀଆ ସିଂ(୪୬) । ମିଳିଥିବା ସୂଚନାନୁଯାୟୀ, ଜମନକିରା ଥାନା ଅନ୍ତର୍ଗତ ବଡ଼ ଖଲିଆ ଗାଁର ବାସିନ୍ଦା ଦୂତୀଆ ଶନିବାର ସକାଳେ ଧାନ ପଲ୍‌ହା ଚେର ଧୋଇ ସଫା କରୁଥିବା ବେଳେ ତାଙ୍କର ମୁଣ୍ଡ ବୁଲାଇ ଦେବାରୁ ଜୁନାପାଏଁନ୍ ନାଳରେ ମୁହଁମାଡ଼ି ହୋଇ ପଡ଼ି ଯାଇଥିଲେ । ଅପର ପାର୍ଶ୍ୱରେ ଧାନ ପଲ୍‌ହା ଧାଡ଼ି ଲଗାଉ ଥିବା ମୃତକଙ୍କ ସ୍ତ୍ରୀ କଳାବତି ଓ ବାପା ଇନ୍ଦ୍ର ସିଂ ପୁଅର ବିଳମ୍ବ ଦେଖି ନାଳ ପର୍ଯ୍ୟନ୍ତ ଯାଇ ଦେଖିବାରୁ ପାଣିରେ ବୁଡ଼ି ମରିଥିବା ଦେଖିଥିଲେ । ଏ ସଂପର୍କ ରେ ପୁଲିସ୍ ସୂଚନା ପାଇ ଘଟଣା ସ୍ଥଳକୁ ପହଂଚି ପାରିପାର୍ଶ୍ୱିକ ତଦନ୍ତ କରି ଶବକୁ ଜବତ୍ ପରେ କୁଚିଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । କୁଚିଣ୍ଡା ରେ ଶବ ବ୍ୟବଚ୍ଛେଦ ହେବା ପରେ ବଡ଼ଖଲିଆ ଗାଁ ଶ୍ମଶାନରେ ଶବ ଦାହ କରାଯାଇଥିଲା । ଘରେ ମୃତକଙ୍କ ପିତା, ବିଧବା ପତ୍ନୀ ସମେତ ଅବିବାହିତ ତିନି ଜଣ ପୁଅ ଝିଅ ରହିଛନ୍ତି । ଜିଲ୍ଲା ପ୍ରଶାସନ ମୃତକଙ୍କ ବିଧବା ପତ୍ନୀ ଓ ବିଭିନ୍ନ ସ୍କୁଲ୍ ରେ ପାଠ ପଢୁଥିବା ନାବାଳକ ତିନି ପୁଅ ଝିଅଙ୍କୁ ତୁରନ୍ତ ଆର୍ଥିକ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ସଂଗ୍ରାମୀ ସ୍ମୃତିବନରେ କାରଗିଲ୍ ବିଜୟ ଦିବସ



ବରଗଡ : ବରଗଡ଼ ସହର ଉପକଣ୍ଠ ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିର ନିକଟ ସଂଗ୍ରାମୀ ସ୍ମୃତିବନରେ ଶନିବାର କାରଗିଲ ବିଜୟ ଦିବସ ଓ ସଂଗ୍ରାମୀ ସ୍ମୃତିବନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାପିତ ସଂଗ୍ରାମୀ ସ୍ମୃତିବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ପୂର୍ବତନ ସଭାପତି ଶଙ୍କର ବଲ୍ଲଭ ମିଶ୍ର କେକ୍ କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସଂଘର ସଭାପତି ସୁରେନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ, ସହ ସମ୍ପାଦକ ପ୍ରବୀଣ ସାହୁ, କୋଷାଧ୍ୟକ୍ଷ ବ୍ୟୋମକେଶ କର, ବରିଷ୍ଠ ସଭ୍ୟ ଅଶୋକ ମିଶ୍ର, ଉମେଶ ବିଶ୍ୱାଳ, ଦିପକ ଶର୍ମା, ରବିନାରାୟଣ ପଣ୍ଡା, ବଦ୍ରିପ୍ରସାଦ ସାହୁ, ଲଲାଟେନ୍ଦୁ ଦାଶ, ପ୍ରଦୀପ ପାଢ଼ୀ, ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଏଚ୍‌ଆଇଭି ଏଡସ୍ ସମ୍ପର୍କିତ ସଚେତନତା ଓ କ୍ୱିଜ୍ ପ୍ରତିଯୋଗିତା

ଫୁଲବାଣୀ, (ହି.ସ.)- ଏଚଆଇଭି ଏଡ଼ସ ସମ୍ପର୍କିତ ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏଚଆଇଭି ଏଡ଼ସ୍ ସମ୍ପର୍କରେ ଚଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ପ୍ରଚେଷ୍ଟା ତଥା ଓଡିଶା ରାଜ୍ୟ ଏଡ଼ସ୍ ନିୟନ୍ତ୍ରଣ ସମିତିର ସହାୟତାରେ ଫୁଲବାଣୀ ସ୍ଥିତ ଏଜେଓ ଉଚ୍ଚ ବିଦ୍ୟାଳୟ ଠାରେ ଏକ ଜିଲ୍ଲା ସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଜିଲ୍ଲା ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢ଼ୀ, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସୁସ୍ଥ, ଶୃଙ୍ଖଳିତ ତଥା ସଂଯମୀ ଜୀବନଯାପନ ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର, ଏଜେଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କୁଇଜ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ିମୁଣ୍ଡାର ଛାତ୍ରୀ ସୁଶ୍ରୀ ବ୍ଲେସି ଦିଗଲ, ପ୍ରଥମ ସ୍ଥାନ ଏବଂ କୋଟଗଡ ସରକାରୀ ଏସ ଏସ ଡ଼ି ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ସାଇକିରଣ ପାତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ଆର୍ଥିକ ପୁରସ୍କାର ରାଶି ଏବଂ ପ୍ରମାଣପତ୍ର ଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀ ମାନଙ୍କୁ ଅଂଶ ଗ୍ରହଣ ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଏଡ଼ସ ସୁପରଭାଇଜର ଦେବାଶିଷ ମିଶ୍ର ସଂଯୋଜନା କରିଥିଲା ବେଳେ ଜିଲ୍ଲା ଏଡ଼ସ ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା ସହାୟତା କରିଥିଲେ ।

# କାରଗିଲ୍ ବିଜୟ ଦିବସ ପାଳିତ

କେନ୍ଦୁଝର, (ହି.ସ.)- ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡ଼ ଠାରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନାଧିକାରୀ ଶୁଭାଶୀଷ ଚକ୍ରବର୍ତୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କାରଗିଲ ସମୟରେ ସୈନ୍ୟମାନଙ୍କର କଠିନ ପରିଶ୍ରମର ଜୟଯାତ୍ରା ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ସେନା ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ପିଲାମାନଙ୍କୁ ଦେଶ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ବିଦ୍ୟାମନ୍ଦିର ପର୍ଯ୍ୟୟର ପ୍ରମୁଖ ଜଗନ୍ନାଥ ମହାନ୍ତ ସ୍ୱାଗତ ଭାଷଣ ତଥା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଶିଶୁଙ୍କୁ କାରଗିଲ ଯୁଦ୍ଧର ଛାୟାଚିତ୍ର ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣ ସମୀକ୍ଷା

ମାଲକାନଗିରି, (ହି.ସ.): ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ମାଲକାନଗିରି ଓ ପୋଟେରୁ ଲ୍ୟାମ୍ପ ପରିଦର୍ଶନ କରି ଖରିଫ ଋତୁ ୨୦୨୫-୨୬ ପାଇଁ ଚାଷୀ ପଞ୍ଜୀକରଣ ସମୀକ୍ଷା କରିଛନ୍ତି । ଓଡ଼ିଶା ସରକାରଙ୍କ ପଞ୍ଜୀକରଣ ଜୁଲାଇ ୧୯ ରୁ ଅଗଷ୍ଟ ୨୦, ୨୦୨୫ ପର୍ଯ୍ୟନ୍ତ ଚାଲିବ । ପଞ୍ଜୀକରଣରେ ଇ କେ ୱାଇ ସି ବାଧ୍ୟତାମୂଳକ ଏବଂ ଚାଷୀମାନେ ଲ୍ୟାମ୍ପ ରେ ନାମ ଲେଖାଇ ପଞ୍ଜିକରଣ କରି ପାରିବେ । ଜମିର ରେକର୍ଡ ( ପଟ୍ଟା) , ଆଧାର କାର୍ଡ ଓ ମୋବାଇଲ ନମ୍ବର ଆବଶ୍ୟକ । ଶ୍ରୀ ମାଡ଼କାମି ଚାଷୀ ଓ ଅଧିକାରୀଙ୍କ ସହ ଆଲୋଚନା କରି ସବସିଡି ର ସୁଗମ ପ୍ରବେଶ ଉପରେ ଜୋର ଦେଇଛନ୍ତି । ମାଲକାନଗିରି ଲ୍ୟାମ୍ପ ରେ ସେ ଡକ୍ୟୁମେଣ୍ଟେସନ ପରଖି ସ୍ୱଚ୍ଛତା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । "ଚାଷୀମାନେ ମାଲକାନଗିରିର ମେରୁଦଣ୍ଡ," ବୋଲି ସେ କହିଛନ୍ତି । ସେ ଚାଷୀଙ୍କୁ ଇ କେ ୱାଇ ସି ପୂରଣ କରି ପଞ୍ଜୀକରଣ ପାଇଁ ଉତ୍ସାହିତ କରିଛନ୍ତି । ଚାଷୀମାନେ ତାଙ୍କ ସକ୍ରିୟତା ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି । ଶ୍ରୀ ମାଡ଼କାମି ସମବାୟ ସମିତି ସହ ମିଳିତ ଭାବେ କାମ କରି ସରକାରୀ ଯୋଜନାର ସୁବିଧା ଚାଷୀଙ୍କୁ ପହଞ୍ଚାଇବେ ବୋଲି ପ୍ରକାଶ କରିଛନ୍ତି । ଏହା ମାଲକାନଗିରିର କୃଷକ ଏବଂ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବ ।

# ଦୁଇ ପୁସ୍ତକ ଉନ୍ମୋଚିତ

ସୁବର୍ଣ୍ଣପୁର, (ହି.ସ.): ବିଏମ୍‌ସି ଅଧିନସ୍ଥ ମଧୁସୂଦନ ପାର୍କ ଯୋଗ ମଣ୍ଡପରେ ବର୍ଷୀୟାନ ଲେଖକ ତଥା ସ୍ତମ୍ଭକାର ଗୋରେଖ୍ ନାଥ ସାହୁଙ୍କ ଲିଖିତ 'ଅର୍ଦ୍ଧ ଶତାବ୍ଦୀର ଅଭିବ୍ୟକ୍ତି - ବର୍ଣ୍ଣାଳୀ' ଓ 'ମାଟିର ଅକୁହା କଥା-ବୈଶାଳୀ' ର ଲୋକାର୍ପିତ ଉତ୍ସବ ବିଶିଷ୍ଟ ସ୍ତମ୍ଭକାର ନିର୍ମଳ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାପିକା ଡଃ ମୀନା ମହାରଣା ପ୍ରାରମ୍ଭିକ ସୂଚନା ଦେବା ସଙ୍ଗେ ସଙ୍ଗେ ପୁସ୍ତକ ଦ୍ୱୟର ସମୀକ୍ଷା କରିଥିଲେ । ଅଧ୍ୟକ୍ଷ ଶ୍ରୀ ସାମଲ ସୁବର୍ଣ୍ଣ ପୁର ମାଟିର ଗର୍ବ ଓ ଗୌରବ ଗୋରେଖ ନାଥଙ୍କ ବୃତ୍ତିଗତ ଜୀବନ, ସମାଜ ସେବା ତଥା ସାହିତ୍ୟ କୃତି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ବରିଷ୍ଠ ଆଇନିଜୀବୀ ଲକ୍ଷ୍ମୀ ନାରାୟଣ ପାଢ଼ୀ ପୁସ୍ତକ ଦୁଇଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନିରଞ୍ଜନ ସେନାପତି, ପଣ୍ଡିତ ପ୍ରବୀର ମହାପାତ୍ର, ତାରିଣୀ ସେନ୍ ନାୟକ, ପଠାଣି ବେହେରା, ନାରାୟଣ କର, ଏସ୍. ପାଢ଼ୀ ପ୍ରମୂଖ ଉପସ୍ଥିତ ଥିଲେ । ପରିଶେଷରେ ଶିଶିର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ଜିଲ୍ଲାର ୭ ମଣ୍ଡଳ ସଭାପତି ନାମ ଘୋଷଣା କଲା ବିଜେପି

କେନ୍ଦୁଝର, (ହି.ସ.)- କେନ୍ଦୁଝର ଜିଲ୍ଲାରେ ୭ଟି ବାକି ରହିଯାଇଥିବା ମଣ୍ଡଳ ସଭାପତି ନାମ ଘୋଷଣା କଲା ବିଜେପି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭଦ୍ରା ସାହି ମଣ୍ଡଳର ସଭାପତି ଭାବେ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ବଡ଼ବିଲ ର ପରିମଳ ଚାଟାର୍ଜୀ, ବାମେବାରୀ ର ସୁପାଇ ଟୋପନୋ, ଭଣ୍ଡା ର ବୀରେନ୍ଦ୍ର କୁମାର ବେହେରା, ଢେଂକିକୋଟ ର ରଞ୍ଜିତ କୁମାର ନାୟକ, ନରଣପୁର ରତିରଞ୍ଜନ ସାହୁ, କେନ୍ଦୁଝର ନଗର ମଣ୍ଡଳ ରୁ ଅସିତ ନନ୍ଦନ ମହାନ୍ତି ଙ୍କୁ ନୂତନ ସଭାପତି ଭାବେ ନାମ ଘୋଷଣା କରାଯାଇଛି । ଏହି ନୂତନ ସଭାପତି ମାନଙ୍କ ନେତୃତ୍ୱ ରେ ଆଗାମି ଦିନରେ ସଂଗଠନ ଏହି ମଣ୍ଡଳ ଗୁଡିକରେ ସଶକ୍ତ ହେବ ବୋଲି କେନ୍ଦୁଝର ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି ।

# ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ ଆଣିଲେ ପରିବାର

ହରିଚନ୍ଦନପୁର, (ହି.ସ.) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମ ପଞ୍ଚାୟତ ଚକ୍ରଧରପୁର ଗ୍ରାମରେ ଉଡଣୀରୁ ଝୁଲନ୍ତା ଅବସ୍ଥାରେ ନବ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ମିଳିଥିବା ଖବର ଅନୁଯାୟୀ ଉକ୍ତ ଗ୍ରାମର ଆୟୁର୍ବେଦ ଚିକିତ୍ସାଳୟର ଡାକ୍ତର ବିଭୁ ପ୍ରସାଦ ନାୟକଙ୍କ ବାସଭବନରୁ ପତ୍ନୀ ରୋଜିନା ନାୟକ(ମାନୀ) (୨୭)ଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ । ସୂଚନା ଅନୁଯାୟୀ ବିବାହ ପରେ ଦୁହିଁଙ୍କ ମଧ୍ୟରେ କୌଣସି କାରଣରୁ ବାରମ୍ବାର ଝଗଡ଼ା ସୃଷ୍ଟି ହୁଏ । ଏନେଇ ଗତ କିଛି ଦିନ ପୂର୍ବରୁ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ତାର ସମାଧାନ ପରେ ଏଠାକୁ ଆସି ଦୁହେଁ ଉକ୍ତ ସରକାରୀ ବାସ ଭବନରେ ରହୁଥିଲେ । ଏଠାରେ ରହିବା ପରେ ମଧ୍ୟ ଅନେକଥର ଦୁହିଁଙ୍କ ମଧ୍ୟରେ ଝଗଡ଼ା ସୃଷ୍ଟି ହୋଇ ହରିଚନ୍ଦନପୁର ଥାନାରେ ସମାଧାନ ହୋଇଥିବା ଜଣାପଡ଼ିଛି । ଗତ ଶୁକ୍ରବାର ସନ୍ଧ୍ୟାରେ ଦୁହିଁଙ୍କ ମଧ୍ୟରେ କୌଣସି କାରଣରୁ ପୁଣିଥରେ ଝଗଡ଼ା ସୃଷ୍ଟି ହୋଇଥିଲା । ଯାହାକୁ ନେଇ ବିଳମ୍ବିତ ରାତିରେ ଡାକ୍ତର ବିଭୁ ନିଜ ପତ୍ନୀଙ୍କୁ ହତ୍ୟା କରି ଘର ଭିତର ଫ୍ୟାନରେ ଝୁଲାଇ ଦେଇ ବାହାର ଗ୍ରିଲରେ ହାତ ଗଳାଇ ତାଲା ପକାଇ ଫେରାର୍ ହୋଇଯାଇଥିବା ପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଯେଉଁ ଅବସ୍ଥାରେ ମାନୀଙ୍କ ମୃତଦେହ ଉଦ୍ଧାର ହୋଇଛି, ତାହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଅନୁମାନ କରାଯାଉଛି, କାରଣ ଡାହାଣ ଗୋଡ଼ ଖଟ ଉପରେ ରହିଥିବା ବେଳେ ବାମ ଗୋଡ଼ ତଳ ଚଟାଣରେ ଲାଗି ରହିଛି । ଗ୍ରାମବାସୀଙ୍କ ଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ମାନୀଙ୍କ ପରିବାର ଲୋକଙ୍କୁ ଖବର ଦେଇ ଉକ୍ତ ମୃତଦେହକୁ ଉଦ୍ଧାର ପରେ ଜବତ କରିଛି । ମୃତ ମହିଳାଙ୍କ ପରିବାର ପକ୍ଷରୁ ହତ୍ୟା ନେଇ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି । ଏନେଇ ଅଧିକ ସୂଚନା ମିଳିନଥିବା ବେଳେ ପୋଲିସ ତଦନ୍ତ ଓ ବ୍ୟବଚ୍ଛେଦ ସଠିକ୍ ତଥ୍ୟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ଜନସାଧାରଣରେ ଆଲୋଚନା ହୋଉଛି । ଏଥିସହ ଘଟଣାର ଅଧିକରୁ ଅଧିକ ତଦନ୍ତ ଜାରି ରଖିଥିବା ସହ ଡ଼ାକ୍ତର ବିଭୁ ପ୍ରସାଦ ନାୟକଙ୍କ ସନ୍ଧାନ ଖୋଜୁଥିବା ନେଇ ପୋଲିସ ସୂତ୍ରରୁ ଜଣାପଡିଛି ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେଉଁ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୮।୭।୨୦୨୫ ■ ସୋମବାର

# ସହଯୋଗର ମାର୍ଗ

ଭାରତ ଓ ବ୍ରିଟେନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମୁକ୍ତବାଣିଜ୍ୟ ବୁଝାମଣା ସାଂପ୍ରତିକ ସମୟରେ ଦୁନିଆସାରା ଜାରି ବହୁସ୍ତରୀୟ ଉତ୍ତେଜନା ଓ ଚାପ ପ୍ରୟୋଗ ରାଜନୀତି ମଧ୍ୟରେ ଏକ ଉଚ୍ଚତର କୂଟନୈତିକ ସଫଳତା ଭାବେ ପରିଗଣିତ ହୋଇପାରେ । ଡୋନାଲ୍ଡ ଟ୍ରମ୍ପ ଏଥର ଆମେରିକାର ରାଷ୍ଟ୍ରପତି ହେବା ପରେ ସୀମାଶୁଳ୍କ କ୍ଷେତ୍ରରେ ଯେପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି କରିଚାଲିଛନ୍ତି ତାହା କାହାକୁ ଅଜଣା ନାହିଁ । ଭାରତ ଏଯାଏ ଆମେରିକା ପକ୍ଷରୁ ସୃଷ୍ଟି କରାଯାଉଥିବା କୌଣସି ପ୍ରକାରର ଚାପ ଆଗରେ ଏଯାଏ ନଇଁବାକୁ ସ୍ୱୀକାର କରିନାହିଁ । ବରଂ ବିକଳ୍ପ ମାର୍ଗ ସୃଷ୍ଟି କରିବା ସହ ଏବଂ ପୁରୁଣାକୁ ମଜବୁତ କରିବା ଦିଗରେ ଠୋସ ପଦକ୍ଷେପ ଗ୍ରହଣ ଦିଗରେ ଆଗେଇଛି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ ଗସ୍ତରେ ଯାଇ ସେଠାକାର ପ୍ରଧାନମନ୍ତ୍ରୀଙ୍କ ସହ ଗତ ଗୁରୁବାର ଦିନ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି କରିଛନ୍ତି, ଯାହାଫଳରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟରେ ପ୍ରାୟ ୩୪ ଅରବ ଡଲାର ବୃଦ୍ଧି ହେବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ଇଉରୋପୀୟ ୟୁନିଅନ ଛାଡ଼ିଲା ପରେ ବ୍ରିଟେନ ପକ୍ଷରେ ଏହା ହେଉଛି କୌଣସି ଦେଶ ସହ ସବୁଠାରୁ ବଡ଼ ଓ ଆର୍ଥିକ ଦୃଷ୍ଟିରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତି ।

ଏହି ଚୁକ୍ତି ଫଳରେ ୯୯ ପ୍ରତିଶତ ଭାରତୀୟ ରପ୍ତାନୀ ଉପରେ ସୀମା ଶୁଳ୍କ ସମାପ୍ତ ହେବା ସହ ବ୍ରିଟିଶ ମଟରକାର, ହ୍ୱିସ୍କି ଓ ଅନେକ ଅନ୍ୟ ବସ୍ତୁମାନଙ୍କ ଉପରେ ଲାଗୁଥିବା ଶୁଳ୍କ ମଧ୍ୟ ହ୍ରାସ ପାଇବ । ଉଲ୍ଲେଖଯୋଗ୍ୟ ଯେ ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ବୁଝାମଣା ବା ଚୁକ୍ତିର ଏ ନିଷ୍କର୍ଷରେ ପହଞ୍ଚିବା ଲାଗି ପ୍ରାୟ ତିନିବର୍ଷ ଲାଗିଲା । ଏବେ ବିଶ୍ୱରେ ଯେପରି ଭାବେ ସୀମାଶୁଳ୍କ ପ୍ରସଙ୍ଗ ନେଇ ବାଣିଜ୍ୟ ଯୁଦ୍ଧ ମୁହାଣରେ ପହଞ୍ଚିଯାଇଛି, ସେତେବେଳେ ଚୁକ୍ତିର ପ୍ରତ୍ୟେକ ବିନ୍ଦୁ ଉପରେ ଆଇନଗତ ଯାଞ୍ଚ ଓ ଅଟୋମୋବାଇଲ୍ ଉଦ୍ୟୋଗ ସନ୍ଦର୍ଭରେ ସୀମା ଶୁଳ୍କ ଛାଡ଼ ସହ ସଂଯୁକ୍ତ ପ୍ରସଙ୍ଗ ଉପରେ ବିଚାରବିବେଚନା କରାଯିବା ଆବଶ୍ୟକ ଥିଲା । ଯଦି ଏହି ଦ୍ୱିପାକ୍ଷିକ ଚୁକ୍ତି ଅନୁସାରେ କାର୍ଯ୍ୟ ହୁଏ, ତେବେ ଭାରତର ବସ୍ତ୍ର, ଜୋତା, ସାମୁଦ୍ରିକ ଖାଦ୍ୟପଦାର୍ଥ, ଇଞ୍ଜିନିୟରିଙ୍ଗ ସାମଗ୍ରୀ, ରତ୍ନ ଓ ଆଭୂଷଣର ରପ୍ତାନୀ ବ୍ରିଟେନ ମାର୍କେଟରେ ଆହୁରି ଭଲ ଭାବେ ପହଞ୍ଚି ପାରିବ । ତାହା ସହିତ ଭାରତର କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଉତ୍ପାଦ ଲାଗି ନୂତନ ମାର୍ଗ ଖୋଲିବା ନିମନ୍ତେ ସୁଯୋଗ ମିଳିବ ଓ ଏହା ଦ୍ୱାରା ଦେଶର ଯୁବବର୍ଗ ଓ କୃଷକଙ୍କ ଲାଗି ନୂତନ ସମ୍ଭାବନା ମଧ୍ୟ ସୃଷ୍ଟି ହେବ ।

ସେହିପରି ବ୍ରିଟେନର ଚିକିତ୍ସା ଉପକରଣ ଓ ଯନ୍ତ୍ରପାତି ଭଳି ଉତ୍ପାଦ ଏବେ ଭାରତରେ ଅପେକ୍ଷାକୃତ କମ୍ ଦରରେ ଉପଲବ୍ଧ ହୋଇପାରିବ । ଭାରତ ଓ ବ୍ରିଟେନ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ଏପରି ଏକ ସମୟରେ ହୋଇଛି, ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସର୍ତ୍ତରେ ଅନେକ ଦେଶମାନଙ୍କର ଆର୍ଥିକ ସ୍ଥିତିକୁ ପ୍ରଭାବିତ ଓ ସଞ୍ଚାଳିତ କରିବାକୁ ଉଦ୍ୟମ କରୁଛନ୍ତି । ଆନ୍ତର୍ଜାତିକ ସ୍ତରରେ ଆମେରିକାର ସୁବିଧା ଅନୁଯାୟୀ ନିର୍ଣ୍ଣୟ ନ ନେଲେ ତାଙ୍କ ଉପରେ ଲଗାମହୀନ ଭାବେ ଶୁଳ୍କ ଲଗାଇବା ଓ ତା'ପରେ ଆହୁରି ଅଧିକ କଠୋର ପଦକ୍ଷେପ ନିଆଯାଉଥିବା ବେଳେ କିପ୍ରକାର ବାଣିଜ୍ୟ ଚୁକ୍ତି ହୋଇପାରିବ ତାହା ବୁଝିବା କଷ୍ଟକର ନୁହେଁ । ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଯେପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଓ ସମାନ ହିତ ସୁନିଶ୍ଚିତ କରିବା ନୀତି ଉପରେ ଆଧାରିତ ନ ହେବ, ସେଯାଏ କିଛି ଠୋସ୍ ନିର୍ଣ୍ଣୟ ହୋଇ ପାରିବ ନାହିଁ । ଭାରତ ଓ ବ୍ରିଟେନ୍ ମଧ୍ୟରେ ହୋଇଥିବା ଚୁକ୍ତି ହେଉଛି ତା'ର ଏକ ଉଦାହରଣ । ଦୁଇ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିକୁ କିପରି ଉତ୍ତମ ସ୍ୱରୂପ ଦିଆଯାଇପାରେ ତାହା ଏଥିରୁ ଜଣାପଡୁଛି ।

ଏମିତି ବି ବିକଶିତ ଦେଶମାନେ ସବୁବେଳେ ନିଜ ଫାଇଦା ଲାଗି ସର୍ତ୍ତ ଆଧାରିତ ସମ୍ବନ୍ଧକୁ କୂଟନୀତିର ଫର୍ମୁଲା ବୋଲି କହିଆସିଛନ୍ତି । ତେଣୁ ଭାରତ ସର୍ବଦା ନିଜ ହିତ ପ୍ରତି ସଜାଗ ଓ ସତର୍କ ରହିବା ଆବଶ୍ୟକ । ❐❐

# ଧର୍ମ ଅନୁଚିନ୍ତା

ଆମ୍ଭେମାନେ ଶାନ୍ତି କିପରି ଲାଭ କରି ପାରିବା ? ଶାନ୍ତି କେବଳ ଶାନ୍ତି ମାଧ୍ୟମରେ ହିଁ ମିଳି ପାରିବ । ପାଦରୁ କଣ୍ଟାଟିଏ କାଢିବା ପାଇଁ ଆଉ ଗୋଟିଏ କଣ୍ଟା ବ୍ୟବହାର କରିବାକୁ ପଡିଥାଏ । ହୀରାକୁ କାଟିବା ପାଇଁ ହୀରା କେବଳ ଆବଶ୍ୟକ ହୋଇଥାଏ । କେବଳ ଶାନ୍ତି ମାଧ୍ୟମରେ ହିଁ ଶାନ୍ତି ଲାଭ କରିହେବ । ଏ ପୃଥିବୀରେ ଅନେକ ଲୋକ ଅଛନ୍ତି ଯେଉଁ ମାନଙ୍କର ସମସ୍ତ ପ୍ରକାର ର ସୁଖ ସୁବିଧା ଅଛି । ତଥାପି ସେମାନଙ୍କର ଶାନ୍ତି ନାହିଁ ଏବଂ ପ୍ରତି ମୂହୁର୍ତ୍ତରେ କିଛି ନା କିଛି ଭୟ ରହିଛି । ସବୁ ପ୍ରକାର ସୁଖ ଓ ସୁବିଧା ସତ୍ତ୍ୱେ ମନୁଷ୍ୟ ଆଜି ଶାନ୍ତି ଅନୁଭବ କରିବାକୁ ଅସମର୍ଥ, କାରଣ ସେ ଅସତ୍ ଚିନ୍ତାରେ ପୁରି ରହିଛି । ସାପଟିଏ ଘର ଭିତରକୁ ପଶିଲେ ଜଣେ ଭୟ ଉଦ୍‌ବେଗରେ ବ୍ୟସ୍ତ ହୋଇପିଡବ । ଏ ପରିସ୍ଥିତିରେ ରାଗ ଓ ଦ୍ୱେଷର ବିଷାକ୍ତ ସର୍ପମାନେ ମନୁଷ୍ୟ ଭିତରେ ପ୍ରବେଶ କରିଥିବା ବେଳେ ମନୁଷ୍ୟ କିପରି ଶାନ୍ତିଲାଭ କରିପାରିବ । ତେଣୁ ମନୁଷ୍ୟ ପ୍ରଥମେ ଏକଥା ଦେଖିବା ଉଚିତ, ଯେପରି ଅସଦଗୁଣ, ଅସଚିନ୍ତ ତା ହୃଦୟଭିତରେ ପ୍ରବେଶ ନ କରେ । ତା ହୃଦୟରେ ଅନ୍ତରତମ ପ୍ରଦେଶରେ ଶାନ୍ତିର ସ୍ଥାୟୀ ନିଝର ରହିଛି । ଭୂତଳରେ ଜଳ ସର୍ବତ୍ର ପ୍ରବାହିତ ହେଉଅଛି । ଭୂପୃଷ୍ଠକୁ ଖୋଳିଲେ ଜଳକୁ ଆବୃତ କରି ରଖିଥିବା ମୃତ୍ତିକାକୁ ବାହାର କରିବାକୁ ହେବ । ରାଗ ଓ ଦ୍ୱେଷର ମୃତ୍ତିକା ଆମ ଭିତରୁ ବାହାର କରିଦେଲେ ଜଳ ରୂପକ ଶାନ୍ତି ଲାଭ କରିପାରିବ । ଭଗବାନ ସତ୍ୟସାଇ ବାବା ଅନେକ ସମୟରେ କହିଥାନ୍ତି - ଖଳ ଚିନ୍ତାତୁମ ମନଭିତରେ ପ୍ରବେଶ କରିବା ବେଳେ ତୁମେ ନିଜକୁ ବାରମ୍ବାରସ୍ମରଣ କରାଇବା ଉଚିତ୍ ମୁଁ ପଶୁ ନୁହେଁ ମନୁଷ୍ୟ । ତେବେ ତୁମର ଖରାପ ଚିନ୍ତା ଦୂରେଇଯିବ ଏବଂ ମହତ ଚିନ୍ତା ବିକଶିତ ହେବ । ତୁମର କ୍ରୋଧ ଆସିଲାବେଳେ ନିଜକୁ ସ୍ମରଣ କରାଇଦିଅ "ମୁଁ କୁକୁର ନୁହେଁ ମୁଁ ମନୁଷ୍ୟ"। କ୍ରୋଧ ହେଉଛି କୁକୁର ଗୁଣ ମଣିଷର ଗୁଣ ନୁହେଁ । ତୁମେ କୁକୁର ନୁହେଁ ବୋଲି ବାରମ୍ବାର ନିଜକୁ ସ୍ମରଣ କରାଇଲେ କୁକୁର ଗୁଣ ତୁମଠାରୁ ଅପସରି ଯିବ । ମନର ଚଞ୍ଚଳ ସ୍ୱଭାବ ଯୋଗୁଁ ସମୟେ ସମୟେ ତୁମଠାରୁ ଅବାଞ୍ଛନୀୟ ଚିନ୍ତା ଉଦ୍ରେକ ହୋଇଥାଏ । ସେ ସମୟରେ ନିଜକୁ ବାରମ୍ବାର ସ୍ମରଣ କରାଇଦିଅ "ମୁଁ ମାଙ୍କଡ ନୁହେଁ, ମୁଁ ମଣିଷ"। ତୁମେ ଏପରି କରିବା ବେଳେ ମାଙ୍କଡର ଗୁଣ, କ୍ରୋଧ, ଚଞ୍ଚଳତା ପ୍ରଭୃତି ତୁମଠାରୁଦୁରେଇ ଯିବ । ଫଳରେ ତୁମ ଭିତରେ ଶାନ୍ତି, କରୁଣା ପ୍ରେମ ସହିଷ୍ଣୁତା ଆଦି ମାନବୀୟ ମୂଲ୍ୟବୋଧର ଗୁଣ ବିକାଶିତ ହେଲେ ତୁମେ ଶାନ୍ତି ଓ ଆନନ୍ଦ ପାଇପାରିବେ । ଶାନ୍ତି ହେଉଛି ପ୍ରତ୍ୟେକ ମନୁଷ୍ୟର ଆନ୍ତରିକ ସମ୍ପଦ । ଶାନ୍ତି ଆମ ଭିତରେ ଅଛି । ଆମ ଘର ଭିତରେ ଜଳନ୍ତା ଦ୍ୱୀପଟିଏ ଥିଲେ ଆମେ କାହିଁକି ଅନ୍ୟ ଘରକୁ ଦ୍ୱୀପ ଲଗାଇବାକୁ ଯିବା । ଯାହାର ଯଥେଷ୍ଟ ସନ୍ତୋଷ ଅଛି ସେହିଁ ଶାନ୍ତି ଲାଭ କରିପାରିବ । କେବଳ ଭଗବାନଙ୍କନାମ ଆମକୁ ବନ୍ଧନରୁ ରକ୍ଷାକରିବ ଏବଂ ସବୁବେଳେ ଆମ ସାଥିରେ ରହିବେ ।

**ଗୋପୀନାଥ ଦାଶ,** କେନ୍ଦ୍ରାପଡ଼ା

# ଜାତିଭିତ୍ତିକ ଜନଗଣନା:ଆଶା ଓ ସଂଶୟ

**ଅଧ୍ୟାପକ ଗୋପବନ୍ଧୁ**

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଅନେକଙ୍କ ମତ । ଏହା ଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ସଠିକ ତଥ୍ୟ ମିଳିପାରିବ । ଏହା କେବଳ ପରିସଂଖ୍ୟାନକୁ ସୂଚୀତ କରିବ ତାହା ନୂହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚୀତ କରିବ । ଫଳରେ ବିକାଶର ଦୌଡରେ କେଉଁ ଜାତି କେତେ ଆଗେଇଛି ଓ କେଉଁ ଜାତି ପଛରେ ପଡିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ । ଏପରି କ୍ଷେତ୍ରରେ ତୁଳାନାତ୍ମକଭାବେ ପଛରେ ପଡ଼ିଥିବା ଜାତିଗୁଡିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇ ପାରିବେ । ସେହିପରି ବର୍ଗ କ୍ଷେତ୍ରରେ ମଧ୍ୟ ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହୋଇପାରିବ ।

ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି । ଅନୁସୂଚୀତ ଜାତି(ଏସସି), ଅନୁସୂଚୀତ ଜନଜାତି(ଏସଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ । ଓଡିଶାରେ ସାମାଜିକ ଓ ଆର୍ଥିକଭାବେ ପଛୁଆ ବର୍ଗ(ଏସଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ । ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଓ ସେମାନେ ଚାକିରୀ ଓ ପ୍ରାଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ । କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧିତ୍ୱ ପାଇଁ ପଦକ୍ଷେପ ନିଆଯାଇ ପାରିବ ।

ପୂର୍ବରୁ ଅନୁସୂଚୀତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି । ଅର୍ଥାତ ତାଙ୍କ ସାମଗ୍ରୀକ ସଂଖ୍ୟା କେତେ ପ୍ରତି ଜନଗଣନାରେ ତାହାର ହିସାବ ମିଳୁଛି । କିନ୍ତୁ ସାମଗ୍ରିକଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରସାଶନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରୀ ଅଟନ୍ତି ତାହାର ପରିସଂଖ୍ୟାନ ନାହିଁ । ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ । ସବୁଠାରୁ ବଡକଥା ହେଉଛି ଏସଟି ଓ ଏସସି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିଗତ ଅବସ୍ଥା କଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖିଯକୁ ଆସିବ । ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିମାନଙ୍କ ମଧ୍ୟରେ ବିକାଶର ତାରତମ୍ୟ ରହିଛି । କିଛି ଜାତି ତୁଳାନାତ୍ମକଭାବେ ବହୁ ଆଗକୁ ଆଗେଇ ଯାଇଥିବା ବେଳେ, ଆଉ କେତେକ ଜାତି ପୂର୍ବବତ୍ ତଳେ ପଡ଼ିଛନ୍ତି । ତେଣୁ ତଳେ ପଡିଥିବା ଜାତିମାନଂକର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ । ସାମାଜିକ ସମତା ପ୍ରତିଷ୍ଠା ଦିଗରେ ଏହା ଉପାଦେୟ ହେବ ।

ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି । କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ । ଜାତିଭିତ୍ତିକ ଜନଗଣନା ହେଲେ ଏହା ମଧ୍ୟ ଉପଲବ୍ଧ ହେବ । ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ । ସ୍ୱାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁଁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କଣ, ଚାକିରୀ ଓ ପ୍ରଶାସନରେ ଭାଗୀଦାରୀ କେତେ, ତାହାର ତଥ୍ୟ ଉପଲବ୍ଧ ନୂହେଁ । ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶ୍ ରାଜ ସମୟରେ ୧୯୩୧ ମସିହାରେ । ଏହାପରେ ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଥିଲା, କିନ୍ତୁ ଏହାକୁ ତୃଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ । ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇ ଥିଲେ । କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେଶରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାଁନ୍ତି । ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି । ତେଣୁ ଜାତିଭିତ୍ତିକ ଜନଗଣନା ଅପରିହାର୍ଯ୍ୟ ହୋଇପଡଛି । ଏହା ବାଦେ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗୀଦାରୀ କେତେ ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ନାହିଁ । ଜାତିଭିତ୍ତିକ ଜନଗଣନାରେ ଏହା ମଧ୍ୟ ସ୍ପଷ୍ଟ ହେବ ।

ଯେଉଁମାନେ ସାମାଜିକ ନ୍ୟାୟର ସମର୍ଥକ, ଯେଉଁମାନେ ସମତାଭିତ୍ତିକ ସମାଜ କଥା କହନ୍ତି, ଯେଉଁମାନେ ସମାଜକୁ ବିକାଶର ମାର୍ଗରେ ଆଗେଇ ନେବାକୁ ଚାହାଁନ୍ତି, ସେମାନେ ସର୍ବଦା ଜାତିଭିତ୍ତିକ ଜନଗଣନାର ସପକ୍ଷରେ ମତବ୍ୟକ୍ତ କରିଆସିଛନ୍ତି । ଏମାନଙ୍କ ମତରେ ଏକ ବିଷମ ସମାଜ କେବେବି କ୍ଷୀପ୍ର ବେଗରେ ଆଗେଇ ପାରିବ ନାହିଁ । ସାମାଜିକ ସମାନତା ନଥିଲେ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରୀୟା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସମାନତା, ସ୍ୱତନ୍ତ୍ରତା, ଭାତୃତ୍ୱଭାବ ଓ ନ୍ୟାୟ ହେଉଛି ଗଣତନ୍ତ୍ରର ଆଭୂଷଣ । ଜାତିବାଦ ହେଉଛି ଏ ସମସ୍ତର ପରିପନ୍ଥୀ । ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ସମସ୍ତ ବର୍ଗର ସମାନ ଭାଗୀଦାରୀକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଜାତି ଜାତି ମଧ୍ୟରେ ବିକାଶ ଦୃଷ୍ଟିରୁ ସମତୁଲ୍ୟତା ସ୍ଥାପନ କାରିବାକୁ ହେବ ।

ଯେଉଁଦିନ ସମସ୍ତ ଜାତି ବିକଶିତ ହୋଇ ପରସ୍ପରର ସମକକ୍ଷ ହୋଇଯିବେ ସେହିଦିନ ଜାତି ତାହାର ପ୍ରାସଙ୍ଗିକତା ହରାଇବ । ତେଣୁ ଏହି ଗୋଷ୍ଠୀଟି ଜାତିଭିତ୍ତିକ ଜନଗଣନା ସିଦ୍ଧାନ୍ତକୁ ସ୍ୱାଗତ କରିଛନ୍ତି ଓ ଆଶା ରଖିଛନ୍ତି ଜନଗଣନା ପରେ ପ୍ରତ୍ୟେକ ବର୍ଗ ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ, ବିଶେଷ କରି ଓବିସିମାନେ । ଏହା ସହିତ ପଛରେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇ ପାରିବ । ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିକୋଣରୁ ଏହା ଏକ ସକାରାତ୍ମକ ପଦକ୍ଷେପ ।

ଯେଉଁମାନେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଛନ୍ତି ତାଙ୍କ ସଂଶୟ ଯେ ଏହା ଦେଶରେ ଜାତିବାଦକୁ ବଢାଇବ ଓ ଜାତିବାଦୀ ରାଜନୀତିକୁ ପ୍ରସାରିତ କରିବ । ନିଜ ସଂଖ୍ୟା କେତେ ଜାଣିଗଲା ପରେ ଅଧିକ ସଂଖ୍ୟା ବିଶିଷ୍ଟ ଜାତି ଗୋଟିଏ ଅଞ୍ଚଳର ରାଜନୀତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିବ । ବେଳେବେଳେ ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ, ଓବିସି, ଏସଟି ଓ ଏସସିମାନେ ସଂଗଠିତ ହୋଇ ରାଜନୀତି ଆରମ୍ଭ କରିବେ । ସଂଖ୍ୟାବହୁଳ ଗୋଷ୍ଠୀ ସଂଖ୍ୟାନ୍ୟୁନଙ୍କ ଉପରେ ଅତ୍ୟାଚାର କରିବାର ସମ୍ଭାବନା ମଧ୍ୟ ରହିଛି । ଅଗ୍ରସର ଓ ଅନଗ୍ରସର ଜାତି ସମୂହ ମଧ୍ୟରେ ସଂଘର୍ଷର ବାତାବରଣ ତିଆରି ହେବ । ଜାତି ନାମରେ ଦକ୍ଷତାକୁ ଅଣଦେଖା କରାଯିବ । ଜାତି ଆଧାରିତ ସାମାଜିକ ପରମ୍ପରାକୁ ଏହା ଧ୍ୱଂସ କରିଦେବ । ଏପରି ଜନଗଣନା ଅନଗ୍ରସର ଜାତି ସମୂହକୁ ସଂଗଠିତ କରିଦେବ । ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥାକୁ ଭାଙ୍ଗିଦେବ ।

ବାସ୍ତବରେ ଏପରି ସଂଶୟ ଅମୂଳକ । ଭାରତ ଭାଇଚାରାର ଦେଶ । ସମସ୍ତେ ସମସ୍ତଙ୍କୁ ସମ୍ମାନ ଜଣାଇଲେ ଓ ସମସ୍ତେ ସମସ୍ତଙ୍କ ସମାନ ଅଧିକାରକୁ ସ୍ୱୀକାର କଲେ କୌଣସି ବିଭ୍ରାଟ ସୃଷ୍ଟି ହେବ ନାହିଁ । ଯେଉଁମାନେ ସମାଜର ପଛ ଧାଡ଼ିରେ ରହିଛନ୍ତି ତାଙ୍କୁ ଆଗକୁ ଆଣିବା ହେଉଛି ଜାତିଭିତ୍ତିକ ଜନଗଣନାର ଅସଲ ଉଦ୍ଦେଶ୍ୟ । ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଭାଗିଦାରୀ କରାଇ ରାଷ୍ଟ୍ରର ବିକାଶ ପ୍ରକ୍ରିୟାରେ ସାମିଲ କରିବା । ଏପରି ମହତ୍ ପଦକ୍ଷେପକୁ ରାଜନୀତିର ଉର୍ଦ୍ଧ୍ୱରେ ରଖାଯାଉ ଓ ସରକାରଙ୍କ ନିଷ୍ପତ୍ତିକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଉ ।

ବାରିପଦା, ମୟୂରଭଞ୍ଜ
ମୋ. ୭୦୦୮୯୭୬୧୮୦

# ଶିବାଭିଷେକ ଓ ବୋଲବମ୍ ଯାତ୍ରା

**ହୃଷୀକେଶ ପୁହାଣ**

ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ । ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ । ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି । ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ । ବର୍ତ୍ତମାନ ଶ୍ରାବଣ ମାସ ଆରମ୍ଭ ହୋଇଯାଇଛି । ଏହି ମାସ ହେଉଛି ଭଗବାନ ଶିବଙ୍କ ମାସ । କୁହାଯାଏ ଯେ ଏହି ମାସରେ ପୂଜା କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୁଏ ଓ ଆଶୀର୍ବାଦ ମଧ୍ୟ ମିଳେ । କାରଣ ହିନ୍ଦୁ ଧର୍ମ ଅନୁସାରେ ଶ୍ରାବଣ ମାସରେ କରାଯାଉଥିବା ଶିବଙ୍କ ପୂଜା ଅର୍ଚ୍ଚନା ଦ୍ୱାରା ଶୀଘ୍ର ହିଁ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଲୋକମାନଙ୍କ କହିବାନୁଯାୟୀ ଏହି ମାସରେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ଭୂଲୋକରେ ଭ୍ରମଣ କରିବାକୁ ଆସନ୍ତି ଓ ଭକ୍ତଙ୍କ ସବୁ ଦୁଃଖ କଷ୍ଟ ଦୂର କରନ୍ତି । ଯଦି ଘରର କିଛି ସଦସ୍ୟ ଅସାଧ ରୋଗରେ ପଡ଼ନ୍ତି, ତେବେ ପରିବାରର କୌଣସି ସଦସ୍ୟଙ୍କ ଦ୍ୱାରା ଶିବଙ୍କ ପୂଜା ଅର୍ଚ୍ଚନା କରାଯାଇଥାଏ । ଶ୍ରାବଣର କୌଣସି ସୋମବାରରେ ପାଣି ଓ କ୍ଷୀରରେ ତିଳକ ପକାଇ ଶିବଲିଙ୍ଗାଭିଷେକ କରିବା ସହିତ ଆପଣ ୧୧ ହଜାର, ୨୨ ହଜାର ବା ୧.୨୫ ଲକ୍ଷ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ଉଚିତ । ଏହାଦ୍ୱାରା ଆପଣଙ୍କ ଲାଭପ୍ରଦ ହୋଇଥାଏ ବୋଲି କୁହାଯାଏ । ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ପୂର୍ବରୁ ପଣ୍ଡିତଙ୍କ ସହିତ ପରାମର୍ଶ କରି ମନ୍ତ୍ର ପାଠ କରିବା ଉଚିତ କାରଣ ମନ୍ତ୍ର ପାଠ କରିବା ସମୟରେ କୌଣସି ବି ନିୟମ ପାଳନ ଅନିବାର୍ଯ୍ୟ ଅଟେ ।

ଶ୍ରାବଣ ମାସକୁ ମାସୋତ୍ତମ କୁହାଯାଏ । ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ । ଏଥିସହ ଜଡ଼ିତ ସମସ୍ତ ଦିନର ଭିନ୍ନ ଭିନ୍ନ ଧାର୍ମିକ ରଙ୍ଗ ଏବଂ ବିଶ୍ୱାସ ଥାଏ । ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରର ଗଭୀର ସଂପର୍କ ରହିଛି । ଏହି ମାସରେ ଆଶା ପୂର୍ଣ୍ଣ ହୁଏ । ଗ୍ରୀଷ୍ମ ପରେ ଶ୍ରାବଣ ମାସରେ ପୃଥିବୀ ତୃପ୍ତ ହୁଏ ଏବଂ ସବୁ ପ୍ରାଣୀଙ୍କର ଇଚ୍ଛାପୂର୍ଣ୍ଣ କରେ । ଏହି ଦୃଷ୍ଟିରୁ ଶ୍ରାବଣ ମାସ ଇଚ୍ଛା ପୂର୍ତ୍ତିର ମାସ । ଏହି ମାସରେ ବ୍ରତ ରଖିଲେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଏ । ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକ ଦ୍ୱାରା ଅଶ୍ୱମେଧ ଯଜ୍ଞ ସମାନ ଫଳ ଲାଭ କରନ୍ତି । ଏହି ମାସରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କଲେ ଶୁଭ ଫଳ ବୃଦ୍ଧି ହୁଏ । ସହସ୍ର ସହସ୍ର ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି ।

'ଶିବ' ଶବ୍ଦର ଅର୍ଥ ମଙ୍ଗଳ । 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ । ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ ଠାରୁ । ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ । ଶିବଙ୍କର ଆଉ ଏକ ନାମ ଶମ୍ଭୁ । ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା । ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ । ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି । ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି । ସେ ଭୂତନାଥ, ଭୂତେଶ ଓ ଭୂତଭାବନ । ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ । ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ । ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି । ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ ।

ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ । ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ । ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ । ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ । ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ । ଧର୍ମ-ଅର୍ଥ-କାମ-ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଚ୍ଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ । ଏହି ଯାତ୍ରା କରିବା ଦ୍ୱାରା ଭକ୍ତଙ୍କୁ ମାନସିକ ପ୍ରସନ୍ନତା, ମନରୋଗ, ଆର୍ଥିକ ସମସ୍ୟା ଦୂର ହୋଇଥାଏ । ଦିନକୁ ଦିନ କାଉଡିଆଙ୍କ ସଂଖ୍ୟା ବଢ଼ି ଚାଲିଛି । ଏବେ ତ ଉଭୟ ପୁରୁଷ ଓ ନାରୀ କାଉଡିଆମାନେ ଏଥିରେ ସଂପୃକ୍ତ । ଏହି ଯାତ୍ରା ସଫଳ କରିବାପାଇଁ ବିଭିନ୍ନ ସଂସ୍ଥା ମଧ୍ୟ କିଛି ମହତ କାର୍ଯ୍ୟ କରିଥାନ୍ତି । ଯେପରି କାଉଡିଆ ପାଇଁ ପୋଷାକ, ବିଶ୍ରାମସ୍ଥଳ, ଖାଦ୍ୟ ଓ ସେବା ଶୁଶ୍ରୁଷା ଇତ୍ୟାଦି କରିଥାନ୍ତି । ଏହା ପଛରେ ଲୋକଙ୍କ ମନରେ ଶ୍ରଦ୍ଧା, କର୍ମ ଧର୍ମ ଭାବ ଜାଗ୍ରତ ହୋଇଥାଏ । ନିଃସ୍ୱାର୍ଥ ଭାବରେ ଯେଉଁ ସେବାକରନ୍ତି ତାହା ଭଗବାନଙ୍କ ସେବା ବୋଲି ଲୋକମାନେ ମନେ କରିଥାନ୍ତି । କାଉଡିଆମାନେ ଜଳପାତ୍ରକୁ ପ୍ରଣାମ କରିବା ଉଚିତ ।

ବାଲିକୁଦା, ଜଗତସିଂହପୁର
ମୋ:୭୦୦୮୪୩୮୯୫୯

## ସଂପାଦକଙ୍କୁ ପତ୍ର

### କାଉଡ଼ିଆମାନଙ୍କ ପାଇଁ ମାର୍ଗଦର୍ଶିକା

ମହାଶୟ,

ଶ୍ରାବଣ ମାସର ପ୍ରତି ସୋମବାର କାଉଡ଼ିଆ ମାନଙ୍କ ଦ୍ୱାରା ବିଭିନ୍ନ ଶିବ ମନ୍ଦିର ମାନଙ୍କରେ ଜଳଲାଗି ଆରମ୍ଭ ହୋଇଛି । ଏଥିପାଇଁ ଉଭୟ ମନ୍ଦିର ଏବଂ ରାଜ୍ୟ ପ୍ରଶାସନ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ତେବେ କାଉଡ଼ିଆ ମାନଙ୍କର ଜୀବନ ତଥା ଆଇନ କାନୁନ ସୁରକ୍ଷା ପାଇଁ କେତେକ ପ୍ରସଙ୍ଗ ମନକୁ ଆସିଥାଏ; ପ୍ରଥମତଃ, ନଦୀରେ ବୁଡ଼ି ପାଣି ତୋଳିଲା ବେଳେ ପ୍ରଖର ସ୍ରୋତରେ କିମ୍ବା ଚୋରା ବାଲିରେ ମୃତ୍ୟୁ ଘଟିବାର ସମ୍ଭାବନା ରହିଛି । ଦ୍ୱିତୀୟତଃ, କାଉଡ଼ିଆ ମାନେ ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ଖାଇ ଚାଲିଥିବାର ନଜିର ଥିବାରୁ ଏହା ଦୁର୍ଘଟଣା ଘଟାଇବା ସହିତ ଆଇନ ଶୃଙ୍ଖଳା ରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି । ତୃତୀୟତଃ, ପୁରୁଷ ମାନଙ୍କ ସହିତ ମହିଳା ମାନେ ମଧ୍ୟ ଉକ୍ତ ଯାତ୍ରା ରେ ସାମିଲ ହେଉଥିବାରୁ ସେମାନଙ୍କର ସୁରକ୍ଷା ଏକ ପ୍ରମୁଖ ପ୍ରସଙ୍ଗ । ଚତୁର୍ଥତଃ, ରାସ୍ତାରେ କାଉଡ଼ିଆମାନେ ଧାଡ଼ି ଧାଡ଼ି ହୋଇ ଚାଲୁଥିବାରୁ ଭିଡ଼ ଜମି ଥାଏ । ପୂର୍ବରୁ ମଧ୍ୟ ଏଥିପାଇଁ ଅନେକ ଦୁର୍ଘଟଣା ଘଟିଥିବା ର ନଜିର ଅଛି ।

ପଞ୍ଚମତଃ, କାଉଡ଼ିଆ ଗୋଷ୍ଠୀ ଡିଜେ ବଜାଇ ଯେତେବେଳେ ପ୍ରସେଶନ କରି ବାହାରନ୍ତି ସେତେବେଳେ ଧ୍ୱନି ଏବଂ ଶବ୍ଦ ପ୍ରଦୂଷଣ ହେବାର ଆଶଙ୍କା ଥାଏ । ଏହାବାଦ, ବିଭିନ୍ନ ସମୟରେ ସେମାନେ ବିଦ୍ୟୁତ୍ ତାର ସଂସ୍ପର୍ଶ ରେ ଆସିବା ଦ୍ୱାରା ପ୍ରାଣ ହାନୀ ଘଟି ଥାଏ ।

ଏହିଭଳି ଅନେକ ପ୍ରସଙ୍ଗକୁ ଲକ୍ଷ୍ୟରେ ରଖି ସରକାର ମାର୍ଗଦର୍ଶିକା ଜାରି କରିବା ସହିତ ସମୟୋଚିତ ପଦକ୍ଷେପ ନେବା ଆବଶ୍ୟକ ।

**ଡ଼ ସୀତାକାନ୍ତ ତ୍ରିପାଠୀ**
ଅର୍ଣ୍ଣପାଳ, ଭଦ୍ରକ

# କିଣା ପୋଷାକ

**ସତ୍ୟନାରାୟଣ ଦେହୁରୀ**

ମଣିଷର ମୌଳିକ ଆବଶ୍ୟକତା ମଧ୍ୟରୁ ପୋଷାକ ଅନ୍ୟତମ । ଏହା ମଣିଷକୁ ଖରା ବର୍ଷା ଶୀତରୁ ରକ୍ଷା କରିବା ସହିତ ଲଜ୍ୟା ନିବାରଣରେ ସହାୟକ ହେଉଥିଲା । ପୋଷାକ ନପିନ୍ଧିଲେ ମଣିଷ ପଶୁ ସହିତ ସମାନ ହୁଏ । ଅଦୀମ ମାନବ ପୋଷାକ ବ୍ୟବହାର କରୁନଥିଲା । ପ୍ରଥମେ ଲଙ୍ଗଳା ହୋଇ ପଶୁ ମାନଙ୍କ ପରି ବଣରେ ରହୁଥିଲା । ଖରା ,ବର୍ଷା ଓ ଶୀତ ରୁ ରକ୍ଷା ପାଇଁ ପତ୍ରକୁଡିଆ ଉପରେ ନିର୍ଭର କରୁଥିଲା । ତା ପରେ କାଳକ୍ରମେ ଗଛର ବକଳାକୁ ଶରୀରେ ଆବୃତ କଲା । ଏହା ହେଲା ତାର ପୋଷାକ । ଧିରେ ଧିରେ ସଭ୍ୟତାର ବିକାଶ ଫଳରେ ପୋଷାକର ପରବର୍ତନ ହେଲା । କାଳକ୍ରମେ ଯେତେବେଳ ସ୍ଥାୟୀ ବସତି ସ୍ଥାପନ କଲା ,ସୂତା ବସ୍ତ୍ର ବ୍ୟବହାର କଲା । ହାତ ବୁଣା ଲୁଗା ହେଲା ତାର ପୋଷାକ । ଇଂରେଜ ମାନେ ଯେତେବେଳେ ଆମ ଦେଶକୁ ବାଣିଜ୍ୟ ପାଇଁ ଆସିଲେ ସେମାନେ ବିଭିନ୍ନ ପ୍ରକାର ବିଦେଶୀ ବସ୍ତ୍ରର ବ୍ୟବହାର ଶିଖାଇଲେ । ନାଇଲନ ,ଟେଲେରିନ ,ଟେରିକଟ ଇତ୍ୟାଦି ପୋଷାକର ବ୍ୟବହାର ହେଲା । ମହାତ୍ମା ଗାନ୍ଧୀ କିନ୍ତୁ ବିଦେଶୀ ବସ୍ତ୍ର ବ୍ୟବହାର ନକରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଉଥିଲେ । ନିଜେ ସୂତା କାଟି ଲୁଗା ବୁଣି ବ୍ୟବହାର କରିବା ପାଇଁ ପ୍ରବର୍ତାଉ ଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସମଗ୍ର ଦେଶରେ ଦିଦେଶୀ ବସ୍ତ୍ରରେ ନିଆଁ ଲାଗିଥିଲା । ନିଜେ ତିଆରି କରି ପୋଷାକ ପିନ୍ଧା ଅଭ୍ୟାସ ଧିରେ ଧିରେ ବଦଳି ଗଲା

ପ୍ରଥମେ ପ୍ରଥମେ କନା କିଣି ଦରଜୀ ପାଖରେ ପୋଷାକ ସିଲାଇ କରିବାକୁ ଦିଆଯାଉଥିଲା । ଦରଜୀ ଶରୀରର ମାପ ନେଇ ସେ ଅନୁସାରେ ପୋଷାକ ସିଲାଇ କରିଥାଏ । ବିଭିନ୍ନ ସମୟରେ ବିଭିନ୍ନ ଡିଜାଇନର ପୋଷାକ ପ୍ରଚଳିତ ହୁଏ । ଯେଉଁ ସମୟରେ ଯେପରି ପୋଷାକ ଚାଲିଥାଏ ସେ ଅନୁସାରେ ଦରଜୀ ମାନେ ପୋଷାକ ସିଲାଇ କରିଥାଆନ୍ତି । ଯୁବ ବର୍ଗ ସେ ଅନୁସାରେ ପସନ୍ଦ କରନ୍ତି । ସତୁରୀ ଦଶକରେ ଯୁବ ବର୍ଗଙ୍କ ପାଇଁ ଚାଲିଥିଲା ବେଲବଟମ ପ୍ୟାଂଟ ଓ ଟାଇଟ ସାର୍ଟ । ଝିଅ ମାନଙ୍କ ପାଇଁ ସାଲୁଆର ପଂଜାବୀ । ଛୋଟ ଝିଅ ମାନଙ୍କ ପାଇଁ ଫ୍ରକ ଓ ସ୍କଟ ପ୍ରଚଳିତ ଥିଲା । ସେ ଅନୁସାରେ ଦରଜୀ ମାନେ ସିଲାଇ କରନ୍ତି । ଛୋଟ ପିଲା ମାନେ ହାପ୍ ପ୍ୟାଂଟ ଓ ସାର୍ଟ ଚାଲୁଥିଲା । ନବେ ଦଶକ ବେଳକୁ ଆରମ୍ଭ ହେଲା ନେରୋ ପ୍ୟାଂଟ ସାଙ୍ଗକୁ ସାର୍ଟ । ତାପରେ ଆସିଲା ପାରାଲାଲ ପ୍ୟାଂଟ ଓ ସାର୍ଟ । ତାପରେ ବାହାରିଲା ଜିନସ୍ର ବିଭିନ୍ନ ଡିଜାଇନ ଓ ଟି ସାର୍ଟ ବହୁଳ ଭାବରେ ଚାଲିଲା । ଏବେ ମଧ୍ୟ ଜିନସର ବ୍ୟବହାର ହେଉଛି । ଆଂଠୁ ନିକଟରେ ଚିରି ଯାଇଥିବା ଜିନସର ବହୁତ ଆଦର । ଯୁବବର୍ଗ ଚିରା ଜିନସକୁ ବେଶୀ ବ୍ୟବହାର କରୁଛନ୍ତି । କେବଳ ପୁଅ ନୁହେଁ, ଝିଅ ମାନେ ମଧ୍ୟ ଏହାକୁ ବହୁତ ଆଦର କରନ୍ତି । ଆମ ଦେଶରେ ବିଭିନ୍ନ ରକମର ପୋଷାକ ପ୍ରଚଳିତ ଅଛି । ବୟସ ଓ ଶିକ୍ଷା ଦିକ୍ଷା ଅନୁସାରେ ପୋଷାକ ମଧ୍ୟ ବ୍ୟବହାର ହୁଏ । ସାଧାରଣତଃ ଯେଉଁ ମାନେ ଚାଷ କାମ କରନ୍ତି କିମ୍ବା ମୁଲିଆ କାମ କରନ୍ତି ,ସେମାନେ ଧୋତି ଗାମୁଛା ବ୍ୟବହାର କରନ୍ତି । ଯେଉଁମାନେ ପୂଜା ପାଠ କରନ୍ତି ସେମାନେ ମଧ୍ୟ ଧୋତି ଓ ଗାମୁଛା ବ୍ୟବହାର କରନ୍ତି । ଶିକ୍ଷିତ ବ୍ୟକ୍ତି ଯେଉଁ ମାନେ ବିଭିନ୍ନ ଅଫିସରେ କର୍ମଚାରୀ ଅଛନ୍ତି ସେମାନେ ପ୍ୟାଂଟ ସାର୍ଟ ପିନ୍ଧନ୍ତି । ଛାତ୍ର ଛାତ୍ରୀ ମାନେ ମଧ୍ୟ ପ୍ୟାଂଟ ସାର୍ଟ ପିନ୍ଧନ୍ତି । ଯୁବକ ମାନଙ୍କ ପୋଷାକ ତୁଳନାରେ ବୁଢା ବୁଢି ମାନଙ୍କର ପୋହାକ ଅଲଗା ହୋଇଥାଏ । ସେହିପରି ସ୍ତ୍ରୀ ଲୋକମାନେ ଆଗରୁ କେବଳ ଶାଢୀ ପିନ୍ଧୁଥିଲେ । ଏବେ କିନ୍ତୁ ପୋଷାକର ପରିପାଟୀ ବଦଳି ଯାଇଛି । ବର୍ତ୍ତମାନ ସବୁ ବର୍ଗର ଲୋକ ମାନଙ୍କର ପୋଷାକ ଆଉ ଆଗଭଳି ସିଲାଇ କରାଯାଉ ନାହିଁ । ଖୁବ୍ କମ ଲୋକ ସିଲାଇ ପୋଷାକ ପିନ୍ଧୁଛନ୍ତି । ଅଧିକାଂଶ ଲୋକ କିଣା ପୋଷାକ ବ୍ୟବହାର କରୁଛନ୍ତି । ବିଭିନ୍ନ ଡିଜାଇନର କିଣା ପୋଷାକ ଦୋକାନ ମାନଙ୍କରେ ମିଳିଲାଣି । ସିଲାଇ କଲେ ସେମିତି ଡିଜାଇନର ପୋଷାକ ମିଳିବ ନାହିଁ । ସିଲାଇ ପୋଷାକ ପାଇଁ ସମୟ ଦରକାର ହୋଇଥାଏ । ପର୍ବ ପର୍ବାଣୀ ଆସିଲେ ଅତିକମରେ ୧୫ ଦିନ ଆଗରୁ ଦରଜୀ ପାଖରେ କନା ପହଂଚିବା ଆବଶ୍ୟକ ହୋଇଥାଏ । ବେଳେ ବେଳେ ଆଗରୁ ଦେଲେ ମଧ୍ୟ ଠିକ ସମୟରେ ମିଳିପାରେ ନାହିଁ । ଦରଜୀ ମାନଙ୍କର ବହୁତ ଡିମାଂଡ ଥିଲା । ଏବେ କିନ୍ତୁ ସମୟ ବଦଳି ଯାଇଛି । କିନ୍ତୁ କିଣା ପୋଷାକ ପାଇଁ କିଛିବି ସମୟ ଆବଶ୍ୟକ ନାହିଁ । ଯେତେବେଳେ ଚାହିଁଲେ ଟଂକା ଦେଇ କିଣିପାରିବା । ଆଜିକାଲି ବଜାରରେ ବହୁତ ରେଡିମେଡ ପୋଷାକ ଦୋକାନ ଅଛି । ବିଭିନ୍ନ ପର୍ବ ପର୍ବାଣୀ ଆସିଲେ ପର୍ବର ପୂର୍ବଦିନ ପୋଷାକ ଦୋକାନ ମାନଙ୍କରେ ଭିଡ ଦେଖାଯାଏ । ସାଧାରଣତଃ ପୋଷାକ କିଣିବା ପାଇଁ ଗଲେ ସାଙ୍ଗରେ ସାଙ୍ଗ ସାଥୀ ନେଇ ଲୋକ ମାନେ ଯାଇଥାଆନ୍ତି । କାରଣ କଥାରେ ଅଛି ଆପେ ରୁଚି ଭୋଜନ, ପର ରୁଚି ବସନ । ଏକଥାକୁ ବିଶ୍ୱାସ କରି ସାଙ୍ଗ ସାଥୀଙ୍କର ପସନ୍ଦ ଅନୁସାରେ ପୋଷାକ କିଣା ଯାଏ । ନୂଆ ପୋଷାକ ପୁଣି ଦିନ ଅନୁସାରେ ପିନ୍ଧା ଯାଏ । ଶନିବାର ଓ ମଙ୍ଗଳବାର ଦିନ ନୂଆ ପୋଷାକ ଅନୁକୁଳ କରନ୍ତି ନାହିଁ । ଏହିଦିନ ମାନଙ୍କରେ ପୋଷାକ ପିନ୍ଧିଲେ କୁଆଡେ ପୋଷାକ ଶିଘ୍ର ନଷ୍ଟ ହୋଇଯାଏ । ଅନେକ ଲୋକ ଏକଥାକୁ ଗ୍ରହଣ କରନ୍ତି ନାହିଁ । ଯେକୌଣସି ଦିନ ନଆ ପୌଷାକ ପିନ୍ଧିଥାଆନ୍ତି ।

ବର୍ତ୍ତମାନ ରେଡିମେଡ ଯୁଗରେ ବିଭିନ୍ନ ଡିଜାଇନର ପୋଷାକ ପିନ୍ଧିବା ପାଇଁ ପୁଅ ଓ ଝିଅ ମାନଙ୍କ ଭିତରେ ସତେ ଯେମିତି ପ୍ରତିଯୋଗିତା ଚାଲିଛି । ଝିଅ ମାନଙ୍କ ପାଇଁ ଯେତିକି ଭେରାଇଟି ଅଛି ସେଗୁଡିକର ନାଆଁ ମନେରଖିବା ସହଜ ନୁହେଁ । ପୁଅ ଝିଅ ସମସ୍ତେ ଜିନସ ପ୍ୟାଂଟ ଓ ଟି ସାର୍ଟ କୁ ବେଶୀ ଆଦର କରୁଛନ୍ତି । ବୟସ ଅନୁସାରେ ପୋଷାକ ମିଳୁଥିଲେ ମଧ୍ୟ ଅନେକ ବୟସ୍କ ବ୍ୟକ୍ତି ମଧ୍ୟ ଜିନସ ପ୍ୟାଂଟ ଓ ଟି ସାର୍ଟ ବ୍ୟବହାର କରୁଛନ୍ତି । ଛୋଟ ପିଲାମାନଙ୍କର ବହୁତ ଭେରାଇଟିର ପୋଷାକ ମିଳୁଛି । ରେଡିମେଡ ଦୋକାନ ମାନଙ୍କରେ ଆଜିକାଲି ପୋଷାକ ମାନଙ୍କର ଡିଜାଇନ ସୋକେସ ମାନଙ୍କରେ ଗ୍ରାହକ ମାନଙ୍କୁ ପ୍ରଦର୍ଶୀତ କରାଯାଉଛି । ଦୋକାନ ବାହାରେ ମଧ୍ୟବିଭିନ୍ନ ଡିଜାଇନର ପୋଷାକ ଟଙ୍ଗାଇ ଦିଆଯାଉଛି । ସେହି ଡିଜାଇନ ଗୁଡିକ ଦେଖି ଗ୍ରାହକ ମାନେ ଆକର୍ଷିତ ହୋଇ କିଣିବା ପାଇଁ ଆସନ୍ତି । ଦେକାନରେ କେବଳ ପିଲାଙ୍କର ବୟଷ କହିଦେଲେ ଦୋକାନୀ ବିଭିନ୍ନ ଡିଜାଇନର ପୋଷାକ ଦେଖାଇ ଦିଏ । ସେମିତି ପୁଅ ପିଲା ମାନେ ନିଜର ଅଂଟା ସାଇଜ କହିଦେଲେ ,ଦୋକାନୀ ବିଭିନ୍ନ ଡିଜାଇନର ପୋଷାକ ଦେଖାଇଥାଏ । ସେହିଭଳି ସାର୍ଟର ସାଇଜ ଅନୁସାରେ ମଧ୍ୟ ଏଲ ,ଏକସେଲ ,କିମ୍ବା ଡବଲଏକସେଲ ସାଇଜର ସାର୍ଟ ମିଳିଥାଏ । ଆଗରୁ ହଳେ ପ୍ୟାଂଟ ସାର୍ଟ ସିଲାଇ କଲେ ,ବର୍ଷେ କିମ୍ବା ଦୁଇ ବର୍ଷ ପର୍ଯ୍ୟନ୍ତ ଯାଉଥିଲା । ହଳେ ଚିରିଲେ ,ଆଉ ହଳେ ତିଆରି ହେଉଥିଲା । ଏବେ କିନ୍ତୁ ବର୍ଷକୁ କେତେହଳ କିଣା ଯାଉଛି ,ତାର ଠିକଣା ନାହିଁ । ସବୁ ପର୍ବ ପର୍ବାଣୀରେ ନୂଆ ପୋଷାକ କିଣା ହେବ । ସ୍କୁଲ ପିଲାମାନେ ଗଣେଶ ପୂଜା ,ସରଶ୍ୱତୀ ପୂଜା ,ଦଶହରା ,ଇତ୍ୟାଦିରେ ପୋଷାକ କିଣିବା ଅଳି କରନ୍ତି ।

ଏବେ ସବୁ ବର୍ଗର ବ୍ୟକ୍ତ ନିକର ପିନ୍ଧୁଛନ୍ତି । ହାପ୍ ନିକର କିମ୍ବା ଫୁଲ ନିକର ପିନ୍ଧି ସବୁ କାମ କରାଯାଇ ପାରୁଛି । ଶ୍ରମିକ ମାନେ ମଧ୍ୟ ଆଉ ଆଗ ଭଳି ଲୁଙ୍ଗି କିମ୍ବା ଧୋତି ପିନ୍ଧୁ ନାହାଁନ୍ତି । ସେମାନେ ମଧ୍ୟ ନିକର ବ୍ୟବହାର କରୁଛନ୍ତି । ଏହି ନିକର ଗୁଡିକ ଏଭଳି ଭାବରେ ତିଆରି ହୋଇଛିଯେ , ଦେହକୁ କମଫର୍ଟ ଲାଗୁଛି । ସବୁ କାମ କରିହେଉଛି । କୃଷକ ମାନେ ମଧ୍ୟ ନିକର ବ୍ୟବହାର କରିବାକୁ ପସନ୍ଦ କଲେଣି । ବର୍ତ୍ତମାନ ଲୁଙ୍ଗି ବଦଳରେ ନିକରର ବ୍ୟବହାର ବଢି ଯାଇଛି ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୮୩୫୩







# ରାଜଧାନୀରେ ବାଟବଣା ମହିଳା ସୁରକ୍ଷା ଯୋଜନା

ଭୁବନେଶ୍ୱର: ରାଜଧାନୀରେ କୌଣସି ସ୍ଥାନରେ କେହି ମହିଳାଙ୍କୁ କମେଂଟ୍ ବା ଅଶ୍ଳୀଳ ଇଂଗିତ କଲେ କି ଗାଳି କଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ପରିସ୍ଥିତିରେ ବି ମହିଳାଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ୨୦୨୪ ଏପ୍ରିଲ୍‌ରେ ମହିଳା ସୁରକ୍ଷା ପାଇଁ ହାଇ ଏଫିସିଏନ୍‌ସି ରେସ୍‌ପନ୍ସ ବା 'ହର୍ ଟିମ୍ ଗଠନ କରାଯାଇଥିଲା। ମାତ୍ର ଉଦ୍‌ବେଗର ବିଷୟ ଏବେ ସେହି ଟିମ୍ କୋମାରେ। ଏବେ ରାଜଧାନୀର ରାସ୍ତାଘାଟରେ ମହିଳାଙ୍କ ସୁରକ୍ଷା ବିପଜ୍ଜନକ ସ୍ଥିତିରେ ପହଂଚିଥିଲେ ହେଁ ହର ଟିମ୍ କୁ ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ଏହି ଟିମ୍ ଏକପ୍ରକାର ନିଷ୍କ୍ରିୟ ହୋଇଯାଇଛି। ଆଗ ଭଳି ଆଉ ହର ଟିମ୍ ର ଧରପଗଡ଼ ନାହିଁ। ଆରମ୍ଭରୁ ରାଜଧାନୀରେ ରୋଡ୍ ରୋମିଓଙ୍କୁ ସାବାଡ଼ କରି ହଇଚଇ ସୃଷ୍ଟି କରିଥିବା 'ହର ଟିମ୍' ଏବେ ଯେମିତି ଗାଏବ ହୋଇଯାଇଛି।





ଶିକ୍ଷାନୁଷ୍ଠାନରୁ ଫେରିବା ସମୟରେ ଅସାମାଜିକତତ୍ତ୍ୱମାନେ ରାସ୍ତାରେ ସେମାନଙ୍କୁ କମେଣ୍ଟ କରିବା, ଅଶ୍ଲୀଳ ଇଂଗିତ କରିବା ଭଳି ଘଟଣା ରାଜଧାନୀରେ ଏକ ସାଧାରଣ ଘଟଣା ଥିଲା। ସେମିତି ମନ୍ଦିର ବା ପୂଜାପର୍ବ ସମୟରେ ଗହଳିର ସୁଯୋଗ ନେଇ ଦୁର୍ବୃତ୍ତମାନେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ମଧ୍ୟ ସାଧାରଣ ଘଟଣା ଥିଲା। ତେଣୁ ମହିଳାଙ୍କ ସୁରକ୍ଷା ନେଇ ବାରମ୍ବାର ଏଭଳି ଅଭିଯୋଗ ଆସିବା ପରେ ତତ୍‌କାଳୀନ କମିସନର ସଂଜୀବ ପଣ୍ଡା ଏହି ଯୋଜନା ଆରମ୍ଭ କରିଥିଲେ। ଟିମ୍‌ରେ ଜଣେ ଏସିପି ରାଙ୍କର ଅଧିକାରୀ ଥିବା ବେଳେ ଜଣେ ଆଇଆଇସି, ୨ଜଣ ଏସ୍ ?ଆଇଙ୍କୁ ମିଶାଇ ମୋଟ୍ ୧୪ଜଣିଆ ମହିଳା ପୁଲିସ ଟିମ୍ ଗଠନ କରାଯାଇଥିଲା। ବିଶେଷକରି ବଜାର, ଗହଳି ଅଂଚଳ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ଧର୍ମାନୁଷ୍ଠାନ ଆଦି ଅଂଚଳ ଉପରେ ନଜର ରଖିବାକୁ ଏହି ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏବେ ଲାଗୁଛି, ଯେମିତି କମିସନର ବଦଳିବା ପରେ ଯୋଜନା ବଦଳିଯାଇଛି।

## ହାଇସିକ୍ୟୁରିଟି ଜୋନ୍‌ରେ ବି ମହିଳା ଅସୁରକ୍ଷିତ

ରାତି ପାଖାପାଖି ସାଢ଼େ ୮ଟା ବେଳେ ଜଣେ ଲୁଟେରା ଏଜି ଛକ ନିକଟରେ ଜଣେ ଯୁବତୀଙ୍କୁ ଟଣାଓଟରା କରି ମୋବାଇଲ୍ ଛଡ଼ାଉଥିଲେ। ରାଜଧାନୀର ଏଜି ଛକ, ଯାହାକି ହାଇସିକ୍ୟୁରିଟି ଜୋନ୍ ଭାବେ ଜଣାଶୁଣା। କୌଣସି ଉପାନ୍ତ କି ଅପହଂଚ ଅଂଚଳ ନ ଥିଲା। ରାଜଧାନୀର ଏହି ହାଇସିକ୍ୟୁରିଟି ଜୋନ୍, ଯେଉଁଠି ଲୋକସେବାଭବନକୁ ପାହୁଣ୍ଡେ ବାଟ, ପୁଣି ଯେଉଁଠି ମୁଖ୍ୟମନ୍ତ୍ରୀଙ୍କ ଆବାସଠାରୁ ଆରମ୍ଭ କରି ଅନେକ ମନ୍ତ୍ରୀଙ୍କ ଘର ରହିଛି, ସେଇଠି ଘଟିଲା ଅଘଟଣ। କଡ଼ା ସୁରକ୍ଷା କଥା କୁହାଯାଉଥିବା ଭିଭିଆଇପି ଅଂଚଳରେ ଜଣେ ଯୁବତୀଙ୍କୁ ଲୁଟେରା ଟଣାଓଟରା କଲା ଏବଂ ମୋବାଇଲ୍ ଛଡ଼ାଇ ଫେରାର ହୋଇଯାଉଥିଲା। ସୌଭାଗ୍ୟକୁ ଲୋକେ ଲୁଟେରାକୁ କାବୁ କଲେ। ହେଲେ ଏଠି କୌଣସି ମହିଳା ପୁଲିସ କି ହର୍ ଟିମ୍ ସଦସ୍ୟଙ୍କୁ ଦେଖିବାକୁ ମିଳି ନଥିଲା। ଯଦି ଏଭଳି ସମ୍ବେଦନଶୀଳ ଜାଗାରେ ହର ଟିମ୍ ନିଷ୍କ୍ରିୟ, ତେବେ ଟିମ୍ କରୁଛି କଣ, କେଉଁ କାମରେ ଲାଗୁଛି, ଟିମ୍ ଅଛି କି ଭାଙ୍ଗିଦିଆଯାଇଛି, ଏମିତି ମାଳମାଳ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହିଳା ଓ ଯୁବତୀମାନେ କର୍ମକ୍ଷେତ୍ରରୁ ବା

# ଟର୍ଚ୍ଚ ଲାଇଟ୍‌ରେ ରୋଗୀଦେଖା: ଡ୍ରେସିଂ, ଇଞ୍ଜେକ୍‌ସନ, ସାଲାଇନ୍ ବି ଚାଲିଲା




ସୋର: ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଛା ଛାଡୁନି ବିବାଦ। ପୂର୍ବରୁ ଏଠାରେ ଜଣେ ସୁରକ୍ଷାକର୍ମୀ ରୋଗୀ ସେବା କରୁଥିବା ଦେଖିବାକୁ ମିଳିଥିଲା। ଆଉ ଏବେ ଟର୍ଚ୍ଚ ଆଲୁଅରେ ରୋଗୀସେବା କରାଯିବା ଭଳି ସାଂଘାତିକ ଚିତ୍ର ସାମନାକୁ ଆସିଛି। ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସୋର, ବାହାନଗା ବ୍ଲକ୍ ସହ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଂଚଳର ଅନେକ ଲୋକ ନିର୍ଭର କରନ୍ତି। ପ୍ରତିଦିନ ଶତାଧିକ ରୋଗୀ ଡାକ୍ତରଖାନାକୁ ଆସନ୍ତି। ଗତକାଲି ରାତି ସାଢ଼େ ୮ଟାରେ ବିଦ୍ୟୁତ୍ କାଟ୍ ହୋଇଥିଲା। ଡିଜି ଥିଲେ ବି ଡାକ୍ତରଖାନା ୩ ଘଂଟାରୁ ଅଧିକ ସମୟ ଅନ୍ଧାରରେ ରହିଥିଲା। ଫଳରେ ଡାକ୍ତରମାନେ ଟର୍ଚ୍ଚ ଲାଇଟ୍ ଜାଳି ରୋଗୀଙ୍କ ଚିକିତ୍ସା କରିଥିଲେ।

## କାର୍ଯ୍ୟାନୁଷ୍ଠାନ ଦାବି କଲେ ବୁଦ୍ଧିଜୀବୀ

ଖାଲି ସେତିକି ନୁହେଁ, ରୋଗୀଙ୍କ ଡ୍ରେସିଂ, ଇଞ୍ଜେକ୍‌ସନ ଓ ସାଲାଇନ୍ ବି ଟର୍ଚ୍ଚ ଆଲୁଅରେ ଦିଆଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗରେ ଏଭଳି ଖାମଖିଆଲ କାମକୁ ବୁଦ୍ଧିଜୀବୀ ମହଲ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସଂପର୍କରେ ଡାକ୍ତରଖାନା ପରିଚାଳକ ଡା.ଶାଶ୍ୱତ କୁମାର ସାହୁ କହିଛନ୍ତି, ଘଟଣା ବାବଦରେ ମୁଁ କିଛି ଜାଣିନି। ଡାକ୍ତରଖାନାରେ ଡିଜି ଅଛି। ହେଲେ କେଉଁ କାରଣ ପାଇଁ ସୁରକ୍ଷାକର୍ମୀ ଡିଜି ଚଲାଇ ନାହାନ୍ତି, ତାହାର ତଦନ୍ତ ହେବ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉଲ୍ଲେଖଥାଉକି; କିଛିମାସ ତଳେ ଏଠାରେ ଜଣେ ସୁରକ୍ଷା କର୍ମୀ ରୋଗୀଙ୍କ ଚିକିତ୍ସା କରୁଥିବାର ଭିଡିଓ ଭାଇରାଲ୍ ହୋଇଥିଲା। ଯାହାକୁ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିନ୍ଦା ମୁଣ୍ଡାଇବାକୁ ପଡ଼ିଥିଲା।

# ଦୁଃଖ ଦେଉଛି ଭଙ୍ଗା ବାଉଁଶ ପୋଲ, ନଦୀ ପାର ପାଇଁ ଦୁଇ ବ୍ଲକର ସଂଘର୍ଷ







କେନ୍ଦ୍ରାପଡା: ଭଙ୍ଗାପୋଲର ଏପାଖରେ ଜୀବନ, ସେପାଖରେ ଜୀବିକା। ମଝିରେ ନଦୀ ନୁହେଁ ତ ଯେମିତି ଯୁଦ୍ଧ କ୍ଷେତ୍ର । ଏଠି ପ୍ରତିଦିନ ଶହ ଶହ ଗ୍ରାମବାସୀଙ୍କର ଚାଲେ ଜୀବନ ଯୁଦ୍ଧ । ନଦୀ ଆରପଟକୁ ଗଲେ ଜୀବନ ଧାରା ଆଗକୁ ଗଡିବ । ହେଲେ ମଝିରେ ଯମଦୂତ ପରି ଛକି ବସିଛି ଏ ନଈ, ଆଉ ନଈ ଭିତରେ ମଣିଷଖିଆ କୁମ୍ଭୀର । ଏ ହେଉଛି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ପଂଚାୟତ ଓ ସୁନୀତି ପଂଚାୟତବାସୀଙ୍କ ଜୀବନ ସଂଘର୍ଷର କାହାଣୀ । କେନ୍ଦ୍ରାପଡା ଜିଲ୍ଲାର ବଡ ସମସ୍ୟା ହେଉଛି ସେତୁ ବିପତି । କେଉଁଠି ବର୍ଷ ବର୍ଷ ଧରି ବାଉଁଶ ପୋଲରେ ଝୁଲି ରହିଛି ଜୀବନ ତ ଆଉ କେଉଁଠାରେ ଅଧାଗଢା ବ୍ରିଜ ପାଖରେ ଚାଲିଛି ସଂଘର୍ଷ । ପ୍ରତିଦିନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ଏହି ଅଧାଗଢା ବ୍ରିଜ, ବାଉଁଶ ପୋଲ ଦେଇ ବିପଦସଂକୁଳ ଯାତ୍ରା କଲାବେଳେ ଭାବୁଛନ୍ତି, ସତରେ କଣ ଆମ ଭାଗ୍ୟ ଆଉ ବଦଳିବନି ? ଏ ସଂଘର୍ଷର ଶେଷ ହେବନି ?

## ସମ୍ପର୍କ ଯୋଡିଥିଲା ବାଉଁଶ ପୋଲ

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ପଂଚାୟତର ତରପଦା ଗାଁ । ଗାଁକୁ ଲାଗି ରହିଛି ଗୋବରୀ ନଦୀ । ତା ଉପରେ ଏକ ଅସ୍ଥାୟୀ ବାଉଁଶ ପୋଲ ତିଆରି କରି କୋଡିଏ ବର୍ଷରୁ ଅଧିକ ସମୟ ଧରି ଯାତାୟାତ କରୁଥିଲେ ଗାଁ ଲୋକେ । ଏହି ବାଉଁଶ ପୋଲ କଂସାର ବଡ଼ଦାଣ୍ଡୁଆ ଓ ସୁନୀତି ପଂଚାୟତର ସୁଗଲ, ଦତପୁର, ଖଡ଼ିଅଂଟାକୁ ସଂଯୋଗ କରିଥାଏ । ଉକ୍ତ ବାଉଁଶ ପୋଲ ଉପରେ ଦେଇ କଂସାର ବଡ଼ଦାଣ୍ଡୁଆ ପଂଚାୟତର ଲୋକମାନେ ଜଗତଯୋର,ସୁନୀତି ଆଦି ସ୍ଥାନକୁ ବିଭିନ୍ନ କାମରେ ଯାଇଥାନ୍ତି । ସେହିପରି ନଦୀର ଆରପଟ ଥିବା ସୁନୀତି ପଂଚାୟତର ସୁଗଲ, ଦତପୁର ଓ ଖରିଅଂଟା ଆଦି ଗ୍ରାମର ଶତାଧିକ ଛାତ୍ରଛାତ୍ରୀ ଏହି ପୋଲ ଉପରେ ସବୁଠୁ ଅଧିକ ନିର୍ଭର କରିଥାନ୍ତି । ପ୍ରତିଦିନ ଏହି ସବୁ ଅଂଚଳର ଛାତ୍ରଛାତ୍ରୀମାନେ ଅସ୍ଥାୟୀ ବାଉଁଶ ପୋଲ ଦେଇ ତରପଦାସ୍ଥିତ ହାଇସ୍କୁଲକୁ ପାଠ ପଢିବାକୁ ଆସିଥାନ୍ତି । ବିପଦପୂର୍ଣ୍ଣ ହେଲେ ମଧ୍ୟ ଏକମାତ୍ର ଭରସା ଏଇ ବାଉଁଶ ପୋଲଟି ମାସେ ହେବ ଭାଙ୍ଗି ଯାଇଛି । ଫଳରେ ନଦୀ ଅପରପାର୍ଶ୍ୱ ଗ୍ରାମର ଛାତ୍ରଛାତ୍ରୀମାନେ ଦୀର୍ଘ ୫ କିମି ଦୂରରେ ଥିବା 'ମିଳନମୋଡ଼' ସେତୁ ଦେଇ ବୁଲି ଆସିବାକୁ ବାଧ ହେଉଛନ୍ତି ।

## ଭଙ୍ଗା ପୋଲ ଉପରେ ଛାତ୍ରଛାତ୍ରୀ..ତଳେ କୁମ୍ଭୀର

ସମସ୍ୟା ସେତିକିରେ ଅଟକି ଯାଇନି । ଭଙ୍ଗା ବାଉଁଶ ପୋଲଟିକୁ ସଜାଡି ତା ଉପରେ ଯାତାୟାତ କରୁଛନ୍ତି । ବିଶେଷ କରି ତରପଦା ହାଇସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀମାନେ ଏହି ବାଉଁଶ ପୋଲଟି ଦେଇ ଯାତାୟାତ କରିଥାନ୍ତି । ଗୋବରୀ ନଦୀରେ କୁମ୍ଭୀର ଥିବା ଜାଣିଲେ ମଧ୍ୟ ଜୀବନକୁ ବାଜି ଲଗାଇ ଛାତ୍ରଛାତ୍ରୀମାନେ ଏହି ଭଙ୍ଗା ପୋଲ ଦେଇ ଯିବା ଆସିବା କରିଥାନ୍ତି । ତେଣୁ ଏହି ଅସ୍ଥାୟୀ ବାଉଁଶ ପୋଲଟିକୁ ପ୍ରଶାସନ ଶୀଘ୍ର ମରାମତି କରନ୍ତୁ ବୋଲି ଛାତ୍ରଛାତ୍ରୀ ଦାବି କରିଛନ୍ତି । ସ୍ଥାନୀୟ ସମାଜସେବୀ ଉଦୟ କୁମାର ଦାସଙ୍କ କହିବା ଅନୁଯାୟୀ, ଖାଲି ସୁନୀତି ପଂଚାୟତ ନୁହେଁ,ଏ ରଫ ବା ବାଉଁଶ ପୋଲ ଦୀର୍ଘ ୨୦ବର୍ଷ ତଳେ ତରପଦା ଗ୍ରାମର ଗ୍ରାମବାସୀମାନଙ୍କ ସହଯୋଗରେ ତିଆରି ହୋଇଥିଲା । ଖାଲି ସୁନୀତି ପଂଚାୟତ ନୁହେଁ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତର ଜନସାଧାରଣ ମଧ୍ୟ ଏହା ଉପରେ ନିର୍ଭର କରନ୍ତି । କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ କଂସାର ତରପଦା ଓ ତରପଦା ମେଡିକାଲ ଉପରେ ଦୁଇଟି ପଂଚାୟତର ସମସ୍ତ ଜନ ସାଧାରଣ ନିର୍ଭର କରନ୍ତି । ସୁନୀତି ପଂଚାୟତର ପିଲାମାନେ ସ୍କୁଲ ହେଲା ଦିନଠୁ ଏଠାରେ ପାଠ ପଢି ଆସୁଛନ୍ତି । ଏହା ବ୍ୟତୀତ ଏଠାରେ ଜଗତଯୋର ହାଟ ଅଛି, ବାବରରେ ଷ୍ଟେଟ ବ୍ୟାଙ୍କଟିଏ ଅଛି । ପଂଚାୟତର ସମସ୍ତ ଲୋକ ଜଗତଜୋର ହାଟକୁ ଯିବା, ବାବରସ୍ଥିତ ବ୍ୟାଙ୍କକୁ ଯିବା ପାଇଁ ଏ ରଫ ଉପରେ ନିର୍ଭର କରିଥାନ୍ତି । ହେଲେ ଏହି ଅସ୍ଥାୟୀ ପୋଲଟି ଭାଙ୍ଗି ଯିବାରୁ କିଛିଦିନ ହେବ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯେହେତୁ ଏହି ପୋଲଟିକୁ ଗ୍ରାମବାସୀ ନିଜ ଉଦ୍ୟମରେ କରିଛନ୍ତି, ତେଣୁ ଏହାର ମରାମତି ପାଇଁ ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ ହେଉନାହିଁ । ଏନେଇ ଦୁଇ ପଂଚାୟତର ଗ୍ରାମବାସୀ ଅନେକ ସରକାରୀ ଅଧିକାରୀଙ୍କୁ, ଲୋକ ପ୍ରତିନିଧିଙ୍କୁ ନେହୁରା ହେଲେଣି । କିନ୍ତୁ କୌଣସି ପ୍ରତିକାର ହୋଇପାରିନି। ସୁନୀତି ପଂଚାୟତର ପୂର୍ବତନ ସରପଂଚ ମନୋଜ ପାତ୍ର କୁହନ୍ତି, 'କଂସାର ବଡ଼ଦାଣ୍ଡୁଆ ପଂଚାୟତର ତରପଦାରେ ଥିବା କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଭବନରେ ମୁଁ ବହୁତ ପୁର୍ବରୁ ପାଠ ପଢୁଥିଲି । ସେତେବେଳେ ଡଙ୍ଗାରେ ନଦୀ ପାର ହୋଇ ଯାଉଥିଲୁ । ପରବର୍ତୀ ଅବସ୍ଥାରେ ନିଲାମ କରାଯାଇ ତାଙ୍କ ପଂଚାୟତ ଓ ଗାଁ ତରଫରୁ ସେଠାରେ ଏକ ବାଉଁଶ ଚାର ହୋଇଥିଲା କିନ୍ତୁ କାଳକ୍ରମେ ସେ ଚାର ବି ଭାଙ୍ଗିଗଲା । ପୂର୍ବ ସରକାର ଥିବା ସମୟରେ ସେଠାରେ ଏକ ଆପ୍ରୋଚ ପୋଲ ନିର୍ମାଣ ପାଇଁ ସ୍ଥିର କରାଯାଇଥିଲା ଓ ଶୁଭ ମଧ୍ୟ ଦିଆ ଯାଇଥିଲା। ହେଲେ ସେ ପୋଲ ଏଯାଏ ହୋଇ ପରି ନାହିଁ । ସେପଟ େ ଲ । କ ପନିପରିବା,ବଜାର ଘାଟ କରିବା ପାଇଁ ଏପଟକୁ ଆସନ୍ତି ଆଉ ଏପଟ ଲୋକ ମେଡିକାଲ ଓ ଅନ୍ୟ ସୁବିଧା ପାଇଁ ସେପଟକୁ ଯାଆନ୍ତି । ତେଣୁ ଉଭୟ ପଂଚାୟତ ଲୋକଙ୍କ ପକ୍ଷରୁ ଏଠାରେ ଏକ ପକ୍କା ପୋଲ ନିର୍ମାଣ କରିବା କିମ୍ବା ଜଉ ଡିପାର୍ଟମେଂଟ ଯେଉଁ ବ୍ରିଜ ଆରମ୍ଭ କରିଥିଲା ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ଦୁଇ ପଂଚାୟତବାସୀ ଅନୁରୋଧ କରିଛନ୍ତି । ଏ ତ ଗଲା କେବଳ ମହାକାଳପଡ଼ା ବ୍ଲକ କଥା । ଡେରାବିଶ୍ ବ୍ଲକରେ ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି । ଡେରାବିଶ୍ ବ୍ଲକ କାଉପଡା ପଂଚାୟତ ଥକେଇନେଉଳି ଠାରେ ପୂର୍ତ୍ତ ବିଭାଗ ରାସ୍ତା କାମ ଚାଲୁଥିବା ସମୟରେ ପାଟନାଳୀ ଉପରେ କେନ୍ଦ୍ରାପଡା-ଗୋଲରାହାଟଠାରେ ଏକ ପୋଲ ନିର୍ମାଣ କରାଯାଇଥିଲା । ହେଲେ କାମ ଅଧାରୁ ଠିକାଦାର କୁଆଡେ ପଳାଇ ଯାଇଛନ୍ତି । ପରିସ୍ଥିତି ଏଭଳି ହୋଇଛି ଯେ, ଗତ ମାସେ ଧରି ଏହି ରାସ୍ତା ଉପରେ ନିର୍ଭର କରିଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏନେଇ ଗାଁର ପାର୍ବତୀ ସେଠୀ କୁହନ୍ତି,'ଆମେ ଧାନ ଚାଉଳ କୁଟାଇବା ପାଇଁ ଆରପଟକୁ ଯାଇପାରୁନୁ । ଏଇଠି ଖାଲ ହୋଇଯାଇଛି । ଆମର ସେପଟେ ସବୁ କାମ । ପିଲାମାନଙ୍କୁ ବାଉଁଶ ପୋଲରେ ନେଇ ସ୍କୁଲରେ ନେଇ ଛାଡି ଆସୁଛୁ।' ସେହିପରି ଏହି ଗାଁର ଜଣେ ୭୭ ବର୍ଷ ବୟସ୍କ ଝରି ସେଠୀ କୁହନ୍ତି, 'ଏଠି ଆଗରୁ ଏକ ପୁରୁଣା ପୋଲ ଥିଲା । ଏହାର ମରାମତି ପାଇଁ କଂଟ୍ରାକ୍ଟରକୁ ଦିଆଯାଇଥିଲା । ଉକ୍ତ କଂଟ୍ରାକ୍ଟର ଗତବର୍ଷ ୬-୭ ବସ୍ତା ସିମେଂଟ୍ ପକାଇ ବନ୍ଧ ବାନ୍ଧିବାକୁ କହିଲେ । ହେଲେ ସେତେବେଳେ ଆଶ୍ୱିନ ମାସ ହୋଇଥିବାରୁ ଓ ପାଟନାଳୀରେ ପାଣି ଥିବା କାରଣରୁ ଆମ ଗାଁରେ ପାଣି ପଶିଯାଇ ଧାନ ଚାଉଳ ନଷ୍ଟ ହେବାର ଆଶଙ୍କା ଥିଲା । ତେଣୁ ଆମେ ସେତେବେଳେ ଏହି କାମକୁ ବାରଣ କଲୁ। ଠିକାସଂସ୍ଥା ଏଇବର୍ଷ ଖରାଦିନେ ଏହି ପୋଲକୁ ଭାଙ୍ଗି ନୂଆ ପୋଲ ତିଆରି କରୁଥିଲା । ରଜ ସମୟରେ ଏହି ପୋଲ ନିର୍ମାଣ କାମ ଆରମ୍ଭ କରିବାକୁ ଯାଇ ଠିକାଦାର ଆପ୍ରୋଚ ରୋଡ଼ ଭାଙ୍ଗି ଦେଲେ । ଏବେ କାମ ସମ୍ପୂର୍ଣ୍ଣ ନ କରି ଛୁ ମାରିଛନ୍ତି । ଏବେ ଗାଁ ଲୋକେ ପୁଣି ସେଇ ବାଉଁଶ ପୋଲକୁ ଭରସା କରିଛନ୍ତି । ଏଇ ବାଉଁଶ ପୋଲ ଦେଇ ଛାତ୍ରଛାତ୍ରୀ ସ୍କୁଲ, କଲେଜକୁ ଯିବା ଆସିବା କରୁଥିବା ବେଳେ ଅନେକ ସମୟରେ ପଡି ଆହତ ହେଉଛନ୍ତି । ବଡ଼ ଲୋକମାନେ ମଧ୍ୟ ଆହତ ହେଉଥିବା ନଜିର ରହିଛି । ମାଟି ପୋତି ଆପ୍ରୋଚ ରୋଡ଼ କରିବେ ବୋଲି ବ୍ଲକ ପ୍ରଶାସନ କହିଥିଲା । ଇତି ମଧ୍ୟରେ ୧୫ ଦିନ ବିତି ଗଲାଣି । ଛାତ୍ରଛାତ୍ରୀ ମାନେ ୧୫ଦିନ ଧରି ସ୍କୁଲ କଲେଜ ନଯାଇ ପାରିବାରୁ ସ୍ଥାନୀୟ ଲୋକେ ପାଟିତୁଣ୍ଡ କରିବାରୁ କଂଟ୍ରାକ୍ଟର ବାଉଁଶ ଚାରା ବାନ୍ଧିଛି' ବୋଲି କହିଛନ୍ତି ଝରି ସେଠୀ ।

## କଣ କୁହନ୍ତି ପ୍ରଶାସନିକ ଅଧିକାରୀ

ମହାକାଳପଡ଼ା ଓ ଡେରାବିଶ । ଗୋଟିଏ ଉପାନ୍ତ ତ ଅନ୍ୟଟି ସଦର ମହକୁମା ଠାରୁ ଅନତିଦୂର । ଏହି ଦୁଇଟି ବ୍ଲକରେ ବାଉଁଶ ପୋଲ (ଚାରା) ସହାୟତାରେ ହଜାର ହଜାର ଲୋକ ଓ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି । ଏପରି ବିପଦସଂକୁଳ ଅବସ୍ଥାରେ ଯାତାୟାତ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି । ଏନେଇ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲିକ କହିଛନ୍ତି, 'ଏ ସମସ୍ୟା ବିଷୟରେ ଜାଣି ନାହିଁ କି ସେ ଜାଗା ଦେଖିନାହିଁ । ଏମିତି ବିପଦ ସଂକୁଳ ଭାବରେ ପିଲାମାନେ କି ଲୋକମାନେ ଯାତାୟାତ କରୁଥିବା ଖବର ଆମ ନୋଟିସକୁ ଆସିନାହିଁ । ଏବେ ତହସିଲଦାରଙ୍କୁ ଘଟଣାର ତଦନ୍ତ ପାଇଁ କହିବି । ଅନୁଧ୍ୟାନ କରିବା ତାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।' ତୁରନ୍ତ ବ୍ରିଜ ନିର୍ମାଣ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ଅଂଚଳବାସୀଙ୍କ ଜୀବନ ଯାତ୍ରା ସହଜ, ସରଳ କରିବାକୁ ମହାକାଳପଡ଼ା ଓ ଡେରାବିଶ ବ୍ଲକ ବାସୀ ଦାବି କରିଛନ୍ତି ।

# ସ୍ତ୍ରୀକୁ ହତ୍ୟା, ସ୍ୱାମୀ ଗିରଫ



ବୌଦ୍ଧ,(ହି.ସ.) - ଘରୋଇ କଳହର କରୁଣ ପରିଣତି । ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟିଛି। ସ୍ତ୍ରୀକୁ ହାଣି ଥାନା ରେ ଆତ୍ମସମର୍ପଣ କରିଛି ସ୍ୱାମୀ । ଏଭଳି ଘଟଣା ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପଛପଟେ ଥିବା ବସ୍ତିରେ ଘଟିଛି । ମୃତ ସ୍ତ୍ରୀ ହେଲେ କୁନି ପ୍ରଧାନ । ପତ୍ନୀ ହନ୍ତା ସ୍ୱାମୀ ହେଲେ ସାର୍ଜନ ପ୍ରଧାନ। ଘଟଣା ସ୍ଥଳରେ ପୁରୁଣାକଟକ ପୋଲିସ ପହଂଚି ତଦନ୍ତ କରୁଛି । ଶୁକ୍ରବାର ରାତିରେ ପୁରୁଣାକଟକ ଥାନା ପଛ ପାଖ ବସ୍ତି ରେ ବସବାସ କରୁଥିବା ସାର୍ଜନ ପ୍ରଧାନ ଓ ତାଙ୍କ ପତ୍ନୀ କୁନି ପ୍ରଧାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା । ସ୍ୱାମୀ ସାର୍ଜନ ହଠାତ ରାଗିଯାଇ ପତ୍ନୀଙ୍କୁ ପାଖରେ ପଡିଥିବା ଟାଙ୍ଗିଆରେ ହାଣି ଦେଇଥିଲେ । ଫଳରେ ପତ୍ନୀ କୁନି ଗୁରୁତର ଆହତ ହୋଇ ତଳେ ପଡି ଯାଇ ଚିତ୍କାର କରିଥିଲେ । ଏହା ଦେଖି ସାର୍ଜନ ସଂଗେ ସଂଗେ ଘରକୁ ତାଲା ପକାଇ ନିକଟରେ ଥିବା ପୋଲିସ ଷ୍ଟେସନ କୁ ଯାଇ ସମସ୍ତ ଘଟଣା କହିବା ସହ ନିଜକୁ ପୋଲିସ ଜିମା ଦେଇଥିଲେ । ପରେ ପୋଲିସ କର୍ମଚାରୀ ମାନେ ଆସି କୁନିଙ୍କୁ ତାଲା ଭାଙ୍ଗି ଘରୁ ଉଦ୍ଧାର କରିବା ସହ ପୋଲିସ ଭ୍ୟାନରେ ପୁରୁଣାକଟକ ହସ୍ପିଟାଲ ନେଇଥିଲେ। ସେଠାରୁ କୁନିଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ମୁଖ୍ୟଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଅଧିକ ରକ୍ତ ସ୍ରାବ ପାଇଁ କୁନି ଅଧା ରାସ୍ତାରେ ମୃତ୍ୟୁ ବରଣ କରିଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସାଇଂଟିଫିକ ଟିମ ମଧ୍ୟ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଛି । ସୂଚନାଥାଉକି ଉଭୟ ପ୍ରେମ ବିବାହ କରିଥିବା ବେଳେ ପୁରୁଣାକଟକ ଥାନା ପଛ ପଟେ ଥିବା ବସ୍ତି ରେ ରହୁଥିଲେ ।

## ଭିନ୍ନକ୍ଷମ ଯୁବକର ଶବ ଉଦ୍ଧାର

ଜୟପାଟଣା(ହି.ସ) - କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମପଂଚାୟତ ଜୁନାପାଣି ଗ୍ରାମର ଭିନ୍ନକ୍ଷମ ଯୁବକ ମାଗୁ ମାଝୀ (୨୮) ଇନ୍ଦ୍ରାବତୀ ପାଓ୍ୱାର ଚ୍ୟାନେଲରେ ଭାସିଯାଇ ଗୁରୁବାର ସନ୍ଧ୍ୟାରୁ ନିଖୋଜ ହୋଇଥିଲେ। ସେ ଶୌଚ ହେବା ପାଇଁ ପାଓ୍ୱାର ଚ୍ୟାନେଲ୍‌କୁ ଯାଇଥିବା ବେଳେ ପାଣିର ସୁଅରେ ଭାସିଯାଇଥିଲେ। କେନାଲ ନିକଟରେ ତାଙ୍କର ଚପଲ ଓ ଠେଙ୍ଗା ପଡିଥିବା ଦେଖିବାକୁ ମିଳିଥିଲା ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରଖି ଥିଲେହେଁ ବିଫଳ ହୋଇଥିଲେ । ଧନସୁଲି ବ୍ରିଜ ନିକଟରେ ସ୍ଥାନୀୟ ଲୋକେ ଏକ ଶବ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ପୁଲିସ ଶବ ଉଦ୍ଧାର କରି ଜୟପାଟଣା ଡାକ୍ତର ଖାନାରେ ଶବ ବ୍ୟବଚ୍ଛେଦ ପାଇଁ ଅଣାଯାଇଛି ।

# ମନରେଗାରେ ଶିଶୁ ଶ୍ରମିକ ! ରାତିରେ ଚାଲିଛି ନିର୍ମାଣ କାମ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତରେ ମନରେଗା କାମର ବାସ୍ତବ ଚିତ୍ରକୁ ନେଇ ପୁଣି ଉଠିଛି ପ୍ରଶ୍ନ। ବର୍ଷକୁ ଶହେ ଦିନର ମଜୁରୀକୁ ସ୍ପଷ୍ଟ କରିବା ଆଳ ଦେଖାଇ ଶିଶୁ ଶ୍ରମିକଙ୍କୁ ମଧ୍ୟ ନିୟୋଜିତ କରାଯାଇଥିବା ଭଳି ଚିତ୍ର ସମ୍ମୁଖକୁ ଆସିଛି। ଯେଉଁଥିରେ ଶିଶୁ ଶ୍ରମିକ ନିୟୋଜିତ ଥିବା ଦର୍ଶାଇ ଫଟୋ ଏନଏମଏମଏସ କରାଯାଇଥିବାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି । ସୂଚନା ମୁତାବକ, ଲୁଗେଲ ପଂଚାୟତର ଲୁଗେଲ ଗ୍ରାମ ଠାରୁ ଫୁଲକାନକୋଣ୍ଡା ଗ୍ରାମ ପର୍ଯ୍ୟନ୍ତ ନିର୍ମାଣାଧିନ ରହିଥିବା ରାସ୍ତାର ଉନ୍ନତିକରଣ ପାଇଁ ଲଗାଣ ବର୍ଷା ମଧ୍ୟରେ ଶ୍ରମିକଙ୍କୁ ନିୟୋଜିତ କରାଯିବା ସହ ଏଥିରେ ଶିଶୁ ଶ୍ରମିକ ନିୟୋଜିତ କରାଯାଇଛି। ଯାହାର ସ୍ପଷ୍ଟ ପ୍ରମାଣ ଶୁକ୍ରବାର ଦିନ ଏହି ନିର୍ମାଣ କାର୍ଯ୍ୟର ଏନଏମଏମଏସ ବେଳେ ସ୍ପଷ୍ଟ ବାରି ହୋଇପଡୁଛି। ଜଣେ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜନ କରିବା ମନରେଗା କାମର ଗାଇଡଲାଇନକୁ ଖିଲାପ୍ କରିବା ସହ କାର୍ଯ୍ୟର ବାସ୍ତବତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏଥିସହ ଏହି ନିର୍ମାଣ କାର୍ଯ୍ୟ ରାତ୍ରି ୮ଟା ବେଳେ କରାଯାଉଥିବା ମଧ୍ୟ ଏନଏମଏମଏସ ପୋର୍ଟାଲରୁ ଜଣାପଡିଛି । ଏହି କାର୍ଯ୍ୟରେ ନିୟୋଜିତ ଶିଶୁ ଶ୍ରମିକ ଓ ରାତ୍ରିରେ ନିର୍ମାଣ କାର୍ଯ୍ୟ ବାବଦରେ ଉକ୍ତ ପଂଚାୟତର ଆକାଉଣ୍ଟାଣ୍ଟ କମ ଡିଇଓଙ୍କୁ ପଚାରିବାରୁ ସେ ଘଟଣା ବାବଦରେ ଅବଗତ ନଥିବା ବେଳେ ତଦନ୍ତ କରି ଘଟଣା ବାବଦରେ ଜଣାଇବେ ବୋଲି କହିଛନ୍ତି । ଏପରି ସ୍ଥିତିରେ ଏହି ନିର୍ମାଣାଧିନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଓ ନିୟୋଜିତ ଶ୍ରମିକଙ୍କ ପ୍ରକୃତ ତଥ୍ୟ ଯାଂଚ୍ କଲେ ଏକ ବଡ ଧରଣର ଦୁର୍ନୀତି ପଦାକୁ ଆସିବା ସହ ମନରେଗା କାମରେ ଚାଲିଥିବା ବାଟମାରଣା ନୀତି ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ବର୍ଷା ସମୟରେ କୌଣସି ରାସ୍ତା କାମ ନ ହେବା ପାଇଁ ନିୟମ ରହିଛି ହେଲେ ଏହି ପଂଚାୟତରେ କିପରି କାମ ଚାଲିଛି ତାହା କଣ ମନରେଗା କାମ ତଦାରଖ ପାଇଁ ଥିବା ବିଭାଗୀୟ ଅଧିକାରୀ ମାନେ ଜାଣି ପାରୁନାହାନ୍ତି ସେନେଇ ସନ୍ଦେହ ପ୍ରକାଶ ପାଉଛି।

## ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ଗଣଧାରଣା ଦେବ ସୁରକ୍ଷାମଞ୍ଚ

କେନ୍ଦୁଝର, (ହି.ସ.) - ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଂଚ ତରଫରୁ ଧରଣୀଧର କଲେଜର ସ୍ୱତନ୍ତ୍ରିତା ରକ୍ଷା କରି ବିଶ୍ୱ ବିଦ୍ୟାଳୟ କୁ ସଂପୂର୍ଣ ରୂପେ ପୃଥକ କରିବା ସହ ବର୍ତମାନର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ବହିଷ୍କାର ଦାବୀ ଦୀର୍ଘଦିନରୁ କରାଯାଇଛି ।ଏ ସଂପର୍କରେ ଜନସଚେତନତା ସୃଷ୍ଟି କରିବାର ଉଦେଶ୍ୟ ରେ ପ୍ରଚାର ପତ୍ର ପତ୍ର ବଣ୍ଟନ କରାଯାଇଛି । ଏତଦ୍ ବ୍ୟତୀତ, ପୂର୍ବ ପୂର୍ବ ରୁ ଏହି ଦାବୀ କୁ ପୂରଣ ପାଇଁ ରାଜ୍ୟପାଳ), ମୁଖ୍ୟମନ୍ତ୍ରୀ,ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ ଓ ସମସ୍ତ ବିଧାୟକଙ୍କୁ ମଧ୍ୟ ସ୍ମାରକ ପତ୍ର ରଛି। ବରିଷ୍ଠ ନାଗରିକ ଓ ପୁରାତନ ଛାତ୍ର ସଂଘ ତରଫ ଦିଆଯାଇଛି। ରଫରୁ ଶୋଭାଯାତ୍ରା ରେ ଯାଇ ଜିଲ୍ଲାପାଳଙ୍କୁ ମଧ୍ୟ ସ୍ମାରକ ପତ୍ର ଦିଆଯାଇଛି। ସାମ୍ବାଦିକ ସମ୍ମିଳା ମ୍ମିଳନୀ ମାଧ୍ୟମରେ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ, ଏସବୁ ସତ୍ୱେ ଏପ୍ରସଙ୍ଗରେ ସରକାର ଙ୍କ ନିଷ୍କ୍ରିୟତା ନିଷ୍କ୍ରି ଓ ଉଦାସୀନତା ପ୍ରତିବାଦରେ ସୁରକ୍ଷା ମଂଚ ତରଫରୁ ଆସନ୍ତା ଜୁଲାଇ ୨୯,୩୦,୩୧ ତାରିଖ ତିନି ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରିବାକୁ ନିଷ୍ପତି ନିଆଯାଇଅଛି। କେନ୍ଦୁଝର ଅସ୍ମିତା ରକ୍ଷା ପାଇଁ ଜିଲ୍ଲା ର ପୁରାତନ ଛାତ୍ର ସଂଘ, ବିଭିନ୍ନ ରାଜନୈତିକ ଦଳ, ବରିଷ୍ଠ ନାଗରିକ ମଂଚ, ସିଟି ଜେନ ଫୋରମ୍, ଜନଜାତି ସଂପ୍ରଦାୟ ସାଂସ୍କୃତିକ ସଂଗଠନ, ଯୁବ ଛାତ୍ର ସଂଗଠନ ର ସ୍ୱାଭିମାନୀ ସଦସ୍ୟମାନେ ମାନେ ଏହି ଗଣଧାରଣା ରେ ସାମିଲ ହୋଇ ସଫଳ କରିବା ପାଇଁ ସୁରକ୍ଷା ମଂଚର ଆବାହକ ତଥା କେନ୍ଦୁଝର କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ ନିବେଦନ କରିଛନ୍ତି।

## ଗରା ଭିତରୁ ଜୀବନ ପାଇଲେ ୩ ବର୍ଷର ଶିଶୁ

ମାଲକାନଗିରି, (ହି.ସ.)- ବଜାରରୁ ନୂଆ ଷ୍ଟିଲ ଗରା କିଣି ଆଣିଥିଲେ ବାପା । ଖେଳୁ ଖେଳୁ ଗରାରେ ମୁଣ୍ଡ ଫସାଇ ଦେଲା ୩ ବର୍ଷର ଶିଶୁ ପୁତ୍ର । ୨ ଘଂଟା ଧରି ହଟହଟା ହେବାପରେ ଶେଷରେ କଟରରେ ଗରା କାଟି ଶିଶୁଟିର ଜୀବନ ବଂଚାଇଲେ ଅଗ୍ନିଶମ କର୍ମଚାରୀ । ଏହି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଗାଁରୁ । କୋରୁକୋଣ୍ଡା ଗାଁର ପ୍ରଦୀପ ବିଶ୍ୱାସ ଆଜି ସକାଳୁ ବଜାରରୁ ଗରାଟିଏ କିଣି ଆଣିଥିଲେ। ତେବେ ତାଙ୍କର ୩ ବର୍ଷର ପୁଅ ତନ୍ମୟ ଖେଳୁ ଖେଳୁ ଗରାରେ ମୁଣ୍ଡ ପୂରାଇବା ମାତ୍ରେ ଗରାରେ ମୁଣ୍ଡ ଫସି ଯାଇଥିଲା । ପ୍ରଥମେ ଘରେ ଚେଷ୍ଟା କରିବା ପରେ କୋରୁକୋଣ୍ଡା ଦମକଳ କେନ୍ଦ୍ରକୁ ନେଇଥିଲେ ବାପା । ସେଠାରୁ ମାଲକାନଗିରି ଅଗ୍ନିଶମ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ ଅଗ୍ନିଶମ କର୍ମଚାରୀ । ମାଲକାନଗିରି ଠାରେ ଦୀର୍ଘ ସମୟର ଉଦ୍ୟମ ପରେ କଟର୍ ସହାୟତାରେ ଗରା କାଟି ଶିଶୁ ମୁଣ୍ଡରୁ ଗରା ବାହାର କରିଥିଲେ ଅଗ୍ନିଶମ ବିଭାଗର କର୍ମଚାରୀ ।

# ଲଗାଣବର୍ଷାରେ ଭାଙ୍ଗିଲା ଘର ବାସହରା ୩ ପରିବାର



ନୂଆପଡ଼ା : ନୂଆପଡ଼ା ଜିଲା କୋମନା ବ୍ଲକ୍ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁରେ ଲଘୁଚାପଜନିତ ଲଗାଣ ବର୍ଷାରେ ଘର ଭାଙ୍ଗି ୩ ପରିବାର ବାସହରା ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ଭାଲୁକୋନା ଗାଁର ବାବୁଲାଲ ଦୁରିଆ (୪୮)ଙ୍କ ୫ପ୍ରାଣୀ କୁଟୁମ୍ବ ୨ ବଖରା ବିଶିଷ୍ଟ ଏକ ମାଟି ଖପର ଘରେ ରହି ଆସୁଥିଲେ। ଲଘୁଚାପଜନିତ ଲଗାଣ ବର୍ଷରେ ଘର କାନ୍ଥ ପଡି ଖପର ପଡ଼ିବା ଅବସ୍ଥାରେ ରହିଛି। ରହିବା ପାଇଁ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ସେହି ଭଙ୍ଗାଦଦରା ଘରେ ୫ କୁଟୁମ୍ବ ରହୁଛନ୍ତି। ସେହିପରି ଲଭ ଦୁରିଆ (୪୭)ଙ୍କ ସହ ତାଙ୍କ ସ୍ତ୍ରୀ ଓ ଝିଅ ଏକ ଖପରଘରେ ରହୁଥିଲେ। ହେଲେ ବର୍ଷାରେ ଘର ଭାଙ୍ଗିଯିବାରୁ ସେମାନେ ଅନ୍ୟ ଏକ ସ୍ଥାନରେ କୁଡ଼ିଆ ଉପରେ ତାର୍‌ପୋଲିନ ପକାଇ ରହୁଛନ୍ତି। ଉକ୍ତ ଗାଁର ଦୟାନିଧି ବାଗଙ୍କ ପରିବାରର ମଧ୍ୟ ସମାନ ଅବସ୍ଥା। ଏମାନେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଆବେଦନକରି ସରପଞ୍ଚ ଓ ବିଡିଓଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଅଧିକାରୀ ଭାଲୁକୋନା ଗାଁକୁ ଆସି ତଦନ୍ତ କରିଥିଲେ ସୁଦ୍ଧା ଗରିବ ହିତାଧିକାରୀ ଘର ଖଣ୍ଡିଏ ନ ପାଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ବିନୟ ଭୋଇଙ୍କୁ ପଚାରିବାରୁ ଗାଁକୁ ଯାଇ ତଦନ୍ତକରି ପ୍ରଥମେ ତହସିଲଦାରଙ୍କୁ କହି ପଲିଥିନ ବ୍ୟବସ୍ଥା କରାଯିବ। ପରେ ଅନ୍ୟ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ମାହେଶ୍ୱରୀ ସଂଗଠନର କେନ୍ଦ୍ରୀୟ କମିଟି ବୈଠକ

ବଲାଙ୍ଗୀର (ହି.ସ.): ସ୍ଥାନୀୟ ବେବି ବବୁଲ୍ସ ପ୍ଲେ ସ୍କୁଲ, ସ୍ୱର୍ଣ୍ଣଭବନ, ଖୁଜେନପାଲି ବଲାଙ୍ଗୀର ଠାରେ ମାହେଶ୍ୱରୀର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଅଛି। ଏହି ସଭାରେ ବଲାଙ୍ଗୀର ଜିଲ୍ଲାର ଆଗଲପୁର, ଲୋଇସିଂହା, ଦେଓଗାଁ, ଟିଟିଲାଗଡ଼, ଖପ୍ରାଖୋଲ, ପାଟଣାଗଡ଼, ବଲାଙ୍ଗୀର ସଦର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ତରଭାର ବ୍ଲକ ଅଧ୍ୟକ୍ଷ ଓ ସଂଯୋଜକମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ମାହେଶ୍ୱରୀ ସଂଗଠନର ସାଂଗଠନିକ ବୃଦ୍ଧି, ଯୁବ ଶକ୍ତିର ସଠିକ୍ ଦିଗରେ ପ୍ରବାହ ଓ ସମାଜକୁ ଉନ୍ନତିର ପଥରେ ଆଗେଇନେବା ବିଷୟରେ ଚର୍ଚ୍ଚା ହେଲା। ଏହି ମାନ୍ୟତା ସହିତ ଏହି ବର୍ଷ ମଧ୍ୟରେ ଗୋଟିଏ ବଡ଼ ରୂପରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ନାରୀ ସଶକ୍ତିକରଣ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକରେ ଅନୁଷ୍ଠିତ କରାଯିବା ନିଷ୍ପତି ହୋଇଛି। ବିଶେଷ ଭାବରେ ଗ୍ରାମ ଓ ପଂଚାୟତ ସ୍ତରରେ ଯୁବମାନେ ଅଗ୍ରଣୀ ଭୂମିକା ନିର୍ବାହ କରିବେ।

## କାରଗିଲ୍ ବିଜୟ ଦିବସ

ମାଲକାନଗିରି, (ହି.ସ.): ମୋଟୁ ଠାରେ କାରଗିଲ ବିଜୟ ଦିବସ ପାଳନ କରାଯାଇଛି । ଏଥିରେ ମାଲକାନଗିରି ବିଧାୟକ ନରସିଂଙ୍ଗ ମାଡକାମି ଏବଂ ଜିଲ୍ଲା ସମ୍ପାଦକ ଭବାନି ଶଙ୍କର ମୁଖାର୍ଜୀ, ଜିଲ୍ଲା ଉପ ସଭାପତି ସପନ ରାୟ, ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର,କାଲିମେଳା ବିଧାୟକ ପ୍ରତିନିଧି ହରିବିଲାଶ ମଣ୍ଡଳ, ଜିଲ୍ଲା କାର୍ଯ୍ୟକର୍ତା। ସମିତିର ହାଲଦାର, ଶ୍ୟାମଲ ଭାଇ, ଭଲା ଭାଇ ଏବଂ ସୋମନାଥ ମାଢ଼ି, ରମେଶ ସୋଡି ଓ ଅନ୍ୟାନ୍ୟ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତା ଭାଇ ଉପସ୍ଥିତ ଥିଲେ । ଏହି ଅବସରରେ ବୀର ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସେମାନେ କହିଛନ୍ତି, କାରଗିଲ ଯୁଦ୍ଧରେ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ଲଢେଇ କରି ଆମ ବୀର ସୈନିକମାନେ ପରାକ୍ରମ ଦେଖାଇ ବିଜୟ ବାନା ଉଡେଇଥିଲେ । ଆଜି ଦିନଟି ଆମ ପାଇଁ ଗର୍ବ ଏବଂ ଗୌରବର ଦିନଟିଏ ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଦୁଇ ଆହତ



ବାଲିଗୁଡ଼ା: ୫୯ ନଂ ଜାତୀୟ ରାଜପଥ ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖରେ ଘଟିଛି ବଡ଼ ଧରଣର ଦୁର୍ଘଟଣା । ଦ୍ରୁତଗାମୀ ବାଇକ୍ ଧକ୍କା ଦେଲା ବିପରୀତ ଦିଗରୁ ଆସୁଥିବା ଆଉ ଏକ ବାଇକ୍‌କୁ । ଦୁର୍ଘଟଣାରେ ଗୋଟିଏ ବାଇକ୍ ଚୁରମାର୍ ହୋଇଥିବା ବେଳେ ଜଣେ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଅନ୍ୟଜଣେ ବାଇକ୍ ଆରୋହୀ ଆହତ ହୋଇଥିବା ଜଣାପଡ଼ିଛି । ଘଟଣାସ୍ଥଳରୁ ଆହତ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛି ବାଲିଗୁଡ଼ା ପୋଲିସ୍ । ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି ପୋଲିସ୍ । ଗୁରୁତର ଆହତ ହୋଇଥିବା ଯୁବକ ସିତାପଡ଼ି ଗ୍ରାମର ରଘୁନାଥ ମଲ୍ଲିକ ହୋଇଥିବା ସୂଚନା ମିଳିଛି । ରଘୁନାଥଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

# ବଜ୍ରାଘାତରେ ଯୁବକ ମୃତ

ବଲାଙ୍ଗୀର, (ହି.ସ.) – ବଜ୍ରାଘାତରେ ଯୁବକ ମୃତ। ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ ଖର୍ସେଲବାଞ୍ଜି ଗାଁରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତ ଯୁବକ ଜଣକ ଖର୍ସେଲବାଞ୍ଜିର ଶେଷଦେବ ମିର୍ଦ୍ଧା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଶେଷଦେବ ତାଙ୍କ ଶଶୁର ଘରକୁ ବୁଲିବାକୁ ଯାଇଥିଲେ। ଗତକାଲି ସନ୍ଧ୍ୟା ସମୟରେ ଶଶୁର ଘର ନିକଟ ପୋଖରୀକୁ ଶୌଚ ହେବାକୁ ଯାଉଛି କହି ରାତିରେ ଆଉ ଘରକୁ ଫେରି ନଥିଲେ। ଏନେଇ ଶଶୁର ଘର ଲୋକେ ବହୁ ଖୋଜାଖୋଜି କରି ପୋଲିସକୁ ମଧ୍ୟ ସୂଚନା ଦେଇଥିଲେ । ହେଲେ ଶେଷଦେବ ମିଳି ନଥିଲେ। ଆଜି ସ୍ଥାନୀୟ ଲୋକେ ଶେଷଦେବଙ୍କ ମୃତଦେହ ଏକ ବିଲରେ ପଡିଥିବା ଦେଖିବାକୁ ପାଇଥିବା ବେଳେ ଶେଷଦେବଙ୍କ ଶଶୁର ଘର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଆସି ମୃତଦେହକୁ ଉଦ୍ଧାର କରି ବଲାଙ୍ଗିର ମୁଖ୍ୟ ଡ଼ାକ୍ତରଖାନା ଶବ ବ୍ୟବଚ୍ଛେଦ ଗୃହକୁ ଆଣିଥିଲେ। ଗତକାଲି ସନ୍ଧ୍ୟା ସମୟରେ ବହୁତ ଜୋ ?ରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜ୍ରାଘାତ ହୋଇଥିବା ବେଳେ ସେହି ସମୟରେ ଶେଷଦେବଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଶେଷଦେବ ଘରର ଏକମାତ୍ର ରୋଜଗାରିଆ ଥିବା ବେଳେ ଶେଷଦେବଙ୍କ ଛୋଟ ଛୋଟ ଦୁଇଟି ସନ୍ତାନ ଅଛନ୍ତି। ପରିବାର ଲୋକେ ଯବାନ ପୁଅକୁ ହରାଇ ଭାଙ୍ଗି ପଡିଥିବା ବେଳେ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି ।

# କାରଗିଲ୍ ବିଜୟ ଦିବସ କାର୍ଯ୍ୟକ୍ରମ

ଫୁଲବାଣୀ, (ହି.ସ.)- କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମେରା ଭାରତ ଫୁଲବାଣୀ ତରଫରୁ ବି ଇ ଡି କଲେଜ୍ ଫୁଲବାଣୀଠାରେ କାରଗିଲ ବିଜୟ ଦିବସ କାର୍ଯ କ୍ରମ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅବସପ୍ରାପ୍ତ ଅକ୍ଷର୍ମୀ ଅଧିକାରୀ ପ୍ରଦୀପ କୁମାର୍ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ରାଧାକୃଷ୍ଣ ପାତ୍ର, ଦୀପିକା ପ୍ରଧାନ, ବିଇଡି କଲେଜ୍ର ଅଧକ୍ଷ ମଧୂପ ସୁନା, ସି ଟି କଲେଜର ଅଧକ୍ଷ କୃଷ୍ଣ ଚନ୍ଦ୍ର, ବିଇଡି କଲେଜ୍ ର ଅଧ୍ୟାପକ ଦୋଳ ଗୋବିନ୍ଦ ସାହୁ, ଅକ୍ଷୟ କୁମାର ସ୍ୱାଇଁ, ଅଭିଷେକ ପ୍ରଧାନ, ଖେଳ ଶିକ୍ଷକ ଅମୁଲ୍ୟ ସାହୁ ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଦିବସରେ ୧୯୧୯ ଭାରତ ଓ ପାକିସ୍ତାନ କାରଗିଲ ଯୁଦ୍ଧ ବିଷୟରେ ଆଲଚନା ମୁଖ୍ୟ ବିଷୟ ବସ୍ତୁ ଥିଲା । ଏହି ଦିବସରେ ଏକ ପଦଯାତ୍ରା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଯୁବ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ ବକୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରଦ୍ଧାସୁମନ ବାରିକ ପ୍ରଥମ, ପ୍ରକାଶ ମଲ୍ଲିକ ଦ୍ୱିତୀୟ, ହରିବୋଲ ତାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ । ବକୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବୈଠକରେ ମେରେ ଭାରତ କନ୍ଧମାଳର ସହ କର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଅକ୍ଷୟ କୁମାର୍ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଫାଇଲେରିଆ ନିରାକରଣ ସଚେତନତା

ସମ୍ବଲପୁର, (ହି.ସ.) – ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଫାଶିମାଳ ସିଏଚସି ପକ୍ଷରୁ ଆଜି ଜମନକିରା ପଂଚାୟତରେ ଫାଇଲେରିଆ ରୋଗ ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ଆଗାମୀ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଆଜି ଜମନକିରା ପଂଚାୟତ ସ୍ତରରେ ଶିକ୍ଷା ବିଭାଗ, କୃଷି ବିଭାଗ, ସ୍କୁଲ, ବ୍ୟାଙ୍କ, କଲେଜ ଆଦି ବିଭିନ୍ନ ଅନୁଷ୍ଠାନକୁ ଯାଇ ସଚେତନ କରାଯାଇଥିଲା। ଫାଇଲେରିଆ ରୋଗ କିପରି ନହେବ ସେଥିପାଇଁ ସାମୁହିକ ଔଷଧ ସେବନ କରିବା, ଯିଏ ରୋଗରେ ଆକ୍ରାନ୍ତ ହୋଇଛନ୍ତି ତାଙ୍କର କିପରି ଯତ୍ନ ନେବା, ବଡ ଲୋକଙ୍କୁ ଔଷଧ ର ପ୍ରୟୋଗ, ଛୋଟ ଛୁଆଙ୍କୁ ଔଷଧ ଖୁଏଇବା ଆଦି ସମ୍ପର୍କରେ ପଂଚାୟତ ସ୍ତରୀୟ ସହଯୋଗୀମାନେ ସଚେତନତା ବାର୍ତା ଦେଇଥିଲେ। ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସାମୁହିକ ଔଷଧ ସେବନରେ ଯେପରି ସମସ୍ତେ ଔଷଧ ଖାଇବେ ସେ ଦିଗରେ ସଚେତନ କରେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜମନକିରା, କୁଲୁଣ୍ଡୀ ଓ ବଡରମା ଦାୟିତ୍ୱରେ ଥିବା ପଂଚାୟତ ସ୍ତରୀୟ ମୋବିଲାଇଜର ରଞ୍ଜିତା ପଟେଲ ବିଭିନ୍ନ ଅନୁଷ୍ଠାନ ବୁଲି ସଚେତନ କରାଇଥିଲେ।

# ଶିକ୍ଷକଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା

କେନ୍ଦୁଝର, (ହି.ସ.) - ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ସଭା ଗୃହରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ,କେନ୍ଦୁଝର ଏବଂ ସେଂଟର ଫର ଏନଭାଇରନମେଂଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ମିଳିତ ଉଦ୍ୟମରେ ଜିଲ୍ଲାର କେନ୍ଦୁଝର ସଦର, ଝୁମ୍ପୁରା, ଯୋଡ଼ା, ପାଟଣା, ସାହାରପଡ଼ା, ତେଲକୋଇ ବ୍ଲକର ପ୍ରାୟ ୨୦୦ ଜଣ ଶକ୍ତି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସେଂଟର ଅଫ୍ ଏନଭାଇରନମେଂଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା, ଉପକାରିତା ଏବଂ ଭବିଷ୍ୟତରେ ଶକ୍ତି ସଙ୍କଟକୁ କିପରି ଦୂର କରି ହେବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଶକ୍ତି ସଂଚୟ କଲେ ଭବିଷ୍ୟତ ପିଢ଼ି ପାଇଁ ଧାରଣୀୟ ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଭାବେ ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ଶକ୍ତି ସଂରକ୍ଷଣ ପାଇଁ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ଶକ୍ତି କ୍ଲବ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ପୁଙ୍ଖାନୁପୁଙ୍ଖ ଭାବେ ଶକ୍ତି କ୍ଲବର ଗଠନ ପ୍ରଣାଳୀ, ବାର୍ଷିକ କାର୍ଯ୍ୟାବଳୀ, ୟୁ.ସି. ରିପୋର୍ଟ ପ୍ରଦାନ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ ।କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ଏନ୍.ଏସ୍. ପୋଲିସ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ରାଉତ, ବାଉଁଶୁଳି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିତ୍ୟ ମହାପାତ୍ର, ଧବଳେଶ୍ୱର ହାଇସ୍କୁଲ, ଦେଓଝରର ବିଜ୍ଞାନ ଶିକ୍ଷକ ସୌମ୍ୟ ପ୍ରକାଶ ସାହୁ ରିସୋର୍ସ ପର୍ସନ ଭାବେ ଶକ୍ତି କ୍ଲବର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ନିରୀକ୍ଷକ ରାମକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ସାମ୍ବାଦିକଙ୍କ ମୃତ୍ୟୁ

ସୁବର୍ଣ୍ଣପୁର, (ହି.ସ.)- ଏକ ଅଜଣା ଗାଡ଼ି ଧକ୍କାରେ ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ର ବରିଷ୍ଠ ସାମ୍ବାଦିକ ତଥା ପ୍ରମେୟ ପ୍ରତିନିଧି ରାଜ କୁମାର ମାହାଣା (୭୬) ଙ୍କ ମୃତ୍ୟୁ ଘଟିଛି। ଚିକିତ୍ସା ନିମନ୍ତେ ତାଙ୍କୁ ବଲାଙ୍ଗୀର ମେଡିକାଲରେ ଭର୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ସେ ବିଗତ ତିନି ମାସ ପୂର୍ବରୁ ଅସୁସ୍ଥତା କାରଣରୁ ବିକାଶ ବରଗଡ଼ ମେଡିକାଲ୍ ରେ ଦୀର୍ଘ ସମୟ ଚିକିତ୍ସିତ ହୋଇ ଜୀବନ ସହ ବହୁ ସଂଘର୍ଷ କରି ସୁସ୍ଥ ହେବା ପରେ ପୁଣି ଏକ ନୂଆ ଜୀବନ ଆରମ୍ଭ କରିଥିଲେ କ୍ଷ ତାଙ୍କର ଏହି ଦୁଃଖଦ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି।


# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ନବାଗତ ଶିକ୍ଷାର୍ଥୀଙ୍କ ପାଇଁ ପ୍ରେରଣାପ୍ରଦ କାର୍ଯ୍ୟକ୍ରମ

ବଲାଙ୍ଗୀର: ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ବର୍ଷରେ ନୂତନ ଭାବେ ସ୍ନାତକ ଓ ସ୍ନାତକୋତର ଶ୍ରେଣୀରେ ଅଧ୍ୟୟନ କରିବା ନିମନ୍ତେ ନାମୋଲ୍ଲେଖ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ୨୩ ରୁ ୨୫ ଜୁଲାଇ ପର୍ଯ୍ୟନ୍ତ ତିନିଦିନିଆ ପ୍ରେରଣାପ୍ରଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ପ୍ରତାପ କୁମାର ଦାଶ, ଏଚ. ଆର. ଡି. ସି. ନିର୍ଦ୍ଦେଶକ ଡ. ରାଜକିଶୋର ପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ଼ ନରେନ୍ଦ୍ର କୁମାର ରାଉତ, ଡେପୁଟି ରେଜିଷ୍ଟ୍ରାର ବିଶ୍ୱଜିତ ବେହେରା, ଆଇ. ସି. ସି.ର ସଦସ୍ୟ ଡ. ପଙ୍କଜିନୀ ମୁଳିଆ ଏବଂ ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁଶାନ୍ତ କୁମାର ପଣ୍ଡା ଶିକ୍ଷାର୍ଥୀମାନଙ୍କୁ ସମ୍ବୋଧନ କରିଥିଲେ। ଡ. ଦାଶ ତାଙ୍କ ଅଭିଭାଷଣରେ ଉତମ ସ୍ୱାସ୍ଥ୍ୟ, ଆତ୍ମନିରୀକ୍ଷଣ, ବ୍ୟାପକ ଦୃଷ୍ଟିକୋଣ, ଶୃଙ୍ଖଳା, ସ୍ଥିର ପ୍ରଚେଷ୍ଟା ଓ କଠିନ ପରିଶ୍ରମ ଉପରେ ଗୁରୁତ୍ୱ ଦେଲେ ଜୀବନରେ ସଫଳତା ମିଳେ ବୋଲି କହିଥିଲେ। ଏହା ବ୍ୟତୀତ ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ଦେଖିବା ଏବଂ ଉତମ ନାଗରିକ ହେବା ନିମନ୍ତେ ଚେଷ୍ଟା କରିବା ସହ ସାମାଜିକ ପ୍ରତିବଦ୍ଧତା ପ୍ରତି ଧ୍ୟାନ ଦେବା ଉଚିତ ବୋଲି ଉଲ୍ଲେଖ କରିଥିଲେ । ଡ. ପାତ୍ର ଆଜିକାଲି ଯୁବପିଢ଼ିଙ୍କୁ ମୋବାଇଲର ଦୁରୂପଯୋଗ ନ କରି ସଦୁପୋଯୋଗ କରିବା ପାଇଁ ଉଚିତ ପରାମର୍ଶ ଦେଇଥିଲେ ଏତଦବ୍ୟତୀତ ସେ ଭାରତର ସଭ୍ୟତା, ସଂସ୍କୃତି ଏବଂ ପରମ୍ପରାର ଗୌରବ ବିଷୟରେ ଏକବିଂଶ ଶତାବ୍ଦୀର ଯୁବପିଢ଼ି କିପରି ସଚେତନ ରହିବେ ସେ ଦିଗରେ ମତ ରଖିଥିଲେ। ଡ଼ ରାଉତ ତାଙ୍କ ଆଲୋଚନାରେ ଏନଇପି ୨୦୨୦ ର ମିଶନ ଏବଂ ଦୃଷ୍ଟିକୋଣକୁ ବ୍ୟାପକ ଭାବରେ ଉପସ୍ଥାପନା କରିଥିଲେ ସେ ବିଷୟ ମିଶ୍ରଣ, ବହୁବିଧ ପାଠ୍ୟକ୍ରମ, ମୂଲ୍ୟଯୁକ୍ତ ପାଠ୍ୟକ୍ରମ, ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ଇଣ୍ଟର୍ନସିପ ଏବଂ ବୃତିଗତ ଶିକ୍ଷା ବ୍ୟବସ୍ଥା ବିଷୟରେ କହିଥିଲେ ଏହା ସହିତ ସେ ପରୀକ୍ଷାର ଧାରା ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଥିଲେ ।ଡେପୁଟି ରେଜିଷ୍ଟ୍ରାର ପ୍ରଫେସର ବେହେରା ଶ୍ରେଣୀରେ ନିୟମିତ ଉପସ୍ଥାନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ଛାତ୍ରବୃତି, ସହ-ପାଠ୍ୟକ୍ରମ, ବାହାର କାର୍ଯ୍ୟକଳାପ, କ୍ୟାରିଅର ପରାମର୍ଶ, କ୍ରୀଡା, ଏନସି.ସି ଏବଂ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଡ. ମୁଳିଆ ଛାତ୍ରଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଏବଂ ରାଗିଙ୍ଗ ବିରୋଧୀ ଆଇନ ବିଷୟରେ ସଚେତନ କରାଇଥିଲେ। ସେ ହଷ୍ଟେଲ ନିୟମାବଳୀ ବିଷୟରେ ମଧ୍ୟ କହିଥିଲେ। ପ୍ରତ୍ୟେକ ଅଧିବେଶନ ଶେଷରେ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ହୋଇଥିଲା। ଏହି ତିନିଦିନିଆ ପ୍ରେରଣାପ୍ରଦ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ମୁଖ୍ୟ ତଥା ଉପ ପରୀକ୍ଷା ନିୟନ୍ତ୍ରକ ଡ. ସୁଶାନ୍ତ କୁମାର ପଣ୍ଡା ସଂଯୋଜନା କରିଥିଲେ।

# ମହିଳା ବିରୋଧୀ ଅପରାଧ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ଜୟପୁର, (ହି.ସ.) - ରାଜ୍ୟରେ କମୁନି ମହିଳା ବିରୋଧୀ ଅପରାଧ। ଅବିଭକ୍ତ କୋରାପୁଟ ଜିଲ୍ଲା ଏଥିରୁ ବାଦ ପଡ଼ିନାହିଁ। ଦିନକୁ ଦିନ ଅବିଭକ୍ତ କୋରାପୁଟ ଜିଲ୍ଲାର ମହିଳା ବିରୋଧୀ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରତିବାଦରେ ଆଜି ବିଜୁ ଜନତା ଦଳ ପକ୍ଷରୁ କୋରାପୁଟା ସ୍ଥିତ ଦକ୍ଷିଣ ପଶ୍ଚିମାଂଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ,ନେତା ଭୃଗୁ ବକ୍ସିପାତ୍ର,ପ୍ରଦୀପ ମାଝୀ,ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝିନ ହିକକା, ରଘୁରାମ ପଡ଼ାଲ, ପଦ୍ମିନୀ ଦିଆନ,ପ୍ରଭୁ ଜାନୀ ଜଗନ୍ନାଥ ସାରକା, ପିତମ ପାଢ଼ୀ, ସସ୍ମିତା ମେଲେକା, ରାଧା ବିନୋଦ ସାମନ୍ତରାୟ, ପାର୍ବତୀ ମସ୍ତି, ଲଲାଟ ରଞ୍ଜନ ସେଠୀଙ୍କ ସହ ଅବିଭକ୍ତ କୋରାପୁଟ ଜିଲ୍ଲାର କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାର ହଜାର ସଂଖ୍ୟକ ବିଜେଡି ନେତା ଏବଂ କର୍ମୀ ମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଘଟି ଯାଇଥିବା ମହିଳା ବିରୋଧୀ ଅପରାଧର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଦାବି ପତ୍ର ଦକ୍ଷିଣ ପଶ୍ଚିମାଂଚଳ ଡିଆଇଜିଙ୍କ ଜରିଆରେ ପ୍ରଦାନ କରାଯାଇଛି । କାର୍ଯ୍ୟାଳୟର ଅତିରିକ୍ତ ଏସପି କାର୍ତିକ ଚନ୍ଦ୍ର ମଲ୍ଲିକ ଦାବିପତ୍ର ଗ୍ରହଣ କରିଥିଲେ।

# ରାସ୍ତାରେ ଜମୁଛି ପାଣି, ସମସ୍ୟା ବଢ଼ାଉଛି ମୁକୁଳା ଡ୍ରେନ୍



**ଭୁବନେଶ୍ୱର (ପିପିଏସ୍):** ତୁହାକୁ ତୁହା ବର୍ଷା ହେବା ଫଳରେ ରାସ୍ତା ଉପରେ ପାଣି ଜମିରହୁଛି। ଏପରି ସମୟରେ ରାସ୍ତାକଡ଼ରେ ଥିବା ମୁକୁଳା ଡ୍ରେନ୍, ପାଖ ଫୁଟପାଥ ଦେଇ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବଡ଼ ବିପଦ ପାଲଟିଛି। ନୀଳାଦ୍ରିବିହାର ଶନିମନ୍ଦିରରୁ ମଙ୍ଗଳାମନ୍ଦିର ଛକ ଦେଇ ଯାଇଥିବା ରାସ୍ତାକଡ଼ ଡ୍ରେନ୍ ?ର କିଛି ସ୍ଥାନରେ ସ୍ଲାପ୍ ଭାଙ୍ଗିଯାଇଥିବାରୁ ଡ୍ରେନ୍ ? ଖୋ ?ଲାମେଲା ହୋଇ ପଡ଼ିରହିଛି। ସେହି ରାସ୍ତାରେ ସ୍ଥାନୀୟ ଅଞ୍ଚଳର ପିଲା ଚାଲିଚାଲି ଅନ୍ଧାରରେ ଆସୁଥିବା ବେଳେ ମୁକୁଳା ଡ୍ରେନ୍ ଭିତରେ ପଡ଼ି ଖଣ୍ଡିଆଖାବରା ହୋଇଥିବା କହିଛନ୍ତି ନରୋତ୍ତମ ମହାନ୍ତି। ନୀଳାଦ୍ରିବିହାର ?ସେକ୍ଟର-୧ରେ ଅମୃତ ମଣ୍ଡପ ସମନା ରାସ୍ତା ଅନେକ ଦିନ ହେବ ଖୋଲାଖୋଲି ହୋଇଥିବାରୁ ଲୋକମାନେ ଫୁଟପାଥ ଉପରେ ଯାତାୟାତ କରୁଛନ୍ତି। କିନ୍ତୁ ରାସ୍ତା କଡ଼ ଡ୍ରେନ୍ ସ୍ଲାପ୍ ?ଗୁଡ଼ିକ ମଧ ?ରୁ କେତେକ ଭାଙ୍ଗିଯାଇଥିବା ବେଳେ ସେଠାରେ ନୂଆ ସ୍ଲାପ୍ ପଡ଼ିନାହିଁ। ଯାହାକି ସମସ୍ତଙ୍କ ପାଇଁ ବିପଦ ସାଜିଛି। ବିଏମ୍ ?ସି ୧୪ ନମ୍ବର ୱାର୍ଡ ମଙ୍ଗଳା ମନ୍ଦିର ରାସ୍ତାକଡ଼ରେ ଦେଖାଯାଇଥିବା ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବରିଷ୍ଠ ନାଗରିକ ଓ ବସ୍ତିବାସିନ୍ଦା ସହ ଆବାସିକ କଲୋନିବାସୀ ବିଏମ୍ ?ସି ନିକଟରେ ଦାବି କରିଛନ୍ତି।

# କିଟ ପରିଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ତାଙ୍କ ଧର୍ମପତ୍ନୀ ଜୟଶ୍ରୀ କମ୍ଭମପାଟି କିଟ୍, କିସ୍ ଓ କିମ୍‌ସ ପରିଦର୍ଶନରେ ଆସିଥିଲେ। ଏଠାରେ କିସ୍‌ର ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। କିସ୍ ପିଲାଙ୍କ ସହ ମଧ୍ୟାହ୍ନଭୋଜନ କରିବାରେ ଡ. କମ୍ଭମପାଟି ହେଉଛନ୍ତି ଓଡ଼ିଶାର ପ୍ରଥମ ରାଜ୍ୟପାଳ। ପୂର୍ବାହ୍ଣରେ ରାଜ୍ୟପାଳ ସପତ୍ନୀକ



କିଟ୍‌ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିଦର୍ଶନ ସମୟରେ ସେ ବିଭିନ୍ନ ସ୍କୁଲ୍ ବୁଲିବା ସହ ସେଠାରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ରୁରାଲ୍ ମ୍ୟାନେଜମେଣ୍ଟ କ୍ୟାମ୍ପସ୍‌ରେ କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ କିଟ୍‌ର ଆକର୍ଷଣୀୟ ଭାସ୍କର୍ଯ୍ୟ ଓ ପାର୍କ ପରିଦର୍ଶନ କରି ବିମୋହିତ ହୋଇଥିଲେ। ସେହିପରି ଗୋଲାପ ବଗିଚା, ଲ' ସ୍କୁଲ୍, ବାୟୋଟେକ୍ନୋଲୋଜି, କିମ୍‌ସ, କିମ୍‌ସ ସୁପରସ୍ପେଶିଆଲିଟି ହସ୍ପିଟାଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। କିସ୍‌ରେ ପହଞ୍ଚିବା ପରେ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ମଧ୍ୟାହ୍ନଭୋଜନ ପରେ ସେ ପିଲାମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମସ୍ତ କ୍ୟାମ୍ପସ୍ ପରିଦର୍ଶନ ପରେ ରାଜ୍ୟପାଳ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ରାଜ୍ୟପାଳଙ୍କ କିସ୍ ପରିଦର୍ଶନ ସମୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭୂମିଜା-ମହାସତୀ ସୀତା' ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ଲେଖିକା ତନିମା ପରିଡ଼ାଙ୍କ ରଚିତ 'ଭୂମିଜା-ମହାସତୀ ସୀତା' ପୁସ୍ତକ ସ୍ଥାନୀୟ କ୍ରାଉନ୍ ହୋଟେଲଠାରେ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କାହାଣୀକାର ତଥା ଗୀତିକାର ଡ. ବଦ୍ରି ମିଶ୍ର, ଲେଖିକା ଶୁଭଶ୍ରୀ ମିଶ୍ର, ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରକର ଗୁରୁ ମହେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରକାଶକ ଶୁଭାନ୍ୱେଷ ରଥ ପ୍ରମୁଖ ଯୋଗ ଦେଇଥିଲେ। ମହର୍ଷି ବାଲ୍ମୀକି ରଚିତ ସୃଷ୍ଟିର ପ୍ରଥମ ମହାକାବ୍ୟ ରାମାୟଣ ମାନବ ଜାତି ପାଇଁ ଏକ ଅମୂଲ୍ୟ ଉପହାର। ସଂସାରରେ ସମସ୍ତ ନାରୀଙ୍କ ପାଇଁ ମାତା ସୀତାଙ୍କର ଜୀବନ କାହାଣୀ ନିଶ୍ଚିତ ଭାବେ ପ୍ରେରଣାଦାୟୀ। 'ଭୂମିଜା' ଓଡ଼ିଆ ଅନୁଦିତ ରାମାୟଣ ଓ କିମ୍ବଦନ୍ତୀ ଉପରେ ଆଧାରିତ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ମୀନାକ୍ଷୀ ରଥ, ଶ୍ରୀଜଗନ୍ନାଥ ଅଷ୍ଟକମ୍ ପାଠ କରିଥିଲେ। ଡ. ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶ୍ୟାମା ପ୍ରସାଦ ମିଶ୍ର, ବିନତି ମିଶ୍ର, ସୂର୍ଯ୍ୟ ପ୍ରସାଦ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର (ପିପିଏସ୍):** କରୋନା, ଝାଡ଼ାବାନ୍ତି ଓ ଡେଙ୍ଗୁ ରୋଗ ଉପରେ ଏକ ସଚେତନତା ଶିବିର ସ୍ଥାନୀୟ ଧର୍ମବିହାର ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡା. ନିରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନ ଏବଂ ଆଇଆଇଏଚ୍‌ପି ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଡା. ସନ୍ତୋଷ କୁମାର ଜେନା ଓ ଡା. କମଳ ସିଂଙ୍କ ଦ୍ୱାରା ତିନୋଟି ରୋଗର ପ୍ରମୁଖ କାରଣ, ଲକ୍ଷଣ, ନିରାକରଣ, ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବସ୍ତିର ୫ଶହ ଲୋକଙ୍କୁ ଔଷଧ ବଣ୍ଟନ କରାଯିବା ସହିତ ମାସ୍କ, ସାନିଟାଇଜର ଆଦି ବିତରଣ କରାଯାଇଥିଲା। କରୋନା, ଝାଡ଼ାବାନ୍ତି ଏବଂ ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଏବଂ ନିକାକରଣ ବିଷୟରେ ସୂଚନା ଦିଆଯାଇଥିଲା। ରୋଗୀଙ୍କ ପ୍ରତିଷେଧକ କ୍ଷମତା ବଢ଼ାଇବା ଲାଗି ଆର୍‌ସେନିକ ଏଏଲ୍‌ବି ୩୦ ଔଷଧ ବିତରଣ କରାଯାଇଥିଲା। ଗହଳି ସ୍ଥାନରେ ବ୍ୟବହାର ଲାଗି ମାସ୍କ ପିନ୍ଧିବା, ହାତକୁ ପରିଷ୍କାର କରିବା ଲାଗି ସାବୁନ ଓ ସାନିଟାଇଜର ମଧ ବିତରଣ କରାଯାଇଥିଲା। ପାଣି ଫୁଟାଇ ଛାଣିକରି ପିଇବାକୁ ସଚେତନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଧର୍ମବିହାରସ୍ଥିତ ବାସୁଦେବ ସେଠୀ ଓ ତାଙ୍କ ସହକର୍ମୀ ସହଯୋଗ କରିଥିଲେ।

# ଏକାଠି ହେଲେ ବରିଷ୍ଠ ନାଗରିକ

**ଭୁବନେଶ୍ୱର (ପିପିଏସ୍):** ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବନ୍ଧୁମିଳନ ଉତ୍ସବ କୋଠଘରଠାରେ ଅନୁଷ୍ଠିତ ହୋଇଛି। କମିଟି ସଭାପତି ସୁର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର କିଭଳି ବିକାଶ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। କମିଟି ସମ୍ପାଦକ କିଶୋର ଚନ୍ଦ୍ର ସାହୁ ଗ୍ରାମର ପୋଖରୀ ବିଷୟରେ ଆଲୋଚନା କରିବା ସହ ବିଗତ ଦିନରେ ବରିଷ୍ଠ ନାଗରିକ କମିଟି କ'ଣ ସବୁ କାମ ହାତକୁ ନେଇଛି ସେ ବିଷୟରେ କହିଥିଲେ। କାର୍ଯ୍ୟକାରୀ ସଭାପତି ପୀତବାସ ସାହୁ ଯୋଗଦେଇ ଗ୍ରାମରେ ଥିବା ହସ୍ପିଟାଲରେ କିପରି ମହିଳା ପ୍ରସୂତି ବିଭାଗ ଖୋଲଯାଇପାରିବ ଏବଂ ୨୪ ଘଣ୍ଟିଆ ହସ୍ପିଟାଲ ଚାଲିବ ସେ ନେଇ ପ୍ରସ୍ତାବ ରଖିଥିଲେ। ମୁଖ୍ୟ ଉପଦେଷ୍ଟା ଧୀରେନ୍ଦ୍ର କୁମାର ପତି କହିଲେ ଗ୍ରାମରେ କିପରି ପ୍ରାଥମିକ ବିଦ୍ୟାଳୟ ଗୃହକୁ ପକ୍କା କରାଯିବ, ପିଲାଙ୍କ ଖେଳପଡ଼ିଆର ଉନ୍ନତି ଆଦି ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ପ୍ରତାପ ଜେନା ଓ ୯ ନମ୍ବର ୱାର୍ଡ କର୍ପୋରେଟର ସୁଷମା ସାହୁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କମିଟି ଉପ ସଭାପତି ରାସନ୍ତ ସାହୁ ପ୍ରତି ବରିଷ୍ଠ ନାଗରିକ କିଭଳି ସ୍ୱାସ୍ଥ୍ୟ ସେବା କାର୍ଡ ପାଇବେ ସେ ଦିଗରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ପାତ୍ର, ପ୍ରଫୁଲ ସାମନ୍ତ, ପଦ୍ମ ଚରଣ ନନ୍ଦ, ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସହ ସମ୍ପାଦକ ବିଚିତ୍ର ନନ୍ଦ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବାଣୀବିହାର: ନିର୍ବାଚନ ଘୋଷଣା ନହେଉ ତେଜୁଛି ରାଜନୀତି

**ଭୁବନେଶ୍ୱର (ପିପିଏସ୍) :** କଲେଜ ନିର୍ବାଚନ କଥା ଉଠିଲେ ବାଣୀବିହାରରେ ସ୍ୱତନ୍ତ୍ର ଉତ୍ସୁକତା ଦେଖାଦିଏ। ଛାତ୍ରଛାତ୍ରୀଙ୍କ ଉତ୍ସାହ ସହ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ମଧ୍ୟ ଜୋରଦାର ପ୍ରସ୍ତୁତି ରାଜ୍ୟ କଲେଜ ନିର୍ବାଚନର ସବୁଠୁ ଚର୍ଚ୍ଚାରେ ରହିଥାଏ। ତେବେ ନିର୍ବାଚନ ତାରିଖ ଘୋଷଣା ହୋଇ ନଥିଲେ ମଧ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ପତିଆରା ଲଢ଼େଇ ଆରମ୍ଭ ହୋଇଗଲାଣି। କିଛିଦିନ ତଳେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌ ?ମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଏହାକୁ ନେଇ ରାଜ୍ୟର ତିନିଟି ଯାକ ଛାମୁଆ ଛାତ୍ର ସଂଗଠନ ମଧ୍ୟରେ ଏବେ ଏଠାରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। କିଏ କେଉଁଭଳି ଭାବେ କ୍ୟାମ୍ପସ୍ ଛାତ୍ରଛାତ୍ରୀଙ୍କ ନିକଟତର ହୋଇପାରିବ ସେନେଇ ଉଦ୍ୟମ କରୁଛନ୍ତି। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସବୁ ସଙ୍ଗଠନକୁ ଏକାଠି କରିବା ଠାରୁ ଆରମ୍ଭ କରି ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତି କରିବାକୁ ସୁଯୋଗ ଦେଇଛି। ଯାହାକୁ ପ୍ରତ୍ୟେକ ସଂଗଠନ କାମରେ ଲଗାଇବାକୁ ହାତଛଡ଼ା କରୁନାହାନ୍ତି। ଫଳରେ କେତେକସ୍ଥଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି। ଶ୍ରଦ୍ଧାଞ୍ଜଳି ଆଳରେ କଂଗ୍ରେସ ପକ୍ଷରୁ ଲଗାଇଥିବା ବ୍ୟାନରକୁ ନେଇ



କ୍ୟାମ୍ପସ୍‌ରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରବେଶପଥରେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଶ୍ରଦ୍ଧାଞ୍ଜଳି ବ୍ୟାନର ଚିରିବାକୁ ନେଇ ଦୁଇଛାତ୍ର ସଂଗଠନ ମୁହାଁମୁହିଁ ହୋଇଥିଲେ। ବ୍ୟାନରରୁ ସୌମ୍ୟାଶ୍ରୀଙ୍କ ଫଟୋ କିଏ ଚିରିଲା ତାହା ଜଣାପଡ଼ି ନଥିଲେ ମଧ ଉଭୟ ସଂଗଠନ ପରସ୍ପରକୁ ଦୋଷାରୋପ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କଂଗ୍ରେସ ପକ୍ଷରୁ କ୍ୟାମ୍ପସ୍ ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଯେଉଁଥିରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ଦଳର ବରିଷ୍ଠ ନେତାମାନେ ସାମିଲ ହେବାର ଯୋଜନା ରହିଥିଲା। ତେଣୁ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ବ୍ୟାନର ଲଗାଯାଇଥିଲା। ତେବେ କାର୍ଯ୍ୟକ୍ରମ ପୂର୍ବରୁ କେହି ଦୁର୍ବୃତ୍ତ ଏହି ବ୍ୟାନରକୁ ଚିରି ଦେଇଥିଲେ। ସକାଳୁ କଂଗ୍ରେସ ନେତାମାନେ ସେଠାରେ ପହଞ୍ଚିଲା ବେଳକୁ କେବଳ ବ୍ୟାନର ଥିଲା, ସେଥିରେ ସୌମ୍ୟାଶ୍ରୀଙ୍କ ଫଟୋ ନ ଥିଲା। ଏହାକୁ ନେଇ କଂଗ୍ରେସର ନେତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କାରଣ ଯେଉଁଠି କଂଗ୍ରେସ ପକ୍ଷରୁ ବ୍ୟାନର ଲଗାଯାଇଥିଲା ତାହାର ଠିକ୍ ନିକଟରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଲଗାଯାଇଥିବା ସରସ୍ୱତୀ ପୂଜା ଶୁଭେଚ୍ଛା ବ୍ୟାନର ଅକ୍ଷତ ରହିଛି। କେବଳ ସୌମ୍ୟାଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ବ୍ୟାନର ଚିରାଯାଇଥିବାରୁ ଏବିଭିପି ସଦସ୍ୟମାନେ ଏଭଳି କାର୍ଯ୍ୟ କରିଥିବା ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଏବିଭିପି ପକ୍ଷରୁ ଏଭଳି ଘଟଣାକୁ ନିନ୍ଦା କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ଫାଟକ ନିକଟରେ ଲାଗିଥିବା ବ୍ୟାନରକୁ କେତେଜଣ ଅସାମାଜିକ ବ୍ୟକ୍ତି ଚିରି ଦେଇଛନ୍ତି। ବର୍ତ୍ତମାନ ଛାତ୍ର କଂଗ୍ରେସ ସଭାପତି ଗିରଫ ହୋଇଥିବାରୁ ଏହି ବିଷୟରୁ ନଜର ହଟାଇବାକୁ କଂଗ୍ରେସ ଏଭଳି ପୋଷ୍ଟର ଚିରା ଅଭିଯାନ ଆପଣାଇ ଏବିଭିପି ଉପରେ ଦୋଷ ଲଦୁଛି ବୋଲି ଅଭିଯୋଗ ହେଉଛି। ଏଭଳି ଅସାମାଜିକ ଓ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ଦୋଷୀଙ୍କୁ ଚିହ୍ନଟ କରି ଗିରଫ କରିବା, ଭବିଷ୍ୟତରେ ଏପରି ଅପମାନଜନକ ଘଟଣା ଆଉ ଥରେ ନ ଘଟେ ତାହା ନିଶ୍ଚିତ କରିବାକୁ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଏବିଭିପି ପକ୍ଷରୁ ଦାବି କରାଯାଇଛି।

# ସାର କଳାବଜାର, ଚାଷୀ ହୀନସ୍ତା

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠ ବାଲିଅନ୍ତା, ବାଲିପାଟଣା ଆଦି ଅଞ୍ଚଳରେ ସାରର କଳାବଜାର ହେଉଥିବା ଅଭିଯୋଗ ହେଉଛି। ଡିଲର ପଏଣ୍ଟ ଓ ସମବାୟ ସମିତିରେ ଏହାର କଳାବଜାର ହେଉଥିବା ଜଣାଯାଇଛି। ଚାଷୀମାନେ ଏ ନେଇ ବ୍ଲକ୍ କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିଶେଷ କରି ପଟାସ, ୟୁରିଆ ଓ ଡିଏପି ସାର ଆଦୌ ମିଳୁନଥିବା ଚାଷୀମାନେ କହିଛନ୍ତି। ଡିଲର ଓ ସମବାୟ ସମିତିରେ ଯେତିକି ସାର ଅଛି ତାହାକୁ ଯଥେଷ୍ଟ ଚଢ଼ା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଜଣେ ସାର ଦୋକାନୀଙ୍କ ସୂଚନା ଅନୁସାରେ ୟୁରିଆ ୪୫ କେଜି ପ୍ୟାକେଟ ପିଛା ୩୪୦ ଟଙ୍କା, ଗ୍ରୋମର ୫୦ କେଜି ପ୍ୟାକେଟ ପିଛା ୧୭୦୦ ଟଙ୍କା, ଡିଏପି ୫୦ କେଜି ପିଛା ୧୩୫୦ ଟଙ୍କା ଓ ପଟାସ ୫୦ କେଜି ପିଛା ୧୬୫୦ ଟଙ୍କାରେ ବିକ୍ରି ?କରାଯାଉଛି। ଭୁବନେଶ୍ୱର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଂପାଦକ ନିରଞ୍ଜନ ନାଥ କହିଛନ୍ତି, ସେ ବାଲିଅନ୍ତା ବ୍ଲକକୁ ୪୨୧ ମେଟ୍ରିକ ଟନ୍ ?ର ବିଭିନ୍ନ ସାର ଯୋଗାଇ ଦେଇଛନ୍ତି। ହେଲେ ବାଲିଅନ୍ତା ବ୍ଲକ ଅଞ୍ଚଳରେ ଏବେ ରୁଆ ବେଉଷଣ କାର୍ଯ୍ୟ ଲାଗି ରହିଥିବା ବେଳେ ବଜାରରେ କିମ୍ବା ସମବାୟ ସମିତିରେ ଚାଷୀଙ୍କ ଆବଶ୍ୟକତା ଅନୁସାରେ ଏସବୁ ସାର ମିଳୁ ନାହିଁ। ଯାହାଫଳରେ ଚାଷୀ ଧାନ ରୋଇବା ପୂର୍ବରୁ ଜମିରେ ସାର ପକାଇ ପାରୁ ନାହିଁ କିମ୍ବା ଯେଉଁମାନେ ରୋଇ ସାରିଛନ୍ତି ଧାନଗଛ ବଢ଼ିବା ପାଇଁ ସାର ପ୍ରୟୋଗ କରିପାରୁ ନାହାନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ବାଲିଅନ୍ତା



ବ୍ଲକ୍ ? କୃଷି ବିଭାଗ ସହକାରୀ କୃଷି ଅଧିକାରୀ ସ୍ମିତିପ୍ରଜ୍ଞା ଖମାରୀଙ୍କ କହିବାନୁସାରେ ଏନେଇ ବହୁ ଚାଷୀ ତାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏସଂପର୍କରେ ସେ ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ସେହିପରି ଜଣେ ଡିଲର ନିଜ ନାମ ଗୋପନ ରଖି କହିଛନ୍ତି ସରକାର ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସାର ଉପରେ ସବ୍‌ସିଡି ଦିଆଯିବାକୁ ନେଇ ଆଲୋଚନା ଚୂଡ଼ାନ୍ତ ହୋଇ ପାରି ନଥିବାରୁ ବଜାରରେ ସାରର ଅଭାବ ପରିଲକ୍ଷିତ ହେଉଛି। କିଛି ସମବାୟ ସମିତିରେ କେବଳ ଗ୍ରୋମର ଓ ୟୁରିଆ ସାର ମହଜୁଦ ଅଛି। ହେଲେ ତାହା ପୁଣି ଚାଷୀଙ୍କ ଆବଶ୍ୟକତା ଅନୁସାରେ ମିଳୁ ନାହିଁ। ସେହିପରି ଖୋଲା ବଜାର ଓ ସମିତିରେ ପଟାସ ଓ ଡିଏପି ସାର ଆଦୌ ମିଳୁ ନଥିବା କୁହାଯାଉଛି। ତେଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବାର୍ଡ ଫ୍ଲୁ ପ୍ରଭାବରେ କମିଲା ଚିକେନ ଦର

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠ ଓ ପୁରୀ ଜିଲ୍ଲାର ଡେଲାଙ୍ଗ, ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା, ବାଲିପାଟଣା ଓ ଜଙ୍କିଆ ଆଦି ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପିବା ପରେ ଏବେ ରାଜଧାନୀରେ ଚିକେନ୍ ଦର ହ୍ରାସ ପାଇଥିବା ଜଣାପଡ଼ିଛି। ଏହା ବଦଳରେ ମାଛ ଦର ବୃଦ୍ଧି ପାଇଛି। ରୋହି, ଭାକୁଡ଼, ଚିଙ୍ଗୁଡ଼ି ଆଦି ମାଛର ଭାଉ ବଢ଼ିଛି। ଚିକେନ୍ ଦର ପାଖାପାଖି ୮୦ ଟଙ୍କା କମିଯାଇଥିବା ବେଳେ ମାଛ ଭାଉ ପ୍ରାୟ ୨୦ଟଙ୍କା ବଢ଼ିଛି। ଆଜି ଆମିଷ ବାରି ଥିବାରୁ ସ୍ୱାଭାବିକ ଭାବେ ଆମିଷ ବଜାରରେ ଗହଳି ଲାଗିଥିଲା। କିନ୍ତୁ ଚିକେନ୍ କାଉଣ୍ଟର ଥିଲା ଖାଁ ଖାଁ। ଚିକେନ୍ ଦର କିଛିଦିନ ତଳେ କିଲୋ ପିଛା ୨୪୦ ଟଙ୍କାରୁ ୨୮୦ ଟଙ୍କା ଥିଲାବେଳେ ଏବେ ଦର ଥିଲା ୧୬୦ ଟଙ୍କାରୁ ୨୦୦ ଟଙ୍କା ହୋଇଛି। ଖଣ୍ଡଗିରି ଓ ଖୋର୍ଦ୍ଧା ସଂଲଗ୍ନ ଅଞ୍ଚଳରେ ଚିକେନ୍ କିଲୋ ପିଛା ୧୪୦ ଟଙ୍କାକୁ ଖସି ଆସିଛି। ଦର କମିବା ପରେ ବି ବାର୍ଡ ଫ୍ଲୁ ଭୟରେ ବହୁ ଗ୍ରାହକ ଚିକେନ୍‌ରୁ ମୁହଁ ଫେରାଇବା ଦେଖାଯାଇଛି। କିନ୍ତୁ ଆଜି ମାଛ ଦୋକାନରେ ପ୍ରବଳ ଗହଳି ଲାଗି ରହିଥିଲା। ଅଲଗା ଦିନ ଅପେକ୍ଷା ଆଜି ରୋହି, ଭାକୁଡ଼ ଓ ଚିଙ୍ଗୁଡ଼ିର ମୂଲ୍ୟ ବୃଦ୍ଧି ପାଇଥିଲା। ମାଛ ଚାହିଦା ବଢ଼ିବାରୁ ଦର ବଢ଼ିଯାଇଥିଲା। ପୂର୍ବରୁ ରୋହି, ଭାକୁଡ଼ ଦର ୧୬୦ ଟଙ୍କାରୁ ୧୮୦ ଭିତରେ ଟଙ୍କା ଥିଲା। କିନ୍ତୁ ଆଜି ୧୮୦ରୁ ୨୦୦ ଟଙ୍କାକୁ ବଢ଼ିଥିଲା। ବଡ଼ ସାଇଜ୍ ଭାକୁଡ଼ କିଲୋ ୨୨୦ ଟଙ୍କା ହୋଇଯାଇଥିଲା। ଫାଷ୍ଟଫୁଡ୍ ବଜାର ଉପରେ ବାର୍ଡ ଫ୍ଲୁ ପାହାର ପଡ଼ିଛି। ବେପାର ପୂରା ମାନ୍ଦା। ଚିକେନ୍ ? ଆଇଟମ୍ ବିକ୍ରି ବହୁ ପରିମାଣରେ ହ୍ରାସ ପାଇଛି। ଚିକେନ୍ ବିରିଆନି, ପକୋଡ଼ା, ଚିକେନ୍-ଅଣ୍ଡା ରୋଲ୍ ଓ ଚପ୍, ଚିକେନ୍ ଚାଓମିନ୍ ଓ ଚିକେନ୍ ମୋମୋ ଭଳି ଖାଦ୍ୟ ସାମଗ୍ରୀ ଆଡ଼କୁ ଗ୍ରାହକ ଚାହୁଁ ନାହାନ୍ତି। କିଛି ଅଣଓଡ଼ିଆ ଗ୍ରାହକଙ୍କ ପାଇଁ ଚିକେନ୍ ଆଇଟମ୍ ବେପାର ଚାଲିଛି। ଯେଉଁ ଫାଷ୍ଟଫୁଡ୍ କାଉଣ୍ଟରରେ ଦୈନିକ ୨୦୦ ପ୍ଲେଟ୍ ବିକ୍ରି ହେଉଥିଲା, ଏବେ ସେଠାରେ ୫୦ ପ୍ଲେଟ୍ ବିକ୍ରି ହେଉଛି। କାରଣ ଗ୍ରାହକମାନେ ଚିକେନ୍ ନାଁ ଶୁଣିଲେ ନାକ ଟେକୁଛନ୍ତି। ପକୋଡ଼ା, ଚାଓମିନ୍ ଭଳି ଆଇଟମ୍‌ରେ ଚିଙ୍ଗୁଡ଼ି, ଛତୁ ପକାଇବାକୁ ବରାଦ କରୁଛନ୍ତି।

# ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

**ଭୁବନେଶ୍ୱର (ପିପିଏସ୍):** ଅଟଳ ଯୁବଶକ୍ତି ପକ୍ଷରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ ବୈଠକ ପ୍ରେସ୍ କ୍ଲବ୍ ଅଫ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବାବେଳେ ଏହି ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରବୀର ଶଙ୍କର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଟଳ ଯୁବ ଶକ୍ତିର ସଭାପତି ବିକାଶ ପାଢ଼ୀ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ପର୍ଶୁରାମ ବେହେରା, ମୁଖ୍ୟ ପରାମର୍ଶଦାତା ଅଶୋକ କୁମାର ପାଳିତ ପ୍ରମୁଖ ଉପସ୍ଥିତ ରହି କାର୍ଗିଲ ବିଜୟ ଦିବସ ଓ ଅଟଳବୀହାରୀ ବାଜପେୟୀଙ୍କ ଶହେତମ ଜୟନ୍ତୀ ଅବସରରେ ଓଡ଼ିଶାର ପ୍ରତ୍ୟକ କ୍ଷେତ୍ରରେ ପ୍ରତିଭାଙ୍କୁ 'ପ୍ରତିଭା ସମ୍ମାନ ୨୦୨୫' ସମ୍ମାନିତ କରିଥିଲେ। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କବି ସମ୍ମିଳନୀ ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଜୋନାଲ ସଭାପତି ଧୀରଜ ମହାନ୍ତି, ଉପାଧ୍ୟକ୍ଷ ଡ. ସିଦ୍ଧାର୍ଥ ପତି, ଯୁବ ସହ ଆବାହକ ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳୁନି ପରିଶ୍ରମର ମୂଲ୍ୟ, ଅବହେଳିତ ମଞ୍ଚ କଳାକାର

**ଭୁବନେଶ୍ୱର (ପିପିଏସ୍):** ଗୋଟିଏ ନାଟକ କରିବାକୁ ହେଲେ ବହୁତ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ମାସ ମାସ ଧରି ରିହାର୍ସାଲ କରିବା ସହିତ ସଂଳାପ ମଧ ଘୋଷି ମନେ ରଖିବାକୁ ପଡ଼ିଥାଏ। ଯାହାଦ୍ୱାରା ନାଟକଟିକୁ ଦର୍ଶକଙ୍କ ପାଖରେ ଭଲ ଭାବରେ ମଞ୍ଚସ୍ଥ କରିହେବ। ଏହି ମଞ୍ଚ ନାଟକ ହିଁ ଅଭିନୟ କ୍ଷେତ୍ରରେ ମୂଳଦୁଆ ପଡୁଥିବା କହିଲେ ଚଳେ। ମଞ୍ଚରେ ଅଭିନୟ କରିବା ବେଳେ କିଛି ତାଳି, ପ୍ରଶଂସା ଆଉ କିଛିଟା ବାଃ ବାଃ ଓ ସମ୍ମାନ ମିଳିଥାଏ। ହେଲେ ଏତେ ପରିଶ୍ରମ କରି କେବଳ ଏହି ସାଉଁଟା ପ୍ରଶଂସା ହିଁ ସାଙ୍ଗରେ ଘରକୁ ନେଇ ଯିବାକୁ ହୁଏ। ହେଲେ ପରିଶ୍ରମର ପାରିଶ୍ରମିକ ଭାବରେ କିଛି ମିଳେ ନାହିଁ। ଓଡ଼ିଶାରେ କିଛି ହାତ ଗଣତି ସଂସ୍ଥାକୁ ଛାଡ଼ିଲେ ମଞ୍ଚରେ ଯୁବ ଅଭିନେତାମାନଙ୍କୁ ପାରିଶ୍ରମିକ ମିଳେ ନାହିଁ। ଯାହା ଫଳରେ ଯୁବ ଅଭିନେତାମାନେ ଏହି ମଞ୍ଚ ଅଭିନୟରୁ ମୁହଁ ଫେରାଉଛନ୍ତି।

ରାଜଧାନୀରେ ପ୍ରାୟ ୫୦ରୁ ଅଧିକ ନାଟ୍ୟ ସଂସ୍ଥା ରହିଛି। ପ୍ରତିଦିନ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ସମେତ ଅନ୍ୟ



ମଞ୍ଚଗୁଡ଼ିକରେ ନାଟକ ପରିବେଷଣ ହୁଏ। ହେଲେ ଏହି ନାଟକରେ ଅଭିନେତ୍ରୀମାନଙ୍କୁ ପାରିଶ୍ରମିକ ମିଳୁଥିବା ବେଳେ ଅଭିନେତାଙ୍କୁ ପାରିଶ୍ରମିକ ମିଳେନାହିଁ। ଯେଉଁଠି ଲାଇଟ୍ ପାଇଁ ୩ ରୁ ୫ ହଜାର, ସଙ୍ଗୀତ ପାଇଁ ୪ ରୁ ୭ ହଜାର, ରୂପସଜ୍ଜା ପାଇଁ ୨ରୁ ୪ ହଜାର ସହ ପ୍ରେକ୍ଷାଳୟ ଭଡ଼ା ଏବଂ ଗାଡ଼ି ଡ୍ରାଇଭରଙ୍କୁ ବି କିଛି ପାରିଶ୍ରମିକ ଦିଆଯାଉଛି। ହେଲେ ଯୁବ ଅଭିନେତାମାନଙ୍କୁ ଏତିକି ବି ଦିଆଯାଉନାହିଁ। ହାତ ଗଣତି କିଛି ନାଟ୍ୟ ସଂସ୍ଥା କେବଳ ଗାଡ଼ି ତେଲ ପାଇଁ ୨ ଶହରୁ ୫ ଶହ ଟଙ୍କା ଦେଉଥିବା ବେଳେ ଅନ୍ୟମାନେ ଆଦୌ ପାରିଶ୍ରମିକ ଦେଉ ନାହାନ୍ତି। ଫଳରେ ପେସାଦାର ପୁରୁଷ କଳାକାରମାନେ ମଞ୍ଚ ନାଟକରୁ ମୁହଁ ଫେରାଉଛନ୍ତି। କେବଳ ସୌଖିନି କଳାକାରମାନେ ମଞ୍ଚରେ ଦେଖିବାକୁ ମିଳୁଛି। ଯେଉଁମାନେ ନିଜ ପକେଟ୍‌ରୁ ଅନେକ ସମୟରେ ଟଙ୍କା ଖର୍ଚ୍ଚ କରି ନାଟକ ପରିବେଷଣ କରୁଛନ୍ତି।

ଅନେକ ପିଲା ଏହି ଡ୍ରାମା ପାଠ ପଢ଼ନ୍ତି ହେଲେ ଉଚିତ୍ ପାରିଶ୍ରମିକ ନ ପାଇବାରୁ ସିରିଏଲ୍ ଓ ଚଳଚ୍ଚିତ୍ର ଆଡ଼େ ମୁହାଁନ୍ତି। ଡ୍ରାମା ପାଠ ପଢୁଥିବା ପିଲା ଆଉ ନାଟକ କରିବାକୁ ଭଲ ପାଉନାହାନ୍ତି। ଯାହା ପାଖରେ ମଞ୍ଚ ନାଟକକୁ ନେଇ ପାଗଳ ପଣ ଥିବ ସେହିପରି କିଛି ପିଲା ଏବେ ମଞ୍ଚ ନାଟକ କରୁଥିବାର ଦେଖାଯାଉଛି ବୋଲି ଉତ୍କଳ ସଂସ୍କୃତି କଲ୍‌ଚର ଡ୍ରାମା ବିଭାଗରେ ଅତିଥି ଅଧ୍ୟାପକ ଭାବରେ କାର୍ଯ୍ୟରତ ଥିବା ଦେବବ୍ରତ ପଟ୍ଟନାୟକ କହିଛନ୍ତି। ବର୍ତ୍ତମାନ ଡ୍ରାମା ପାଠ ପଢୁଥିବା ଅନେକ ଅଭିନେତା ମଞ୍ଚରୁ ଅଭିନୟ କ୍ୟାରିୟର ଆରମ୍ଭ କରି ପରାବର୍ତ୍ତୀ ସମୟରେ ସିରିୟଲ୍ ଓ ସିନେମାରେ ଅଭିନୟ କରୁଛନ୍ତି। ପାରିଶ୍ରମିକ ମିଳୁନାହିଁ ବୋଲି ସେମାନେ ବି ମନ ଦୁଃଖ କରନ୍ତି। ଯାହା ହେଲେ ବି ଯୁବ ଅଭିନେତା ମାନଙ୍କୁ କିଛି ପାରିଶ୍ରମିକ ଦେବା କଥା ତେବେ ସେମାନେ ନାଟକ ପାଇଁ ଆଗ୍ରହ ଦେଖାଇବେ। ବୋଲି ରଙ୍ଗମ୍ ନାଟକର ମୁଖ୍ୟ ଦର୍ପ ନାରାୟଣ ସେଠୀ କହିଛନ୍ତି।

# ରାସ୍ତାକଡ଼ରେ ଜମାହେଉଛି କୁଢ଼ କୁଢ଼ ଆବର୍ଜନା

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି କୁଢ କୁଢ ଆବର୍ଜନା। ବିଭିନ୍ନ ସ୍ଥାନରେ ଅଳିଆ ପାହାଡ ସୃଷ୍ଟି ହେଲାଣି। ଟିଟିଏସ୍ ଗନ୍ଧକୁ ନେଇ ଲୋକେ ନିୟମିତ ଭାବେ ଧାରଣାରେ ବସୁଛନ୍ତି। ବିଭିନ୍ନ ସ୍ଥାନରୁ ଦିନ ଦିନ ଧରି ରାସ୍ତାକଡ଼ରୁ ଅଳିଆ ଉଠୁନି। ଆପାର୍ଟମେଣ୍ଟ ଗୁଡ଼ିକରେ ଏସ୍‌ଟିପି ନାହିଁ। ଏବେବି ଲୋକେ ରାସ୍ତା କଡ଼ରେ ପରିସ୍ରା କରୁଛନ୍ତି। ଏପରିକି ପୂର୍ବ ସରକାରଙ୍କ ଅମଳରେ ନିର୍ମାଣ ଶେଷ ହୋଇଥିବା ପଳାଶୁଣି ସ୍ଥିତ ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରିଲା ନାହିଁ। ଏହା ସତ୍ତ୍ୱେ ଭୁବନେଶ୍ୱର କିପରି ୯ନମ୍ବର ସ୍ଥାନ ପାଇଲା। ତାହାକୁ ନେଇ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭୁବନେଶ୍ୱର କେଉଁ ଶ୍ରେଣୀରେ ୯ନମ୍ବର ସ୍ଥାନ ହାସଲ କଲା ତାହାକୁ ଡିକୋଡ୍ କଲେ ଜଣାପଡ଼ିବ ଯେ ଭୁବନେଶ୍ୱର ସ୍ୱଚ୍ଛ ସର୍ବେକ୍ଷଣର କୌଣସି ଶ୍ରେଷ୍ଠ ପ୍ରତିଯୋଗିତାରେ ଏହି ପୁରସ୍କାର ପାଇ ନାହିଁ। କେନ୍ଦ୍ର ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିବୃତିରେ କୁହାଯାଇଛି ଛୋଟ ସହରମାନଙ୍କ ପାଇଁ ପ୍ରତିଯୋଗିତାକୁ ସରଳ କରାଯାଇଥିଲା। ଯାହା ସେମାନଙ୍କୁ ପ୍ରତିଯୋଗିତା କରି ସ୍ୱଚ୍ଛତାର ଶୀର୍ଷକୁ ଆରୋହଣ କରିବାକୁ ଉତ୍ସାହିତ କରିବ। ଛୋଟ ସହରମାନେ ଏହି ସର୍ଭେକ୍ଷଣରେ ବଡ଼



ସହରମାନଙ୍କ ସହିତ ଏକ ସମାନ ପ୍ଲାଟଫର୍ମ ପାଇଥିଲେ। 'ଏକ ସହର, ଏକ ପୁରସ୍କାର' ନୀତି ଅନୁସରଣ କରି, ପ୍ରତ୍ୟେକ ରାଜ୍ୟରୁ ଶୀର୍ଷ ପ୍ରଦର୍ଶନ କରୁଥିବା ସହରମାନଙ୍କୁ 'ପ୍ରମିସିଂ ସ୍ୱଚ୍ଛ ସହର' ଭାବେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୩୪ଟି ସହର ଏହି ସମ୍ମାନ ହାସଲ କରିଥିଲେ। ଏହା ସ୍ୱଚ୍ଛ ସର୍ବେକ୍ଷଣର ଅନ୍ତିମ କ୍ୟାଟାଗୋରୀ ରହିଥିଲା। ଭୁବନେଶ୍ୱର ଏହି କ୍ୟାଟାଗୋରୀରେ 'ଏକ ସହର ଏକ ପୁରସ୍କାର' ନୀତି ଅନୁସରଣ କରି ପୁରସ୍କୃତ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣର ସୁପର ସ୍ୱଚ୍ଛ ଲିଗ୍‌କୁ ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାର ଶ୍ରେଷ୍ଠ ବୋଲି କ୍ୟାଟାଗୋରି ଗଣାଯାଏ। ହେଲେ ଏହି ପ୍ରତିଯୋଗୀତାରେ ୩ଲକ୍ଷରୁ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ଶ୍ରେଣୀରେ ଭୁବନେଶ୍ୱର ନାଁ ଦୂର ଦୂର ପର୍ଯ୍ୟନ୍ତ ଦେଖିବାକୁ ମିଳି ନଥିଲା। ଏହି ଶ୍ରେଣୀରେ ଉତ୍ତର ପ୍ରଦେଶର ନଏଡା, ଚଣ୍ଡିଗଡ, କର୍ଣ୍ଣାଟକର ମଏସୁର, ଗୁଜୁରାଟର ଗାନ୍ଧୀନଗର ଏବଂ ଅନ୍ଧ୍ରପ୍ରଦେଶର ଗୁଣ୍ଟୁର ବି ରହିଛି। ଏହି ସମସ୍ତ ସହରରେ ୩ଲକ୍ଷରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଜନବସତି ରହିଛି। ଭୁବନେଶ୍ୱର ରାଜ୍ୟ ରାଜଧାନୀ ହୋଇଥିଲେ ହେଁ ଏହି ର୍‍ୟାଙ୍କିରେ ନିଜର ଉପସ୍ଥିତିକୁ ଜାହିର ନକରିପାରିବା ଏକ ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର କୌଣସି ବି ସହର ଏହି ପ୍ରତିଯୋଗୀତାରେ ନିଜ ନାମ ଜାହିର କରି ପାରି ନାହାନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ପୁରସ୍କାର କିମ୍ବା ମନ୍ତ୍ରଣାଳୟସ୍ତରୀୟ(ସ୍ୱତନ୍ତ୍ର ଶ୍ରେଣୀ) ପୁରସ୍କାରରେ ବି ଭୁବନେଶ୍ୱର ଯୋଗ୍ୟ ହୋଇପାରିଲା ନାହିଁ। ଆବଶ୍ୟକ ଅଙ୍କ ଯୋଗଡ କରି ପାରିଲା ନାହିଁ। ବରଂ ରାଷ୍ଟ୍ରପତି ପୁରସ୍କାର ଶ୍ରେଣୀରେ ଆସ୍କା ଓ ଚିକିଟି ଦମ୍ ଦେଖାଇଛନ୍ତି। ୨୦ ହଜାର ଏବଂ ଏହାଠାରୁ କମ୍ ଜନସଂଖ୍ୟା ବିଶିଷ୍ଟ ଶ୍ରେଣୀରେ ପୁରସ୍କାର ପାଇ ଇତିହାସ ରଚିଥିଲେ। ପଳାଶୁଣି ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିଲେ ଭୁବନେଶ୍ୱର ର୍‍ୟାଙ୍କିଂ ଆହୁରି ଅଧିକ ହୋଇଥାନ୍ତା। ୬ମାସ ଧରି ନିର୍ମାଣ ଶେଷ ହୋଇଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଶେଷରେ ସ୍ଥାନୀୟ ଲୋକଙ୍କୁ ଏହାକୁ ଉଦ୍‌ଘାଟନ କରିବାକୁ ପଡ଼ିଲା। ଅନ୍ତତ ଶେଷ କ୍ୱାଟରରେ କାର୍ଯ୍ୟକ୍ଷମ ହୋଇଥିଲେ ଏହି ଶ୍ରେଣୀରେ ଭୁବନେଶ୍ୱରକୁ ଅଧୀକ ଅଙ୍କ ମିଳିଥାନ୍ତା ଓ ଏହାର ର୍‍ୟାଙ୍କ ବଢିଥାନ୍ତା। କେବଳ ପଳାଶୁଣି ନୁହେଁ ଏକ ବର୍ଷ ହେବ ସରକାର ବଦଳିବା ପରେ ଭୁବନେଶ୍ୱରରେ କିଛି କାମ ହେଉ ନାହିଁ। ପୂର୍ବ ସରକାର ମେହେଲପଲ୍ଲୀରେ ଓଦା ବର୍ଜ୍ୟ ପ୍ରକ୍ରିୟାକରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଏମ୍‌ସିସି ପ୍ରତ୍ୟେକ ୱାର୍ଡରେ ହେବ ବୋଲି ସ୍ଥିତ କରାଯାଇଥିଲା। ନୂଆ ସରକାର ସେସବୁର ପ୍ରଶ୍ନ ବି ଉଠାଉ ନାହାନ୍ତି ବୋଲି ଶ୍ରୀ ବିଶୋଇ ଅଭିଯୋଗ କରିଛନ୍ତି। ଏପରିକି ଚଳିତବର୍ଷ ବିଏମ୍‌ସି ବଜେଟ୍ ମଧ କମ୍ କରାଯାଇଛି।


# ଲେବାନନରେ ଇସ୍ରାଏଲର ଡ୍ରୋନ୍ ହମଲା



ନୂଆଦିଲ୍ଲୀ : ଦକ୍ଷିଣ ଲେବାନନରେ ଜୋରଦାର ହମଲା କରିଛି ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍)। ଏହି ଡ୍ରୋନ୍ ଆକ୍ରମଣରେ ଟପ୍ ହିଜବୁଲା କମାଣ୍ଡର ଅଲି ଆବେଦ ଅଲ୍-କାଦର ଇସମାଇଲ୍ଙ୍କ ମୃତ୍ୟୁ ଘଟିଛି। ଆଇଡିଏଫ୍ କହିଛି ଯେ, ଲେବାନନର ବିଣ୍ଟ ଜବେଲ୍ ଅଞ୍ଚଳରେ ଏହି ଡ୍ରୋନ୍ ଆକ୍ରମଣ ହୋଇଛି । ହିଜବୁଲାର କ୍ଷମତା ପୁନରୁଦ୍ଧାର ପ୍ରୟାସରେ ସାମିଲ ଥିବା ଇସମାଇଲ୍ଙ୍କୁ ହତ୍ୟା କରିଛି । ଆଇଡିଏଫ୍ କହିଛି ଯେ, ଏହି ଆକ୍ରମଣ ଗତ ସପ୍ତାହ ମଧ୍ୟରେ ବିଣ୍ଟ ଜବେଲ ସେକ୍ଟରରେ ହିଜବୁଲା ଆତଙ୍କବାଦୀଙ୍କ ଉପରେ ତୃତୀୟ ଆକ୍ରମଣ। ଏକ ସାମରିକ ବିବୃତ୍ତିରେ କୁହାଯାଇଛି ଯେ, ଇସମାଇଲ୍ 'ଦକ୍ଷିଣ ଲେବାନନର ବିଣ୍ଟ ଜବେଲ ଅଞ୍ଚଳରେ ଆତଙ୍କବାଦୀ ସଙ୍ଗଠନକୁ ପୁନର୍ବାସ କରିବା ପାଇଁ ପ୍ରୟାସରେ ସାମିଲ ଥିଲେ । ଯୁଦ୍ଧ ସମୟରେ ଆତଙ୍କବାଦୀମାନଙ୍କୁ ନିଯୁକ୍ତି ଦେବା ପାଇଁ କାର୍ଯ୍ୟ କରୁଥିଲେ । ଗୁରୁବାର ଇସ୍ରାଏଲ କହିଛି ଯେ, ଏହା ହିଜବୁଲା ଅସ୍ତ୍ରଶସ୍ତ୍ର ଡିପୋ ଏବଂ ଏକ ରକେଟ୍ ଲଞ୍ଚର ଉପରେ ଆକ୍ରମଣ କରିଛି ଏବଂ ଲେବାନନର ଦକ୍ଷିଣରେ ଜଣେ ହିଜବୁଲା ଆତଙ୍କବାଦୀଙ୍କୁ ହତ୍ୟା କରିଛି । ଏହି ଯୁଦ୍ଧବିରାମ ଅନୁଯାୟୀ, ହିଜବୁଲା ଇସ୍ରାଏଲ ସୀମାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଲିଟାନି ନଦୀର ଉତ୍ତରରେ ତା'ର ଯୋଦ୍ଧାମାନଙ୍କୁ ପ୍ରତ୍ୟାହାର କରିବାକୁ ଯୋଜନା କରିଥିଲା। ଯାହା ଫଳରେ ଲେବାନନର ସେନା ଏବଂ ଜାତିସଂଘ ଶାନ୍ତିରକ୍ଷୀମାନେ ଏହି ଅଞ୍ଚଳରେ ଏକମାତ୍ର ସଶସ୍ତ୍ର ଦଳ ଭାବରେ ରହିପାରିବେ । ଇସ୍ରାଏଲ ଲେବାନନରୁ ତା'ର ସୈନ୍ୟ ପ୍ରତ୍ୟାହାର କରିଥିଲା । କିନ୍ତୁ, ଲେବାନନ ଦାବି କରୁଛି ଯେ ଇସ୍ରାଏଲୀ ସୈନ୍ୟମାନେ ପ୍ରାୟ ୫ଟି ଅଞ୍ଚଳରେ ଲୁଚି ରହିଛନ୍ତି।

# ସେମିକଣ୍ଡକ୍ଟର ପାୱାର ହାଉସ୍ ହେବ ଭାରତ

ନୂଆଦିଲ୍ଲୀ : ଭାରତରେ ବିଶ୍ୱର ପ୍ରାୟ ୨୦% ଚିପ୍ ଡିଜାଇନ୍ ଇଞ୍ଜିନିୟର ଅଛନ୍ତି । ଏହାକୁ ନଜରରେ ରଖି ଘରୋଇ ବଜାରରେ ଏକ ସ୍ୱୟଂସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ଦିଗରେ ଜୋରଦାର ଉଦ୍ୟମ ହେଉଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଲୋକସଭାରେ ସୂଚନା ଦେଇଛନ୍ତି । ଶ୍ରୀ ପ୍ରସାଦ କହିଛନ୍ତି, ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନିଗୁଡ଼ିକ ଭାରତରେ ଚିପ୍ ଡିଜାଇନ୍ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କରିଛନ୍ତି । ଭାରତରେ ଡିଜାଇନ୍ ହୋଇଥିବା ଥ୍ରୀ ଏନ୍ଏମ୍ ସେମିକଣ୍ଡକ୍ଟର ଚିପ୍ ନିକଟରେ ଉନ୍ମୋଚିତ ହୋଇଥିଲା । ଏହା ଭାରତୀୟ ଇଞ୍ଜିନିୟରମାନଙ୍କର ବୈଷୟିକ କ୍ଷମତା ଏବଂ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପରେ ଭାରତୀୟ ଡିଜାଇନ୍ କେନ୍ଦ୍ରଗୁଡ଼ିକର ଗୁରୁତ୍ୱକୁ ପ୍ରଦର୍ଶନ କରୁଛି ।



ସେ ଆହୁରି କହିଛନ୍ତି, ସେମିକଣ୍ଡକ୍ଟର ଚିପ୍ ଡିଜାଇନରେ ପ୍ରତିଭା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଭିଏଲ୍ଏସ୍ଆଇ ଡିଜାଇନ୍ ଏବଂ ପ୍ରଯୁକ୍ତି, ସମନ୍ୱିତ ସର୍କିଟ୍ (ଆଇସି) ଉତ୍ପାଦନ ପାଇଁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ନୂତନ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ସେମିକଣ୍ଡକ୍ଟର ଡିଜାଇନ୍? କ୍ଷେତ୍ରରେ ୮୫ ହଜାର କୁଶଳୀ ଶ୍ରମଶକ୍ତି ଏବଂ ସେମିକଣ୍ଡକ୍ଟର ଚିପ୍ସ ଡିଜାଇନ୍ କରିବା ପାଇଁ ଇଡିଏ ଉପକରଣ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନସୁଦ୍ଧା ୧୦୦ଟି ପ୍ରତିଷ୍ଠାନରୁ ୪୫ ହଜାରରୁ ଅଧିକ ଛାତ୍ର ପଞ୍ଜୀକୃତ ହୋଇଛନ୍ତି। ଏହାବ୍ୟତୀତ ଏନ୍ଆଇଇଏଲ୍ଟି କାଲିକଟରେ ଦକ୍ଷ ମାନବ ସମ୍ବଳ ଉନ୍ନତ ଗବେଷଣା ଓ ତାଲିମ (ସ୍ମାର୍ଟ) ଲ୍ୟାବ୍ ଦେଶବ୍ୟାପୀ ୧ ଲକ୍ଷ ଇଞ୍ଜିନିୟରଙ୍କୁ ତାଲିମ ଦେଉଛି ।

ବର୍ତ୍ତମାନ ସୁଦ୍ଧା ୪୪ ହଜାରରୁ ଅଧିକ ଇଞ୍ଜିନିୟର ତାଲିମ ନେଇସାରିଛନ୍ତି । ବିଭିନ୍ନ ଶିକ୍ଷ ସଂସ୍ଥା ଏବଂ ଲାମ୍ ରିସର୍ଚ୍ଚ, ଆଇବିଏମ୍ ଓ ପର୍ଡ୍ୟୁ ବିଶ୍ୱବିଦ୍ୟାଳୟ ଭଳି ବିଶ୍ୱବିଦ୍ୟାଳୟ ସହ ସହଭାଗିତା ସ୍ଥାପନ କରାଯାଇଛି। ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ଡିଜାଇନ୍ କମ୍ପାନୀଗୁଡ଼ିକ ଏବେ ଅତ୍ୟାଧୁନିକ ଚିପ୍ସ ଡିଜାଇନ୍ କରିବା ପାଇଁ ଭାରତରେ ସେମାନଙ୍କର କାର୍ଯ୍ୟବଳକୁ ଦ୍ରୁତ ଗତିରେ ବିସ୍ତାର କରୁଛନ୍ତି । କେନ୍ଦ୍ର ସରକାର ୭୬ ହଜାର କୋଟି ଟଙ୍କା ବ୍ୟୟବରାଦ ସହ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ମଞ୍ଜୁରୀ ଦେଇଛନ୍ତି । ଛଅଟି ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ୨୨ ଡିଜାଇନ୍- ଆଧାରିତ ପ୍ରୋତ୍ସାହନ (ଡିଏଲ୍ଆଇ) ପ୍ରକଳ୍ପକୁ ଅନୁମୋଦନ ମିଳିଛି । ୭୨ଟି କମ୍ପାନୀକୁ ଚିପ୍ ଡିଜାଇନ୍ ଭିତ୍ତିଭୂମି ଯଥା ଇଡିଏ ଉପକରଣ ଏବଂ ସିନପ୍ସିସ୍, କ୍ୟାଡେନ୍ସ, ସିମେନ୍ସ ଇତ୍ୟାଦିରୁ ଏଫପିଜିଏ ବୋର୍ଡ ପ୍ରଦାନ କରାଯାଇଛି । ପୋଷ୍ଟ ସିଲିକନ୍? ବୈଧତା ଏବଂ ପରୀକ୍ଷଣ ଓ ପ୍ୟାକେଜିଂ ସହାୟତା ପାଇଁ ମଧ୍ୟ ସୁବିଧା ଯୋଗାଇ ଦିଆଯାଉଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରସାଦ ସୂଚନା ଦେଇଛନ୍ତି।

# ଗୋଖର ସାପକୁ କାମୁଡ଼ି ମାରିଦେଲା ଏକ ବର୍ଷର ଛୁଆ



ବେଟିଆ : ବିହାରର ଏକ ଦୁର୍ଗମ ଗାଁରେ ଜଣେ ଏକ ବର୍ଷର ଶିଶୁ ଗୋଖର ସାପକୁ କାମୁଡ଼ି ମାରିଦେଇଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ଆଶ୍ଚର୍ଯ୍ୟଜନକ ଘଟଣା ପଶ୍ଚିମ ଚମ୍ପାରଣ ଜିଲାରେ ଘଟିଛି। ଶିଶୁଟିକୁ ତା'ର ପରିବାର ଲୋକେ ବେଟିଆ ସହରର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆଣିଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଦୁବାକାନ୍ତ ମିଶ୍ରାଙ୍କ କହିବା ଅନୁଯାୟୀ, "ଗୋବିନ୍ଦ କୁମାର ନାମକ ଏହି ଶିଶୁଟିକୁ ଗତକାଲି ତା'ର ଗାଁ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏଠାକୁ ରେଫର କରାଯାଇଥିଲା। ସେ ଏକ ଜୀବନ୍ତ ସାପକୁ କାମୁଡିବା ପରେ ମୂର୍ଚ୍ଛା ଯାଇଥିଲା।" ମିଶ୍ରା ଆହୁରି କହିଛନ୍ତି, "ପରିବାର ଲୋକେ ଦାବି କରୁଛନ୍ତି ଯେ ମଝାଉଲିଆ ବ୍ଲକ ଅନ୍ତର୍ଗତ ମୋହଛି ବାଙ୍କଟୱା ଗାଁରେ ଥିବା ସେମାନଙ୍କ ଘରେ ଶିଶୁଟି ସାପଟିକୁ ଧରିଥିଲା। ତା'ର ଜେଜୀମା ତାକୁ ସାପ ସହ ଦେଖିଥିଲେ, କିନ୍ତୁ ସେ ହସ୍ତକ୍ଷେପ କରିବା ଆଗରୁ ଶିଶୁଟି ସାପକୁ କାମୁଡ଼ି ଦେଇଥିଲା। ସାପଟି ମୃତ ଅବସ୍ଥାରେ ଚଟାଣରେ ପଡ଼ିଥିଲା, ଏବଂ ଶିଶୁଟି ମଧ୍ୟ ମୂର୍ଚ୍ଛା ଯାଇଥିଲା।" ଡାକ୍ତରମାନେ ଶିଶୁଟିକୁ ନିରୀକ୍ଷଣରେ ରଖିଛନ୍ତି ଏବଂ ଯଦି କୌଣସି ବିଷକ୍ରିୟାର ଲକ୍ଷଣ ଦେଖାଦିଏ, ତେବେ ଚିକିତ୍ସା ଆରମ୍ଭ କରାଯିବ ବୋଲି ମିଶ୍ରା କହିଛନ୍ତି।

# ହାଇପ୍ରୋଫାଇଲ ରେଭ୍ ପାର୍ଟିରେ ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ

ପୁଣେ : ରବିବାର ଭୋରରେ ଏକ ଆପାର୍ଟମେଣ୍ଟରେ ଚାଲିଥିବା ଏକ ରେଭ୍ ପାର୍ଟିରେ ଚଢାଉ କରିବା ବିପୁଳ ପରିମାଣର ଡ୍ରଗ୍ସ, ହୁକା ସେଟଅପ୍ ଏବଂ ମଦ ଜବତ କରିଛି। ଏଥି ସହ ସାତ ଜଣଙ୍କୁ ଅଟକ ରଖିଛି ପୋଲିସ୍। ଅଟକ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପୂର୍ବତନ ମହାରାଷ୍ଟ୍ର



ମନ୍ତ୍ରୀ ଏକନାଥ ଖଡସେଙ୍କ ଝିଅ ରୋହିଣୀ ଖଡସେଙ୍କ ସ୍ୱାମୀ ପ୍ରାଞ୍ଜିଲ ଖେୱାଲକର ଥିଲେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ପୋଲିସ୍ କହିଛି ଯେ, 'ଆମେ ଖାରାଡି ଅଞ୍ଚଳରେ ଏକ ଅପାର୍ଟମେଣ୍ଟରେ ରେଭ୍ ପାର୍ଟି ଆୟୋଜିତ ହେଉଥିବା ସୂଚନା ପାଇଥିଲୁ। ତଦନୁସାରେ, ଆମର କ୍ରାଇମ୍ ବ୍ରାଞ୍ଚ ଟିମ୍ ଦ୍ୱାରା ଚଢଉ କରାଯାଇଥିଲା। ଚଢଉ ସମୟରେ, ଗଞ୍ଜେଇ, ମଦ ଏବଂ ହୁକା ଭଳି ନାର୍କୋଟିକ୍ ପଦାର୍ଥ ମିଳିଥିଲା। ଆମେ ସାତ ଜଣଙ୍କୁ ଅଟକ କରିଛୁ। ସେମାନଙ୍କ ମଧ୍ୟରେ ପାଞ୍ଚ ପୁରୁଷ ଏବଂ ଦୁଇ ମହିଳା ଅଛନ୍ତି। ସମସ୍ତ ବ୍ୟକ୍ତିଙ୍କୁ ହେପାଜତରେ ନିଆଯାଇଛି, ଏବଂ ଏକ ମାମଲା ରୁଜୁ କରାଯାଇଛି।

# ହରିଦ୍ୱାର ମନସା ଦେବୀ ମନ୍ଦିରରେ ଦଳାଚକଟା, ୬ ମୃତ

ନୂଆଦିଲ୍ଲୀ : ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ମନସା ଦେବୀ ମନ୍ଦିରରେ ରବିବାର ଏକ ଭୟଙ୍କର ଦଳାଚକଟା ଘଟଣାରେ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ଏହି ଘଟଣା ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମା ହେବା କାରଣରୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମନସା ଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କର ଅଧିକ ସଂଖ୍ୟା ହେତୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା, ଯାହା ଏହି ଦୁର୍ଘଟଣାର କାରଣ ହୋଇଛି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଏବଂ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଗଡ଼ୱାଲ



ଡିଭିଜନ କମିଶନର ବିନୟ ଶଙ୍କର ପାଣ୍ଡେ ଏକ ବିବୃତିରେ କହିଛନ୍ତି, "ମନସା ଦେବୀ ମନ୍ଦିରରେ ଅତ୍ୟଧିକ ଭିଡ଼ ଯୋଗୁଁ ଏକ ଦଳାଚକଟା ଘଟଣା ଘଟିଛି, ଯେଉଁଥିରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ମୁଁ ଘଟଣାସ୍ଥଳକୁ ଯାଉଛି। ଏହି ଘଟଣାର ସବିଶେଷ ରିପୋର୍ଟ ଅପେକ୍ଷା କରାଯାଉଛି।"

# ଆମେରିକାରେ ବୋଇଙ୍ଗ ଜେଟ୍ରେ ଲାଗିଲା ନିଆଁ

ନୂଆଦିଲ୍ଲୀ : ଶନିବାର ଡେନଭର ଆନ୍ତର୍ଜାତୀୟ ବିମାନବନ୍ଦରରେ ଆମେରିକାନ ଏୟାରଲାଇନ୍ସର ଏକ ବୋଇଙ୍ଗ ୭୩୭ ମ୍ୟାକ୍ସ ୮ ଜେଟ୍ରେ ଲ୍ୟାଣ୍ଡିଂ ଗିଅର ସମସ୍ୟା ଯୋଗୁଁ ଟେକ୍ ?ଅଫ୍ ବାତିଲ ହେବା ପରେ ନିଆଁ ଲାଗି ଧୂଆଁ ବାହାରିଥିଲା। ଏହି ଘଟଣାରେ ୧୭୩ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟଙ୍କୁ ରନୱେରେ ଇନଫ୍ଲେଟେବଲ ଇମରଜେନ୍ସି ସ୍ଲାଇଡ୍ ଜରିଆରେ ନିରାପଦେ ବାହାର କରାଯାଇଥିଲା। ଏହି



ବିମାନ ଫ୍ଲାଇଟ ଭାବେ ମିଆମି ଅଭିମୁଖେ ଯାଉଥିଲା। ଫେଡେରାଲ ଏଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ଅନୁଯାୟୀ, ବିମାନଟି ଟେକ୍ ?ଅଫ୍ ସମୟରେ ଲ୍ୟାଣ୍ଡିଂ ଗିଅରରେ ସମସ୍ୟା ଦେଖାଦେବା କାରଣରୁ ଉଡ଼ାଣ ବାତିଲ କରାଯାଇଥିଲା। ଏହି ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ଅନୁଯାୟୀ ଲାଇଭ ଏୟାର ଟ୍ରାଫିକ କଣ୍ଟ୍ରୋଲ ଅଡିଓରେ ନିୟନ୍ତ୍ରଣ କକ୍ଷରୁ ପାଇଲଟଙ୍କୁ ଚେତାବନୀ ଦିଆଯାଇଥିବା ଶୁଣାଯାଇଛି: "ଫ୍ଲାଇଟ ୨୦୨୩, ଆପଣଙ୍କ ବିମାନରୁ ପ୍ରଚୁର ଧୂଆଁ ବାହାରୁଛି। କିଛି ନିଆଁ ଦେଖାଯାଉଛି। ତେବେ କିଛି ଧୂଆଁ କମୁଛି।" କିଛି ମୁହୂର୍ତ୍ତ ପରେ ନିୟନ୍ତ୍ରଣ କକ୍ଷ ନିଶ୍ଚିତ କରିଥିଲା, "ଆପଣଙ୍କ ବିମାନରେ ନିଆଁ ଲାଗିଛି।"

# କାନପୁର ଚିଡ଼ିଆଖାନାରେ ରହିବ ୫ ମଣିଷଖିଆ ବାଘୁଣୀ



କାନପୁର : ଉତ୍ତରପ୍ରଦେଶର ପିଲିଭିତ ଜିଲାରେ ୫ ଜଣ ମଣିଷଙ୍କୁ ମାରି ଆତଙ୍କ ଖେଳାଇଥିବା ବାଘୁଣୀ ଶେଷରେ ଧରାପଡ଼ିଛି। ବନ ବିଭାଗ କର୍ମଚାରୀମାନେ ବାଘୁଣୀକୁ ଧରିବାରେ ସଫଳ ହୋଇଛନ୍ତି। ଏହା ପରେ ବାଘୁଣୀର ଠିକଣା ସାରା ଜୀବନ ପାଇଁ ବଦଳି ଯାଇଛି। ଏଣିକି ବାଘୁଣୀ ଆଜୀବନ କାନପୁର ଚିଡ଼ିଆଖାନାରେ ରହିବ। ସେଥିଲାଗି ଶନିବାର ଦିନ ବାଘୁଣୀକୁ କାନପୁର ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଛି। ପିଲିଭିତ ଜିଲାର ୫ଟି ଗାଁରେ ଏହି ବାଘୁଣୀ ଗତ ୨ମାସ ଧରି ଆତଙ୍କ ଖେଳାଇଥିଲା। ମେ ୧୪ ତାରିଖରୁ ଜୁଲାଇ ୧୭ ତାରିଖ ମଧ୍ୟରେ ବାଘୁଣୀଟି ଜଣକ ପରେ ଜଣେ ୫ ଜଣଙ୍କୁ ଶିକାର କରି ଖାଇଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ବାଘୁଣୀକୁ ଧରିବାକୁ ଉଦ୍ୟମ କରାଯାଇଥିଲା। ତା'କୁ ଠାବ କରିବା ଲାଗି ଥର୍ମାଲ ଡ୍ରୋନ କ୍ୟାମେରାର ସହାୟତା ନିଆଯାଇଥିଲା।ଉତ୍ତରପ୍ରଦେଶର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ଅନୁରାଧା ବେମୁରି କହିଛନ୍ତି, ସାଢ଼େ ୩ ବର୍ଷୀୟା ଏହି ବାଘୁଣୀକୁ ବାହାରକୁ ଛାଡ଼ି ଆଉ ବିପଦକୁ ଆମନ୍ତ୍ରଣ କରାଯିବ ନାହିଁ। ବାଘୁଣୀଟି ଅଭ୍ୟାସଗତ ଭାବେ ଗ୍ରାମାଞ୍ଚଳରେ ଲୁଚିଛପି ଶିକାର କରୁଥିବାରୁ ତାହାକୁ ଜଙ୍ଗଲରେ ଛାଡ଼ିବା ସମ୍ଭବ ନୁହେଁ। ଏଣିକି ସେ ଆଜୀବନ ଏନକ୍ଲୋଜର ଭିତରେ ରହିବ ବୋଲି କହିଛନ୍ତି।

# କଙ୍ଗୋ ଚର୍ଚ୍ଚରେ ଆତଙ୍କବାଦୀ ଆକ୍ରମଣ, ୨୧ ମୃତ



କିନସାସା : ପୂର୍ବ କଙ୍ଗୋରେ ଆତଙ୍କବାଦୀମାନେ ପୁଣି ଥରେ ଆତଙ୍କ ସୃଷ୍ଟି କରିଛନ୍ତି। ପୂର୍ବ କଙ୍ଗୋରେ ଇସଲାମିକ୍ ଷ୍ଟେଟ୍ ସମର୍ଥିତ ବିଦ୍ରୋହୀଙ୍କ ଦ୍ୱାରା ଏକ ଚର୍ଚ୍ଚ ଉପରେ ଆକ୍ରମଣରେ ଅତି କମରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ନେତାମାନେ କହିଛନ୍ତି। ସୂଚନା ଅନୁସାରେ ପୂର୍ବ କଙ୍ଗୋର କୋମାଣ୍ଡାରେ ଏକ କ୍ୟାଥୋଲିକ୍ ଚର୍ଚ୍ଚ କମ୍ପ୍ଲେକ୍ସ ଭିତରେ ଆଲାଇଡ୍ ଡେମୋକ୍ରାଟିକ୍ ଫୋର୍ସ (ଏଡିଏଫ)ର ସଦସ୍ୟମାନେ ରାତି ପ୍ରାୟ ୧ଟା ସମୟରେ ଏହି ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଅନେକ ଘର ଏବଂ ଦୋକାନ ମଧ୍ୟ ପୋଡ଼ି ଦିଆଯାଇଥିଲା। ଏଡିଏଫ ହେଉଛି ଏକ ଇସଲାମିକ୍ ଷ୍ଟେଟ୍ ସହିତ ଜଡିତ ବିଦ୍ରୋହୀ ଗୋଷ୍ଠୀ ଯାହା ଉଗାଣ୍ଡା ଏବଂ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଅଛି ଏବଂ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସାଧାରଣ ଲୋକଙ୍କ ଉପରେ ବାରମ୍ବାର ଆକ୍ରମଣ କରିଆସୁଛି। କୋମାଣ୍ଡାର ଜଣେ ନାଗରିକ ସମାଜ ସଂଯୋଜକ ଡିୟୁଡୋନ୍ ଡୁରାଣ୍ଟବୋ ଗଣମାଧ୍ୟମକୁ କହିଛନ୍ତି, 'ଭିତରେ ଏବଂ ବାହାରେ ୨୧ ରୁ ଅଧିକ ଲୋକଙ୍କୁ ଗୁଳି କରାଯାଇଥିଲା ଏବଂ ଆମେ ଅତି କମରେ ତିନୋଟି ପୋଡ଼ି ଯାଇଥିବା ମୃତଦେହ ଏବଂ ଅନେକ ଘର ପୋଡ଼ି ଯାଇଥିବା ରିପୋର୍ଟ କରିଛୁ, ଯଦିଓ ଆହତ ଏବଂ ମୃତଦେହ ପାଇଁ ସନ୍ଧାନ ଜାରି ରହିଛି।'

# ୯ ହଜାର ଔଷଧର ଖରାପ କ୍ୱାଲିଟି: କେନ୍ଦ୍ର ସରକାର



ନୂଆଦିଲ୍ଲୀ : ଔଷଧର ଗୁଣବତ୍ତା ଯାଞ୍ଚ କରିବା ପାଇଁ ଗତ ତିନି ବର୍ଷରେ ସାରା ଦେଶରେ ଔଷଧର ୩ ଲକ୍ଷରୁ ଅଧିକ ସାମ୍ପଲ ଟେଷ୍ଟ କରାଯାଇଛି, ଯେଉଁଥିରେ ୯୦୦୦ ରୁ ଅଧିକ ଔଷଧ ଖରାପ କ୍ୱାଲିଟିର ମିଳିଛି। ୯୫୧ ଔଷଧ ହୁଏତ ନକଲି କିମ୍ବା ଅପ୍ରମିଶ୍ରିତ ଥିଲା। ସେଥିରେ ସବୁଠାରୁ ଅଧିକ ଅର୍ଥାତ ୩,୧୦୪ ଔଷଧ ୨୦୨୪-୨୫ ର ମାନକରେ ସଫଳ ହୋଇପାରିନଥିଲା। ରାଜ୍ୟସଭାରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସରକାର ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଡିସେମ୍ବର ୨୦୨୨ ରେ ସାରା ଦେଶରେ ଔଷଧ ତିଆରି କରୁଥିବା ଫ୍ୟାକ୍ଟ୍ରିର ବିପଦର ଆଧାରକୁ ନିରୀକ୍ଷଣ କରିବାର ପ୍ରଣାଳି ଆରମ୍ଭ କରାଯାଇଛି। ଏପର୍ଯ୍ୟନ୍ତ ୯୦୫ ଔଷଧ ନିର୍ମାଣ ୟୁନିଟର ଯାଞ୍ଚ କରାଯାଇଛି ଯେଉଁଥିରୁ ୬୬୪ ମାମଲାରେ କାର୍ଯ୍ୟାନୁଷ୍ଠାନ କରାଯାଇଛି। ଏଥିରେ ଷ୍ଟପ୍ ପ୍ରଡକ୍ସନ ଅର୍ଡର, ଲାଇସେନ୍ସ ରଦ୍ଦ କରିବା ଆଦି ସାମିଲ ରହିଛି।

ଉଲ୍ଲେଖନୀୟ ଯେ, ୨୦୨୪ ରେ କେନ୍ଦ୍ର ଗୃହମନ୍ତ୍ରଣାଳୟର ଦିଲ୍ଲୀ ସରକାରଙ୍କ ହସ୍ପିଟାଲକୁ ଖରାପ ଔଷଧ ଯୋଗାଇବା ମାମଲାର ଯାଞ୍ଚ ସିବିଆଇକୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହା ମଧ୍ୟ କୁହାଯାଇଥିଲା ଯେ, ସିବିଆଇ ଏହା ମଧ୍ୟ ଯାଞ୍ଚ କରିବ ଯେ,ମୋହଲ୍ଲା କ୍ଲିନିକ୍ ମାଧ୍ୟମରେ ଏହି ଔଷଧର ବିତରଣ କରାଯାଇଛି କି ନାହିଁ। ୨୦୨୩ରେ ଦିଲ୍ଲୀର ଉପରାଜ୍ୟପାଳ ଭି.କେ ସକସେନା ଗୃହମନ୍ତ୍ରଣାଳୟ ଆଗରେ ସିବିଆଇ ଯାଞ୍ଚର ସୁପାରିଶ କରିଥିଲେ। ସକସେନା କହିଥିଲେ, ଔଷଧକୁ କଥିତ ଭାବରେ ଗୁଣବତ୍ତାର ମାନକ ପରୀକ୍ଷଣରେ ବିଫଳ ଥିବା ସହ ଦିଲ୍ଲୀ ସରକାର ଦ୍ୱାରା ଚଳାଯାଉଥିବା ହସ୍ପିଟାଲରେ ଲୋକଙ୍କ ଜୀବନ ଯିବା ପାଇଁ ସମ୍ଭାବିତ ବିପଦ ହୋଇପାରେ।

# ୟୁଟ୍ୟୁବର ମହମ୍ମଦ ଆମିର ଗିରଫ



ନୂଆଦିଲ୍ଲୀ : ସୋସିଆଲ ମିଡିଆରେ ଅଶ୍ଳୀଳ କଣ୍ଟେଣ୍ଟ ବନାଇବା ଅଭିଯୋଗରେ ୟୁଟ୍ୟୁବର ମହମ୍ମଦ ଆମିର ଗିରଫ। ତାଙ୍କୁ ଗିରଫ କରିଛି ୟୁପି ପୁଲିସ। ମହମ୍ମଦ ଜଣେ ସାଧୁ ବେଶରେ ଏକ ଆପତ୍ତିଜନକ ଭିଡିଓ ବନାଇଥିଲେ। ଯେଉଁଥିରେ ସେ ସନ୍ଥ ଏବଂ ଦେବତାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ, ୟୁଟ୍ୟୁବର ଏକ ଭିଡିଓ ଜାରି କରି ତାଙ୍କ ଭୁଲ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ସେ ଆଉ ଏପରି ଭିଡିଓ ତିଆରି କରିବେ ନାହିଁ। ତେବେ ୟୁଟ୍ୟୁବର ଆମିର ପୋଷ୍ଟ କରିଥିବା ଭିଡିଓରେ, ଜଣେ ସାଧୁ ବେଶରେ ଏକ ଆପତ୍ତିଜନକ ଭିଡିଓ ତିଆରି କରିବା ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି, ମୋର କଣ୍ଟେଣ୍ଟ କେବଳ ମନୋରଞ୍ଜନ ପାଇଁ, କାହାର ଭାବନାକୁ ଆଘାତ ଦେବା ପାଇଁ ନୁହେଁ। ଯଦି ଏଥିରେ କାହାକୁ ଆଘାତ ଲାଗିଛି, ତେବେ ମୁଁ ହୃଦୟରୁ କ୍ଷମା ପ୍ରାର୍ଥନା କରୁଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ଆମିରଙ୍କୁ ୨୫ ଜୁଲାଇରେ ଗିରଫ କରାଯାଇଥିଲା। ୟୁଟ୍ୟୁବର ଆହୁରି କହିଛନ୍ତି, 'ଏବେଠାରୁ ମୋ ଚ୍ୟାନେଲରେ କେବଳ ମନୋରଞ୍ଜନ ଭିଡିଓ ଦେଖାଯିବ। ମୁଁ ଏହା ଆଉ କରିବି ନାହିଁ। ଆଉ କାହାର ଭାବନାକୁ ଆଘାତ ଦିଆଯିବ ନାହିଁ। ମୁଁ ଆପଣଙ୍କୁ ଏହା ପ୍ରତିଶ୍ରୁତି ଦେଉଛି।'

# ୧୨୦୦୦ କର୍ମଚାରୀଙ୍କୁ ବିଦା କରିବ ଟିସିଏସ୍

ନୂଆଦିଲ୍ଲୀ : ଦେଶର ସର୍ବବୃହତ ଆଇଟି ସେବା କମ୍ପାନୀ ଟିସିଏସ୍ (ଟାଟା କନସଲଟାନ୍ସି ସର୍ଭିସେସ୍)ର କର୍ମଚାରୀମାନଙ୍କ ପାଇଁ ଏକ ଚିନ୍ତାଜନକ ଖବର । କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ଅର୍ଥାତ୍ ଏପ୍ରିଲ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ପ୍ରାୟ ୨ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହି ସଂଖ୍ୟା ୧୨,୦୦୦ ରୁ ଅଧିକ। ଟିସିଏସ୍ ସିଇଓ କେ. କୃତିବାସନଙ୍କ ଅନୁଯାୟୀ, କମ୍ପାନୀ ଦ୍ରୁତ ଗତିରେ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଜଗତ ପାଇଁ ନିଜକୁ ପ୍ରସ୍ତୁତ କରୁଛି। ବିଶେଷକରି ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଏବଂ ନୂତନ କାର୍ଯ୍ୟ ମଡେଲ ଯୋଗୁଁ, କାମ କରିବାର ଶୈଳୀ ଏବେ ପରିବର୍ତ୍ତନ ହେଉଛି। କମ୍ପାନୀ ବିଶ୍ୱାସ କରୁଛି ଯେ ବର୍ତ୍ତମାନ ପ୍ରଚଳିତ କେତେକ ପଦବୀ ଭବିଷ୍ୟତରେ ଆଉ ଆବଶ୍ୟକ ହେବ ନାହିଁ। ଏହି ଛଟେଇ ମଧ୍ୟମ ସ୍ତରର ଏବଂ ବରିଷ୍ଠ ସ୍ତରର କର୍ମଚାରୀମାନଙ୍କୁ ଅଧିକ ପ୍ରଭାବିତ କରିବ। ଟିସିଏସ ଅନୁଯାୟୀ, ସେମାନେ କର୍ମଚାରୀମାନଙ୍କୁ ନୂତନ କୌଶଳ ଶିଖାଇବା ଏବଂ ନୂତନ ପ୍ରକଳ୍ପରେ ନିୟୋଜିତ କରିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ, କିନ୍ତୁ ଏହି ନିଯୁକ୍ତି ଅନେକ କ୍ଷେତ୍ରରେ ସଫଳ ହୋଇନଥିଲା।

# ଉଦ୍ଧବଙ୍କୁ ଭେଟିଲେ ରାଜ୍ ଠାକ୍ରେ

ମୁମ୍ବାଇ : ମହାରାଷ୍ଟ୍ରରେ ହିନ୍ଦୀ-ମରାଠୀ ଭାଷାକୁ ନେଇ ବିବାଦ ଠାକରେ ପରିବାର ପାଇଁ ଶୁଭ ସାବ୍ୟସ୍ତ ହେଉଛି। ଗତ ୨୦ ବର୍ଷ ଧରି ସମ୍ପର୍କରେ ଥିବା ଶିତଳତା ଏବେ ଉଷ୍ମ ହେବା ଆରମ୍ଭ କରିଛି। ନିକଟରେ ଏକ ମିଳିତ ରାଲି କରିବା ପରେ, ଠାକରେ ଭାଇମାନେ ପୁଣି ଥରେ ସାକ୍ଷାତ କରିଛନ୍ତି। ରାଜ ଠାକରେ ବହୁ ବର୍ଷ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ବାସଭବନକୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ଯାଇଥିଲେ। ତାଙ୍କ ସହିତ ତାଙ୍କ ପତ୍ନୀ ଶର୍ମିଳା ଠାକରେ ମଧ୍ୟ ଉପସ୍ଥିତ ଥିଲେ। ପତ୍ନୀ ଶର୍ମିଳା ଠାକରେଙ୍କ ସହିତ ମାତୋଶ୍ରୀରେ ପହଞ୍ଚିଥିବା ରାଜ ଠାକରେ ତାଙ୍କ ଭାଇ ଉଦ୍ଧବ ଠାକରେଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଲାଲ ଗୋଲାପ



ଫୁଲ ମଧ୍ୟ ଉପହାର ଦେଇଥିଲେ। ଏହି ସମୟରେ, ଉଭୟ ଭାଇ ହସି ପରସ୍ପରକୁ ଆଲିଙ୍ଗନ କରିଥିଲେ। ଦୁଇ ନେତା ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ କଥାବାର୍ତ୍ତା କରିଥିଲେ ଏବଂ ତା'ପରେ ରାଜ ଠାକରେ ସେଠାରୁ ଚାଲିଯାଇଥିଲେ। ଆଗକୁ ବିଏମସି ( ବୃହତ ମୁମ୍ବାଇ ମହାନଗରପାଳିକା ନିର୍ବାଚନ) ଥିବାବେଳେ ଦୁଇ ଭାଇଙ୍କ ମଧ୍ୟରେ ବାରମ୍ବାର ମିଳନ ଏକ ନୂଆ ସମୀକରଣକୁ ଦର୍ଶାଉଛି ।

ମହାରାଷ୍ଟ୍ରର ପୁଣେ ସହରର ଖାରାଡି ଅଞ୍ଚଳରେ ଅବସ୍ଥିତ ଏକ ଷ୍ଟୁଡିଓ ଆପାର୍ଟମେଣ୍ଟରେ ରେଭ୍ ପାର୍ଟି ବିଷୟରେ ସୂଚନା ପାଇଥିଲେ ମହାରାଷ୍ଟ୍ର କ୍ରାଇମ୍ ବ୍ରାଞ୍ଚ। ସୂଚନା ଆଧାରରେ କ୍ରାଇମ୍ ବ୍ରାଞ୍ଚ ଏହି ଅତର୍କିତ ଚଢାଉ କରିଥିଲା। ଚଢାଉ ସମୟରେ ଗଞ୍ଜେଇ, ମଦ ଏବଂ ହୁକା ଭଳି ଅନେକ ନାର୍କୋଟିକ୍ ଦ୍ରବ୍ୟ ଜବତ ହୋଇଥିଲା। ଏନସିପି (ଏସପି) ନେତା ଏକନାଥ ଖଡସେ କହିଛନ୍ତି ଯେ ପୋଲିସ କାର୍ଯ୍ୟାନୁଷ୍ଠାନ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥାଇପାରେ କି ନାହିଁ ତାହା ତଦନ୍ତ କରାଯାଉ। ଏକନାଥଙ୍କ ଝିଅ ରୋହିଣୀ ଖଡସେ ହେଉଛନ୍ତି ଏନସିପି (ଏସପି)ର ମହିଳା ଶାଖାର ରାଜ୍ୟ ସଭାପତି। ଶିବସେନା (ୟୁବିଟି) ଉପନେତ୍ରୀ ସୁଷମା ଆନ୍ଧାରେ କହିଛନ୍ତି ଯେ ଏହି ଚଢାଉ ସରକାରଙ୍କ ବିରୁଦ୍ଧରେ କଥା କହୁଥିବା ଲୋକଙ୍କ ପାଇଁ ଏକ ସନ୍ଦେଶ।

### ଗୋପାଳପୁର ଜଙ୍କସନ୍‌ରୁ ଫାଷ୍ଟଗେଟ୍ ଛକ

# ସୌନ୍ଦର୍ଯ୍ୟକରଣ ପୁନରୁଦ୍ଧାରରେ ଖର୍ଚ୍ଚହେବ ୨ କୋଟି

ବ୍ରହ୍ମପୁର(ପିପିଏସ୍): ଫାଷ୍ଟଗେଟ୍ ଛକରେ ସ୍ଥାପିତ କଇଁଛ ପ୍ରତିକୃତିରେ କଳଙ୍କି ଲାଗିଗଲାଣି । ସୁବରାଓ ଛକରୁ ଟାଟାବେଞ୍ଚ ପର୍ଯ୍ୟନ୍ତ ଲାଗିଥିବା ଫୁଲ ଗଛ ମରିଗଲାଣି । ସେହିଭଳି କମାପଲ୍ଲୀ ସେଲ୍ଫି ପଏଣ୍ଟ, ଏମ୍‌କେସିଜି ସାମ୍ନା ମ୍ୟାଜିକ୍ ଫାଉଣ୍ଟେନ୍, ଇଞ୍ଜିନିୟରିଂ ସ୍କୁଲ୍ ଛକର ଓଡ଼ିଶା ମାନଚିତ୍ର ଆଦି ଭଣାଅଧିକ ଅବ୍ୟବସ୍ଥିତ, ଅପରିଷ୍କାର ଓ ଅସଂରକ୍ଷିତ ହୋଇପଡ଼ିଛି । ସୌନ୍ଦର୍ଯ୍ୟକରଣ ନଷ୍ଟ ହୋଇଯାଇଥିବାରୁ ସହରର ଆକର୍ଷଣ କମିଛି । ଏବେ ଏହି ପ୍ରକଳ୍ପ ଗୁଡ଼ିକର ମରାମତି କାର୍ଯ୍ୟ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ହାତକୁ ନେଇଛି । ବ୍ରହ୍ମପୁର ମହାନଗର ନିଗମର ନୂଆ କମିଶନର ତଥା ବିଡିଏର ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜେସିର୍କେ ଦାୟିତ୍ୱ ନେବା ପରେ ବିଡିଏ ପାଣ୍ଠିରୁ ୨କୋଟି ଟଙ୍କା ବ୍ୟୟରେ



ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ପୁନରୁଦ୍ଧାର ନିଷ୍ପତ୍ତି ହୋଇଛି । ଏ ବାବଦରେ ଟେଣ୍ଡର୍ ମଧ୍ୟ ସରିଥିବା ବିଡିଏ ସଚିବ ରମେଶ ହଂସଦା ସୂଚନା ଦେଇଛନ୍ତି । ବ୍ରହ୍ମପୁର ସହରକୁ ଏକାଧିକ ପ୍ରବେଶ ପଥ ରହିଛି । ଫାଷ୍ଟଗେଟ୍, ଲାଞ୍ଜିପଲ୍ଲୀ, ହଳଦିଆପଦର ଓଭର ବ୍ରିଜ୍, ଗୋପାଳପୁର ଜଙ୍କସନ୍ ଓ ଆମ୍ବପୁଆ ଦେଇ ସହର ଭିତରକୁ ପ୍ରବେଶ ସୁବିଧା ରହିଛି । ପ୍ରାଥମିକ ପର୍ଯ୍ୟାୟରେ ଗୋପଳପୁର ଜଙ୍କସନ୍ ଠାରୁ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ରାସ୍ତା ଓ ବିଭିନ୍ନ ଛକରେ ଥିବା ପ୍ରତିମୂର୍ତ୍ତି, ପ୍ରତିକୃତିର ପୁନରୁଦ୍ଧାର ସ୍ଥିର ହୋଇଛି । ପରେ ଏହା ଅନ୍ୟ ଦିଗକୁ ସମ୍ପ୍ରସାରଣ ହେବ ବୋଲି କୁହାଯାଇଛି । ନିଗମ ପକ୍ଷରୁ କିଛି ବର୍ଷ ପୂର୍ବରୁ ସହରର ମୁଖ୍ୟ ଛକ ଗୁଡ଼ିକରେ ୱାଟର୍ ଫାଉଣ୍ଟେନ୍, ସ୍କ୍ରିପ୍ କଳାକୃତି ସ୍ଥାପନ କରାଯାଇଥିଲା । ଏଥିସହ ରାସ୍ତାପାର୍ଶ୍ୱ କାନ୍ଥରେ ବିଭିନ୍ନ ଥିମ୍ ଚିତ୍ର ଶୋଭା ପାଉଥିଲା । ଓଭରବ୍ରିଜ୍‌ରେ ଆଲୋକସଜ୍ଜା ସହରର ସୁନ୍ଦରତା ବୃଦ୍ଧି କରୁଥିଲା । ଶିକ୍ଷାନୁଷ୍ଠାନ ନିକଟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ଶିକ୍ଷା ଭିତ୍ତିକ ଚିତ୍ର କରାଯାଇଥିଲା । ବହୁ ସ୍ଥାନରେ ସେଲ୍ଫି ପଏଣ୍ଟ ମଧ୍ୟ ନିର୍ମିତ ହୋଇଥିଲା । ଗୋପାଳପୁର ଜଙ୍କସନ୍ ଠାରୁ ଆରମ୍ଭ କରି ଇଞ୍ଜିନିୟରିଂ ସ୍କୁଲ ରୋଡ, ଏମ୍‌କେସିଜି ଛକ, କମାପଲ୍ଲୀ ଟ୍ରାଫିକ ଛକ, ଟ୍ରେକରଷ୍ଟାଣ୍ଡ ଛକ, କର୍ପୋରେସନ୍ ରୋଡ, ସବ୍‌ରେଜିଷ୍ଟ୍ରାର ଅଫିସ୍ ଛକ ଓ ଫାଷ୍ଟ୍ ଗେଟ୍ ଛକରେ କିଛି ନା କିଛି ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ସମସ୍ତ ପ୍ରକଳ୍ପକୁ ମିଶାଇଲେ ବ୍ରହ୍ମପୁର ସୌନ୍ଦର୍ଯ୍ୟକରଣ ପାଇଁ ବିଏମ୍‌ସି ପାଣ୍ଠିରୁ ୧କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବା ଅନୁମାନ କରାଯାଉଛି । ସ୍ଥାପନର ଦୀର୍ଘ ୫ବର୍ଷ ହୋଇଯାଇଥିଲେ ମଧ୍ୟ ବିଏମ୍‌ସି ଥରେ ହେଲେ ବି ରକ୍ଷଣ ବେକ୍ଷଣ କରିନଥିବା ଅଭିଯୋଗ ହେଉଛି । ନିୟମିତ ତଦାରଖ ଅଭାବ ଏ ସମସ୍ତ ପ୍ରକଳ୍ପ ଅବକ୍ଷୟର କାରଣ ବୋଲି ଲୋକେ କହୁଛନ୍ତି । ଦୀର୍ଘ ବର୍ଷ ପରେ ନିଗମ ଦ୍ୱାରା କରାଯାଇଥିବା ପ୍ରକଳ୍ପର ପୁନରୁଦ୍ଧାର ଦାୟିତ୍ୱ ବିଡିଏକୁ ଦିଆଯାଇଛି । ବିଏମ୍‌ସି ନିକଟରେ ପାଣ୍ଠି ଅଭାବ କାରଣରୁ ପ୍ରକଳ୍ପ ପୁନରୁଦ୍ଧାର ଦାୟିତ୍ୱ ବିଡିଏକୁ ଦିଆଯାଇଥିବା କୁହାଯାଉଛି । ବିଡିଏ ମଧ୍ୟ ୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ଗୁଡ଼ିକର ମରାମତି କରିବାକୁ ଅଣ୍ଟା ଭିଡ଼ିଛି । ଏହାରି ଭିତରେ ଟେଣ୍ଡର ସରିଛି । ଠିକା ସଂସ୍ଥା ଚୟନ କରାଯାଇ ପୁନରୁଦ୍ଧର କାମ ଆରମ୍ଭ ହେବ ବୋଲି ବିଡିଏ ସଚିବ କହିଛନ୍ତି । ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଏମ୍‌ସି କରିଥିବା ପ୍ରକଳ୍ପର ପୁନରୁଦ୍ଧାର କରାଯିବ । ପ୍ରବେଶ ପଥ ସୌନ୍ଦର୍ଯ୍ୟକରଣ ସହରର ଶୋଭା ବଢ଼ାଇବ ବୋଲି ବିଡିଏ ସଚିବ କହିଛନ୍ତି ।

# ନବନିର୍ମାଣ ଯୁବଛାତ୍ର ସଂଗଠନର ଛାତ୍ର ଜାଗୃତି ଅଭିଯାନ

ଭଦ୍ରକ, (ପିପିଏସ୍): ନବନିର୍ମାଣ ଯୁବଛାତ୍ର ସଂଗଠନର ଛାତ୍ର "ଜାଗୃତି ଅଭିଯାନ" ଆଜି ଭଦ୍ରକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଯୁବଛାତ୍ର ରାଜ୍ୟ ସଂଯୋଜକ ଏମ୍.ଡି ମନୱର ଅଲ୍ଲୀ, ଯୁବଛାତ୍ର ଜିଲ୍ଲା ସଂଯୋଜକ ଜହିର ଖାନଙ୍କ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଭାଗବତୀ କଲିୟାଣୀ ମଣ୍ଡପ ନିକଟରେ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ କରି ମନୱର ଅଲ୍ଲୀ କହିଛନ୍ତି ଯେ, ଆଜିର ଛାତ୍ରଛାତ୍ରୀମାନେ କାଲିର ଭବିଷ୍ୟତ । ଦେଶକୁ ଗଢ଼ି ତୋଳିବାରେ ସେମାନଙ୍କ ପ୍ରମୁଖ ଭୂମିକା ରହିଛି । କିନ୍ତୁ, ଯୁବଛାତ୍ରଙ୍କ ଉପରେ କଲେଜ କ୍ୟାମ୍ପସରେ ଅତ୍ୟାଚାର ହେଉଛି । ସୌମ୍ୟାଶ୍ରୀ ଯେଉଁଳି ରାଜନୈତିକ ଷଡ଼ଯନ୍ତ୍ରର ଶୀକାର ହୋଇ ନିଜେ ଜଳିଗଲେ ସିନା, ଅନ୍ୟମାନଙ୍କୁ ପାଇଁ ଆଦର୍ଶ ହୋଇଛନ୍ତି । ଆମେ ତାଙ୍କୁ ସହୀଦର ମାନ୍ୟତା ଦେଉଛୁ । ତାଙ୍କ ସ୍ମୃତିରେ ସାରା ଓଡ଼ିଶାରେ ଏହି ଛାତ୍ର ଜାଗୃତି ଅଭିଯାନ ଆରମ୍ଭ ହୋଇଛି । ଛାତ୍ରଛାତ୍ରୀମାନେ ହାତକୁ ହାତ ମିଶାଇ ଏ ଦେଶର ମହାନ ମନୀଷୀ ସୁବାଷ ବୋଷ, ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ୍, ଲାଲ ବାହାଦୂର ଶାସ୍ତ୍ରୀ, ମହାତ୍ମା ଗାନ୍ଧୀ ଏମାନଙ୍କ ଅନୁସରଣ କରି ଜୟପ୍ରକାଶଙ୍କ ରାସ୍ତାରେ ଛାତ୍ର ସମାଜ ଏକଜୁଟ ହେଲେ, ଛାତ୍ର ସମାଜ ମୁକ୍ତିର ପଥ ଦେଖିବ । ଅଗଷ୍ଟ ୪ରୁ ୧୮ ଯାଏଁ ବାଲେଶ୍ୱରରୁ ଭୁବନେଶ୍ୱର ପଦଯାତ୍ରା ଚାଲିବ । ଏଥିରେ ସମସ୍ତ ଛାତ୍ରଛାତ୍ରୀମାନେ ସାମିଲ ହେବା ପାଇଁ ଶ୍ରୀ ଅଲ୍ଲୀ ନିବେଦନ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ସବିର ଖାନ, ସେକ ଭୁଟୁ ଯାନ ଖାନ, ସେକ ରାଜା, ସେକ ସରଫରାଜ ଟିଙ୍କୁ ଖାନ, ସାଜିଦ ଖାନ ପ୍ରମୁଖ ଯୋଗଦେଇଥିଲେ ।

# ରୋଟାରୀ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବ୍ରହ୍ମପୁର(ପିପିଏସ୍): ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ତରଫରୁ ରୋଟାରୀ ୱେଲନେସ୍ ସେଣ୍ଟର ଜରିଆରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପ୍ରେମନଗର ସ୍ଥିତ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୫୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା । ଡାକ୍ତର ଜେ.ଭରତୁଡୁ, ଡାକ୍ତର ବି.ରମେଶ ଚନ୍ଦ୍ର, ଡାକ୍ତର ଏନ୍.ସନ୍ତୋଷ କୁମାର, ଡାକ୍ତର ପ୍ରିୟଜିତ ଜେନା, ଡାକ୍ତର ଏସ୍.ମନ୍ମଧ ରାଓ, ଡାକ୍ତର ସୟଦ ଏଜାଜ୍ ହୁସେନ୍, ଡାକ୍ତର ମହେଶ ମହାପାତ୍ର ଏବଂ ଡାକ୍ତର ପି. ସମୀନାଙ୍କ ସମେତ ଅନ୍ୟ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ମାଗଣା ପରୀକ୍ଷା ସହିତ ଫିଜିଓଥେରାପି ସେବା ସହିତ ରୋଟାରୀ ସହାୟକ କେନ୍ଦ୍ର ମାଧ୍ୟମରେ ହ୍ୱିଲଚେୟାର, ରୋଗୀ ଶଯ୍ୟା ଏବଂ ଅକ୍ସିଜେନ୍ କନସେଣ୍ଟ୍ରେଟର ଭଳି ଚିକିତ୍ସା ସହାୟକ ଯୋଗାଣ ଅନ୍ତର୍ଭୁକ୍ତ ଥିଲା । ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁରର ସଦସ୍ୟମାନଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା । ସଭାପତି ଇ.ଭେଙ୍କଟ ଆନନ୍ଦ, ଅଧ୍ୟକ୍ଷ କୁତବୁଦ୍ଦିନ ଉକାନି, ସହ-ଅଧ୍ୟକ୍ଷ ସଞ୍ଜୀବ ମହାପାତ୍ର ଏବଂ ଶିଶିର ପଟ୍ଟନାୟକ, ସଚିବ ଟାଙ୍ଗୁଡୁ ରାହୁଲ ଏବଂ ସଦସ୍ୟ ଗୌରୀ ଶଙ୍କର ଅଗ୍ରୱାଲ, ଭି.ସନ୍ତୋଷ କୁମାର ଏବଂ ଗୋପୀରାମ ଅଗ୍ରୱାଲ ସାମିଲ ଥିଲେ । ଡାକ୍ତର ସୁରୁ ମନ୍ମଧା ରାଓ ଏବଂ ଡକ୍ଟର ଜେ.ଭାରତୁଡୁଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଶିବିର ଚଳିତ ବର୍ଷର ପ୍ରଥମ ବୋଲି କୁହାଯାଇଛି । ଏହି ପ୍ରୟାସ ଦ୍ୱାରା ପ୍ରତି ମାସର ଚତୁର୍ଥ ରବିବାର ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି ।

# ମାଡ଼ ପିଟରେ ନକଲି ସାମ୍ବାଦିକ ଆହତ

ତାଳଚେର, (ପିପିଏସ୍): ଦିନକୁ ଦିନ ତାଳଚେର ମଧ୍ୟରେ ମାଇନର ଫେଲେ ବୁମ୍ ଧରି ଅଣ ସାମ୍ବାଦିକ ମାନଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି । ପାଠ ଶାଠ କିଛି ନାହିଁ ଖଣ୍ଡେ ଖଣ୍ଡେ ବୁମ କିଛି ଟଙ୍କାଦେଇ ନେଇ ଆସି ତାଳଚେର ସହର ମଧ୍ୟରେ ଘୂରି ବୁଲିବା ସହିତ କୋଇଲା ଖଣିରୁ ଚାନ୍ଦା ଆଦାୟ କରିବା ଏକ ପ୍ରକାର ବୃତ୍ତିରେ ପରିଣତ କରିଛନ୍ତି । କିଛିଦିନ ପୂର୍ବରୁ ଏକ ଗଣମାଧ୍ୟମରୁ ତଡ଼ା ଖାଇଥିବ ସପ୍ତମ ଫେଲ ଫିନାଇଲ ବେପାରୀ ରବୀନ୍ଦ୍ର ସେଠି (୪୬)କୁ ନିର୍ଘାତ ପ୍ରହାର ପକେଇ ମୁଣ୍ଡ ହାଣ୍ଡିଆ ଫଟେଇ, ହାତ ଭାଙ୍ଗି ମନିଲ ମହାରଣା ଗିରଫ ହେବା ଘଟଣା ସହର ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଅତର୍କିତ ଆକ୍ରମଣ ଘଟଣାକୁ ନେଇ ରବି ଫିନାଇଲ ତାଳଚେର ଥାନାରେ କେସ



ରୁଜୁ କରିଛି । ଏସି ବା ପଛୁଆ ବର୍ଗର ଧୋବା ଜାତିର ନାଗରିକ ହୋଇଥିବାରୁ ପ୍ରତି ପକ୍ଷଙ୍କ ନାମରେ ଏସି ଧାରା ଲଗେଇ କେସ ରୁଜ ହୋଇଛି । ଓଟିଭି ସାମ୍ବାଦିକ ଭାବେ ନିଜ ପରିଚୟ ସୃଷ୍ଟି କରିଥିବା ମନିଲ ମହାରଣା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଜିବା ଘଟଣା ବିଭିନ୍ନ ସ୍ଥାନରେ କୌତୁହଳ ସୃଷ୍ଟି କରିଛି । ତାଙ୍କ ସହିତ ଜି ଟ୍ୱେଣ୍ଟୀ ଫୋର୍ ବୁମଧାରୀ ଅନାର କଲି (୩୨) ଓ ତାଙ୍କ ସ୍ୱାମୀ କୁନୁ ଭାଇଯାନ ମଧ୍ୟ ଦଫା ୫୦୬, ୩୦୭ ଭାରତୀୟ ନ୍ୟାୟ ସଂହିତା ଦ୍ୱାରା ଗିରଫ ହୋଇ ମାମୁ ଘର ଯାଇଥିବା ସୂଚନା ମିଳିଛି । ମନିଲ ମହାରଣାଙ୍କୁ ନିଜ ଚ୍ୟାନେଲରୁ ଆଉଟ୍ କରିଦେଇଥିବା ସହିତ କୁନୁ ଭାଇ ଯାନ୍ ଆଉଟ୍ ହୋଇଛନ୍ତି । ବିଗତ ଦିନରେ ରବି ସେଠିର ମଧୁର ସମ୍ପର୍କ ଥିଲା ପରେ କୌଣସି କାରଣ ନେଇ କେସ୍ ରୁଜୁ ହୋଇଥିଲା । ସେହି ଦିନଠାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇ ଗତକାଲି ରକ୍ତାକ୍ତ ଆକ୍ରମଣ କରିଥିଲେ । ରବି ଫିନାଇଲ ମୁଣ୍ଡରେ ଗଭୀର କ୍ଷତ ସହିତ ହାତ ଭାଙ୍ଗି ଯାଇଛି । ବର୍ତ୍ତମାନ ସେ ମଡ଼ିକାଲ ଚିକିତ୍ସା ନେଉଥିବା ଜଣା ପଡ଼ିଛି । ଏହି ଘଟଣାକୁ ନେଇ ତାଳଚେର ସହର ମଧ୍ୟରେ ନାନା କଥା ଶୁଣିବାକୁ ମିଳିଛି ।

# ଗୋପ ବ୍ଲକ୍‌ର ବେଟୀ ବଚାଓ, ବେଟୀ ପଢ଼ାଓ କାର୍ଯ୍ୟକ୍ରମ



ଗୋପ (ପିପିଏସ ) ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଗୋପ ବ୍ଲକର ସମସ୍ତ ୨୮୬ ଅଙ୍ଗନୱାଡି କେନ୍ଦ୍ର ରେ ବେଟୀ ବଚାଓ ବେଟୀ ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରରେ ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନାକ୍ଷୀ ସାହୁ, ସମସ୍ତ ସୁପରଭାଇଜର , ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ କିଶୋରୀ ବାଳିକା ମାନେ ଯୋଗଦେଇଥିଲେ । ଏହି ଅବସରରେ ପ୍ରତ୍ୟେକ ଗ୍ରାମରେ ବେଟୀ ବଚାଓ ବେଟୀ ପଢ଼ାଓ ସଚେତନତା କାର୍ଯ୍ୟକ୍ରମ କରଯାଇଥିଲା ।

### ବିନାୟକ ହସ୍ପିଟାଲରେ ରୋଗୀ ମୃତ୍ୟୁ ଘଟଣା

# ୩୦ଲକ୍ଷର ଡିଲ୍, ଚାପି ଦେବାକୁ ଉଦ୍ୟମ !

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ଗୋଇଲୁଣ୍ଡି ଛକରେ ଥିବା ଘରୋଇ ନର୍ସିଂହୋମ୍ ବିନାୟକ ହସ୍ପିଟାଲ ରୋଗୀ ମୃତ୍ୟୁ ଘଟଣାକୁ ଚାପି ଦେବାକୁ ବଡ଼ ଧରଣର ଡିଲ୍ । ଦଲାଲ୍ ମାନେ ସରକାରୀ ହସ୍ପିଟାଲରୁ ନର୍ସିଂହୋମ୍‌ରୁ ରୋଗୀ ନେଉଥିଲେ । ଏବେ ରୋଗୀ ମୃତ୍ୟୁ ଘଟଣାକୁ ଚାପିଦେବାକୁ ବଡ଼ ଧରଣର ଡିଲ୍ କରିଥିବା ସହରରେ ଚର୍ଚ୍ଚା ହେଉଛି । ସବୁ ସ୍ତରରେ ଅସ୍ତ୍ରୋପଚାର କରିଥିବା ଡାକ୍ତର, ନିଶା ଦେଇଥିବା ଡାକ୍ତର ଏବଂ ଡାକ୍ତରଖାନା ମାଲିକଙ୍କୁ କ୍ଲିନ୍‌ଚିଟ୍ ଦେବାକୁ ସବୁ ସ୍ତରରେ ଉଦ୍ୟମ ହେଉଥିବା ସହରରେ ଆଲୋଚନା ହେଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ବିଭିନ୍ନ ଆଲୋଚନା ଶୁଣିବାକୁ ମିଳିଛି । ଦଲାଲ୍ ଓ ଅଧିକାରୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ପାଟି ବନ୍ଦ କରିବାକୁ ମଧ୍ୟ ଟଙ୍କା କାରବାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଘଟଣାକୁ ଚପାଇଦେବାକୁ ପ୍ରାୟ ୩୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ପୁଲିସ୍ ଓ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କଲେ ସତ୍ୟତା ଜଣାପଡିବ ବୋଲି ଆଶା କରାଯାଉଛି । ସେପଟେ ବିନାୟକ ହସ୍ପିଟାଲ ରୋଗୀ ମୃତ୍ୟୁ ଘଟଣା ଶବ ବ୍ୟବଚ୍ଛେଦ ରିପୋର୍ଟ ପୁଲିସ୍‌ର ହସ୍ତଗତ ହୋଇଛି । ହଠାତ୍ ହୃଦ୍‌ଘାତ ଯୋଗୁଁ ରୋଗୀ ବଳରାମ ଗୌଡ଼(୨୮)ଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଆସିଥିବା ପୁଲିସ୍ ସୂତ୍ରରୁ ଜଣାପଡିଛି । ଜଣେ ରୋଗୀର ଜଙ୍ଘ ହାଡ଼ ଅସ୍ତ୍ରୋପଚାର କରାଯାଉଛି । ଅସ୍ତ୍ରୋପଚାର ପୂର୍ବରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ଅସ୍ତ୍ରୋପଚାର ସମୟରେ କିପରି ହଠାତ୍ ହୃଦ୍‌ଘାତ ହୋଇଥିଲା ତାହା ସନ୍ଦେହ ଘେରକୁ ଆସିଛି । ଚିକିତ୍ସାରେ ନିଶ୍ଚେତକ ବିଭାଗ ଡାକ୍ତର ନା ଅସ୍ତ୍ରୋପଚାର କରିଥିବା ଅସ୍ଥିଶଲ୍ୟ ବିଭାଗ ଡାକ୍ତରଙ୍କ ତ୍ରୁଟି ଯୋଗୁଁ ହଠାତ୍ ବଳରାମଙ୍କ ହୃଦଘାତ ହୋଇଥିଲା ତାହା ଏବେ ତଦନ୍ତ ଚାଲିଛି । ପୁଲିସ ବିଶେଷଜ୍ଞଙ୍କ ମତ ନେବା ସହ ଚିକିତ୍ସା କରୁଥିବା ସମସ୍ତ ଡାକ୍ତରଙ୍କୁ ଥାନାକୁ ଆଣି ପୁଣି ପଚରାଉଚରା କରିବା ପରେ ହିଁ କାହାର ଅବହେଳା କାରଣରୁ ବଳରାମଙ୍କ ମୃତ୍ୟୁ ହୋଇଥିଲା ସ୍ପଷ୍ଟ ହେବ ବୋଲି କୁହାଯାଉଛି । ବଳରାମଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ବୈଦ୍ୟନାଥପୁର ଥାନା ପୁଲିସ୍ ଏହାର ତଦନ୍ତ କରୁଥିବା ବେଳେ ପ୍ରଶାସନ କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପ୍ରକାର ତଦନ୍ତ ହୋଇନାହିଁ । ଚିକିତ୍ସା ଅବହେଳାରୁ ଜଣେ ୨୮ବର୍ଷୀୟ ଯୁବକଙ୍କ ଜୀବନ ଚାଲିଗଲା । ଅଥଚ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ ନାୟକ କହୁଛନ୍ତି ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଆସିନାହିଁ । ନିର୍ଦ୍ଦେଶ ହେଲେ ହିଁ ଏହାର ତଦନ୍ତ କରିବେ ବୋଲି ସେ କହିଛନ୍ତି । ନର୍ସିଂହୋମ୍‌ରେ ହାତ ମାରିବାକୁ କାହିଁକି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଡର ରହିଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ବଳରାମଙ୍କୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କାଜୁଆଲ୍ଟିରୁ ଆଣି ବିନାୟକ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିବା ଅଭିଯୋଗ ହୋଇଥିଲା । ତାଙ୍କୁ ଡା.ଦିଲ୍ଲୀପ ପ୍ରଧାନ ଚାଲାଣ କରିଥିବା ଅଭିଯୋଗ ହୋଇଥିଲା । ଏମ୍‌କେସିଜିରେ ଏହାର ତଦନ୍ତ କରି ଡାକ୍ତର ପ୍ରଧାନଙ୍କୁ କ୍ଲିନ୍‌ଚିଟ୍ ଦେଇସାରିଛନ୍ତି ଅଧୀକ୍ଷକ । ସୂଚନାଯୋଗ୍ୟ ଯେ, ଗତ ୧୦ତାରିଖରେ ବାଘଲଟି ଗ୍ରାମର ବଳରାମଙ୍କ ଦିଗପହଣ୍ଡିରେ ଦୁର୍ଘଟଣା ହୋଇଥିଲା ଏବଂ ସେ ଏମ୍‌କେସିଜିରେ ଭର୍ତ୍ତି ହୋଇଥିଲା । ତାଙ୍କୁ ସେଠାରୁ ଆଣି ବିନାୟକ ହସ୍ପିଟାଲରେ ଗତ ୧୩ତାରିଖରେ ଅସ୍ତ୍ରୋପଚାର କରୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ପରିବାର ଲୋକ ଚିକିତ୍ସା ଅବହେଳା କରି ଧାରଣା ଦେବା ସହ ରାଲି କରି ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

କୋଣାର୍କ(ପିପିଏସ): କୋଣାର୍କ ଥାନା ଅନ୍ତର୍ଗତ ମାଟିଆପଡା ଗ୍ରାମର ଶ୍ରୀମତୀ ବୈଦେହୀ ବେହେରା( ୩୬ ବର୍ଷ)ଙ୍କର ଏକ ବିଷାକ୍ତ ସାପ କାମୁଡ଼ାରେ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଚଳିତ ମାସ ୨୧ ତାରିଖ ଦିନ ସ୍ୱର୍ଗତଃ ବୈଦେହି ତାଙ୍କ ବାଡ଼ିରୁ ପରିବା ତୋଳିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା । ତାଙ୍କୁ ସଂଗେ ସଂଗେ କୋଣାର୍କ ଡାକ୍ତରଖାନା ପରେ ଗୋପ ଓ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ନିମନ୍ତେ ସମ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେ ଶୁକ୍ରବାର ଦିନ ମୃତ୍ୟୁବରଣ କରିଥିଲେ ।ତାଙ୍କର ପରିବାରକୁ ସରକାରଙ୍କ ତରଫରୁ ଆର୍ଥିକ ସାହାଯ୍ୟ ଯୋଗାଇଦେବାକୁ ଅଂଚଳ ବାସିଙ୍କ ତରଫରୁ ଦାବି ହୋଇଛି ।

# ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା


କେନ୍ଦ୍ରାପଡା (ପିପିଏସ୍): ଜିଲ୍ଲା ଯୋଗାସନ ସଙ୍ଘ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ନିରଞ୍ଜନ ବେହେରା ପ୍ରଦୀପ ଜାଳି ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ । ଉପଦେଷ୍ଟା ସ୍ୱପ୍ନାଶୁ କୁମାର ଦାସ, ସଂପାଦକ ସଞ୍ଜୟ କୁମାର ମଥାନ, ରାଜ୍ୟ ସମ୍ପାଦକ ମନୋଜ କୁମାର ମୁଖାର୍ଜି, ସହସମ୍ପାଦକ ଡ ଆଲୋକ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରୁ ପ୍ରତ୍ୟେକ ଚଉଦ ଟି ଇଭେଣ୍ଟ ପାଇଁ ଯୋଗାସନ ପ୍ରତିଯୋଗିତା କରାଯାଇଥିଲା । ଏହାକୁ ସଭ୍ୟ ଭରତ କୁମାର ସାହୁ, ଯୁଗ୍ମ ସଂପାଦକ ପଦ୍ମଲୋଚନ ଦାସ ଓ ୧୪ ଜଣ ବିଚାରକ ପରିଚାଳନା କରିଥିଲେ । କୃତକାର୍ଯ୍ୟ ହୋଇଥିବା ସର୍ବମୋଟ ୭୨ ଜଣ କୃତୀ ପ୍ରତିଯୋଗୀମାନଙ୍କ ନାମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭାଗ ନେବା ପାଇଁ ସ୍ଥିର କରାଯାଇଥିଲା । ସର୍ବମୋଟ ୨୦୩ ଜଣ ପ୍ରତିଯୋଗୀ ପ୍ରତିଯୋଗିତା ରେ ଭାଗ ନେଇଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ,ବିଶିଷ୍ଟ ଶିକ୍ଷାବିତ୍ ପ୍ରତିଜ୍ଞା ସାମଲ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ସିଲ୍ ପ୍ରଦାନ କରିଥିଲେ । ଅତିଥିମାନେ ଦୈନ୍ୟ ଦିନ ଜୀବନରେ ଯୋଗର ଆବଶ୍ୟକତା ବିଷୟରେ ଆଲୋଚନା ସହ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ସଙ୍ଘର ଉତ୍ତୋରତର ଉନ୍ନତି କାମନା କରିଥିଲେ । ଶିକ୍ଷାବିତ୍ ଶ୍ରୁତି ଶୟାନ୍ତିନୀ ଏହାକୁ ସଞ୍ଚାଳନ କରିଥିଲେ । ସଭ୍ୟ ଆଲୋକ, ସମୀର, ବୁଲୁ ମମତା, ମାନସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଯୋଗଗୁରୁ ସଞ୍ଜୟ କୁମାର ମଥାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରାକ୍ଟର ବାଟ ରୋକିବାରୁ ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ

ଗୋପ (ପିପିଏସ): ଗୋପ ଥାନା ଅନ୍ତର୍ଗତ ବଡତରା ଗ୍ରାମରେ ବୃଦ୍ଧଙ୍କୁ ସଂଘବନ୍ଧ ଆକ୍ରମଣ, ବୃଦ୍ଧ ଗୁରୁତର ହୋଇପଡ଼ିଥିବାର ଗୋପ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ବଡତରା ଗ୍ରାମର ରାଜ କିଶୋର ସ୍ୱାଇଁ (୭୦ ବର୍ଷ)ଙ୍କ ବାରିପଟେ ସେହି ଗ୍ରାମର ସୌମ୍ୟ ରଞ୍ଜନ ଓଝା ଏବଂ ଚିତରଞ୍ଜନ ଓଝା ଏକ ଟ୍ରାକ୍ଟର ନେବାରୁ ରାଜ କିଶୋର ବିରୋଧ କରିଥିଲେ ପରେ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା । ସେହି ସମୟରେ ପାଟିତୁଣ୍ଡ ଶୁଣି ରବୀନ୍ଦ୍ର ଓଝା, ବିହାରୀ ଓଝା ଏବଂ ଚିତରଞ୍ଜନ ଓଝା ଟ୍ରାକ୍ଟରରୁ ଯଗରଡ଼ ଆଣି ରାଜ କିଶୋରଙ୍କୁ ସଙ୍ଘବନ୍ଧ ଆକ୍ରମଣ କରିଥିଲେ ବୋଲି ରାଜ କିଶୋର ଅଭିଯୋଗ କରିଛନ୍ତି । ଏପେଟେ ଆକ୍ରମରେ ବୃଦ୍ଧଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା ଫଳରେ ବୃଦ୍ଧ ଜଣଙ୍କ ରକ୍ତାକ୍ତ ଅବସ୍ଥାରେ ଗୋପ ମେଡିକାଲରେ ଭର୍ତ୍ତି ହୋଇଥିଲେ ବୋଲି ଗୋପ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ଗୋପ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି ।

# ଟାଟା ଷ୍ଟିଲ୍ ବସ୍ ଦୁର୍ଘଟଣାରେ ଜିନ୍ଦଲ ଷ୍ଟିଲର ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ଯାଜପୁର (ପିପିଏସ )କଳିଙ୍ଗନଗର ଶିଳ୍ପାଞ୍ଚଳ ରେ କାରଖାନା ବସର ଦ୍ରୁତ ଗତିରେ ଯାଉଥିବାରୁ ଦୁର୍ଘଟଣା ଦୈନ ଦିନ ଘଟଣା ହେଇଗଲାଣି କ୍ଷ ସେହି କାରଖାନା ବସ କାରଖାନା ମଧ୍ୟରେ ୨୦ ଗତି ସୀମାରେ ଯାଉଥିବା ବେଳେ କାରଖାନାରୁ ବାହାରି ନିଜ ଭିତରେ ପ୍ରତିଯୋଗିତା କରି ୧୨୦ ଗତି କରୁଛି । ଏହିପରି ଏକ ମର୍ମନ୍ତୁଦ ଦୁର୍ଘଟଣା ରବିବାର ଦେଖିବାକୁ ମିଳିଛି ଜିନ୍ଦଲ ଷ୍ଟିଲ୍ ନିକଟରେ ବାଇକ୍ ଉପରେ ମାଡ଼ିଗଲା ଟାଟା କମ୍ପାନୀର ଷ୍ଟାଫ ବସ । ଦୁର୍ଘଟଣାରେ ଘଟଣା ସ୍ଥଳରେ ଜଣେ ଶ୍ରମିକ ମୃତ ଅନ୍ୟ ଜଣେ ଗୁରୁତର । ମୃତକ ଜିନ୍ଦଲ ଷ୍ଟେନ୍‌ଲେଶ କାରଖାନାର କର୍ମଚାରୀ ଅଭିମନ୍ୟୁ ମହାନ୍ତ (୪୫) । ମୃତ ଅଭିମନ୍ୟୁ ଘର ସୁକିନ୍ଦା ଥାନା ବନ୍ଧଗାଁ ଅଞ୍ଚଳରେ ହୋଇଥିବା ବେଳେ ଗୁରୁତର ଆହତ ଜଣକ ସୁକିନ୍ଦା ଥାନା ବନ୍ଧଗାଁ ପଞ୍ଚାୟତ ରାଙ୍କିଆ ଗାଁର ଲକ୍ଷ୍ମୀଧର ମହାକୁଡ(୩୫) । ଗୁରୁତରଙ୍କୁ କଟକ ବଡ ଡାକ୍ତରଖାନା



ସ୍ଥାନାନ୍ତର । ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା । ସୁକିନ୍ଦା ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରିତିରଞ୍ଜନ ଘଡେଇ ଘଟଣା ସ୍ଥଳରେ ପହଁଚି ଆହତଙ୍କୁ ମେଡିକାଲକୁ ପଠାଇ ଥିଲେ । ଟାଟା ଟ୍ରେନିଂ ସେଣ୍ଟର୍ ସମ୍ମୁଖରେ ଶବ ରଖି ରାସ୍ତାରୋକ କଲେ ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକ । ୪ ଘଣ୍ଟା ଧରି ଦୁର୍ଘଟଣା ସ୍ଥଳରେ ଗୋଟିଏ ଆମ୍ବୁଲାନ୍ସ ପହଂଚି ପାରିନଥିଲା ଯାହାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା । ଢୁବୁରୀ- ଯାଜପୁର ରୋଡ ମୁଖ୍ୟ ରାସ୍ତା ଅବରୋଧ କରି ଲୋକେ ଆନ୍ଦୋଳନ କରିଥିଲେ । ମୃତକଙ୍କ ପରିବାର ଲୋକେ କ୍ଷତିପୁରଣ ବାବଦକୁ ୩୦ ଲକ୍ଷ୍ୟ ଓ ପରିବାରର ଜଣଙ୍କୁ କାରଖାନା ନିଯୁକ୍ତି ଦେବା ଦାବି କରିଛନ୍ତି । ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପୁଅ ସବ୍ୟସାଚୀ ବଳସାମନ୍ତ ଘଟଣା ସ୍ଥଳରେ ପହଞ୍ଚିଲେ । ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଏକ ପ୍ରକାର ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ଘଟଣା ସ୍ଥଳରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନଥିଲା ବେଳେ ଶବ ରଖି ରାସ୍ତା ରୋକ କରାଯାଇଥିଲା ।

# ରାସବିହାରୀ ଯୁବକ ସଂଘର କାଉଡ଼ିଆ ସେବା


ଚୌଦ୍ୱାର,(ପିପିଏସ୍): ପବିତ୍ର ଶ୍ରାବଣ ମାସରେ ବିଭିନ୍ନ ନଦୀରୁ ପବିତ୍ର ଜଳ ନେଇ ମହାଦେବଙ୍କୁ ଜଳଲାଗି କରିବାପାଇଁ ପାଦରେ ଚାଲିଚାଲି ଦୀର୍ଘ ରାସ୍ତା ଯାଉଥିବା କାଉଡ଼ିଆ ମାନଙ୍କ ପାଇଁ ସ୍ଥାନୀୟ ରାସବିହାରୀ ଜିଉ ଯୁବକ ସଂଘ ତରଫରୁ ବିଭିନ୍ନ ସେବା ଯୋଗାଇ ଦିଆ ଯାଇଛି ।ବିରୂପା ଘାଟରୁ ପବିତ୍ର ଜଳ ଉଠାଉଥିବା ଓ କଟକରୁ ଚୌଦ୍ୱାର ଦେଇ ଧବଳେଶ୍ୱର, ସର୍ପେଶ୍ୱର, କପିଳାସ ଆଦି ଶୈବପୀଠକୁ ଯାଉଥିବା ହଜାର ହଜାର ସଂଖ୍ୟାରେ କାଉଡ଼ିଆମାନଙ୍କୁ ଜଳଖିଆ ପ୍ରଦାନ, ଜଳପୂର୍ଣ୍ଣ ଭାର ସୁରକ୍ଷା, ଆତିଥ୍ୟ ସେବା ଆଦି ପ୍ରଦାନ କରାଯାଉଛି । ଯୁବକ ସଂଘର ସଦସ୍ୟ ଗିରିଶ ଚନ୍ଦ୍ର ସାହୁ,ସୌମ୍ୟ ରଞ୍ଜନ ସାହୁ, ସ୍ମୃତି ରଞ୍ଜନ ସ୍ୱାଇଁ, ରାଜେଶ ସ୍ୱାଇଁ, ସନ୍ତୋଷ ସାହୁ, ଟୁଲନ ସାହୁଙ୍କ ସମେତ ସ୍ଥାନୀୟ ଯୁବକ ମାନେ ଏହି ସେବାକାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ ।

# ଗୋପ ନିଃସ୍ୱାର୍ଥ ପରିବାର ତରଫରୁ ମେଗା ବୃକ୍ଷରୋପଣ

ଗୋପ (ପିପିଏସ ) ଗୋପର ଏକ ଅଗ୍ରଣୀ ସ୍ୱାସାସେବୀ ସଂଗଠନ ନିଃସ୍ୱାର୍ଥ ପରିବାର ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟକ ସମୟରେ, ବୃକ୍ଷରୋପଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସଫେଇ କାର୍ଯ୍ୟକ୍ରମ ସହିତ ନିରାଶୟ ଓ ଅସହାୟଙ୍କୁ ଅନେକ ସମୟରେ ସହାୟତାର ହାତ ବଢ଼ାଇ ଆସିଛି ।

# ତାରପୁର ବାନାମ୍ବାର ଘାଟରୁ ପାଣି ଉଠାଇଲେ ୧୫ ହଜାର କାଉଡ଼ିଆ

ରଘୁନାଥପୁର (ପିପିଏସ୍): ଶ୍ରାବଣ ମାସ ତୃତୀୟ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ରଘୁନାଥପୁର ବ୍ଲକ ତାରପୁର ମହାନଦୀ କୂଳ ସ୍ଥିତ ବାନାମ୍ବର ଘାଟରୁ ୧୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ପାଣି ଉଠାଇଛନ୍ତି । ଶନିବାର ଠାରୁ ଘାଟକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା । ରବିବାର ଏହା କ୍ରମଶଃ ବୃଦ୍ଧି ପାଇଥିଲା ।ଶତାଧିକ ଜାନବାହାନ ନଦୀବନ୍ଧରେ ଜାମ ହେବାରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସକୁ କାଠିକର ପାଠ ହୋଇଥିଲା । କାଉଡିଆମାନେ ଦୁଇ କାନ୍ଧରେ କଳସ ରଖି ମହାନଦୀରେ ବୁଡ଼ି ପାଣି ଆଣିବା ପରେ ଏହାକୁ ପୂଜାର୍ଚ୍ଚନା କରିଥିଲେ । ପରେ ବାନାମ୍ବର ମହାଦେବଙ୍କ ଚତୁର୍ପାର୍ଶ୍ୱରେ ପ୍ରଦିକ୍ଷଣ କରି ଯେଝା ଜେଝାର ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲେ ।



ଏଠାରୁ ପାଣିନେଇ ଶ୍ରଦ୍ଧାଳୁ କାଉଡିଆମାନେ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର, ଇଶାଣେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠକୁ ଯାତ୍ରା କରିଥିଲେ । ଭିଡକୁ ଦୃଷ୍ଟିରେ ରଖି ପାଣିଉଠା ସ୍ଥଳରେ ରଘୁନାଥପୁର ଥାନା ପୋଲିସ ଓ ଫାୟାର ଅଫିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା । ଏହାଛଡା ତାରପୁର ବାଇପାସ ଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡିଆଙ୍କ ଲମ୍ବା ଲାଇନ ଲାଗିଥିବା ରାସ୍ତାରେ ପୁଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିଲା ।ଘାଟ କମିଟି ପକ୍ଷରୁ ବିଷ୍ଣୁ ବିଶ୍ୱାଳ, ବିପିନ ବିହାରୀ ଦାଶ, ଅକ୍ଷୟ କୁମାର ଦଳାଇ, ମଧୁସୂଦନ ସାହୁ, ପ୍ରତାପ ଚନ୍ଦ୍ର ରାଉତ, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ ଯୋଗାଇ ଦେଇଥିଲେ । ତାରପୁର ବାଇପାସ୍ ବଜାରରେ ସେଚ୍ଛାସେବୀଙ୍କ ପକ୍ଷରୁ କାଉଡିଆଙ୍କ ପାଇଁ ମାଗଣା ଖାଦ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା ।

# ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଲେ ଅମ୍ବର

ଯାଜପୁର (ପିପିଏସ ) ଯାଜପୁରରେ ନୂତନ ଜିଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ଅବକାରୀ ବିଭାଗର ସ୍ୱତନ୍ତ୍ର ସଚିବ ଅମ୍ବର କୁମାର କର । ଯାଜପୁର ର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ମନ୍ଦିରରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ପରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ନୂତନ ଜିଲ୍ଲାପାଳ । ମା ବିରଜାଙ୍କ ଦର୍ଶନ କରିବା ପରେ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ । ପରେ ସମ୍ମିଳନୀ କକ୍ଷ ରେ ଆଭାସୀ ମାଧ୍ୟମରେ ଜିଲାର ସମସ୍ତ ବିଭାଗ ର ଅଧିକାରୀ ସହ ବନ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବନ୍ୟା ସ୍ଥିତିର ମୁକାବିଲା କରାଯିବା ସହ



ବିପନ୍ନ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ଜିଲପାଳ । ଏଥିସହ ପ୍ରଶାସନର ସୁପରିଚାଳନା ନିମନ୍ତେ ସମସ୍ତ ଅଧିକାରୀଙ୍କ ସହଯୋଗ ଲୋଡିଛନ୍ତି । ଏହି ଅବସର ରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଅବକାରୀ ଅଧିକ୍ଷକ ଦିବ୍ୟ କିଶୋର ଟଣ୍ଡେଲଙ୍କ ସମେତ ବିଭିନ୍ନ ବରିଷ୍ଠ ଅଧିକାରୀ ମାନେ ନୂଆ ଜିଲାପାଳଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରି ଜିଲ୍ଲାକୁ ସ୍ୱାଗତ କରିଥିଲେ ।

# ଶ୍ରଦ୍ଧାଞ୍ଜଳି ସଭାରେ ମତବ୍ୟକ୍ତ: ଭାଗ୍ୟରେ ଥିଲେ ଅଜିତଙ୍କ ପରି ସହଯୋଗୀ ମିଳନ୍ତି

ଅସ୍ତରଙ୍ଗ (ପିପିଏସ୍): ବରିଷ୍ଠ ଓ ଅଭିଜ୍ଞ ଖବର ଦାତା ସ୍ୱର୍ଗତଃ ଅଜିତ ମଲ୍ଲିକ୍‌ଙ୍କ ଅକାଳ ବିୟୋଗ ରେ ପୁରୀ ଜିଲ୍ଲା କାକଟପୁର ଖୁଣ୍ଟିଆ କନଭେନଶନ ରେ ତାଙ୍କ ସ୍ମୃତି ରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘ ଆୟୋଜନରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବରିଷ୍ଠ ଖବର ଦାତା ପ୍ରସନ୍ନ ତ୍ରିପାଠୀ, କାକଟପୁର ପ୍ରେସ କ୍ଲବ ସଭାପତି କମଳଲୋଚନ ଦୀକ୍ଷିତି, ଭାରତୀ ଭୂଷଣ ଉପାଧ୍ୟାୟ, ନିରଞ୍ଜନ ଦାସ, ଆଦିତ୍ୟ ରାଉତ, ତୁଷାର ରଞ୍ଜନ ଦୀକ୍ଷିତି ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଥିବା ବେଳେ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ସଂଜୟ ପତି । ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଅଜିତ ବାବୁ ଆମ ପରିବାରର ଜଣେ ଦୃଢ



ସହଯୋଗୀ ସଦସ୍ୟ ଥିଲେ । ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେବାରେ ନିଜକୁ ସମର୍ପିତ କରିଥିଲେ । ଭାଗ୍ୟରେ ଥିଲେ ଏପରି ସହଯୋଗୀ ମିଳନ୍ତି । ଅନେକ ସଫଳତା ପଛରେ ତାଙ୍କର ଅବଦାନ ସବୁଦିନ ସ୍ମରଣୀୟ ହୋଇ ରହିବ । ତାଙ୍କ ପରି ଜଣେ ସହଯୋଗୀ ପାଇଥିବାରୁ କୃତଜ୍ଞତା ଜଣାଉଛୁ । ଅନ୍ୟ ଉପସ୍ଥିତ ଅତିଥି କହିଥିଲେ ଅଜିତ ବାବୁ ଥିଲେ ଗର୍ବ ଓ ଗୌରବ । ସେ ଜଣେ ପରୋପକାରୀ ଏବଂ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ଏପରି ଜଣେ ବ୍ୟକ୍ତି କୁ ହରାଇବା ଜିଲ୍ଲା ତଥା ସାରା ରାଜ୍ୟର ଅପୂରଣୀୟ କ୍ଷତି ହୋଇଛି । ଆଜି ତାଙ୍କ ସ୍ମୃତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଂଗେ ସଙ୍ଗେ ଏଭଳି ଯୋଗଜନ୍ମା ପୁରୁଷ ବାରମ୍ବାର ଜନ୍ମ ନେବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ । ସେ ଥିଲେ ସରଳ ଓ ଅମାୟିକ ବ୍ୟକ୍ତିତ୍ୱ । ସବୁ ହୃଦୟକୁ ଜୟ କରିବାର ସୁଗୁଣ ସ୍ୱର୍ଗତଃ ଅଜିତ ମଲ୍ଲିକ୍ ପାଖରେ ଥିଲା । ତାଙ୍କ ସାଙ୍ଗଠନିକ ଦକ୍ଷତା ଅନନ୍ୟା । ତାଙ୍କ ସ୍ପର୍ଶ ଓ ସମ୍ପର୍କରେ ଅଭୁଲା ସ୍ମୃତି ସାଇତି ରହିବ । ସେ ହିଁ ଥିଲେ ଏକ ବିଶାଳ ସାମ୍ରାଜ୍ୟ ଗଠନର ପ୍ରଚ୍ଛଦପଟ ନାୟକ । ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ଶ୍ରୀଯୁକ୍ତ ବିଜୟ ବେହେରା,ପ୍ରଦୀପ୍ତ ପଣ୍ଡା, ମାନସ ଦୀକ୍ଷିତି, ପ୍ରଦୀପ୍ତ ଦୀକ୍ଷିତି, ପ୍ରଶାନ୍ତ ବାରିକ, ଆର୍ଯ୍ୟ ବିଶ୍ୱାଳ, ଲୋକନାଥ ସ୍ୱାଇଁ ସମେତ ଶ୍ରଦ୍ଧାଞ୍ଜଳି ସଭାରେ ଅସ୍ତରଙ୍ଗ, କାକଟପୁର, ଚାରିଛକ, ପିପିଲି, ନିମାପଡା ଅଞ୍ଚଳ ଖବରଦାତା ଯୋଗ ଦେଇଥିଲେ ।

# ରାହୁଲ-ଗିଲ୍ ଦେଲେ ଡ୍ର’ ଆଶା !

## ■ ବିରଳ ଅଲ୍‌ରାଉଣ୍ଡର୍ କ୍ଲବ୍‌ରେ ବେନ୍ ଷ୍ଟୋକ୍ସ ■ ୪ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳରେ ଇଂଲଣ୍ଡ ୨-୧ରେ ରହିଛି ଆଗୁଆ



ମାଞ୍ଚେଷ୍ଟର: ଦୁଇ ବର୍ଷ ପରେ ବେନ୍ ଷ୍ଟୋକ୍ସଙ୍କ ବ୍ୟାଟ୍‌ରୁ ଆସିଥିବା ଶତକ ଭାରତର ସବୁ ଆଶାରେ ପାଣି ଭରି ଦେଇଛି। ଭ୍ରମଣକାରୀ ଭାରତୀୟ ଦଳ ଏବେ କେବଳ ଡ୍ର’ ପାଇଁ ଖେଳିବାର ବିକଳ୍ପ ପାଇଛି। ଷ୍ଟୋକ୍ସଙ୍କ ୧୪୧ ରନ୍ ପାଳି ସହ ଇଂଲଣ୍ଡ ଓଲ୍ଡ ଟ୍ରାଫୋର୍ଡରେ ସର୍ବୋଚ୍ଚ ଦଳଗତ ସ୍କୋର ୬୬୯ କରିଛି। ଘରୋଇ ଦଳ ମଧ୍ୟ ପ୍ରଥମ ପାଳିରେ ୩୧୧ ରନ୍‌ର ବଡ଼ ଅଗ୍ରଣୀ ନେଇ ସୁବିଧାଜନକ ସ୍ଥିତିରେ ରହିଛି। ଭାରତର ଦ୍ୱିତୀୟ ପାଳି ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଯାଇଥିଲେ। ଏଭଳି ସମୟରେ ଏକାଠି ହୋଇଥିବା ଅଧିନାୟକ ଶୁବମନ ଗିଲ ଓ କେଏଲ୍ ରାହୁଲ ଏକ ଦୃଢ଼ (୧୭୪*) ଭାଗୀଦାରି ଗଢ଼ିଛନ୍ତି। ମଧ୍ୟାହ୍ନ ଭୋଜନ ବିରତି ପରବର୍ତ୍ତୀ ଦୁଇ ଅଧିବେଶନରେ ୱିକେଟ୍ ନହରାଇ ଉଭୟ ୬୨.୧ ଓଭର ଖେଳି ଆଶା ସଞ୍ଚାର କରିଛନ୍ତି। ୪ର୍ଥ ଦିନ ଷ୍ଟମ୍ପସ ସୁଦ୍ଧା ଭାରତ ୨ ୱିକେଟ୍‌ରେ ୧୭୪ ରନ୍ କରିଛି।

ମଞ୍ଚେଷ୍ଟରରେ ଚାଲିଥିବା ୪ର୍ଥ ଟେଷ୍ଟ ମ୍ୟାଚରେ ଭାରତ ୪ର୍ଥ ଦିନ ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଛି। କେ.ଏଲ. ରାହୁଲ ୮୭ ଏବଂ ଅଧିନାୟକ ଶୁବମନ ଗିଲ୍ ୭୮ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ପାଳିରେ ଘରୋଇ ଦଳ ଇଂଲଣ୍ଡ ୩୧୧ ରନରେ ଆଗୁଆ ଥିବାବେଳେ ଭାରତ ୪ର୍ଥ ଦିନ ସୁଦ୍ଧା ୧୩୭ରେ ପଛୁଆ ରହିଛି। ଟିମ ଇଣ୍ଡିଆ ହାତରୁ ଏହି ମ୍ୟାଚ ଏକପ୍ରକାର ଖସିଯାଇଥିବାବେଳେ ଏହାକୁ ଅମିମାଂଶୀତ ରଖିବାକୁ ହେଲେ ୫ମ ଦିବସ ସମ୍ପୂର୍ଣ୍ଣ ଖେଳିବାକୁ ହେବ, ନଚେତ ୩୦୦ରୁ ଅଧିକ ରନର ଟାର୍ଗେଟ ଦେବାକୁ ପଡ଼ିବ।

ଭାରତ ପ୍ରଥମେ ବ୍ୟାଟିଂ କରି ୩୫୮ ରନ ସଂଗ୍ରହ କରିଥିଲା। ଜବାବରେ ଜୋ ରୁଟଙ୍କ ୧୫୦ ଏବଂ ବେନ ଷ୍ଟୋକ୍ସଙ୍କ ୧୪୧ ରନ ବଳରେ ଘରୋଇ ଦଳ ୬୬୯ ରନର ବିଶାଳ ସ୍କୋର କରିଥିଲା। ପ୍ରଥମ ପାଳିରେ ୩୧୧ ରନରେ ପଛୁଆ ଥିବା ଭାରତ ୨ୟ ପାଳି ଆରମ୍ଭ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବିନା କୌଣସି ଖାତା ଖୋଲି ଭାରତ ୨ଟି ଉଇକେଟ ହରାଇଥିଲା। ଯଶସ୍ୱୀ ଜୟସୱାଲ ଏବଂ ସାଇ ସୁଦର୍ଶନ ବିନା କୌଣସି ରନ କରି ଆଉଟ୍ ହୋଇଯାଇଥିଲେ। ଏହା ପରେ ରାହୁଲ ଏବଂ ଗିଲ୍ ପାଳି ସମ୍ଭାଳିଥିଲେ। ଉଭୟେ ସତର୍କତାର ସହିତ ଖେଳି ୧୭୪ ରନର ଭାଗିଦାରି କରିଛନ୍ତି। ଶେଷ ଦିନରେ ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ଉପରେ ବିଶେଷ କିଛି ନିର୍ଭର କରୁଛି।

୪ ମ୍ୟାଚ ବିଶିଷ୍ଟ ଶୃଙ୍ଖଳରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ ଡ୍ର’ କରିବା ଲାଗି ଭାରତକୁ ଏହି ମ୍ୟାଚ ଜିତିବା ଜରୁରୀ ଥିଲା। କିନ୍ତୁ ଇଂଲଣ୍ଡର ଦମଦାର ପ୍ରଦର୍ଶନ ଯୋଗୁ ଭାରତ ହାତରୁ ସେହି ସୁଯୋଗ ଛିନ୍ନ ହୋଇଛି। ଏହି ମ୍ୟାଚ ଡ୍ର’ ହେଲେ ବି ଇଂଲଣ୍ଡ ସିରିଜ ବିଜୟୀ ହେବା ନିଶ୍ଚିତ।



ସଂକ୍ଷିପ୍ତ ସ୍କୋର: ଭାରତ ପ୍ରଥମ ପାଳି: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)। ଇଂଲଣ୍ଡ ପ୍ରଥମ ପାଳି: ୧୫୭.୧ ଓଭରରେ ୬୬୯ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଜାଡ଼େଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨, କମ୍ବୋଜ-୧/୮୯, ସିରାଜ-୧/୧୪୦)। ଭାରତ ଦ୍ୱିତୀୟ ପାଳି: ୬୩ ଓଭରରେ ୧୭୪/୨ (କେଏଲ୍ ରାହୁଲ-୮୭*, ଶୁବମନ ଗିଲ୍-୭୮*, କ୍ରିସ୍ ୱୋକ୍ସ-୨/୪୮)।

ମାଞ୍ଚେଷ୍ଟରରେ ସର୍ବୋଚ୍ଚ ସ୍କୋର୍ : ରୁଟ୍ ଓ ଷ୍ଟୋକ୍ସଙ୍କ ଶତକୀୟ ପାଳି ବଳରେ ଇଂଲଣ୍ଡ ମାଞ୍ଚେଷ୍ଟର୍ ଟେ?ଷ୍ଟ୍?ରେ ୬୬୯ ରନ୍ କରିବା ସହ ଏହି ଗ୍ରାଉଣ୍ଡ୍ ସର୍ବୋଚ୍ଚ ସ୍କୋର୍ ରେକର୍ଡ କରିଛି। ଫଳରେ ୬୧ ବର୍ଷ ତଳର ରେକର୍ଡ ପଛରେ ପଡ଼ିଯାଇଛି। ୧୯୬୪ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଏଠାରେ ୬୫୬/୮ ସ୍କୋର କରିଥିଲା। ଇଂଲଣ୍ଡ କିନ୍ତୁ ଏଠାରେ ୯୧ ବର୍ଷ ତଳର ରେକର୍ଡକୁ ପଛରେ ପକାଇଛି। ମାଞ୍ଚେଷ୍ଟର ଠାରେ ଇଂଲଣ୍ଡର ସର୍ବୋଚ୍ଚ ସ୍କୋର୍ ଥିଲା ୬୨୭/୯ ବନାମ ଅଷ୍ଟ୍ରେଲିଆ, ୧୯୩୪। ଟେଷ୍ଟ୍ କ୍ରିକେଟ୍ ଇତିହାସରେ କିନ୍ତୁ ଏହା (୬୬୯) ପଞ୍ଚମ ବୃହତ ସ୍କୋର। ଇଂଲଣ୍ଡରେ ମଧ୍ୟ ଭାରତ ବିପକ୍ଷରେ ୨୦୧୧ ପରେ ଇଂଲଣ୍ଡର ସର୍ବୋଚ୍ଚ। ସେହି ବର୍ଷ ଏଜ୍‌ବାଷ୍ଟନ୍‌ରେ ଭାରତ ବିପକ୍ଷରେ ଇଂଲଣ୍ଡ ସ୍କୋର୍ କରିଥିଲା ୭୧୦/୭। ମୋଟ ଉପରେ କିନ୍ତୁ ଭାରତ ଅଷ୍ଟମ ଥର ପାଇଁ ୬୦୦ରୁ ଊର୍ଦ୍ଧ୍ୱ ରନ୍ ବରଣ କରିଛି। ଶେଷ ଥର ପାଇଁ ୧୦ ବର୍ଷ ତଳେ ୨୦୧୪ରେ ୱେଲିଂଟନ୍‌ରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ୬୮୦/୮ ସ୍କୋର୍ କରିଥିଲା।

**ବିରଳ ଅଲ୍‌ରାଉଣ୍ଡର୍ କ୍ଲବ୍‌ରେ ବେନ୍ ଷ୍ଟୋକ୍ସ :** ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏବେ ବିରଳ ଟେଷ୍ଟ୍ ଅଲ୍‌ରାଉଣ୍ଡର୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଟେଷ୍ଟ୍ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ଷ୍ଟୋକ୍ସ ତୃତୀୟ ଖେଳାଳି ଭାବେ ୭୦୦୦+ ରନ୍? ଓ ୨୦୦+ ୱିକେଟ୍ କ୍ଲବ୍‌ର ସଦସ୍ୟ ହୋଇଛନ୍ତି। ପୂର୍ବ ଦୁଇ ଜଣ ହେଉଛନ୍ତି ୱେଷ୍ଟଇଣ୍ଡିଜ୍ ମହାନ ଗ୍ୟାରି ସୋବର୍ସ ଏବଂ ଦକ୍ଷିଣ ଆଫ୍ରିକାର କିଂବଦନ୍ତି ଜ୍ୟାକ୍ କାଲିସ୍। ଜ୍ୟାକ୍ କାଲିସ୍ ୧୩,୨୮୯ ରନ୍ ଓ ୨୯୨ ୱିକେଟ୍ ନେଇଥିବା ବେଳେ ଗ୍ୟାରି ସୋବର୍ସ ୮,୦୩୨ ରନ୍ ଓ ୨୩୫ ୱିକେଟ୍ ଅକ୍ତିଆର କରିଛନ୍ତି। ନିଜର ୧୧୫ତମ ଟେଷ୍ଟ୍ ଖେଳୁଥିବା ଷ୍ଟୋକ୍ସ ଶନିବାରର ଶତକୀୟ ପାଳି (୧୪୧) ପରେ ୭,୦୩୨ ରନ୍ ଓ ୨୨୯ ୱିକେଟ୍ ଅକ୍ତିଆର କରିଛନ୍ତି। ପୂର୍ବଦିନ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୧,୦୦୦ ରନ୍ ଅତିକ୍ରମ କରିଥିଲେ। ଗୋଟିଏ ଟେଷ୍ଟ୍‌ରେ ଶତକ ଓ ୫ ୱିକେଟ୍ ନେବାରେ ମଧ୍ୟ ଷ୍ଟୋକ୍ସ ଇଂଲଣ୍ଡର ତୃତୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ଇଆନ୍ ବୋଥାମ ୫ ଥର ଏଭଳି ସଫଳତା ପାଇଥିବା ବେଳେ ଶେଷ ଥର ପାଇଁ ଗତବର୍ଷ ଗସ ଆଟ୍‌କିସନ୍ (୧୧୮ ଓ ୫/୬୨ ବନାମ ଶ୍ରୀଲଙ୍କା, ଲର୍ଡସ) ଏଭଳି ସଫଳତା ପାଇଥିଲେ। ଷ୍ଟୋକ୍ସ ଭାରତର ପ୍ରଥମ ପାଳିରେ ୫/୭୨ ସଫଳତା ପାଇଥିବା ବେଳେ ଶନିବାର ନିଜ ୧୪ତମ ଟେଷ୍ଟ୍ ଶତକ ହାସଲ କରିଥିଲେ। କିନ୍ତୁ ଅଧିନାୟକ ଭାବେ ଶତକ ଓ ୫ ୱିକେଟ୍ ଦଖଲର ଯୁଗଳ ସଫଳତା ଅର୍ଜନରେ ଷ୍ଟୋକ୍ସ ବିଶ୍ୱର ପଞ୍ଚମ ପୁରୁଷ କ୍ରିକେଟର୍ ହୋଇଛନ୍ତି। ୧୯୮୩ରେ ଫୈସଲାବାଦରେ ଇମ୍ରାନ୍ ଖାନ୍‌ଙ୍କ ଯୁଗଳ ସଫଳତା ପରେ ଏହା ଭାରତ ବିପକ୍ଷରେ ପ୍ରଥମ।

# ମାଞ୍ଚେଷ୍ଟରରେ ଭାରତର ସିରିଜ୍ ହାରିବା ଭୟ !



ମାଞ୍ଚେଷ୍ଟର: ଭାରତୀୟ ଦଳ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ୧-୨ରେ ପଛୁଆ ରହିଛି । ମାଞ୍ଚେଷ୍ଟର ଓଲ୍ଡ ଟ୍ରାଫର୍ଡରେ ଚତୁର୍ଥ ଟେଷ୍ଟ ଖେଳା ଯାଉଛି । ତେବେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ମ୍ୟାଚ୍ ସଂପୂର୍ଣ୍ଣ ଭାବେ ଇଂଲଣ୍ଡର ଅକ୍ତିଆରରେ ରହିଛି। ଏପରିକି ଭାରତୀୟ ଦଳ ଉପରେ ଇନିଂସ ପରାଜୟର କଳା ବାଦଲ ଦେଖା ଦେଇଛି । ଏମିତି ହେଲେ ଦଳ ମ୍ୟାଚ୍ ହାରିବା ସହ ସିରିଜ୍ ମଧ ହାରିବ।

ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚତୁର୍ଥ ଟେଷ୍ଟର ପ୍ରଥମ ଇନିଂସରେ ୩୫୮ ର କରିଥିଲା । ଜବାବରେ ଘରୋଇ ଇଂଲଣ୍ଡ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ୭ ୱିକେଟ୍ ହରାଇ ୫୪୪ ରନ କରି ସାରିଛି। ଦଳ ୧୮୬ ରନର ଅଗ୍ରଣୀ ହାସଲ କରି ସାରିଥିବା ବେଳେ ହାତରେ ଆହୁରି ୩ଟି ୱିକେଟ୍ ଅଛି । ତେଣୁ ଇଂଲଣ୍ଡ ୨୫୦ ରନରେ ଆଗୁଆ ରହିବାର ସମ୍ଭାବନା ରହିଛି । ଏହିପରି ଭାବେ ଭାରତୀୟ ଦଳ ଉପରେ ଇନିଂସ ପରାଜୟର ବିପଦ ରହିଛି। କାରଣ ଇଂଲଣ୍ଡ ମାଟିରେ ଚତୁର୍ଥ ଇନିଂସରେ ବ୍ୟାଟିଂ କରିବା ସହଜ ନୁହେଁ। ପୁଣି ଏତେ ରନ ପଛରେ ରହି ବ୍ୟାଟିଂ କରିବା ବହୁତ କଷ୍ଟକର ।

ଭାରତୀୟ ଦଳ ପାଇଁ ଆଉ ଏକ ସମସ୍ୟା ଋଷଭ ପନ୍ତ ଠିକରେ ବ୍ୟାଟିଂ କରି ପାରିବେ ନାହିଁ । ଦଳରେ ଚାରି ବିଶେଷଜ୍ଞ ବ୍ୟାଟର ପରେ ତିନି ଜଣ ଅଲରାଉଣ୍ଡର ଅଛନ୍ତି। ପୁଣି ଗତ ୧୦ ବର୍ଷରେ ପ୍ରଥମ ଥର କୌଣସି ବିଦେଶ ଟେଷ୍ଟରେ ଭାରତ ୫୦୦ରୁ ଅଧିକ ରନ ଦେଇଛି। ବୋଲିଂରେ ଯଶପ୍ରୀତ ବୁମ୍ରା ବି ଅଛନ୍ତି, ହେଲେ ସେ ବି କିଛି ଖାସ୍ କରି ପାରି ନାହାନ୍ତି । ଏମିତି ସ୍ଥିତିରେ କୌଣସି ଚମତ୍କାର ଇନିଂସ ବା ବର୍ଷା ହିଁ ଭାରତକୁ ମ୍ୟାଚରେ ବଞ୍ଚାଇ ପାରିବ। ଅଧିନାୟକ ଶୁଭମନ ଗିଲ୍ ଯଦି ଦ୍ୱିତୀୟ ଟେଷ୍ଟ ପରି ଦ୍ୱିଶତକୀୟ ଇନିଂସ ଖେଳି ପାରିବେ କିମ୍ବା ଦୁଇ ତିନି ବ୍ୟାଟର ଶତକୀୟ ଇନିଂସ ଖେଳିବେ ତେବେ ଯାଇ ମ୍ୟାଚରେ ଭାରତ ପରାଜୟ ଏଡାଇ ପାରିବ, ଯାହା ବହୁତ ମୁସ୍କିଲ ଲାଗୁଛି।

# ବୁମ୍‌ରାଙ୍କ ଅଲୋଡ଼ା ଶତକ



ମାଞ୍ଚେଷ୍ଟର : ଇଂଲଣ୍ଡ ବିପକ୍ଷ ଚଳିତ ଚତୁର୍ଥ ଟେଷ୍ଟ୍‌ରେ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଥର ପାଇଁ ଏକ ପାଳିରେ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବରଣ କରିଛନ୍ତି। ଇଂଲଣ୍ଡ ପ୍ରଥମ ପାଳିରେ ସେ ୩୩ ଓଭର ବୋଲିଂ କରି ୧୧୨ ରନ୍ ବିନିମୟରେ ୨ ୱିକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ସେ ଗତବର୍ଷ ଏମ୍?ସିଜିରେ ଅଷ୍ଟ୍ରେଲିଆ ବିପକ୍ଷରେ ୯୯ ରନ୍ ଲିକ୍ କରି ୪ ୱିକେଟ୍ ନେବା ଏ ପର୍ଯ୍ୟନ୍ତ ତାଙ୍କ ତାଲିକାରେ ଶୀର୍ଷରେ ଥିଲା। କେବଳ ବୁମ୍?ରା ନୁହଁନ୍ତି, ଚଳିତ ଟେଷ୍ଟ୍‌ରେ ଅନ୍ୟ ୩ ଭାରତୀୟ ବୋଲର ରବୀନ୍ଦ୍ର ଜାଡ଼େଜା (୧/୧୪୩), ମହମ୍ମଦ ସିରାଜ (୧/୧୪୦), ୱାସିଂଟନ୍ ସୁନ୍ଦର (୨/୧୦୭) ମଧ୍ୟ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବରଣ କରିଛନ୍ତି।

ଏହି ଆଲୋଡ଼ା ରେକର୍ଡ ସହିତ ବୁମ୍‌ରାଙ୍କ ଅବସର ଚର୍ଚ୍ଚା ବି ଉଭା ହୋଇଛି। ପୂର୍ବତନ କ୍ରିକେଟର୍ ମହମ୍ମଦ କୈଫ କହିଛନ୍ତି ଯେ ରୋହିତ ଶର୍ମା, ବିରାଟ କୋହଲି, ଆର୍ ଅଶ୍ୱିନଙ୍କ ଭଳି ବୁମ୍‌ରା ଅବସର ନେଇଯିବେ। ତାଙ୍କ ଦକ୍ଷତା କି ସାମର୍ଥ୍ୟର ଅଭାବ ନୁହେଁ ଟେଷ୍ଟ୍ ମ୍ୟାଚ୍ ପାଇଁ ଆବଶ୍ୟକ ଶାରୀରିକ ସଂଘର୍ଷ ସେ ଅଧିକ ଦିନ କରି ନପାରନ୍ତି। ମାଞ୍ଚେଷ୍ଟର୍ ଟେଷ୍ଟ୍ ଅବସରରେ ବୁମ୍‌ରା ତାଙ୍କ ସ୍ୱାଭାବିକ ଗତି ଘଣ୍ଟାପ୍ରତି ୧୪୦ କିଲୋମିଟର ଠାରୁ କମ୍ ୧୩୦/୧୩୫ ଗତିରେ ବୋଲିଂ କରୁଥିଲେ। ହେଡିଂଲେ ଓ ଲର୍ଡସ୍‌ରେ ସେ ଭଲ ବୋଲିଂ କରିଥିଲେ ମଧ୍ୟ ଓଲ୍ଡ ଟ୍ରାଫୋର୍ଡ ଗତି ଭିନ୍ନ କାହାଣୀ ଦର୍ଶାଇଛି। ଗୋଟିଏ ଓଭର ବୋଲିଂ କରିବା ପରେ ସେ ଆହତ ସମସ୍ୟା କାରଣରୁ ପଡ଼ିଆ ଛାଡ଼ିଥିଲେ। ଗତିରେ ହ୍ରାସ ଓ ଫର୍ମରେ ସଂଘର୍ଷ କାରଣରୁ ସେ ଟେଷ୍ଟ୍ କ୍ରିକେଟ୍ ଛାଡ଼ିପାରନ୍ତି ବୋଲି କୈଫ ଆଶଙ୍କା କରିଛନ୍ତି। ୱିକେଟ୍ ନେବା ନ ନେବା ଭିନ୍ନ କଥା। ଭାରତକୁ ଏବେ ବୁମ୍‌ରାଙ୍କ ବିନା ଖେଳିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ। ମୋ ଆଶଙ୍କା ଭୁଲ୍ ହେଉ, କିନ୍ତୁ ବୁମ୍‌ରା ଆଉ ଟେଷ୍ଟ୍ କ୍ରିକେଟ୍‌କୁ ଉପଭୋଗ କରିପାରୁଥିବା ମୁଁ ଅନୁଭବ କରୁନାହିଁ ବୋଲି କୈଫ କହିଛନ୍ତି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୨୭ ଜୁଲାଇରୁ ୨ ଅଗଷ୍ଟ ୨୦୨୫
ହାରିଯାଇଥିବା ଝିଅ




ବାହୁନି ବାହୁନି କାନ୍ଦୁଛନ୍ତି ଇତିଶ୍ରୀ ପ୍ରଧାନ, ବେବିନା, ମମିତା ମେହର, କୁନ୍ଦୁଲି ପୀଡ଼ିତା। କାନ୍ଦୁଛି ପରୀ ପରି ଆହୁରି ଅନେକ କୁଆଁରୀ ଝିଅଙ୍କ ଆତ୍ମା। ଅକାଳରେ ଝଡ଼ିଯାଇଛନ୍ତି ସେମାନେ। ନିଜ ସ୍ୱପ୍ନର ଦୁନିଆ ଦେଖିବା ଆଗରୁ ସବୁଦିନ ପାଇଁ ବୁଜି ହୋଇଯାଇଛି ସେମାନଙ୍କର ଆଖି। ସେହି ଝିଅମାନଙ୍କ ସହିତ ଏବେ ଯୋଡ଼ି ହୋଇଯାଇଛି ଆଉ ଏକ ନାମ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି।

**ଜାତୀୟ:** ନିମିଷାଙ୍କୁ ଆଶ୍ୱସ୍ତ
**ଅନ୍ତର୍ଜାତୀୟ:** ମଜବୁତ ହେଉଛି ଭାରତ-ଆଫ୍ରିକା ସୈନ୍ୟ ସହଯୋଗ
**ବିଶେଷ ପ୍ରସଙ୍ଗ:** ଗରିବଙ୍କ ବନ୍ଧୁ ଗଗନ
**ନାରୀ:** : ତ୍ୱଚା ପାଇଁ ବରଫର ଉପକାରିତା
**କ୍ଷୁଦ୍ରଗଳ୍ପ:** ଦହିବରା-ଆଳୁଦମ.
**ଚଳଚ୍ଚିତ୍ର:** ଅକ୍ଷୟଙ୍କ ବଡ଼ପଣ, **ଚଳଚ୍ଚିତ୍ର:** ବଙ୍ଗଳା ବିକିଲେ ଭାଇଜାନ
**ଖେଳ:** ଜିତେଶଙ୍କୁ ମିଳି ନଥିଲା ଏଣ୍ଟ୍ରି, ଅବସର ନେଲେ ଷ୍ଟାର୍ ଖେଳାଳ
**ମୀନାବଜାର:** ମୀନାବଜାର: ଆକାଶ କାନ୍ଦୁଛି, ଚର୍ଚ୍ଚାରେ: ସବୁଠାରୁ ବଡ଼ ପ୍ରବାଳ, ବିଜ୍ଞାନ: ଆସିଲା ରୋବୋର୍ଟ ଭ୍ୟାକ୍ୟୁମ୍ କ୍ଲିନର, ପର୍ଯ୍ୟଟନ: କଳାହାଣ୍ଡି ଜିଲ୍ଲାର ଫୁର୍ଲିଝରନ୍, ବାସ୍ତୁ: ଜନ୍ମବାରରୁ ଜାଣନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସ୍ୱଭାବ, ଧର୍ମ: ପ୍ରଥମ ଥର ପାଇଁ ଶ୍ରାବଣ ସୋମବାର କରୁଛନ୍ତି କି ?, କବିତା: ଶ୍ରାବଣ ଝରେ, ଜାଣନ୍ତି କି ? : ଦଲାଇ ଲାମାଙ୍କ ପୁର୍ନଜନ, ସ୍ୱାସ୍ଥ୍ୟ: ଅମୃତଭଣ୍ଡା ରସ ପିଇବାର ଲାଭ। ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ଦଲୀପ ଟ୍ରଫିର ପୁରୁଣା ଫର୍ମାଟ୍‌କୁ ରଶ୍ମିଙ୍କ ସ୍ୱାଗତ

## ଓଡ଼ିଶା ଖେଳାଳିଙ୍କୁ ଫାଇଦା ହେବ



ଭୁବନେଶ୍ୱର: ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ପ୍ରମୁଖ ଜୋନାଲ୍ ପ୍ରଥମ ଶ୍ରେଣୀ ପ୍ରତିଯୋଗିତା ଦଲୀପ ଟ୍ରଫି ପୁଣି ଥରେ ତା’ର ପାରମ୍ପରିକ ଫର୍ମାଟକୁ ଫେରୁଛି। ଅଗଷ୍ଟ ୨୮ ତାରିଖରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ପୁଣି ଥରେ ଜୋନ୍‌ଭିତ୍ତିକ ଖେଳାଯିବ। ଗତ ମାସରେ ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକରେ ଏହି ପରିବର୍ତ୍ତନ ପାଇଁ ଆସିଥିବା ସୁପାରିସ୍‌କୁ ମଞ୍ଜୁରି ମିଳିଛି। ଗତ ଋତୁରେ ଦେଶର ପ୍ରମୁଖ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ୪ଟି ଦଳରେ (ଏ,ବି,ସି,ଡି) ବିଭକ୍ତ କରାଯାଇ ଦଲୀପ ଟ୍ରଫି ଖେଳାଯାଉଥିଲା। ଏବେ ପୂର୍ବଭଳି ୬ଟି ଜୋନ୍-ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ର ଓ ଉତ୍ତର-ପୂର୍ବ ଦଳ ଭାବେ ଖେଳିବେ। ଏହା କ୍ରିକେଟ୍ ସ୍ତରକୁ ଅଧିକ ଉନ୍ନତ କରିବ ବୋଲି ବିସିସିଆଇ ଆଶା କରିଛି।

ପ୍ରଥମ ଶ୍ରେଣୀ କ୍ରିକେଟ୍‌ର ଅନ୍ୟତମ ମହାନ ଖେଳାଳି ତଥା ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ରଶ୍ମିରଂଜନ ପରିଡ଼ା ବି ଦଲିପ ଟ୍ରଫି ଫର୍ମାଟ୍‌ର ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି। ବିଶେଷକରି ଏହା ଓଡ଼ିଶା ଖେଳାଳିଙ୍କୁ ଫାଇଦା ଦେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଗତ ଋତୁରେ ସର୍ବଭାରତୀୟ ସ୍ତରରୁ ୪ଟି ଦଳ ମନୋନୀତ ହେବା ଫଳରେ ଆମ ଖେଳାଳିମାନେ ବହୁ ତଳେ ରହିଯାଉଥିଲେ। ଦଳୀୟ ଭାବନାରେ ଖେଳିବା ବି ବଢ଼ିପାରିବ। ଜୋନାଲ ଭିତ୍ତିରେ ଦଳ ଚୟନ ବେଳେ ଓଡ଼ିଶା ଖେଳାଳିଙ୍କୁ ପୂର୍ବାଞ୍ଚଳ କୋଟା ହେଉ ଅବା ଜୋନ୍ ଖେଳାଳିଙ୍କ ଭିତରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅନାୟାସରେ ଜାତୀୟ ଚୟନକର୍ତ୍ତାଙ୍କୁ ଆକୃଷ୍ଟ କରିବାକୁ ସୁଯୋଗ ମିଳିବ ବୋଲି ପ୍ରକାଶ କରିଛନ୍ତି।

ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଦୁଇ ଥର (୨୦୧୦-୧୧, ୨୦୧୧-୧୨) ରଣଜୀ ଟ୍ରଫି ଜିତିଥିବା ମହାନ ବ୍ୟାଟର୍ ରଶ୍ମି ରଂଜନ ପରିଡ଼ା। ଓଡ଼ିଶା କେବେ ରଣଜୀ ଟ୍ରଫି ଜିତି ନଥିବା ବେଳେ ରଶ୍ମି ଏହି ସଫଳତା ରାଜସ୍ଥାନ ପାଇଁ ଖେଳି ହାସଲ କରିଥିଲେ। ରଣଜୀ ଟ୍ରଫି ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ହେବାର ସମ୍ମାନ ବି ରହିଛି ରଶ୍ମିଙ୍କ ଝୁଲାରେ। ଦଲୀପ ଟ୍ରଫିରେ ପ୍ରାୟ ୭/୮ ମ୍ୟାଚ୍ ଖେଳିଥିବା ରଶ୍ମି ବି ଏକାଧିକ (୫) ଘରୋଇ ଦଳରୁ ଖେଳିବାର ବିରଳ କୃତିତ୍ୱ ବହନ କରନ୍ତି। ଓଡ଼ିଶା ସହିତ ସେ ଆସାମ, ରାଜସ୍ଥାନ, ବିଦର୍ଭ, ହିମାଚଳ ପ୍ରଦେଶ ପାଇଁ ବି ରଣଜୀ ଖେଳିଛନ୍ତି ଓଡ଼ିଶା କ୍ରିକେଟ୍‌ର ଏହି ‘ଦ ୱାଲ୍’। ଓଡ଼ିଶା ସହିତ ଆସାମର ବି ଅଧିନାୟକତ୍ୱ କରିଥିଲେ। ଦୁଇ ଦଶନ୍ଧିର (୧୯୯୪-୨୦୧୪) ଘରୋଇ କ୍ରିକେଟ୍ ଜୀବନରେ ରଶ୍ମି ୧୩୯ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୧୬ ଶତକ ଓ ୫୧ ଅର୍ଦ୍ଧଶତକ ସହ ୮,୩୧୭ ରନ୍ ଏବଂ ୬୬ ଲିଷ୍ଟ୍ ‘ଏ’ ମ୍ୟାଚ୍‌ରୁ ୨ ଶତକ ଓ ୧୫ ଅର୍ଦ୍ଧଶତକ ସହ ୨୦୬୩ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶାକୁ ପ୍ରଥମ ଥର ରଣଜୀ ଟ୍ରଫି ସେମିଫାଇନାଲ୍ ନେବାରେ ବି ରଶ୍ମିଙ୍କ ଅବଦାନ ଅତୁଳନୀୟ ଥିଲା।

# ଅକ୍ଟୋବର ୨୨ରୁ ‘ଥାର୍ଡ ଆଇ’ କର୍ପୋରେଟ୍ ପ୍ରିମିୟର ଲିଗ୍




ଭୁବନେଶ୍ୱର : ଆସନ୍ତା ଅକ୍ଟୋବର ୨୨ରୁ ଆରମ୍ଭ ହେବ ଓଡ଼ିଶାର ଅନ୍ୟତମ ବଡ଼ କର୍ପୋରେଟ ଟୁର୍ଣ୍ଣାମେଣ୍ଟ। ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଅକ୍ଟୋବର ୨୨ ତାରିଖରୁ ୫ ଦିନ ଧରି ଭୁବନେଶ୍ୱରର ଘାଟିକିଆ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହେବ। ସିପିଏଲ ଗୋଟିଏ ପ୍ରିମିୟମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏଥିରେ ୧୬ଟି ଦଳ ଭାଗ ନେବେ।କର୍ପୋରେଟ ପ୍ରଫେସନାଲଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଟିମ୍‌ୱର୍କ ଓ ବନ୍ଧୁତ୍ୱର ଭାବନାକୁ ପ୍ରସାର ପ୍ରଚାର କରିବା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଉଦ୍ଦେଶ୍ୟ ।

ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜିତ ହେବ। ଅର୍ଥାତ ଖେଳାଳିଙ୍କ ନିଲାମ ହେବ। ଖେଳାଳି ନିଲାମୀ ପାଇଁ ପଞ୍ଜିକରଣ ଆରମ୍ଭ ହୋଇ ସାରିଛି। ସିପିଏଲରେ ପ୍ରତିଟି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। ଟେନିସ ବଲରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ୫ ଦିନ ଧରି ଚାଲିବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ମୋଟ ୩୨ଟି ମ୍ୟାଚ ଖେଳିବେ। ଟୁର୍ଣ୍ଣାମେଣ୍ଟରେ ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିୟନଙ୍କୁ ୧ ଲକ୍ଷ ୫୦ ହଜାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିପରି ରନର୍ସ ଅପ ଦଳକୁ ୮୦ ହଜାର ଓ ଟ୍ରଫି ଦିଆଯିବ। ପ୍ରତି ମ୍ୟାଚରେ ମ୍ୟାନ୍ ଅଫ ଦ ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏ ପ୍ରଦାନ କରାଯିବ।

ଆଜିର ସାମ୍ବାଦିକ ସମ୍ମିଳନୀରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗର ବରିଷ୍ଠ ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋମନାଥ ସାହୁ, ଉପ ସଭାପତି ଆଶୀଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବତ୍ସ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583